# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ମାର୍ଚ୍ଚ ୭ /୨୦୧୯ (୨୦ ପୃଷ୍ଠା) Berhampur, Thursday, March 7/ 2019 ★★★

୧୫ ଶ ଭାଗ ୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
Anokha Swad
20% EXTRA
कमला पसन्द
अनोखा स्वाद
पान मसाला
0% TOBACCO
କମଳା ପସନ୍ଦ
• For download (Vodafone customer) this Callertune SMS Musafira K Mohan to 55655
• For download this song as a Callertune dial for Airtel users-5432116773436
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : f YouTube

ଧରିତ୍ରୀ
DHARITRI





## ପାର୍ବତୀଙ୍କୁ ରୌପ୍ୟ ପଦକ

ପଞ୍ଚକୁଲାରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ର ମହିଳା ଡିସ୍କସ୍ ଥ୍ରୋରେ ରୌପ୍ୟ ପଦକଲାଭ କରିଛନ୍ତି ଓଡ଼ିଶାର ପାର୍ବତୀ ସେଠୀ।

୧୭

୧୪

## କିସ୍ ସିନ୍‌କୁ ନେଇ ତମନ୍ନାଙ୍କ ଭିନ୍ନ ପସନ୍ଦ

ପରଦା ଉପରେ କେବଳ ଜଣେ ଅଭିନେତାଙ୍କୁ କିସ୍ ଦେବାକୁ କୁଣ୍ଠାବୋଧ କରିବେ ନାହିଁ ଦକ୍ଷିଣ ଭାରତୀୟ ସିନେମାର ଲୋକପ୍ରିୟ ଅଭିନେତ୍ରୀ ତମନ୍ନା ଭାଟିଆ।



## ଭବାନୀପାଟଣାରେ ନୂଆ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୬।୩(ବ୍ୟୁରୋ):** କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଏ ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଭୌଗୋଳିକ ଅଞ୍ଚଳ ନେଇ ମଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଥିଲେ। ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ଫଳରେ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସମ୍ବଲପୁର ଯିବାକୁ ପଡିବ ନାହିଁ। କଳାହାଣ୍ଡିରେ ଏକ ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ବହୁଦିନରୁ ଦାବି ହୋଇ ଆସୁଥିଲା। ସେହି ଜିଲାର ଜନପ୍ରତିନିଧି ଓ ବିଭିନ୍ନ ସଂଗଠନଗୁଡିକ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ଧରାକୋଟରେ ଖୋଲିବ ସରକାରୀ ଡିଗ୍ରୀ କଲେଜ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଗଞ୍ଜାମ ଜିଲାର ଧରାକୋଟ ବ୍ଲକରେ ଏକ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅନୁମୋଦନ କରିଛନ୍ତି। ଯୁକ୍ତ୨ ପାସ କରୁଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ସୁବିଧା ଯୋଗାଇ ଦେବା ସକାଶେ ଧରାକୋଟ ବ୍ଲକରେ ଯୁକ୍ତ୩ କଳା ଓ ଯୁକ୍ତ୩ ବିଜ୍ଞାନ ପାଠ୍ୟକ୍ରମ ସମ୍ବଳିତ ସରକାରୀ ଡିଗ୍ରୀ କଲେଜ ଖୋଲିବ। ଉକ୍ତ ମହାବିଦ୍ୟାଳୟର କ୍ୟାମ୍ପସ ନିର୍ମାଣ ନିମନ୍ତେ ତୁରନ୍ତ ସ୍ଥାନ ନିରୂପଣ କରି ଜମି ଯୋଗାଇ ଦେବାକୁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ପାଠପଢ଼ା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

### କଟରାମଲ୍ଲ ବଧୂହତ୍ୟା ଘଟଣା

## ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦ୍ରାପଡ଼ା ଅଫିସ୍, ୬।୩:** ୨୦୧୩ ମସିହାର ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଥାନା କଟରାମଲ୍ଲ ବଧୂହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଏଡିଜେ ପ୍ରଜ୍ଞା ପାଣିଗ୍ରାହୀ ଏହି ମାମଲାରେ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲା (ଏସ୍‌ଟି କେସ ନଂ.-୧୦୬/୧୩) ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ☞ପୃଷ୍ଠା–୨

# ପ୍ରତିରକ୍ଷା ମନ୍ତ୍ରଣାଳୟରୁ ରାଫାଲ ଦସ୍ତାବିଜ ଚୋରି

## ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ଜଣାଇଲା



**ନୂଆଦିଲ୍ଲୀ,୬।୩(ପି.ଟି.)**

ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତି ସମ୍ପର୍କିତ ଗୋପନୀୟ ଦସ୍ତାବିଜ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଯାଇଛି। ରାଫାଲ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଦାଏର ରିଭ୍ୟୁ ପିଟିଶନର ଶୁଣାଣି ବେଳେ ବୁଧବାର ଅଦାଲତଙ୍କୁ ଏହା ଜଣାଇଛନ୍ତି କେନ୍ଦ୍ର ସରକାର। ଏହାସହ ଉକ୍ତ ଦସ୍ତାବିଜ ଆଧାରରେ 'ଦି ହିନ୍ଦୁ' ଖବରକାଗଜ ରିପୋର୍ଟ ପ୍ରକାଶ କରିଥିବାରୁ ଏହା ବିରୋଧରେ ଅଫିସିଆଲ ସିକ୍ରେଟ ଆକ୍ଟ ବଳରେ ମାମଲା ଦାଏର କରିବାକୁ ସରକାର ଚେତାବନୀ ଦେଇଛନ୍ତି।

ରାଫାଲ ଚୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ଡିସେମ୍ବର ୧୪ ରାୟର ପୁନର୍ବିଚାର ପାଇଁ ଏକାଧିକ ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତଥା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସାମିଲ ଥିବା ଖଣ୍ଡପୀଠ ସେଗୁଡ଼ିକର ଶୁଣାଣି କରୁଛନ୍ତି। ୩ ଜଣିଆ ଖଣ୍ଡପୀଠରେ ମଙ୍ଗଳବାର ହାଇଭୋଲ୍ଟେଜ୍ ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ ଯେ, ଯେଉଁମାନେ ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ସାର୍ବଜନୀନ କରିଛନ୍ତି, ସେମାନେ ଅଫିସିଆଲ ସିକ୍ରେଟ ଆକ୍ଟ ଏବଂ ଅଦାଲତ ଅବମାନନା ଆଇନ ଅନୁସାରେ ଦୋଷୀ। ଚୋରି ହୋଇଥିବା ଦସ୍ତାବିଜକୁ ନେଇ ତଦନ୍ତ ଚାଲିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ସୌରି ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମିଳିତ ଭାବେ କରିଥିବା ଆବେଦନରେ ଅଭିଯୋଗ ଆଣିଛନ୍ତି ଯେ, ଗତ ଡିସେମ୍ବରରେ ସୁପ୍ରିମକୋର୍ଟରେ ରାଫାଲକୁ ନେଇ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ଗୁଡ଼ିକର ଶୁଣାଣି ଚାଲିଥିବାବେଳେ ସର୍ବୋଚ୍ଚ ଅଦାଲତରେ କେନ୍ଦ୍ର ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ ନ କରି ଲୁଚାଇଦେଇଥିଲେ। ☞ପୃଷ୍ଠା–୨

### ରାଫାଲ ରାୟର ପୁନର୍ବିଚାର

- ଚୋରି ଦସ୍ତାବିଜ ଆଧାରରେ ଖବରକାଗଜରେ ପ୍ରକାଶ ପାଇଛି ରିପୋର୍ଟ
- ଏହା ଅଫିସିଆଲ ସିକ୍ରେଟ୍ ଆକ୍ଟର ଉଲ୍ଲଂଘନ ଓ ଅଦାଲତ ଅବମାନନା: ବେଣୁଗୋପାଳ
- ଅଦାଲତରେ ଚୁକ୍ତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦାଖଲ କରିନାହିଁ କେନ୍ଦ୍ର: ପ୍ରଶାନ୍ତ ଭୂଷଣ
- ଚୋରି ପରେ କି ପଦକ୍ଷେପ ନେଇଛନ୍ତି ସରକାର: ସିଜେଆଇ ଗୋଗୋଇ
- ୧୪ରେ ପରବର୍ତ୍ତୀ ଶୁଣାଣି

# ମେଡିକାଲରୁ ନବଜାତ ଶିଶୁପୁତ୍ର ଚୋରି

- ପାଟଣାଗଡ଼ ପୋଲିସର ଦାଦାଗିରି
- ନିଖୋଜ ଶିଶୁର ବାପାଙ୍କୁ ମାଡ଼
- ଉତ୍ତେଜନା, ରାସ୍ତାରୋକୋ



**ପାଟଣାଗଡ଼,୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନାରୁ ବୁଧବାର ଏକ ନବଜାତ ଶିଶୁପୁତ୍ର ଚୋରି ହୋଇଛି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତାକୁ ଦାୟୀ କରି ଉତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ଼ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଘଟଣାର ସମାଧାନ କରିବା ପରିବର୍ତ୍ତେ ନିଖୋଜ ଶିଶୁର ବାପା ଓ କାକାଙ୍କୁ ନିସ୍ତୁକ ମାଡ଼ ମାରିଛି। ଏଥିରେ ଶିଶୁର ବାପା ଲହୁଲୁହାଣ ହୋଇ ପାଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାକୁ ନେଇ ପାଟଣାଗଡ଼ରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ପାଟଣାଗଡ଼ ବ୍ଲକ ଘସିଏନ ଗ୍ରାମର ମୂଳ ବାସିନ୍ଦା ତଥା ଚୂଡ଼ାପାଲି ନିକଟ ତେଲେନପାଲି ଗ୍ରାମରେ ରହୁଥିବା ରୁଦ୍ର ତାଣ୍ଡି (୩୫) ତାଙ୍କ ଗର୍ଭବତୀ ସ୍ତ୍ରୀ ଜୟନ୍ତୀ (୩୦)ଙ୍କୁ ଗତ ୩ ତାରିଖ ସନ୍ଧ୍ୟାରେ ପାଟଣାଗଡ଼ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର ପରେ ଜୟନ୍ତୀ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପାଟଣାଗଡ଼ ଡାକ୍ତରଖାନାରେ ☞ପୃଷ୍ଠା–୨

# ଅଯୋଧ୍ୟା: ସୁପ୍ରିମକୋର୍ଟଙ୍କୁ ମଧ୍ୟସ୍ଥ ଭରସା



- ରାୟ ସଂରକ୍ଷିତ
- ସମ୍ଭାବ୍ୟ ମଧ୍ୟସ୍ଥମାନଙ୍କ ନାମ ସୁପାରିସ ପାଇଁ ନିର୍ଦ୍ଦେଶ
- ନିର୍ମୋହୀ ଆଖଡ଼ା, ମୁସଲିମ୍ ପକ୍ଷ ରାଜି
- ପ୍ରସ୍ତାବକୁ ରାମଲାଲା ପକ୍ଷର ବିରୋଧ

**ନୂଆଦିଲ୍ଲୀ,୬।୩(ପି.ଟି.)**

ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ସମାଧାନ ଦାୟିତ୍ୱ ମଧ୍ୟସ୍ଥଙ୍କ ଉପରେ ଛାଡ଼ିବା ନେଇ ବୁଧବାର ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ପକ୍ଷମାନଙ୍କ ଯୁକ୍ତି ଶୁଣିବା ପରେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି କରିବାକୁ ଆଗ୍ରହୀ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ମାମଲାର ସମାଧାନ ପାଇଁ ସମ୍ଭାବ୍ୟ ମଧ୍ୟସ୍ଥମାନଙ୍କ ନାଁ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ସମ୍ପୃକ୍ତ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ଏସ୍.ଏସ୍. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ତେବେ ମଧ୍ୟସ୍ଥତା ପାଇଁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବକୁ ନିର୍ମୋହୀ ଆଖଡା ବ୍ୟତୀତ ଅନ୍ୟ ହିନ୍ଦୁ ସଂଗଠନ ବିରୋଧ କରିଛନ୍ତି। ☞ପୃଷ୍ଠା–୨

# ରାଜ୍ୟର ଏକ ନମ୍ବର ବ୍ରହ୍ମପୁର




ବ୍ରହ୍ମପୁର



ଭୁବନେଶ୍ୱର

## ପ୍ରକାଶ ପାଇଲା ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟ

**ବ୍ରହ୍ମପୁର ଅଫିସ,୬।୩**

କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ସହରାଞ୍ଚଳର ସ୍ୱଚ୍ଛତା ଦିଗରେ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୧୯ର ରିପୋର୍ଟ ପ୍ରକାଶ ପାଇଛି। ଦେଶର ୪୨୩୭ ସହରାଞ୍ଚଳ ମଧ୍ୟରେ ହୋଇଥିବା ଏହି ସର୍ବେକ୍ଷଣରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ଜାତୀୟସ୍ତରରେ ୨୧୬ ର୍‌ୟାଙ୍କ ହାସଲ କରିଥିବା ବେଳେ ରାଜ୍ୟରେ ଏହା ପ୍ରଥମ ର୍‌ୟାଙ୍କ ହାସଲ କରିଛି। ଫଳରେ ଦୀର୍ଘ ୩ବର୍ଷ ଧରି ସ୍ୱଚ୍ଛ ସର୍ବେକ୍ଷଣରେ ରାଜ୍ୟରେ ପ୍ରଥମ ର୍‌ୟାଙ୍କ ହାସଲ କରିବା ବିଏମ୍‌ସିର ପ୍ରୟାସ ସଫଳ ହୋଇଛି। ଏଥିପାଇଁ ସେପ୍ଟେମ୍ବରରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜାନୁୟାରୀରେ ଏକ କେନ୍ଦ୍ରୀୟ ଟିମ୍ ମହାନଗର ପରିଦର୍ଶନ କରି ସ୍ୱଚ୍ଛତା ସର୍ଭେ କରିବା ସହ ସହରବାସୀଙ୍କ ମତାମତ ସଂଗ୍ରହ କରିଥିଲା। ଏହି ସର୍ବେକ୍ଷଣରେ ବ୍ରହ୍ମପୁର ସହରର ୫୫୮ ବ୍ୟକ୍ତି ମତାମତ ଦେଇଛନ୍ତି। ପ୍ରକାଶ ପାଇଥିବା ଫଳାଫଳ ଅନୁଯାୟୀ, ବ୍ରହ୍ମପୁର ଏହି ସର୍ବେକ୍ଷଣରେ ୨୨୦୫.୩୨ ମାର୍କ ରଖି ରାଜ୍ୟର ପ୍ରଥମ ସ୍ଥାନ ହାସଲ କରିଛି। ଏହାପଛକୁ ୧୮୭୮.୪୩ ମାର୍କ ରଖି ଭୁବନେଶ୍ୱର ଦ୍ୱିତୀୟରେ ରହିଛି।

୨୦୧୬ରୁ ସହରାଞ୍ଚଳଗୁଡିକର ସ୍ୱଚ୍ଛତା ପରଖିବା ନେଇ କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ସ୍ୱଚ୍ଛତା ସର୍ବେକ୍ଷଣ ସର୍ଭେ ଆରମ୍ଭ କରିଥିଲା। ☞ପୃଷ୍ଠା–୨

### ସାଟେଲାଇଟ୍ ଫଟୋରୁ ସ୍ପଷ୍ଟ ହେଲା

# ବାଲାକୋଟ୍ ମଦ୍ରାସା ବିଲ୍ଡିଂ ଅକ୍ଷତ



ଉପଗ୍ରହ ଚିତ୍ରରୁ ଦୃଶ୍ୟମାନ ହେଉଥିବା ବାଲାକୋଟ ମଦ୍ରାସା ବିଲ୍ଡିଂ।

**ନୂଆଦିଲ୍ଲୀ,୬।୩(ଆଇଏଏନ୍‌ଏସ୍)**

ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନ ଚଳାଉଥିବା ବାଲାକୋଟସ୍ଥିତ ମଦ୍ରାସା ବିଲ୍ଡିଂ ଏବେ ମଧ ଅକ୍ଷତ ଅବସ୍ଥାରେ ରହିଥିବା ସାଟେଲାଇଟ (ଉପଗ୍ରହ) ଫଟୋରୁ ସ୍ପଷ୍ଟ ହୋଇଛି। ଗତ ୨୬ ତାରିଖରେ ବାୟୁସେନା ଉକ୍ତ ବିଲ୍ଡିଂ ଉପରେ ବୋମାମାଡ଼ କରିଥିଲା। ବୋମାମାଡ଼ରେ ମଦ୍ରାସା ବିଲ୍ଡିଂ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ଦାବି କରାଯାଉଥିଲା। ତେବେ ମାର୍ଚ୍ଚ ୪ ତାରିଖର ସାଟେଲାଇଟ ଫଟୋକୁ ଅନୁଧ୍ୟାନ କଲେ ସେଠାରେ ଏବେ ୬ଟି ବିଲ୍ଡିଂ ଥିବା ଦେଖିବାକୁ ମିଳିଛି। ଏହି ଫଟୋ ୨୦୧୮ ଏପ୍ରିଲରେ ଉଠିଥିବା ସାଟେଲାଇଟ ଫଟୋ ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ସାନ୍ ଫ୍ରାନ୍ସିସ୍କୋର ଏକ ଘରୋଇ ସାଟେଲାଇଟ ଅପରେଟର 'ପ୍ଲାନେଟ ଲାବ୍‌ସ'ର ଏହି ଫଟୋ ସର୍ବସାଧାରଣରେ ଉପଲବ୍ଧ ହେଉଛି। ଉକ୍ତ ଫଟୋ ଅନୁଯାୟୀ ବିଲ୍ଡିଂ ଛାତରେ କୌଣସି ଦୃଶ୍ୟମାନ ଛିଦ୍ର କିମ୍ବା ଜ୍ୱଳନ ଚିହ୍ନ ନାହିଁ। କାନ୍ଥ ଭୁଶୁଡିନି କି ପାଖରେ ଥିବା ଗଛଗୁଡ଼ିକର କୌଣସି କ୍ଷତି ହୋଇନାହିଁ। ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱାରେ ପଶି ଭାରତୀୟ ବାୟୁସେନା ଜେଇଏମ୍‌ର ସବୁଠୁ ବଡ଼ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରକୁ ଧ୍ୱଂସ କରିଦେଇଛି ବୋଲି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଦାବି କରିଆସୁଥିଲେ, ☞ପୃଷ୍ଠା–୨

### ଆଜିର ସମ୍ପାଦକୀୟ

## ପୌରାଣିକ ପକ୍ଷୀ

### ଆଜିର ମନ୍ତବ୍ୟ

ଯାହାଙ୍କ ହାତରେ ଫାଇଲ ସୁରକ୍ଷିତ ନୁହେଁ, ତାଙ୍କୁ ଦେଶର ସୁରକ୍ଷା ଦାୟିତ୍ୱ କିପରି ଦିଆଯାଇପାରିବ।

–ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

### କିଛି ତଥ୍ୟ

୨୦୧୮-୧୯ ବର୍ଷରେ ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) କେନ୍ଦ୍ର ସରକାରଙ୍କୁ ୫୨୬.୩୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ କରିଛି।

–ଶକ୍ତି ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE   06.03.2019   Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 77 | 128 | 138 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

# ଆଜିଠୁ ଯୁକ୍ତ୨ ପରୀକ୍ଷା

### ପରୀକ୍ଷା ପୂର୍ବରୁ କଲେଜରୁ ସିସି କ୍ୟାମେରା ଚୋରି

- ଢିଲା ସୁରକ୍ଷା ବ୍ୟବସ୍ଥା
- ପରୀକ୍ଷା ଦେବେ ୩,୬୯,୫୩୭ ଛାତ୍ରୀଛାତ୍ର

**ଭୁବନେଶ୍ୱର,(ବ୍ୟୁରୋ)/ ବ୍ରହ୍ମଗିରି,୬।୩(ଡି.ଏନ୍.ଏ.)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ରାଜ୍ୟର ୧୫୫୬ଟି ଜୁନିୟର କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗରେ ମୋଟ ୩,୬୯,୫୩୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିରୁ କଳାରେ ୨,୩୫,୧୮୩ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୯୯,୦୧୮, ବାଣିଜ୍ୟରେ ୨୭,୨୭୮ ଓ ଧନ୍ଦାମୂଳକ ଶିକ୍ଷାରେ ୮,୦୫୮ ଛାତ୍ରୀଛାତ୍ର ରହିଛନ୍ତି। ଏଥର ମୋଟ ୧୦୯୧ଟି ପରୀକ୍ଷା କେନ୍ଦ୍ର ହୋଇଛି। ପରୀକ୍ଷା ପାଇଁ ୨୦୨ଟି ହବ୍ କରାଯାଇଛି। ପ୍ରଥମ ଦିନ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ପରୀକ୍ଷା ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ସକାଳ ୯ଟା ୪୫ ମିନିଟ୍ ସୁଦ୍ଧା ଛାତ୍ରୀଛାତ୍ର ପରୀକ୍ଷା ହଲ୍‌ରେ ବସିବେ। ସକାଳ ୭ଟାରୁ ସାଢ଼େ ୯ଟା ଭିତରେ ପ୍ରଶ୍ନପତ୍ର ସମସ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଯିବ। ଯୁକ୍ତ୨ ପରୀକ୍ଷା ଆସନ୍ତା ୩୦ ତାରିଖରେ ଶେଷ ହେବ।

ସେପଟେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେବା ପରେ ଯୁକ୍ତ୨ ପରୀକ୍ଷାରେ ଯେପରି ସେଭଳି କୌଣସି ଅବହେଳା ନ ହେବ, ସେଥିପାଇଁ ପରିଷଦ ପକ୍ଷରୁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ପରୀକ୍ଷା ପୂର୍ବରୁ ପୁରୀ ଜିଲାର ଏକ କଲେଜରେ ଢିଲା ସୁରକ୍ଷା ବ୍ୟବସ୍ଥା ପରିଲକ୍ଷିତ ହୋଇଛି। ସାତପଡ଼ା ଫାଣ୍ଡି ଅନ୍ତର୍ଗତ ପଞ୍ଚାୟତ କନିଷ୍ଠ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ମହାବିଦ୍ୟାଳୟର ୧ ଓ ୫ ନଂ. କ୍ଲାସ୍ ରୁମ୍ କବାଟ ଭାଙ୍ଗି ୨ଟି ସିସିଟିଭି ଚୋରି ହୋଇଥିବା ଜଣାପଡ଼ିଛି। ଏ ନେଇ କଲେଜ ଅଧ୍ୟକ୍ଷ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ପରୀକ୍ଷା ସୁଚାରୁରୂପେ ଚାଲିବା ପାଇଁ କର୍ତ୍ତୃପକ୍ଷ ପୁନର୍ବାର ସିସି କ୍ୟାମେରା ଲଗାଇଥିବା ଜଣାପଡ଼ିଛି।

ଯୁକ୍ତ୨ ପରୀକ୍ଷା ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ବିଭିନ୍ନ କଟକଣା ଜାରି କରାଯାଇଛି। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ ସ୍ମାର୍ଟ ଘଣ୍ଟା ପିନ୍ଧି ଯାଇପାରିବେ ନାହିଁ। ପରୀକ୍ଷା ହଲ୍‌କୁ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କେହି ବି ପରୀକ୍ଷା ଚାଲିଥିବା ସମୟରେ ଫୋନ୍ ଧରିପାରିବେ ନାହିଁ। ପ୍ରଶ୍ନପତ୍ର ନ ନେଇ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଅଧାରୁ ହଲ୍ ଛାଡ଼ିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟଏଲେଟ୍ ଗଲେ ପରୀକ୍ଷାର୍ଥୀ ☞ପୃଷ୍ଠା–୨

Wish you all the best

+2 Examinees



ଧରିତ୍ରୀ
DHARITRI

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


କଶ୍ୟପ୍
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

BDA yellow zone gharabari plot for sale Patrapada, Bhubaneswar near Dnregalia Mall, 650/- sqft. 7008487006, 9437335686. D-11520

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

ଭୁବନେଶ୍ୱର Nakhara Delhi Public School ପାଖରେ plot sale ହେଉଛି: 7873355897. D-65619

## PURCHASE


Wanted 20ft. road ଥିବା ଚାଷଜମି, ଘରବାରି ପ୍ଲଟ Bhubaneswar. 6371090682. D-11496



1800 sqft. office space for rent at Goutam Nagar, Bhubaneswar. Contact: 9337117523. D-62163


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**2nd Birthday Wish**


(Roshan)
**Sai Suryansh**

D-11519


## ଜନ୍ମଦିନ ଶୁଭେଚ୍ଛା


**କଶ୍ୟପ୍ ବିଶ୍ୱଜିତ ସାହୁ**

ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ।
ଶୁଭେଚ୍ଛା ସହ
ମାମୁ, ମାଇଁ, ମାଉସୀ, ଆଈ, ଏବଂ ତୋର ସାନଭାଇ-ମିଙ୍ଗୁଲ୍।
ଧ-୧୧୫୦୦

# ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**


**ସ୍ୱର୍ଗତ ଇନ୍ଦ୍ରମଣି ଜେନା**
ଆବିର୍ଭାବ: ୧୨।୦୪।୧୯୩୩
ତିରୋଧାନ: ୨୩।୦୨।୨୦୧୭
ଲକ୍ଷ୍ମୀସାଗର, ଭୁବନେଶ୍ୱର

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


**ସ୍ୱର୍ଗତା ଭାନୁମତି ପାତ୍ର**

**ଏକାଦଶାହ ଉପଲକ୍ଷେ**


**ସ୍ୱର୍ଗତ ଡ. (କ୍ୟାପଟେନ୍) ସୁରେନ୍ଦ୍ର ଶେଖର ମହାପାତ୍ର**

**ତୃତୀୟ ଶ୍ରାଦ୍ଧବାର୍ଷିକୀ**


**ପ୍ରଫେସର ତ୍ରିଲୋଚନ ମିଶ୍ର**


### ବଂଶଧାରା ନଦୀ ଜଳ ବିବାଦ

# ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା

**■ ଏପ୍ରିଲ ୨ରେ ପରବର୍ତ୍ତୀ ଶୁଣାଣି**

ଭୁବନେଶ୍ୱର,୬।୩(ବ୍ୟୁରୋ)- ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଲାଗିରହିଥିବା ବଂଶଧାରା ବିବାଦର ଶୁଣାଣି କରୁଥିବା ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ(ଭିଡବ୍ଲ୍ୟୁଡିଟି) ନିକଟରେ ବୁଧବାର ଓଡ଼ିଶା ନିଜର ପକ୍ଷ ରଖିଛି। ଜଷ୍ଟିସ ଏମ୍. କେ. ଶର୍ମା, ଜଷ୍ଟିସ ବି. ଏନ. ଚତୁର୍ବେଦୀ ଏବଂ ଜଷ୍ଟିସ ପ୍ରତିଭାରାଣୀଙ୍କୁ ନେଇ ଗଠିତ ୩ ଜଣିଆ ଭିଡବ୍ଲ୍ୟୁଡିଟି ଖଣ୍ଡପୀଠ ସମ୍ମୁଖରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୭ଟି ପଏଣ୍ଟ ଉପରେ ଯୁକ୍ତି ବଢ଼ାଯାଇଛି। ଆସନ୍ତା ଏପ୍ରିଲ ୨ ତାରିଖରେ ହେବ ପରବର୍ତ୍ତୀ ଶୁଣାଣି। ଏଥିସହିତ ଏପ୍ରିଲ ୨ରେ କେନ୍ଦ୍ର ସରକାର ଏବଂ ୩ ଓ ୪ରେ ଆନ୍ଧ୍ର ସରକାର ନିଜର ଜବାବ ରଖିବେ। ଆନ୍ଧ୍ର ପ୍ରଦେଶର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ନେରାଡି ବ୍ୟାରେଜରେ ଜଳ ପରିଚାଳନାକୁ ଯାଞ୍ଚ କରିବାକୁ ଟ୍ରିବ୍ୟୁନାଲ ଏକ କମିଟି ଗଠନ କରିଛନ୍ତି। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ବ୍ୟତୀତ ଅନ୍ୟ ରାଜ୍ୟରୁ ଏହି କମିଟିର ସଦସ୍ୟମାନଙ୍କୁ ନିଯୁକ୍ତି ଦେବାକୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଦାବି କରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି)ଙ୍କ ବିନାନୁମତିରେ ନଦୀର ତଳମୁଣ୍ଡରେ ଏକ ଡ୍ୟାମ ନିର୍ମାଣ କରାଯାଇଛି। ବଂଶଧାରା ନଦୀର କାଶୀନଗରରୁ ଗୁଣୁପୁର ପର୍ଯ୍ୟନ୍ତ ୩୭ କିଲୋମିଟର ଯାଏ କେତେ ପଟୁମାଟି ସୃଷ୍ଟି ହେବ ସେ ନେଇ କୌଣସି ସର୍ଭେ ହୋଇ ନ ଥିବା ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟା ସମାଧାନ କରିବାକୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା।

## ଆଜିଠୁ ଯୁକ୍ତ୨ ...

ପ୍ରଶ୍ନପତ୍ର ପରୀକ୍ଷକଙ୍କୁ ଦେଇଯିବାକୁ ପଡ଼ିବ। ଟଏଲେଟ୍‌ରେ ୨ମିନିଟ୍‌ରୁ ଅଧିକ ସମୟ ରହିଲେ ନିରୀକ୍ଷକ ଯାଞ୍ଚ କରିବେ। ପରୀକ୍ଷାର୍ଥୀମାନେ କଳା ବଲ୍ ପେନ୍ ବ୍ୟବହାର କରିବା ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରରେ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ହୋଇଛି। ନକ୍‌ଲ ପ୍ରବଣ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ପ୍ରତିରକ୍ଷା ମନ୍ତ୍ରଣାଳୟରୁ ...

ଫଳରେ ଅଦାଲତ ଉକ୍ତ ପିଆଇଏଲ୍‌ଗୁଡ଼ିକର ଶୁଣାଣି କରିବାକୁ ଅଗ୍ରାହ୍ୟ କରିଦେଇଥିଲେ।

ପ୍ରଶାନ୍ତ ଭୂଷଣ ବରିଷ୍ଠ ସାମ୍ବାଦିକ ତଥା 'ଦି ହିନ୍ଦୁ' ଅଧ୍ୟକ୍ଷ ଏନ୍.ରାମଙ୍କ ଦ୍ୱାରା ପ୍ରସ୍ତୁତ ଏକ ନିବନ୍ଧର ଅବତାରଣା କରିଥିବାବେଳେ ବେଣୁଗୋପାଳ କହିଥିଲେ, ଉକ୍ତ ଲେଖାଟି ଚୋରି ଦସ୍ତାବିଜ ଉପରେ ଆଧାରିତ। ଏନ୍.ରାମଙ୍କ ପ୍ରଥମ ଲେଖା ଫେବୃୟାରୀ ୮ରେ 'ଦି ହିନ୍ଦୁ'ରେ ପ୍ରକାଶ ପାଇଥିବାବେଳେ ମାର୍ଚ୍ଚ ୬ (ବୁଧବାର) ସଂସ୍କରଣରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଛି। ସୁପ୍ରିମକୋର୍ଟଙ୍କ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଏହା ଉଦ୍ଦିଷ୍ଟ। ତେଣୁ ଏହା ଅଦାଲତ ଅବମାନନା। ସେହିପରି ଉକ୍ତ ଇଂଲିଶ ଦୈନିକରେ ଏହି ଦସ୍ତାବିଜର ଶୀର୍ଷରେ ଲେଖାଥିବା 'ଗୋପନୀୟ' ବା 'ସିକ୍ରେଟ୍' ଶବ୍ଦକୁ ହଟାଇ ଦିଆଯାଇ ପ୍ରକାଶ କରାଯାଇଛି। ତେଣୁ ରିଭ୍ୟୁ ପିଟିଶନଗୁଡ଼ିକର ଶୁଣାଣି ଖାରଜ କରାଯାଉ। ଏହାସହ ନିବନ୍ଧକୁ ଭିତ୍ତିକରି ପ୍ରଶାନ୍ତ ଭୂଷଣ ବାଢ଼ିଥିବା ଯୁକ୍ତିକୁ ଅଗ୍ରାହ୍ୟ କରାଯାଉ ବୋଲି ବେଣୁଗୋପାଳ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଫଳରେ ଚୋରି ଦସ୍ତାବିଜ ଆଧାରରେ ଷ୍ଟୋରୀଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ବୋଲି ଅଭିଯୋଗ ଆଣୁଥିବା କେନ୍ଦ୍ର ସରକାର ଏନେଇ କ'ଣ କରିଛନ୍ତି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ସିହ୍ନା, ସୌରି ଓ ନିଜ ପକ୍ଷରୁ ଯୁକ୍ତି ଆଗକୁ ବଢ଼ାଇ ପ୍ରଶାନ୍ତ ଭୂଷଣ କହିଥିଲେ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚପାଇ ଦିଆଯାଇ ନ ଥିଲେ ଶୀର୍ଷ ଅଦାଲତ ଏଫ୍‌ଆଇଆର୍ ଏବଂ ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଖାରଜ କରି ନ ଥାନ୍ତେ। ଏହାର ଜବାବରେ ବେଣୁଗୋପାଳ କହିଥିଲେ, ପ୍ରଶାନ୍ତ ଭୂଷଣ ଯେଉଁ ଦସ୍ତାବିଜ କଥା କହୁଛନ୍ତି ତାହା ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି କରାଯାଇଛି। ଏହି ପ୍ରସଙ୍ଗରେ ତଦନ୍ତ ଜାରି ରହିଛି। ଏତିକିବେଳେ ପ୍ରଧାନ ବିଚାରପତି ଗୋଗୋଇ କହିଥିଲେ, ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି ଶୁଣିବାର ତାତ୍ପର୍ଯ୍ୟ ନୁହେଁ ଯେ, ଶୀର୍ଷ ଅଦାଲତ ରାଫାଲ୍ ଡିଲ୍‌ର ଦସ୍ତାବିଜକୁ ରେକର୍ଡକୁ ନେଉଛନ୍ତି। ଯୁଦ୍ଧବିମାନ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଚୋରି ହେବା ପରେ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ବେଣୁଗୋପାଳଙ୍କୁ ଜଷ୍ଟିସ୍ ଗୋଗୋଇ ପ୍ରଶ୍ନ କରିଥିଲେ। ଆଟର୍ନି ଜେନେରାଲ କହିଥିଲେ, ଆବେଦନକାରୀ ଯେଉଁ ଦସ୍ତାବିଜ କଥା କହୁଛନ୍ତି ସେଗୁଡ଼ିକ ଉପରେ 'ସିକ୍ରେଟ୍' ବୋଲି ଚିହ୍ନଟ କରାଯାଇଥିବା ସତ୍ତ୍ୱେ ସେଗୁଡ଼ିକୁ ସାର୍ବଜନୀନ କରାଯାଇଛି, ଯାହାକି ସରକାରୀ ଗୋପନୀୟତା ଆଇନର ଉଲ୍ଲଂଘନ। ଏଥିପାଇଁ ସର୍ବାଧିକ ୧୪ ବର୍ଷ ଜେଲ ଦଣ୍ଡାଦେଶ ରହିଥିବାବେଳେ ଅଦାଲତ ଅବମାନନା ଲାଗି ୬ ମାସ ଜେଲ ଓ ୨,୦୦୦ ଟଙ୍କା ଜରିମାନା ପାଇଁ ବ୍ୟବସ୍ଥା ରହିଛି। ରାଫାଲ ମାମଲା ପ୍ରତିରକ୍ଷା ସାମଗ୍ରୀ ଅଧିଗ୍ରହଣ ସହ ସମ୍ପର୍କିତ ହୋଇଥିବାରୁ ଏହାର ସମୀକ୍ଷା କରାଯାଇ ପାରିବନାହିଁ ବୋଲି ବେଣୁଗୋପାଳ କହିଥିଲେ। ସେହିପରି ଗତ ସପ୍ତାହରେ ଆକାଶମାର୍ଗରେ ପାକିସ୍ତାନ ସହ ଭାରତୀୟ ବାୟୁସେନା ମୁହାଁମୁହିଁ ହେବା ପ୍ରସଙ୍ଗରେ ଆଟର୍ନି ଜେନେରାଲ କହିଥିଲେ, ନିକଟରେ ଏଫ୍-୧୬ ଯୁଦ୍ଧବିମାନ ଆମ ଉପରେ ବୋମା ପକାଇଥିଲା। ଏଭଳି ସ୍ଥିତିରେ ଆତ୍ମରକ୍ଷା ପାଇଁ ଦେଶକୁ ରାଫାଲ ଯୁଦ୍ଧବିମାନ ଆବଶ୍ୟକ। ରାଫାଲ ଯୁଦ୍ଧବିମାନ ନ ଥିଲେ ଆମେ ସେମାନଙ୍କୁ କିପରି ପ୍ରତିହତ କରିପାରିବା। ଉଡ଼ାଣ କରିପାରୁଥିବା ଭଳି ୨ଟି ରାଫାଲ ବିମାନ ଆସୁଛି। ଆସନ୍ତା ସେପ୍ଟେମ୍ବରରେ ଗୋଟିଏ ବିମାନ ଭାରତକୁ ଆସିବ ବୋଲି ବେଣୁଗୋପାଳ କହିଥିଲେ। ମାର୍ଚ୍ଚ ୧୪ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

## ଅଯୋଧ୍ୟା: ସୁପ୍ରିମକୋର୍ଟଙ୍କୁ ...

ଅନ୍ୟପକ୍ଷରେ ଇସ୍‌ଲାମିକ୍ ସଂଗଠନ ଉକ୍ତ ପ୍ରସ୍ତାବକୁ ସମର୍ଥନ ଜଣାଇଛି।

ଅଯୋଧ୍ୟା ମାମଲାର ଶୁଣାଣି ବେଳେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଯଦି ମଧ୍ୟସ୍ଥ ଜରିଆରେ ସମାଧାନ ହୋଇପାରିବା ସମ୍ଭାବନା ଥାଏ ତେବେ ଏଥିପାଇଁ କୋର୍ଟ ଅନୁମତି ଦେବା ଆବଶ୍ୟକ। ତେବେ ବିବାଦର ପ୍ରକୃତିକୁ ବିଚାରକୁ ନେଲେ ମଧ୍ୟସ୍ଥତା ମାର୍ଗ ପାଇଁ ପରାମର୍ଶ ଦିଆଯାଇ ପାରିବ ନାହିଁ। ରାମଲାଲା ବିରାଜମାନ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍ କହିଥିଲେ, ମଧ୍ୟସ୍ଥତା ଦ୍ୱାରା ଅଯୋଧ୍ୟା ଜମି ମାମଲାରୁ କୌଣସି ଫଳ ମିଳିବ ନାହିଁ। ଭଗବାନ ରାମଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ତେଣୁ ଜନ୍ମସ୍ଥାନକୁ ନେଇ ମଧ୍ୟସ୍ଥତା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ଇସ୍‌ଲାମିକ ସଂଗଠନ ମଧ୍ୟସ୍ଥତା ପ୍ରସ୍ତାବକୁ ସମର୍ଥନ ଜଣାଇ କହିଛି, ଏହା କ୍ୟାମେରା ସମ୍ମୁଖରେ ହେବା ଉଚିତ ଏବଂ ବୃତ୍ତାନ୍ତ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଏ ସମ୍ପର୍କିତ କୌଣସି ତଥ୍ୟ ପଦାକୁ ଆସିବା ଉଚିତ ନୁହେଁ। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ କହିଥିଲେ, ଅଯୋଧ୍ୟାର ବିବାଦୀୟ ଜମି ସରକାରଙ୍କର। ଯଦି ସେଠାରେ ମନ୍ଦିର ଥିବାର ଜଣାପଡ଼େ ତେବେ ଜମିକୁ ମନ୍ଦିର ନିର୍ମାଣ ପାଇଁ ଛାଡିଦିଆଯିବ ବୋଲି ୧୯୯୪ରେ ପିଭି ନରସିଂହ ରାଓ ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଜମି ବିବାଦର ଗୁରୁତ୍ୱ ଏବଂ ମଧ୍ୟସ୍ଥତାର ନିଷ୍କର୍ଷ ସମ୍ପର୍କରେ ଅଦାଲତ ସଚେତନ ଅଛନ୍ତି ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ। ଏହା କେବଳ ଜମି ମାମଲା ନୁହେଁ, ଏହା ସହିତ ଧର୍ମ ଓ ଭାବାବେଗ ଜଡିତ। ତେଣୁ ମଧ୍ୟସ୍ଥତା ଜରିଆରେ ଦୀର୍ଘ ଦଶନ୍ଧିର ଏହି ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପନ୍ଥା ବାହାର କରିବା ଲାଗି ଅଦାଲତ ପକ୍ଷମାନଙ୍କୁ କହିଥିଲେ। ସୂଚନାଯୋଗ୍ୟ, ବିବାଦୀୟ ଅଯୋଧ୍ୟା ଜମିକୁ ତିନି ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଥିଲା।

## ମେଡିକାଲରୁ ନବଜାତ ...

ଚିକିତ୍ସିତ ହେଉଥିଲେ। ବୁଧବାର ଡାକ୍ତରଖାନା ଶିଶୁ ୱାର୍ଡର ୬୭ନଂ ଶଯ୍ୟାରେ ଜୟନ୍ତୀ ଶିଶୁପୁତ୍ର ସହ ଶୋଇଥିଲେ। କୌଣସି କାମରେ ତାଙ୍କ ସ୍ୱାମୀ ଏବଂ ଶାଶୁ ଡାକ୍ତରଖାନା ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ଅଚିହ୍ନା ମହିଳା ଆସି ଜୟନ୍ତୀଙ୍କ ପାଖରେ ବସିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ

**ପ୍ରଥମ ପୃଷ୍ଠାରୁ...**

ସେ ଶିଶୁପୁତ୍ରକୁ ଧରିବାବା ସହ ମୁହଁଦେଖା ଶହେ ଟଙ୍କା ଦେଇଥିଲେ। ପରେ ମହିଳା ଜଣକ ଶିଶୁପୁତ୍ରକୁ ଖେଳାଇବା ବାହାନାରେ ମେଡିକାଲ ବାହାରକୁ ନେଇ ଚାଲିଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ଜୟନ୍ତୀ ସନ୍ଦେହ କରି ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଏକ ବାଇକ୍ ମହିଳା ଜଣକ ଶିଶୁପୁତ୍ରକୁ ନେଇ ଚମ୍ପଟ ମାରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ହସ୍ପିଟାଲ ପରିସରରୁ ଶିଶୁପୁତ୍ର ଚୋରି ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉପଖଣ୍ଡସ୍ତରୀୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରିଥିଲେ। ଏପରି କି ଉତ୍ୟକ୍ତ ଲୋକେ ବଲାଙ୍ଗୀର-ପାଟଣାଗଡ଼ ରାସ୍ତା ଅବରୋଧ କରି ବିକ୍ଷୋଭ କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା। ତେବେ ଏଥିରେ ପୋଲିସ ବିଫଳ ହେବାପରେ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ମାଡ଼ରେ ଶିଶୁର ବାପା ରୁଦ୍ର ଓ କାକା ଆହତ ହୋଇଛି। ରୁଦ୍ର ଲହୁଲୁହାଣ ହୋଇ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଚୋରି ହୋଇଥିବା ଶିଶୁକୁ ଖୋଜି ବାହାର କରିବା ପରିବର୍ତ୍ତେ ପୋଲିସ ଲୋକଙ୍କୁ ମାଡ଼ ମାରିବା ଘଟଣା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଟଣାଗଡ଼, ବେଲପଡ଼ା, ଲରମ୍ବା ଥାନା ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାସ୍ତାରୋକୋ ଫଳରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମରୁ ଫେରୁଥିବା ଶହ ଶହ ଗାଡ଼ି ଅଟକି ରହିଥିଲା। ଶିଶୁ ଚୋରି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ. ୫୫/୨୦୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ହସ୍ପିଟାଲରେ ସିସିଟିଭି ଲାଗିଥିଲେ ମଧ୍ୟ ତାହା କାମ କରୁ ନ ଥିବା ଜଣାପଡ଼ିଛି।

## ରାଜ୍ୟର ଏକ ...

ଏଥିରେ ୨୦୧୭ରେ ବିଏମ୍‌ସି ସାମିଲ ହୋଇଥିଲା। ତେବେ ପ୍ରଥମ ବର୍ଷରେ ବ୍ରହ୍ମପୁର ସର୍ବଭାରତୀୟସ୍ତରରେ ୧୮୪ ର୍‍ୟାଙ୍କ ହାସଲ କରିଥିବା ବେଳେ ରାଜ୍ୟରେ ମହାନଗର ନିଗମଗୁଡ଼ିକ ମଧ୍ୟରେ ତୃତୀୟରେ ରହିଥିଲା। ୨୦୧୮ରେ ହୋଇଥିବା ସର୍ବେକ୍ଷଣରେ ଦେଶରେ ୪୮୫ ସହର ମଧ୍ୟରେ ୩୦୮ ର୍‍ୟାଙ୍କ ହାସଲ କରିଥିବା ବେଳେ ରାଜ୍ୟର ୧୧ ସହର ମଧ୍ୟରେ ୪ର୍ଥ ସ୍ଥାନରେ ରହିଥିଲା। ଏହାପରେ ଚଳିତ ବର୍ଷ ସର୍ଭେରେ ସାମିଲ ହୋଇଥିବା ୪୨୩୭ ସହରାଞ୍ଚଳ ମଧ୍ୟରେ ଉତ୍ତମ ପ୍ରଦର୍ଶନ ନେଇ ସେପ୍ଟେମ୍ବରରୁ ପ୍ରକ୍ରିୟା ଆରମ୍ଭ କରିଥିଲା ବିଏମ୍‌ସି। ଅକ୍ଟୋବର ୨ରେ ସହରକୁ ରାଜ୍ୟର ପ୍ରଥମ ବାହ୍ୟମଳମୁକ୍ତ ସହର ଭାବେ ଘୋଷଣା କରିବା ସହ ସହରବାସୀଙ୍କୁ ଶୌଚାଳୟ ବ୍ୟବହାର ନେଇ ସଚେତନ କରାଯାଇଥିଲା। ଏଥିସହ ସହରକୁ ସ୍ୱଚ୍ଛ ରଖିବା ନେଇ ଡୋର ଟୁ ଡୋର ଆବର୍ଜନା ସଂଗ୍ରହ ସହ ଡଷ୍ଟବିନ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହରର ଆବର୍ଜନା ସ୍ଥଳକୁ ସ୍ୱଚ୍ଛ କରିବା ନେଇ ସହରର ୧୪ଟି ସ୍ଥାନରେ ୫୦ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ସ୍ଥାପନ କରାଯିବା ସହ ବିଏମ୍‌ସିର ସର୍ଭିସ ଲେଭଲ ପ୍ରୋଗ୍ରେସ ଉପରେ ଗୁରତ୍ୱ ଦିଆଯାଇଥିଲା। ସହରକୁ ପ୍ଲାଷ୍ଟିକମୁକ୍ତ, ଶୌଚାଳୟର ବ୍ୟବହାର ଓ ଡଷ୍ଟବିନ ବ୍ୟବହାର ନେଇ ସହରବାସୀଙ୍କୁ ସଚେତନ କରାଇବାକୁ ଜନସଚେତନା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

## ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ...

କଖାରୁଣୀ ଗ୍ରାମର ଅକ୍ଷୟ ମଲ୍ଲିକଙ୍କ ଝିଅ ଲକ୍ଷ୍ମୀଙ୍କ ସହ କଟରାମଲ୍ଲ ଗ୍ରାମର ଅଗସ୍ତି ମଲ୍ଲିକଙ୍କ ପୁଅ ସୁଶାନ୍ତଙ୍କର ୨୦୧୨ ଜୁଲାଇ ୯ ତାରିଖରେ ବିବାହ ହୋଇଥିଲା। ବର ଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ୩୦ ହଜାର ଟଙ୍କା ସହ ଅନ୍ୟ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ତେବେ ବାହାଘରର କିଛିଦିନ ପରେ ବାପଘରୁ ଏକ ଟିଭି ଆଣିବା ପାଇଁ ଶାଶୁଘର ଲୋକେ ଲକ୍ଷ୍ମୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ଲକ୍ଷ୍ମୀଙ୍କୁ ବାପଘରକୁ ଯିବାକୁ ଦେଇ ନଥିଲେ। ୨୦୧୩ ମାର୍ଚ୍ଚ ୪ ତାରିଖରେ ସ୍ୱାମୀ ସୁଶାନ୍ତ, ଶ୍ୱଶୁର ଅଗସ୍ତି ଓ ଶାଶୁ ମୁକ୍ତା ଲକ୍ଷ୍ମୀଙ୍କ ହାତଗୋଡ ବାନ୍ଧି କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଏ ନେଇ ଲକ୍ଷ୍ମୀଙ୍କ ବାପା ପଟ୍ଟାମୁଣ୍ଡାଇ ଥାନା (ନଂ.- ୩୭/୧୩)ରେ ଏତଲା ଦେଇଥିଲେ। ଏଥିସହିତ କଟକରେ ଲକ୍ଷ୍ମୀ ଚିକିତ୍ସିତ ହେଉଥିବା ସମୟରେ ଏ ସମ୍ପର୍କରେ ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ଏହି ମାମଲାରେ ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ଜାମିନରେ ବାହାରେ ରହୁଥିବା ବେଳେ ରାୟ ପ୍ରକାଶ ପାଇବା ପରେ ସେମାନଙ୍କୁ ବାରିମୂଳ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆଜୀବନ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଛି। ଜରିମାନା ଅନାଦାୟରେ ଅଧିକ ୧ ମାସ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ଏହି ମାମଲାକୁ ସରକାରୀ ଓକିଲ ସଞ୍ଜୟ ଜେନା ପରିଚାଳନା କରୁଥିଲେ।

## ବାଲାକୋଟ ମଦ୍ରାସା ...

ତାହା ଉପରେ ଉକ୍ତ ଫଟୋ ପ୍ରଶ୍ନବାଚୀ ଲଗାଇଛି। ଭାରତୀୟ ଯୁଦ୍ଧବିମାନ ବାଲାକୋଟରେ ପ୍ରବେଶ କରିଥିଲା। ତେବେ ପାକିସ୍ତାନୀ ଯୁଦ୍ଧବିମାନ ଏହାକୁ ପିଛା କରିବାରୁ ସେମାନେ ଫେରିଆସିଥିଲେ ଏବଂ କୌଣସି କ୍ଷତି ହୋଇ ନ ଥିଲା ବୋଲି ଇସ୍‌ଲାମାବାଦ ସେତେବେଳେ କହିଥିଲା। ଅନ୍ୟପକ୍ଷରେ ଭାରତୀୟ ଯୁଦ୍ଧବିମାନ ଲକ୍ଷ୍ୟସ୍ଥଳକୁ ବୋମାମାଡ଼ କରିଥିବା ବାୟୁସେନା ମୁଖ୍ୟ ବି.ଏସ୍. ଧନୋଆ କହିଥିଲେ। ପରେ ଭାରତୀୟ ଗଣମାଧ୍ୟମ ବାୟୁସେନା କାର୍ଯ୍ୟାନୁଷ୍ଠାନର ସଫଳ କାହାଣୀ ପ୍ରସାର କରିଥିଲା। ୧୨ଟି ମିରାଜ-୨୦୦୦ ଯୁଦ୍ଧବିମାନ ପାକିସ୍ତାନରେ ପ୍ରବେଶ କରି ଜୈଶ୍‌ଏମ୍‌ର ପ୍ରଶିକ୍ଷଣ ଶିବିରକୁ ବୋମାମାଡ଼ରେ ଧ୍ୱଂସ କରିଦେଇଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା କେତେକ ଗଣମାଧ୍ୟମ ପ୍ରକାଶ କରିଥିଲେ। ବାୟୁସେନା କାର୍ଯ୍ୟାନୁଷ୍ଠାନରେ କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକ କହିବା ପରେ ଏହାକୁ ନେଇ ଭାରତରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଭାଗ୍ୟାଧିପତି ବୃହସ୍ପତିଙ୍କ ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ନୂତନ ଯୋଜନାରମ୍ଭ କରିବାକୁ ମନ ବଳାଇପାରନ୍ତି। ଆତ୍ମୀୟମାନଙ୍କ ସହଯୋଗରେ ଧାର୍ମିକ କାର୍ଯ୍ୟ ସକାଶେ ପୂର୍ବ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିବ। ଏଇ ଅଳ୍ପ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜରେ ପାଇଯିବେ। ଶିଳ୍ପ, ବ୍ୟବସାୟ, ପରିବହନ ସାମୟିକ ଭାବରେ ବାଧାପ୍ରାପ୍ତ ହୋଇପାରେ।

**ବୃଷ** - ରବିଙ୍କ କେନ୍ଦ୍ରସ୍ଥାନରେ ଦେବଗୁରୁ ବୃହସ୍ପତି ହେତୁ କାର୍ଯ୍ୟସିଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରତିଷ୍ଠାଦି ପ୍ରଦାନ କରିବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହି ନ ପାରେ। ବାଣିଜ୍ୟ,ବ୍ୟବସାୟ ତଥା ଲେଖାପଢ଼ା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** - ଧନତୃତୀୟାଧିପତିଙ୍କ ଏକତ୍ର ସମାବେଶ ନିକଟସ୍ଥ ବନ୍ଧୁ ପରିଜନଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ସୁବିଧା ସୁଯୋଗ ଆଣିଦେବ। ବହୁତ ଦିନହେଲା ଅଟକି ରହିଥିବା କାମିଗୁଡିକ ସୁବିଧାରେ ହୋଇଯିବ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ ଏବଂ ବାଣିଜ୍ୟ ଓ ପରିବହନରେ ଉନ୍ନତି ମଧ୍ୟ କରିବେ।

**କର୍କଟ** - ଚନ୍ଦ୍ର ଅଷ୍ଟମରେ ରହିଥିଲେ ମଧ୍ୟ ଆଜିର କାର୍ଯ୍ୟପଦ୍ଧତି, ଟଙ୍କା ପଇସା କାରବାର ପାଇଁ କୌଣସି ଅସୁବିଧା ରହିବନାହିଁ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ,ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** - କେନ୍ଦ୍ରରେ ବୃହସ୍ପତି ଓ ରବି ଆପଣଙ୍କ ସମସ୍ତ କାର୍ଯ୍ୟକୁ ଆଶାତୀତ ଭାବେ ସଫଳତା ପ୍ରଦାନ କରିବେ। ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। କଳା,ସାହିତ୍ୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କଲେ ମଧ୍ୟ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** - ଗୁରୁକ୍ଷେତ୍ରସ୍ଥ ବକ୍ରୀବୁଧ ପ୍ରଭାବରେ ଆପଣ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** - ଭାଗ୍ୟାଧିପତି ନୀଚାଂଶରେ ରହି ରାଶିର ଷଷ୍ଠ ଓ ଅଷ୍ଟମ ଭାବ ପ୍ରତି ସମ୍ବନ୍ଧିତ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସଙ୍କଟଜନକ ସ୍ଥିତି ଉପୁଜିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ସୁଫଳ ପାଇବେ। ସ୍ୱାତୀ ନକ୍ଷତ୍ରର ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା** - କେନ୍ଦ୍ରସ୍ଥ ରବି ଓ ଚନ୍ଦ୍ର ପ୍ରଭାବରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** - ରାଶିରେ ସ୍ୱଗୃହାଭିମୁଖୀ ଶନି ଓ ତୃତୀୟସ୍ଥ ଚନ୍ଦ୍ର ଆପଣଙ୍କ କାମକୁ ଧୀରେ ଧୀରେ ଆଗକୁ ଗତିଶୀଳ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ରାଜନୀତିରେ ଉନ୍ନତି କରିବେ।

**ମକର** - ରବି ଓ ଶୁକ୍ର ତଥା ବୃହସ୍ପତିଙ୍କ ଶୁଭ ସଂସ୍ଥାନ ବଳରେ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ରାହୁ ସପ୍ତମସ୍ଥ ହେତୁ ବିବାଦ ଓ ପ୍ରତିବନ୍ଧକ ଯୁକ୍ତ କାମଠାରୁ ଦୂରେଇ ରହିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ପରିବାର ସଦସ୍ୟମାନେ ପଡ଼ୋଶୀଙ୍କ କୁମନ୍ତ୍ରଣାରେ କ୍ରୋଧ ପ୍ରକାଶ କରିପାରନ୍ତି।

**କୁମ୍ଭ** - ସାଧାରଣ ପ୍ରତିରୋଧ ଭିତରେ ଆଜିର କାମଗୁଡିକ ସମ୍ପନ୍ନ ହେବ। ହଠାତ୍ ଜଣେ ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କଲେ ଭଲ ହେବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ, ତଥାପି ଟେନ୍ସନ ଲାଗି ରହିପାରେ।

**ମୀନ** - ଦ୍ୱାଦଶରେ ଚନ୍ଦ୍ର ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି କାରଣ ହୋଇପାରେ। କିନ୍ତୁ ରବିଙ୍କ ପ୍ରଭାବରେ ଆପଣ ତାହାର ଠିକ୍ ସମାଧାନ କମ୍ ସମୟ ମଧ୍ୟରେ କରିପାରିବେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କର ମନ ବୁଝିଲା ଭଳି କଥା କହି କାମ ହାସଲ କରିପାରନ୍ତି। ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫାଲଗୁନ ଶୁକ୍ଳ ପ୍ରତିପଦା ଗୁରୁବାର, ମାର୍ଚ୍ଚ-୭ ତାରିଖ, ରାଶି ନକ୍ଷତ୍ର- ସକାଳ ଘ୯।୧୨ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ୍ /କୁମ୍ଭ, ଅପରାହ୍ନ ଘ୨।୩୫ମି. ଗତେ, ମୀନ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୭ମି. ଗତେ ଘ୧୧।୫୪ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ ୭।୩୩ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ଗଣିତ ଖାତା ଗାଏବ ଘଟଣା ୩ଜଣଙ୍କୁ ରିମାଣ୍ଡରେ ନେଲା ପୋଲିସ

**ମାଲକାନଗିରି,୬।୩(ସ୍ୱ.ପ୍ର):** ମାଲକାନଗିରି ଜିଲାର ପଡ଼ିଆ ଏସଏସଡି ଆଶ୍ରମ ବିଦ୍ୟାଳୟରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗଣିତ ଉତ୍ତରଖାତା ଗତ ଶନିବାର ଗାଏବ୍ ହୋଇଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ଗଠନପାଲି ନବୀନଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା,ନୋଡାଲ ପର୍ଯ୍ୟବେକ୍ଷକ ସନ୍ଦୀପ କୁମାର ସାହୁ ଓ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ଏହି ୩ ଜଣଙ୍କୁ ପୋଲିସ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ନେଇଛି। ଏନେଇ ପୋଲିସ ସବ୍‌ଜଜ୍ କୋର୍ଟରେ ରିମାଣ୍ଡ ପାଇଁ ଆବେଦନ କରିଥିଲା। ସବ୍‌ଜଜ୍ ସୁଚିତା କୃପାଳିନୀ ଆବେଦନକୁ ବିଚାରକୁ ନେଇ ଉପରୋକ୍ତ ୩ ଜଣଙ୍କୁ ୨ଦିନ ପାଇଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଏହି ସମୟ ମଧ୍ୟରେ ପରୀକ୍ଷା ଖାତା ଗାଏବ୍ ସମ୍ପର୍କରେ ପୋଲିସ ସେମାନଙ୍କୁ ଅଧିକ ପଚରାଉଚରା କରି ତଥ୍ୟ ହାସଲ ଲାଗି ଆଶା ରଖିଛି। ଅନ୍ୟପକ୍ଷରେ ପିଲାଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ଶୀଘ୍ର ଠିକ୍ ନିଷ୍ପତ୍ତି ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ଉକ୍ତ ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ଗଣିତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ସନ୍ଧ୍ୟାରେ ଖାତାଗୁଡ଼ିକୁ ଥାନାରେ ଜିମା ଦେବା ପାଇଁ ନିୟମ ଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ସେଦିନ ଖାତା ଥାନା ଜିମା ନ ଦେଇ ଟେବୁଲ ଡ୍ରୟାରରେ ରଖିଥିଲେ। ରବିବାର ଏଥିରୁ ୧୦୮ଟି ଉତ୍ତର ଖାତା ଗାଏବ୍ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଟଣାର ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ପୋଲିସ ଆଇପିସି ୩୭୯,୧୨୦ (ବି) ଦଫାରେ ଏକ ମାମଲା (୧୭/୧୯) ରୁଜୁକରି ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜିଲା ପ୍ରଶାସନ ୪ଜଣଙ୍କୁ ନିଲମ୍ବିତ କରିଥିଲା।

# କେବଳ ବିଜ୍ଞାପନରେ ପ୍ରତିଶ୍ରୁତି ପାଳନ

**ଭୁବନେଶ୍ୱର,୬।୩ (ବ୍ୟୁରୋ)**

ମଙ୍ଗଳବାର ସଚିବାଳୟଠାରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ରାଜ୍ୟବାସୀଙ୍କୁ ୫ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହା କେବଳ ପ୍ରଚାର ସର୍ବସ୍ୱ ଘୋଷଣା ଥିଲା ବୋଲି କହି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାଲୋଚନା କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚରେ ମୁଖ୍ୟମନ୍ତ୍ରୀ କେବଳ ବିଜ୍ଞାପନରେ ନିଜ ପ୍ରତିଶ୍ରୁତିପାଳନ କରିଥିବା ଧର୍ମେନ୍ଦ୍ର କହିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ୨୦୧୪ରେ ବିଜେଡି ନିର୍ବାଚନୀ ଇସ୍ତାହାରରେ କହିଥିଲା ସଭିଙ୍କ ପାଇଁ ପକ୍କା ଘର, ଯୁବପିଢିଙ୍କ ପାଇଁ ନିଯୁକ୍ତି, ସାର୍ବଜନୀନ ସାମାଜିକ ସୁରକ୍ଷା, ଜଳସେଚନ, କୃଷି ଓ କୃଷକ କଲ୍ୟାଣ ଏବଂ ପାନୀୟ ଜଳ ସମସ୍ୟା ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ଥ୍ରୀଟି ଯଥା ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି ଓ ଟିମ୍‌ୱର୍କରେ ବିଶ୍ୱାସ କରୁଥିବାବେଳେ କାଳିଆ ଯୋଜନାର ଲାଭାର୍ଥୀଙ୍କ ସୂଚୀ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସଭିଙ୍କ ପାଇଁ ପକ୍କାଘର



ଧର୍ମେନ୍ଦ୍ର ପ୍ରଧାନ

ଦେବା କଥା କହିବା ମୁଖ୍ୟମନ୍ତ୍ରୀଙ୍କ ବଡ ମିଛ ପ୍ରତିଶ୍ରୁତି। ଗତ ୫ବର୍ଷରେ ୨୦ଲକ୍ଷ କଚ୍ଚା ଘରକୁ ପକ୍କାଘରରେ ପରିଣତ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ୨୦ଲକ୍ଷ ଘର ଭିତରୁ କେତେ ରାଜ୍ୟର ନିଜସ୍ୱ ଯୋଜନାରେ ହୋଇଛି ଏହା ଜଣାଇବାକୁ ସରକାର ଅମଙ୍ଗ ହେଉଛନ୍ତି। ଇସ୍ତାହାରରେ ବିଜେଡି ଯାହାର ଘରଡିହ ନାହିଁ ତାକୁ ସରକାରୀ ଜମି ଦେବ କହିଥିଲା। ସେହିପରି ସରକାରୀ ଜମି ନ ଥିଲେ ବେସରକାରୀ ଜାଗା କିଣି ଆବାସ ସୁରକ୍ଷା ଯୋଗାଇଦେବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିରଗାର ପାଲଟିଛି। ରାଜ୍ୟରେ ୩୦ଲକ୍ଷ ଲୋକ ବିନା ପକ୍କା ଘରେ ଅଛନ୍ତି ବୋଲି ରାଜ୍ୟ ସରକାରଙ୍କ ବିଧାନସଭା ତଥ୍ୟରୁ ଜଣାପଡିଛି। ରାଜ୍ୟ ସରକାର ୫ବର୍ଷରେ ୨୦ଲକ୍ଷ ପକ୍କାଘର ଗରିବଙ୍କୁ ଦେଇଥିବା କଥା କହୁଥିବାବେଳେ ୧୭ ଲକ୍ଷ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଇନ୍ଦିରା ଆବାସ ଯୋଜନାରେ ନିର୍ମିତ ହୋଇଛି। ଯାହା ରାଜ୍ୟ ନୁହେଁ କେନ୍ଦ୍ର ସରକାରଙ୍କ ଯୋଜନା ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ପରଘର ଡିଅଣରେ ସରକାର ଅତିଥି ସତ୍କାର କରୁଛନ୍ତି। ମୁଖ୍ୟମନ୍ତ୍ରୀ ପୃଥିବୀର ସବୁଠୁ ବଡ ଯୋଜନା ଜାଗା ବୋଲି କହିଲେ କିନ୍ତୁ ଆଜି ଓଡ଼ିଶାରେ ୨୦ଲକ୍ଷ ଲୋକଙ୍କୁ ସ୍ଥାୟୀ ପଟ୍ଟା ମିଳିନାହିଁ। ମୁଖ୍ୟମନ୍ତ୍ରୀ ତାଙ୍କ ଘର ପାଖ ଅଞ୍ଚଳରେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କୁ ଜାଗା ନ ଦେଇ ମିଛ କହୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଯୁବକଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ସୃଷ୍ଟି ଯୋଜନା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ୩୦ ବର୍ଷ ବୟସରୁ ଅଧିକ ଅବିବାହିତା, ସ୍ୱାମୀ ପରିତ୍ୟକ୍ତା, ନିରାଶ୍ରୟ ମହିଳାମାନଙ୍କୁ ପେନ୍‌ସନ ଦିଆଯିବାର ବ୍ୟବସ୍ଥା କୁଆଡେ ଗଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ୨୦୧୪ରେ ୧୦ଲକ୍ଷ ଅତିରିକ୍ତ ଚାଷ ଜମିକୁ ଜଳସେଚନ ସୁବିଧା ଦେବା ପ୍ରତିଶ୍ରୁତି ବିଫଳ ହୋଇଛି। ଯେଉଁ ବ୍ୟକ୍ତିମାନେ ନିଜସ୍ୱ ଉଦ୍ୟମରେ ଗଭୀର ନଳକୂଅ ଓ କୂଅ ଖୋଳିଛନ୍ତି ତାକୁ ଜଳସେଚନ ନାଁରେ ଗଣି ସରକାର ହିସାବ ତିଆରି କରୁଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ବଲାଙ୍ଗୀର ଜିଲା ଗସ୍ତରେ ଯାଇଛନ୍ତି। ସେଠାରେ ବନ୍ଦ ପଡିଥିବା ଲୋୟର ସୁକ୍‌ତେଲ, ଅପରକୋଲାବ ଏବଂ ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅବସ୍ଥା କ'ଣ ଅଛି, ମୁଖ୍ୟମନ୍ତ୍ରୀ ଏହାର ଜବାବ୍ ଦେଇ ଆସନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି । ସରକାର ସବୁ ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ କରିବା ପ୍ରତିଶ୍ରୁତି ଦେଇଥିଲେ। ପିଇବା ପାଣି ପାଇଁ ମା'ଭଉଣୀମାନେ ହନ୍ତସନ୍ତ ହେଉଛନ୍ତି। କୃଷକଙ୍କ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଥିବା କହୁଛନ୍ତି । ସେହି ଯୋଜନାର ଲାଭାର୍ଥୀଙ୍କ ସୂଚୀ କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ୱେବସାଇଟ୍‌ରେ କାଳିଆ ଲାଭାର୍ଥୀମାନଙ୍କ ଦରଖାସ୍ତର ସୂଚୀ ଏବଂ ରାଜ୍ୟ ସରକାରଙ୍କ ତଥାକଥିତ ୩୬ଲକ୍ଷ ହିତାଧିକାରୀ ତାଲିକା କୁଆଡେ ଗଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ଏହାସହ ଗୋଟିଏ ବ୍ଲକର ଜଣେ ଚାଷୀଙ୍କ ନାମ ଏକାଧିକବାର ତାଲିକାରେ ରହିଥିବା ଧର୍ମେନ୍ଦ୍ର ତଥ୍ୟ ରଖିଛନ୍ତି।




## ହୀରାକୁଦ ବ୍ଲୁ ଫଙ୍କ୍ସ କାରଖାନା ପାର୍ଶ୍ୱରୁ ମୃତଦେହ ଉଦ୍ଧାର

**ହୀରାକୁଦ,୬।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ହୀରାକୁଦସ୍ଥିତ ବ୍ଲୁ ଫଙ୍କ୍ସ କାରଖାନା ପାଚେରି ପାର୍ଶ୍ୱରୁ ଏକ ଗଳିତ ଶବ ଉଦ୍ଧାର କରାଯାଇଛି। ହୀରାକୁଦ ଥାନା ପୋଲିସ ଏହାକୁ ଜବତ କରି ବୁର୍ଲା ଭିମ୍‌ସାରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧/୧୯) ରୁଜୁ କରାଯାଇ ତଦନ୍ତ କରାଯାଉଛି। ବ୍ଲୁ ଫଙ୍କ୍ସ କାରଖାନା ପାର୍ଶ୍ୱରୁ ଗତ ୨ବର୍ଷ ମଧ୍ୟରେ ୪ରୁ ୫ଟି ମୃତଦେହ ମିଳିଲାଣି। କାର୍ଯ୍ୟରତ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ହେଲେ ରାତିରେ କାରଖାନା ବାହାରେ ପକାଇ ଦିଆଯାଏ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି। ଏ ନେଇ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଅମିତ ସରଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତଥାଗତ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ଆଗାମୀ ସାଧାରଣ ନିର୍ବାଚନରେ ଆଉ ଲଢିବେ ନାହିଁ। ଏନେଇ ଗଣମାଧ୍ୟମରେ ପ୍ରକାଶ କରିବାର ଦିନକପରେ ବୁଧବାର ତଥାଗତ ସତପଥୀ ନବୀନନିବାସ ଯାଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ରାଜନୈତିକ ଜୀବନରେ ତାଙ୍କୁ ସହଯୋଗ କରିଥିବାରୁ ତଥାଗତ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକଟ କରିଛନ୍ତି। ରାଜନୀତିରୁ ଦୂରେଇ ଯାଇ ସମ୍ପୂର୍ଣ୍ଣ ଭାବେ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେବେ ବୋଲି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ତଥାଗତ ରାଜନୀତିରୁ ଦୂରେଇଯିବା ନେଇ ମଙ୍ଗଳବାର ଘୋଷଣା କରିଥିଲେ। ପୁଅର ଚାପ ହିଁ ତାଙ୍କୁ ରାଜନୀତି ଛାଡ଼ିବାକୁ ବାଧ୍ୟ କରିଥିବା ସେ ମନ୍ତବ୍ୟ ରଖିଥିଲେ। ଏପରିକି ବର୍ତ୍ତମାନ ଦେଶର ଦୃଢ଼ ସାମାଜିକ ନେତୃତ୍ୱର ଆବଶ୍ୟକତା ରହିଛି। ନିର୍ଭୀକ ଏବଂ ନିରପେକ୍ଷ ସାମ୍ବାଦିକତା ତାଙ୍କର ଏକମାତ୍ର ପ୍ରାଥମିକତା ହେବ ବୋଲି ସେ ମତ ରଖିଥିଲେ।

## କୋଣାର୍କରେ ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଶିଳ୍ପୀକୂଳର ମାନ ରକ୍ଷା ନିମନ୍ତେ କୋଣାର୍କ ସୂର୍ଯ୍ୟମନ୍ଦିରର ମୁଣ୍ଡି ମାରି ସାରିବା ପରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ୧୨ ବର୍ଷର ବାଳକ ଧର୍ମପଦ। ଯେଉଁ କାମ ୧୨୦୦ ବଢ଼େଇ କରିପାରି ନ ଥିଲେ, ସେ କାମ ସେ ଏକା କରି ଦେଖାଇଥିଲେ। ଧର୍ମପଦଙ୍କ ଏହି ତ୍ୟାଗ ଓ ପ୍ରତିଭାର କାହାଣୀ ଓଡ଼ିଶାର ଘରେ ଘରେ ଗୁଞ୍ଜରିତ। ତାଙ୍କ ବଳିଦାନର ଗାଥା ଆଜି ବି ଅନେକଙ୍କୁ ସ୍ୱାର୍ଥ କଥା ଭୁଲି ସମାଜ ପାଇଁ କିଛି କରିବାକୁ ପ୍ରେରଣା ଯୋଗାଏ। କେବଳ ଶିଳ୍ପୀକୂଳ ନୁହେଁ, ସମଗ୍ର ଓଡ଼ିଆ ଜାତି ପାଇଁ ସେ ପ୍ରେରଣାର ଉତ୍ସ। ଧର୍ମପଦଙ୍କ ଏହି ବଳିଦାନର କାହାଣୀକୁ ଆଗାମୀ ପିଢ଼ି ସହ ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇବାକୁ କୋଣାର୍କରେ ପ୍ରତିଷ୍ଠା ହେବ ଧର୍ମପଦଙ୍କ ପ୍ରତିମୂର୍ତ୍ତି। ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ମୁଣ୍ଡି ମାରି ମନ୍ଦିର ତିଆରିରେ ସର୍ବଶ୍ରେଷ୍ଠ ଅବଦାନ ରଖିଥିବା ଧର୍ମପଦଙ୍କର ଏହା ପ୍ରଥମ ପ୍ରତିମୂର୍ତ୍ତି ହେବ। ଏହାକୁ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ନିଜସ୍ୱ ସଙ୍ଗଠନ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ପ୍ରତିଷ୍ଠା କରାଯିବ।

ଧର୍ମପଦଙ୍କ ସ୍ମୃତିରକ୍ଷା ନିମନ୍ତେ ତାଙ୍କର ଏକ ପରିକଳ୍ପିତ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିଲାଗି ବୁଧବାରଠାରୁ ଭୁବନେଶ୍ୱରଠାରେ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ବାଲେଶ୍ୱରର ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନାଙ୍କ ମାର୍ଗଦର୍ଶନରେ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଏ ପର୍ଯ୍ୟନ୍ତ ସ୍ଥାନ ନିର୍ଦ୍ଧାରଣ ହୋଇ ନ ଥିବା ବେଳେ କୋଣାର୍କ ମେଡିକାଲ ଛକ କିମ୍ବା ଥାନା ଛକରେ ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ମହାସଂଘ। ଅନ୍ୟପକ୍ଷରେ ବୁଧବାର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ ପରିସରରେ ମୂଳ ପ୍ରତିମୂର୍ତ୍ତିର ଏକ ପ୍ରତୀକ ପ୍ରତିକୃତି ଉନ୍ମୋଚିତ ହୋଇଯାଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ଏହାର ଶୁଭ ଉନ୍ମୋଚନ କରି କହିଥିଲେ, ଶିଳ୍ପୀକୂଳର ପ୍ରେରଣା ତଥା ତ୍ୟାଗର ପ୍ରତୀକ ଧର୍ମପଦ। ତାଙ୍କ କାହଣୀ ଆଜି ବି ଅନେକଙ୍କୁ ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱକୁ ମନେ ପକାଇଦିଏ। କୋଣାର୍କରେ ଧର୍ମପଦଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଓଡ଼ିଶା ଶିଳ୍ପୀ ମହାସଂଘର ପ୍ରଚେଷ୍ଟାକୁ ଉଭୟ ପ୍ରଶଂସା କରିବା ସହ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି, ପଦ୍ମଶ୍ରୀ ସୁଦର୍ଶନ ସାହୁ, ପଦ୍ମଶ୍ରୀ ପ୍ରଭାକର ମହାରଣା, ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନା, ସଙ୍ଗଠନ ସମ୍ପାଦକ ପ୍ରିୟରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।




## ଭାଜପା କାର୍ଯ୍ୟାଳୟରେ ବୈଜୟନ୍ତଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୬।୩ (ବ୍ୟୁରୋ)**

- ମୁଁ ନୁହେଁ ପୁରୁଣା ଦଳ ବଦଳିଯାଇଛି: ବୈଜୟନ୍ତ
- ପଚାରିବା ଆଗରୁ ଫରକ ପଡ଼ିବନି କହୁଛି ବିଜେଡି: ଧର୍ମେନ୍ଦ୍ର

ପବିତ୍ର ମହାଶିବରାତ୍ରି ଦିନ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ନୂଆଦିଲ୍ଲୀଠାରେ ଭାଜପାରେ ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ଅନ୍ୟ କୌଣସି ରାଜନୈତିକ ଦଳରେ ତାଙ୍କର ଯୋଗଦାନକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ଏହାର ଅନ୍ତ ଘଟିଛି। ଅନ୍ୟପଟେ ବୁଧବାର ଦିଲ୍ଲୀରୁ ଫେରିବା ପରେ ବୈଜୟନ୍ତଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ସେଠାରୁ ତାଙ୍କୁ ବାଇକ୍ ରାଲି ଯୋଗେ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ବୈଜୟନ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଧର୍ମେନ୍ଦ୍ର କହିଛନ୍ତି ଯେ, ସାଢେ ୪କୋଟି ଓଡିଆଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କର ପରିବାର ସଦସ୍ୟ ବୋଲି କହୁଛନ୍ତି। ତେବେ ବିଜେଡି କର୍ମୀଙ୍କ ନିର୍ଯାତନାର ଶିକାର ହୋଇ ମୃତ୍ୟୁ ମୁଖରେ ପଡିଥିବା ପିପିଲିର ନାବାଳିକା, କୁନ୍ଦୁଲି ପୀଡିତା କ'ଣ ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ ନ ଥିଲେ କି ବୋଲି କହି ଧର୍ମେନ୍ଦ୍ର କଟାକ୍ଷ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ୧୯ବର୍ଷ ବହୁତ ହୋଇଗଲା। ରାଜ୍ୟର ବିଜେଡି ସରକାର ବଦଳିବା ଦରକାର । ବୈଜୟନ୍ତଙ୍କୁ ବିଜେଡିରେ ଅସମ୍ମାନ କରାଗଲା, ଅଣ୍ଡା ମରାଯିବା ସହ ଅପମାନିତ କରାଯିବାରୁ ସେ ଦଳ ଛାଡି ଭାଜପାରେ ମିଶିଛନ୍ତି । ମାତ୍ର ଦଳରେ ବୈଜୟନ୍ତଙ୍କ ମିଶ୍ରଣ କ'ଣ ପ୍ରଭାବ ପକାଇବ ବୋଲି ଭାଜପା କହିବା ପୂର୍ବରୁ ବିଜେଡି ଚେଲା, ଚାପାଟି ଓ ଗୁମାସ୍ତାମାନେ ତାଙ୍କ ଦଳ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି କହୁଛନ୍ତି । ବିଜେଡିକୁ ନିଜ ଘର ସମ୍ଭାଳିବା ଅସମ୍ଭବ ହେଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

ଅନ୍ୟପଟେ ଏହି ଅବସରରେ ବୈଜୟନ୍ତ ଶାସକ ଦଳ ଉପରେ ରଖିଥିବା ସମସ୍ତ ରାଗ ଶୁଝାଇବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ସହଯୋଗରେ ୨୨ବର୍ଷ ତଳେ ବିଜେଡି ଗଠନ ହୋଇଥିଲା। ମୁଁ ବଦଳି ନାହିଁ ବରଂ ସେ ଦଳ ଆଜି ବଦଳିଯାଇଛି। ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁ ବିରୋଧୀ ହିଂସା ବଢି ଚାଲିଛି। ରାଜ୍ୟରେ ୨ରୁ ୩ବର୍ଷରେ ୫୦ରୁ ଅଧିକ ନାବାଳିକା ବଳାତ୍କାର ଓ ହତ୍ୟାର ଶିକାର ହେଲେଣି। ଦେଶର ମହିଳା ଓ ଶିଶୁ ନିର୍ଯାତନା ହାର ଅନୁଯାୟୀ ଓଡିଶା ସର୍ବାଗ୍ରେ ରହିଛି। ରାଜ୍ୟରେ ନିଯୁକ୍ତି ନ ପାଇ ଲକ୍ଷଲକ୍ଷ ଯୁବତୀ,ଯୁବକ ବାହାରକୁ କାମ କରିବାକୁ ଯାଉଛନ୍ତି। ଅନେକ ଯୁବକ ଘରକୁ ଜୀବିତ ନୁହେଁ ମୃତ ଅବସ୍ଥାରେ ଫେରୁଛନ୍ତି। ହକ୍ ପାଇଁ ଆସୁଥିବା ଚାଷୀଙ୍କୁ ମାଡ ମାରି ଫେରାଇ ଦିଆଯାଉଛି। ୪ଶହ କୋଟି ଟଙ୍କା ଖର୍ଚ୍ଚ କରି ବିଜୁ ଗୁଣ୍ଡା ବାହିନୀ ଗଠନ କରାଯାଇଛି। ସ୍ୱାସ୍ଥ୍ୟ ଅବସ୍ଥାରେ ରାଜ୍ୟରେ ଭଶୁଡିଛି ହେଲେ ଆୟୁଷ୍ମାନ ଭାରତ ଲାଗୁ କରାଯାଉ ନାହିଁ ବୋଲି ବୈଜୟନ୍ତ କହିଛନ୍ତି।

**ଅଟୋକୁ ପିଟିଲା ଟ୍ରକ୍**

## ୫ କଲେଜ ଛାତ୍ରୀଙ୍କ ସମେତ ୭ ଆହତ

**ସମ୍ବଲପୁର,୬।୩ (ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ରାସ୍ତାର ଯୁଯୁମୁରା ଥାନା ଝାଙ୍କରପାଲି ଗ୍ରାମ ଛକରେ ଏକ ଟ୍ରକ ଗୋଟିଏ ଅଟୋକୁ ପଛ ପଟୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି । ଫଳରେ ପାର୍ବତୀ ଗିରି କଲେଜର ୫ ଜଣ ଛାତ୍ରୀଙ୍କ ସମେତ ୭ ଜଣ ଆହତ ହୋଇଛନ୍ତି । ଆହତ କଲେଜ ଛାତ୍ରୀମାନେ ହେଲେ ସୁଷମା ମୁଣ୍ଡା (୨୧), ଭାଗ୍ୟଶ୍ରୀ ପାଣ୍ଡେ (୨୪), ରିନା ପାଣ୍ଡେ (୧୯), ଇତିଶ୍ରୀ ରାଣି ସାହୁ (୧୯), ସ୍ନେହଲତା ଦୀପ(୧୯)। ସେହିଭଳି ଅଟୋ ଚାଳକ ଆଶୋକ ଭୋଇ (୪୫) ଓ ଅନ୍ୟ ଜଣେ ଯାତ୍ରୀ ଗୁଲାବତି ବେହେରା ( ୫୫) ଆହତ ହୋଇଛନ୍ତି । ଛାତ୍ରୀ ସୁଷମା ଓ ଅଟୋ ଚାଳକ ଅଶୋକ ଗୁରୁତର ଆହତ ଥିବାରୁ ଜିଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଅନ୍ୟ ଆହତମାନଙ୍କୁ ପ୍ରଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ରେଢାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଆହତମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ତାଙ୍କ ଗାଡିରେ ନେଇଥିଲେ । ପୋଲିସ ଟ୍ରକ୍ ଓ ଅଟୋ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି । ସୂଚନାଯୋଗ୍ୟ ଯେ, ଅଟୋ (ନଂ ଓଆର-୧୫-ଆର-୬୧୭୩)ଟି ମାନେଶ୍ୱର ଛକରୁ ପାସେଞ୍ଜର ନେଇ ଫୁଲଝରଣ ପାର୍ବତୀ ଗିରି କଲେଜକୁ ଯାଉଥିଲା । ପଛପଟୁ ଟ୍ରକ (ନଂ-ଓଡି-୧୫-ଏମ-୭୨୯୮) ସମାନ ଦିଗରେ ଯାଉଥିଲା। ହେଲେ ଝାଙ୍କରପାଲି ଗ୍ରାମ ଛକରେ ଅଟୋକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଅଟୋ ଓଲଟି ପଡିଥିଲା । ସ୍ଥାନୀୟ ଲୋକମାନେ ଅଟୋରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ । ପରେ ସେହି ରାସ୍ତା ଦେଇ ଆସୁଥିବା ଏସ୍‌ଡିପିଓଙ୍କ ଗାଡିରେ ଗାଡିରେ ଆହତଙ୍କୁ ଡାକ୍ତରଖାନା ନିଆଯାଇଥିଲା।



# ପୌରାଣିକ ପକ୍ଷୀ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ଅନ୍ୟ ଦେଶଗୁଡ଼ିକ ସେମାନଙ୍କ ପୌରାଣିକ ପ୍ରାଣୀମାନଙ୍କୁ ସମ୍ମାନ ଦିଅନ୍ତି। ଗରୁଡ଼ ହେଉଛି ଭାରତୀୟ ହିନ୍ଦୁ ପୌରାଣିକ ପକ୍ଷୀ, କିନ୍ତୁ ଏହା ହେଉଛି ଇଣ୍ଡୋନେସିଆର ଜାତୀୟ ପକ୍ଷୀ ଓ ପ୍ରତୀକ। ସେହିପରି ପୌରାଣିକ ଫିନିକ୍ସ ବା ହୋମା ପକ୍ଷୀକୁ ଇରାନରେ ସମ୍ମାନ ଦିଆଯାଏ। ଏଠାରେ ଆଉ କେତେକ ପୌରାଣିକ ପକ୍ଷୀଙ୍କ ବିଷୟରେ ଉଲ୍ଲେଖ କରୁଛି।

ବ୍ୟଙ୍ଗୋମା ବା ବ୍ୟଙ୍ଗୋମି ହେଉଛି ବଙ୍ଗଳାର ପୌରାଣିକ ପକ୍ଷୀ। ସେମାନେ ଦେଖିବାକୁ ହୁପୁ (ଆଫ୍ରିକା, ୟୁରୋପ, ଏସିଆରେ ଦେଖିବାକୁ ମିଳୁଥିବା ରଙ୍ଗିନ ପକ୍ଷୀ ବିଶେଷ, ଯେଉଁମାନେ ତାଙ୍କର ମୁକୁଟ ବା ଚୂଳ ପାଇଁ ବିଖ୍ୟାତ) ପରି, ବିଜ୍ଞ, ନିୟମାବଦ୍ଧ ଏବଂ ସାହାଯ୍ୟକାରୀ। ସେମାନେ ଜନ୍ମବେଳେ ଅନ୍ଧ ହୋଇଥାନ୍ତି ଏବଂ ଦୃଷ୍ଟିଶକ୍ତି ପାଇବା ପାଇଁ ଜଣେ ଦାତାଠାରୁ କେଇ ବୁନ୍ଦା ରକ୍ତ ଆବଶ୍ୟକ କରନ୍ତି। ସେମାନେ ଯେତେବେଳେ କାହାକୁ ଭବିଷ୍ୟତ କଥା କହନ୍ତି, ଲୋକଟି ପକ୍ଷୀର ସ୍ୱର ଓ ଗୀତ ଶୁଣେ ଏବଂ ତା'ଠାରେ ଭବିତବ୍ୟ ବିଷୟରେ ଜ୍ଞାନୋଦୟ ହୁଏ।

ଗଣ୍ଡଭେରୁଣ୍ଡ (ଭାରୁଣ୍ଡ) ହେଉଛି ଏକ ଦୁଇମୁଣ୍ଡିଆ ପୌରାଣିକ ପକ୍ଷୀ ଯିଏ ଅସାଧାରଣ ଯାଦୁକରୀ ଶକ୍ତିର ଅଧିକାରୀ। ଏହି ପକ୍ଷୀ ତା' ପଞ୍ଝା ଓ ଥଣ୍ଟରେ ହାତୀକୁ ମଧ୍ୟ ଉଠାଇନେଇ ପାରେ। ମଦୁରାଇର ପ୍ରାଚୀନ ମୁଦ୍ରାରେ ଗଣ୍ଡଭେରୁଣ୍ଡ ତା' ଥଣ୍ଟରେ ଏକ ସାପକୁ ଧରିଥିବାର ଚିତ୍ର ପ୍ରଦର୍ଶିତ ହୋଇଛି। ଚେନ୍ନାକେଶବ ମନ୍ଦିରରେ ପ୍ରଦର୍ଶିତ ହୋଇଛି ଏକ ଅଜଗର ଏକ ହରିଣକୁ ଗିଳୁଛି। ଅଜଗରକୁ ଏକ ହାତୀ ମାରିଲା ବେଳେ ତାକୁ ଏକ ସିଂହ ଆକ୍ରମଣ କରୁଛି। ସେହି ସିଂହକୁ ଭଗବାନ୍ ଶିବ ତାଙ୍କର ଶରଭ ଅବତାରରେ ନିପାତ କରିଛନ୍ତି। ତା'ପରେ ଭଗବାନ୍ ନରସିଂହ ଗଣ୍ଡଭେରୁଣ୍ଡ ରୂପ ଧାରଣ କରି ଶରଭଙ୍କୁ ପରାଜିତ କରିଛନ୍ତି।

ଗପଟି ଏହିପରି– ନରସିଂହ ଅବତାରରେ ଭଗବାନ୍ ବିଷ୍ଣୁ ହିରଣ୍ୟକଶିପୁକୁ ବଧ କରିଛନ୍ତି। କିନ୍ତୁ ହିରଣ୍ୟକଶିପୁ ମଲା ପରେ ମଧ୍ୟ ତା' ରକ୍ତକୁ ଚାଖିଥିବା ନରସିଂହ ପୁଣି ଭଗବାନ୍ ବିଷ୍ଣୁଙ୍କ ରୂପକୁ ଫେରିପାରି ନାହାନ୍ତି। ଦେବତାମାନେ ନରସିଂହଙ୍କ ଭୟଙ୍କର ରୂପ ଦେଖି ଭୟଭୀତ ହୋଇ ସାହାଯ୍ୟ ପାଇଁ ଶିବଙ୍କୁ ପ୍ରାର୍ଥନା କରିଛନ୍ତି। ନରସିଂହଙ୍କୁ ଶାନ୍ତ କରିବା ପାଇଁ ଶିବ ଶରଭ ରୂପ ଧାରଣ କରିଛନ୍ତି, ଯିଏ କି ମଣିଷ, ସିଂହ ଓ ପକ୍ଷୀର ଏକ ମିଶ୍ରିତ ରୂପ। ଏହାପରେ ନରସିଂହ ଗଣ୍ଡଭେରୁଣ୍ଡ ରୂପ ଧାରଣ କରିଛନ୍ତି, ଯାହାଙ୍କର ଦୁଇଟି ମୁଣ୍ଡ, ଭୟଙ୍କର ଦାନ୍ତ, କଳାରଙ୍ଗ ଓ ବିଶାଳ ଡେଣା। ତା'ପରେ ସେ ଶରଭଙ୍କ ସହ ଅଠର ଦିନ ଯୁଦ୍ଧ କରି ତାଙ୍କୁ ମାରିଦେଇଛନ୍ତି ଏବଂ ଶକ୍ତିର ଭୟଙ୍କର ବିସ୍ଫୋରଣରେ ନିଜେ ମୃତ୍ୟୁବରଣ କରିଛନ୍ତି।

୧୫୧୦ ଖ୍ରୀଷ୍ଟାବ୍ଦରେ ବିଜୟନଗର ରାଜ୍ୟ ଗଣ୍ଡଭେରୁଣ୍ଡକୁ ନିଜର ପ୍ରତୀକ ଭାବେ ଗ୍ରହଣ କରିଥିବା ବେଳେ ୫୦୦ ବର୍ଷ ତଳେ ମହୀଶୂରର ରାଜାମାନେ ମଧ୍ୟ ଏହାକୁ ନିଜର ରାଜକୀୟ ପ୍ରତୀକ ଭାବେ ଗ୍ରହଣ କରିଛନ୍ତି। ରାଜା ଅଚ୍ୟୁତ ଦେବରାୟଙ୍କ ଶାସନ ସମୟରେ ମୁଦ୍ରାରେ ଗଣ୍ଡଭେରୁଣ୍ଡକୁ ସ୍ଥାନ ଦିଆଯାଇଛି। ଦକ୍ଷିଣ ଭାରତର ବିଭିନ୍ନ ମନ୍ଦିରରେ ଗଣ୍ଡଭେରୁଣ୍ଡର ଚିତ୍ର ଓ ମୂର୍ତ୍ତି ଦେଖିବାକୁ ମିଳୁଥିବା ବେଳେ ଏହା ଏବେ ବି କର୍ଣ୍ଣାଟକ ରାଜ୍ୟର ସରକାରୀ ସଙ୍କେତ ହୋଇ ରହିଛି।

ବୈଦିକ ଯୁଗର ହୋମା ପକ୍ଷୀ ଆକାଶରେ ଅଣ୍ଡା ଦିଏ। ଅଣ୍ଡା ତଳକୁ ଖସି ମାଟିରେ ପଡ଼ିବା ପୂର୍ବରୁ ସେଥିରୁ ଛୁଆ ଫୁଟି ଆକାଶକୁ ଉଡ଼ିଯାଏ, ତା' ମାଆ ପାଖକୁ। ସେମାନେ କେବେ ମାଟି ସ୍ପର୍ଶ କରନ୍ତି ନାହିଁ। ପାରସ୍ୟ, ତୁର୍କୀ ଓ ସୁଫି କବିମାନେ ଏହାକୁ ଏକ ସ୍ୱର୍ଗୀୟ ପକ୍ଷୀଭାବେ ବର୍ଣ୍ଣନା କରିଛନ୍ତି। ବୈଦିକ ସାହିତ୍ୟରେ ଏପରି ପକ୍ଷୀଙ୍କ ବର୍ଣ୍ଣନା ଅଛି, ଯେଉଁମାନେ ପର୍ବତ ଉପରୁ ସ୍ୱର୍ଗୀୟ ସୋମଲତାକୁ ପୃଥିବୀକୁ ଆଣିଥିଲେ। ତେଣୁ ସେମାନଙ୍କୁ ସୋମପକ୍ଷୀ କୁହାଯାଇଥିବ, ଯାହା ଗ୍ରୀକ୍ ଓ ପାରସ୍ୟ ସାହିତ୍ୟରେ ସ ସ୍ଥାନରେ ହ ହୋଇ ହୋମାପକ୍ଷୀ ହୋଇଯାଇଛି, ଯେପରି ସିନ୍ଧୁ ଶବ୍ଦରୁ ହିନ୍ଦୁ ଶବ୍ଦ ସୃଷ୍ଟି ହୋଇଛି। ପାରସ୍ୟ ପୁରାଣରେ ଅଛି, ଯଦି ଏହି ପକ୍ଷୀ କାହା ମୁଣ୍ଡ ଉପର ଦେଇ ଉଡ଼ିଯାଏ ଓ ତା' ମୁଣ୍ଡ ଉପରେ ପକ୍ଷୀର ଛାଇ ପଡ଼େ, ତେବେ ସେ ଜଣେ ପରାକ୍ରମୀ ରାଜା ବନିଯାଏ। ଏହି ବିଶ୍ୱାସକୁ ନେଇ ମହୀଶୂରର ଟିପୁ ସୁଲତାନ ଛତିରେ ହୋମା ପକ୍ଷୀର ଛବି ଥିବା ଏକ ସୁନାର ସିଂହାସନ ନିର୍ମାଣ କରିଥିଲେ।

ପୌରାଣିକ ହଂସ ପକ୍ଷୀ ହେଉଛି ପବିତ୍ରତା, ବିଶ୍ୱ ସହ ଏକାତ୍ମତା ଓ ଦିବ୍ୟଜ୍ଞାନର ପ୍ରତୀକ। ହଂସକୁ ମଧ୍ୟ ଆର୍ଯ୍ୟାନ୍ନା କୁହାଯାଏ, ଯେଉଁମାନେ ହିମାଳୟର ମାନସରୋବରରେ ବାସ କରନ୍ତି। ସେମାନେ ବର୍ଷାକୁ ଭଲ ପାଆନ୍ତି ନାହିଁ। ତେଣୁ ଯେତେବେଳେ ମାନସରୋବରରେ ବର୍ଷା ହୁଏ, ସେତେବେଳେ ସେମାନେ ଅନ୍ୟ ସ୍ଥାନକୁ ଚାଲିଯାଆନ୍ତି ଏବଂ ଏଠାରେ ବର୍ଷା ହେଲେ ପୁଣି ନିଜ ସ୍ଥାନକୁ ଫେରିଯାଆନ୍ତି। ବାଲ୍ମୀକି ରାମାୟଣ ଅନୁସାରେ ସେମାନେ ହେଉଛନ୍ତି ଋଷି କଶ୍ୟପ ଓ ତାମ୍ରାଙ୍କ କନ୍ୟା ଧୃତରାଷ୍ଟ୍ରୀଙ୍କ ସନ୍ତାନ। ହଂସମାନେ ପ୍ରଥମେ କଳା ଓ ଧଳା ଥିଲେ। କିନ୍ତୁ ସେମାନେ ବରୁଣ ଦେବତାଙ୍କ ବର ପାଇ ପୂରା ଧଳା ହୋଇଗଲେ। ରାବଣ ଦାଉରୁ ରକ୍ଷା ପାଇବା ପାଇଁ ହଂସ ରୂପ ଧାରଣ କରିଥିବା ବରୁଣ ଦେବତା ହଂସକୁ ଏହି ବର ଦେଇଥିଲେ। ଦେବତାମାନେ ଏକଦା ଯଜ୍ଞ କରିବା ପାଇଁ ଏକାଠି ହୋଇଥିଲେ। ତାଙ୍କ ଉପରେ ରାବଣ ଆକ୍ରମଣ କରିବାରୁ ସେମାନେ ବିଭିନ୍ନ ପକ୍ଷୀରୂପ ଧାରଣ କରିଥିଲେ। ହଂସ ମୁକ୍ତା ଖାଏ ଏବଂ ପାଣିରେ କ୍ଷୀର ମିଶା ହୋଇଥିଲେ ସେ ସେଥିରୁ ପାଣିକୁ ଅଲଗା କରି କେବଳ କ୍ଷୀର ପିଇଦେଇପାରେ। ନଳ–ଦମୟନ୍ତୀ କାହାଣୀରେ ହଂସମାନଙ୍କର ବଡ଼ ଭୂମିକା ରହିଛି।

ମହାଭାରତରେ ନବଗୁଞ୍ଜର ନାମକ ଏକ ଅଦ୍ଭୁତ ପ୍ରାଣୀର ବର୍ଣ୍ଣନା ଅଛି, ଯିଏ ନଅ ପ୍ରକାର ପଶୁ–ପକ୍ଷୀଙ୍କ ଅବୟବର ସମାହାର। ତା' ମୁଣ୍ଡଟି ହେଉଛି ଏକ ଗଞ୍ଜାକୁକୁଡ଼ାର ଏବଂ ସେ ତିନି ପାଦରେ ଠିଆ ହୁଏ। ଗୋଟିଏ ଗୋଡ଼ ହାତୀର, ଗୋଟିଏ ବାଘର ଏବଂ ଅନ୍ୟଟି ହରିଣ ବା ଘୋଡ଼ାର। ତା'ର ଚତୁର୍ଥ ଅବୟବଟି ହେଉଛି ମଣିଷର ହାତ, ଯେଉଁଥିରେ ସେ ଏକ ପଦ୍ମଫୁଲ ବା ଚକ୍ର ଧରିଥାଏ। ତା'ର ବେକଟି ହେଉଛି ମୟୂରର, ପିଠି ବା କୁଜଟି ହେଉଛି ଏକ ଷଣ୍ଢର, କଟିଟି ସିଂହର ଏବଂ ଲାଞ୍ଜଟି ଏକ ସାପର। ଓଡ଼ିଶାର ପଟଚିତ୍ରରେ ନବଗୁଞ୍ଜର ଛବି ଦେଖିବାକୁ ମିଳେ। ଏହା ବିଷ୍ଣୁଙ୍କର ଏକ ରୂପ ବୋଲି ବିଶ୍ୱାସ କରାଯାଏ। ଏକଦା ଅର୍ଜୁନ ଏକ ପାହାଡ଼ ଉପରେ ତପସ୍ୟା କରୁଥିବା ବେଳେ ନବଗୁଞ୍ଜର ଆବିର୍ଭୂତ ହେଲେ। ସେ ଏପରି ଅଦ୍ଭୁତ ପ୍ରାଣୀକୁ ଦେଖି ଭୟଭୀତ ହେବା ସହ ମନ୍ତ୍ରମୁଗ୍ଧ ହୋଇଗଲେ। ତାକୁ ମାରିବା ପାଇଁ ଧନୁ ଉଠାଇଲେ। କିନ୍ତୁ ପର ମୁହୂର୍ତ୍ତରେ ଭାବିଲେ ଏପରି ପ୍ରାଣୀ ତ ବାସ୍ତବରେ ସମ୍ଭବ ନୁହେଁ, ଏହା ନିଶ୍ଚୟ ଭଗବାନ୍ କୃଷ୍ଣଙ୍କର ମାୟାବୀ ରୂପ ହୋଇଥିବ। ତେଣୁ ଧନୁକୁ ତଳେ ଥୋଇଦେଇ ନବଗୁଞ୍ଜରରୂପୀ ଭଗବାନ୍‌ଙ୍କୁ ଆଣ୍ଠୁମାଡ଼ି ପ୍ରଣାମ କଲେ।

ଚକୋର ହେଉଛି ଅନ୍ୟ ଏକ ପୌରାଣିକ ପକ୍ଷୀ, ଯିଏ ଚନ୍ଦ୍ରକିରଣ ପାନକରି ବଞ୍ଚେ। ଅମାବାସ୍ୟା ରାତିରେ ଚକୋର ଚନ୍ଦ୍ର ପାଇଁ ଲୁହ ଝରାଇ କାନ୍ଦେ। ମହାଭାରତରେ ଅଛି କୁଚେଳ ଯେତେବେଳେ ଭଗବାନ୍ କୃଷ୍ଣଙ୍କୁ ଭେଟିବାକୁ ଯାଉଥିଲେ ବାଟରେ ଚକୋରକୁ ଦେଖିଲେ। କୃଷ୍ଣଙ୍କୁ ଦେଖାକରି ଫେରିବା ପରେ ସେ ଧନୀ ହୋଇଗଲେ। ଚକୋରକୁ ଦେଖିଲେ ସୌଭାଗ୍ୟ ଉଦୟ ହୋଇଥାଏ ବୋଲି ବିଶ୍ୱାସ ଅଛି। ଭାରତରେ ଚକୋର ଓ ଚନ୍ଦ୍ରକୁ ନେଇ ଅସଂଖ୍ୟ ପ୍ରେମ କବିତା ଲେଖା ହୋଇଛି।

ଚାତକ ହେଉଛି ଆଉ ଏକ ପୌରାଣିକ ପକ୍ଷୀ, ଯିଏ ପୃଥିବୀପୃଷ୍ଠରୁ ପାଣି ପିଏ ନାହିଁ। ସେ କେବଳ ବର୍ଷା ସମୟରେ ଆକାଶରୁ ଝରୁଥିବା ଶୁଦ୍ଧ ନିର୍ମଳ ଜଳ ପାନକରେ। ଏହାର ଏକ କର୍କଶ ସ୍ୱର ରହିଛି। ଚାତକ ମେଘକୁ ଆବାହନ କରି ଆକାଶକୁ ଚାହିଁ ବୋବାଏ। ସେ ଆଶା କରେ ତା'ର ଡାକ ଶୁଣି ବର୍ଷା ହେଲେ ସେ ତୃଷା ନିବାରଣ କରିବ। ଏହା କପୋତଠାରୁ ସାନ ଏକ କଳା/ହଳଦିଆ/ଧଳା ପକ୍ଷୀ, ଯାହାର ଲାଞ୍ଜ ଟିକିଏ ଲମ୍ବା। ଏହାର ମୁଣ୍ଡ ଉପରେ ଥିବା ଲମ୍ବା ଚୂଳ ଏକ ଶରଯୁକ୍ତ ଧନୁ ଆକୃତିର। କବି କାଳିଦାସ ଓ ଆଦି ଶଙ୍କରାଚାର୍ଯ୍ୟ ଏ ପକ୍ଷୀର ବର୍ଣ୍ଣନା କରିଛନ୍ତି। ଚାତକ ଓ ଚକୋର ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରନ୍ତି– ବର୍ଷାଜଳ ଓ ଚନ୍ଦ୍ରକିରଣ। ତେଣୁ ସେମାନେ ଏହି ବାର୍ତ୍ତା ଦିଅନ୍ତି ଯେ ପ୍ରକୃତିର ସୁରକ୍ଷା ଅନିବାର୍ଯ୍ୟ। ଅଳ୍ପ କେତୋଟି ପୌରାଣିକ ପକ୍ଷୀ ବିଷୟରେ ଏଠାରେ ବର୍ଣ୍ଣନା କଲି। ଆପଣ ଏ ବିଷୟରେ ଆପଣଙ୍କ ପିଲାମାନଙ୍କୁ କହିବା ଉଚିତ।

Email: gandhim@nic.in

# କେନ୍ଦ୍ର–ରାଜ୍ୟ ସମ୍ପର୍କ



**ଡ. ସିଦ୍ଧାର୍ଥ କାନୁନ୍‌ଗୋ**

ଭାରତ ସମ୍ବିଧାନର ପ୍ରଥମ ଧାରାରେ ଏ କଥା ସ୍ପଷ୍ଟ ଉଲ୍ଲେଖ ଅଛି 'INDIA THAT IS BHARAT SHALL BE A UNION STATES.' ଆମର ଏ ଉପକ୍ରମଣିକା ଦେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୀର୍ଘଦିନ ବ୍ରିଟିଶ ଶାସନାଧୀନ ହୋଇଥିବା ଏବଂ ପୂର୍ବରୁ ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହୋଇଥିବା ଭାରତ ହେଉଛି ନାନା ଧର୍ମ, ଭାଷା ଓ ଚଳଣିର ଦେଶ। ସମ୍ବିଧାନ ପ୍ରଣେତାମାନେ ଏ କଥା ମର୍ମେ ମର୍ମେ ଅନୁଭବ କରିଥିବେ ଯେ ରାଜ୍ୟଗୁଡ଼ିକର ସଂହତିରେ ଦେଶର ଉନ୍ନତି ସମ୍ଭବ। ତେଣୁ ସେମାନେ ବିଜ୍ଞତାର ସହ ସମ୍ବିଧାନର ପ୍ରଥମ ଧାରାରେ ଉପରଲିଖିତ ବାକ୍ୟକୁ ଖଞ୍ଜିଦେଲେ। ଦେଶ ସ୍ୱାଧୀନ ହେଲା, ବେଶ୍ କିଛିଦିନ ଧରି ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ କେନ୍ଦ୍ରରେ କଂଗ୍ରେସ ସରକାର ଏବଂ ପ୍ରାୟ ସବୁ ରାଜ୍ୟରେ କଂଗ୍ରେସ ସରକାର ଏକସମୟରେ ଗଠିତ ହେଲା।

ଦକ୍ଷିଣର ରାଜ୍ୟଗୁଡ଼ିକ କ୍ରମେ ଅନୁଭବ କଲେ ଯେ, ହିନ୍ଦୀଭାଷୀ ଲୋକେ ସେମାନଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରୁଛନ୍ତି। କଥାଟି କେବଳ ସେତିକିରେ ସୀମାବଦ୍ଧ ରହିଲା ନାହିଁ। ୧୯୫୭ ମସିହାରେ କେରଳରେ ପ୍ରଥମ ଥର ପାଇଁ ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ସରକାର ଗଠିତ ହେଲା। ଅତୀତରେ କମ୍ୟୁନିଷ୍ଟମାନେ ଯେଉଁଠି ଶାସନ କ୍ଷମତାକୁ ଆସିଛନ୍ତି ସେଠି ରକ୍ତାକ୍ତ ବିପ୍ଳବ ହୋଇଛି। ଇତିହାସ ଏହାର ମୂକସାକ୍ଷୀ, ସେ ହୋଇପାରେ ରୁଷିଆ ଅବା ଚାଇନା। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ବିଶ୍ୱରେ ପ୍ରଥମଥର ପାଇଁ ଶାନ୍ତିପୂର୍ଣ୍ଣ ଭାବେ କମ୍ୟୁନିଷ୍ଟ ଦଳ କେରଳରେ କ୍ଷମତାକୁ ଆସିଲା। କେନ୍ଦ୍ରରେ କଂଗ୍ରେସ ସରକାର ଓ ରାଜ୍ୟରେ କମ୍ୟୁନିଷ୍ଟ ସରକାର ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ହେତୁ ପ୍ରଥମଥର ପାଇଁ ସଂଖ୍ୟାଗରିଷ୍ଠତା ଥିବା ସତ୍ତ୍ୱେ ନମ୍ବୁଦ୍ରିପଦ ସରକାରକୁ କେନ୍ଦ୍ର ଇଙ୍ଗିତରେ ବରଖାସ୍ତ କରାଗଲା। କେନ୍ଦ୍ର–ରାଜ୍ୟ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଲା। ଏହା ଭାରତୀୟ ସଂସଦୀୟ ଗଣତନ୍ତ୍ର ଇତିହାସରେ କଳଙ୍କମୟ ଅଧ୍ୟାୟ। କ୍ରମେ ଅନ୍ୟ ରାଜ୍ୟଗୁଡ଼ିକ କେନ୍ଦ୍ରର ବଡ଼ଭାଇପଣିଆକୁ ଅନୁଭବ କଲେ। ଏହାପରେ ଦେଶ ସ୍ୱାଧୀନ ହେବାର ୨୦ ବର୍ଷ ପରେ ତାମିଲନାଡୁରେ ଡିଏମ୍‌କେ ଦଳ ସରକାର ଗଠନ କଲା। ପରେ ଅବଶ୍ୟ ଡିଏମ୍‌କେ ଦଳ ଦୁଇ ଭାଗରେ ବିଭକ୍ତ ହେଲା, ଯଥା ଡିଏମ୍‌କେ ଓ ଆନ୍ନା ଡିଏମ୍‌କେ। ସେବେଠାରୁ ଅଦ୍ୟାବଧି କେତେବେଳେ ଡିଏମ୍‌କେ ଓ ଅନ୍ୟ କେତେବେଳେ ଏଆଇଏଡିଏମ୍‌କେ ଦଳ କ୍ଷମତାକୁ ଆସିଛନ୍ତି ସିନା କଂଗ୍ରେସ ଦଳ ଆଉ ଶାସନ କ୍ଷମତାକୁ ଆସିବା ସମ୍ଭବ ହେଉନାହିଁ।

ଏସବୁ ଘଟଣା ଆଞ୍ଚଳିକବାଦକୁ ପ୍ରୋତ୍ସାହନ ଦେଉଛି। ଅକାଳୀ ଦଳ ହେଉ ବା ଶିବସେନା କିମ୍ବା ତୃଣମୂଳ କଂଗ୍ରେସ ଅଥବା ବିଜୁ ଜନତା ଦଳ ଏସବୁ ରାଜ୍ୟ ପ୍ରତି କେନ୍ଦ୍ରର କ୍ରମାଗତ ଅବହେଳାର ପ୍ରତିବାଦ ସୃଷ୍ଟି ହୋଇଛି। ବର୍ତ୍ତମାନ କେନ୍ଦ୍ରରେ ପ୍ରାୟ ଏକଦଳୀୟ ଶାସନର ଅବସାନ ଘଟିଛି। ମିଳିତ ମନ୍ତ୍ରିମଣ୍ଡଳର ଯୁଗ ଆସିଛି। ଆମର ବ୍ୟକ୍ତିଗତ ମତ ଯେ ମିଳିତ ମନ୍ତ୍ରିମଣ୍ଡଳରେ ଶାସନମୁଖ୍ୟ ବିଭିନ୍ନ ରାଜନୈତିକ ଚିନ୍ତାଧାରାର ଲୋକଙ୍କୁ ଏକାଠି ନେଇ ଚାଲିବା ଏକ କଷ୍ଟସାଧ୍ୟ ବ୍ୟାପାର। ଏ କଥା ଆମକୁ ମନେ ରଖିବାକୁ ହେବ ଯେ ସଂଘୀୟ ବ୍ୟବସ୍ଥାରେ ଏକ ଦୁର୍ବଳ ରାଜ୍ୟ ପ୍ରତି କେନ୍ଦ୍ରର ଦୃଷ୍ଟି ସମ୍ବେଦନଶୀଳ ହେବା ଆବଶ୍ୟକ। କିନ୍ତୁ ବାସ୍ତବରେ ତାହା ହେଉନାହିଁ।

ବର୍ତ୍ତମାନ ଯୋଜନା କମିଶନକୁ ଉଚ୍ଛେଦ କରି ନୀତି ଆୟୋଗ ଗଠିତ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଥିବା ଜାତୀୟ ବିକାଶ ପରିଷଦ (ଏନ୍‌ଡିସି)କୁ ମଧ୍ୟ ଅଚଳ କରିଦିଆଯାଇଛି। ଏହାଦ୍ୱାରା ରାଜ୍ୟର ବିକାଶ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଯୋଜନା କମିଶନ ଥିବାବେଳେ କେନ୍ଦ୍ର ବଜେଟର ଏକତୃତୀୟାଂଶ ଯୋଜନା ପାଣ୍ଠି ବାବଦରେ ବିକାଶ ପାଇଁ ସବୁ ରାଜ୍ୟକୁ ମିଳୁଥିଲା। ଏହି ପାଣ୍ଠିକୁ ସେସବୁ ରାଜ୍ୟ ନିଜ ନିଜ ଇଚ୍ଛା ମୁତାବକ ବିକାଶ କାର୍ଯ୍ୟରେ ବିନିଯୋଗ କରୁଥିଲେ। ବର୍ତ୍ତମାନ ଯୋଜନା କମିଶନ ନାହିଁ କିମ୍ବା ଏନ୍‌ଡିସି ନାହିଁ। ଏହା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଆମର ମନେ ହୁଏ। ଏବେ ନୀତି ଆୟୋଗ କ'ଣ କରୁଛି କାହାକୁ ଜଣାନାହିଁ। ମନେହୁଏ ନୀତି ଆୟୋଗ ପ୍ରଧାନମନ୍ତ୍ରୀଙ୍କ ଅଫିସ୍‌ର ଏକ ଅଂଶ ବିଶେଷ ଭାବେ କାର୍ଯ୍ୟ କରୁଛି। ଏଠାରେ ଗୋଟିଏ ଉଦାହରଣ ଦେଲେ ବୋଧହୁଏ ଆମର କଥାଟି ସ୍ପଷ୍ଟ ହୋଇଯିବ। ବର୍ତ୍ତମାନ ଏନ୍‌ଡିଏ ସରକାର ଅମଳରେ ବେରୋଜଗାରି କିପରି ୪୦ ବର୍ଷର ରେକର୍ଡ ଭାଙ୍ଗିଛି, ତା'ର ସର୍ଭେ କରିଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାକୁ ରିପୋର୍ଟ ପ୍ରକାଶ କରିବାକୁ ସୁଯୋଗ ଦିଆଯାଉନାହିଁ। ନୀତି ଆୟୋଗ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ଆଳକରି ଏହାକୁ ରୋକି ଦିଆଗଲା।

ସର୍ଦ୍ଦାର ପଟେଲ କହିଥିଲେ– 'I KNOW ONE CULTURE I.E. AGRICULTURE.' କୃଷି ହେଉଛି ଆମ ସଭ୍ୟତାର ମୂଳପିଣ୍ଡ। ଆମ ଦେଶର ସଂଖ୍ୟାଧିକ ଲୋକ କୃଷିକୁ ସେମାନଙ୍କ ଜୀବିକା ହିସାବରେ ଗ୍ରହଣ କରିନେଇଛନ୍ତି। ଗ୍ରାମୀଣ ବିକାଶର ମୁଖ୍ୟ ଅଂଶ ହେଉଛନ୍ତି ଚାଷୀ। ଚାଷୀର ଆର୍ଥିକ ମାନଦଣ୍ଡ ସୁଦୃଢ଼ ନ ହେବାଯାଏ ଦେଶର ବିକାଶ ଅସମ୍ଭବ। ଦେଶରେ ୯୦% କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ତେଣୁ ସେମାନେ କିପରି ଉପକୃତ ହେବେ ଏହା ସମସ୍ତେ ଚିନ୍ତା କରିବା ଉଚିତ। କ୍ଷୁଦ୍ର ଓ ନାମମାତ୍ର ଚାଷୀ ତାଙ୍କ ଜମିରେ ଉତ୍ପାଦିତ ଧାନ କେବଳ ତାଙ୍କ ପରିବାର ପାଇଁ ଖର୍ଚ୍ଚ କରିଥାଆନ୍ତି। ତେଣୁ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଲେ ବି ସେସବୁ ଚାଷୀ ବଜାରକୁ ଧାନ ନେବେ ନାହିଁ କିମ୍ବା ବିକିବେ ନାହିଁ। ଏହା ଫଳରେ ସେମାନଙ୍କୁ ଦରବୃଦ୍ଧିର ଲାଭ ମିଳିବ ନାହିଁ। ସେମାନଙ୍କୁ ଋଣଯନ୍ତାରୁ ମୁକୁଳାଇବାକୁ ହେଲେ ସୁଚିନ୍ତିତ ଯୋଜନା କରି ଆର୍ଥିକ ସହାୟତା ପ୍ରଦାନ କରିବା ଅତ୍ୟନ୍ତ ଯୁକ୍ତିଯୁକ୍ତ।

କେନ୍ଦ୍ରରେ ଥିବା ସରକାର ଭୋଟକୁ ଆଖି ଆଗରେ ନ ରଖି ଦେଶର ସବୁ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବା ଉଚିତ। ଏହା ନ ହେଲେ ଆଞ୍ଚଳିକତାବାଦ ମୁଣ୍ଡ ଟେକିବ। କେନ୍ଦ୍ର–ରାଜ୍ୟ ସମ୍ପର୍କରେ ଉନ୍ନତି ଆଣିବାକୁ ହେଲେ ଆତ୍ମଚିନ୍ତନର ଆବଶ୍ୟକତା ଅଛି ବୋଲି ଆମର ମନେହୁଏ।

ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦

## ଏଇ ଭାରତରେ

ମୃତ୍ୟୁକୁ କିଏ ବା ଭୟ ନ କରେ! ପୁଣି ଯମପୁର ବା ମୃତ୍ୟୁର ଦେବତା ଯମଙ୍କ ବିଷୟରେ ଶୁଣିଲେ ଯେ କୌଣସି ବ୍ୟକ୍ତି ଭୟଭୀତ ହେବା ସ୍ୱାଭାବିକ। ମୃତ୍ୟୁ ପରେ ଆତ୍ମା ସ୍ୱର୍ଗ କିମ୍ବା ନର୍କକୁ ଯାଇଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ କୌଣସି ମନ୍ଦିରକୁ ଆତ୍ମା ଯିବା କଥା ଶୁଣିଲେ ଆଶ୍ଚର୍ଯ୍ୟ ଲଗେ। ଏଭଳି ଏକ ମନ୍ଦିର ହିମାଚଳ ପ୍ରଦେଶର ଚମ୍ବାରେ ରହିଛି। ମନ୍ଦିରକୁ କେବଳ ଆତ୍ମା ଯାଇଥାଆନ୍ତି ବୋଲି ଲୋକମୁଖରୁ ଶୁଣାଯାଏ। ରାଜଧାନୀ ଦିଲ୍ଲୀରୁ ୫ଶହ କିଲୋମିଟର ଦୂରରେ ଏହି ମନ୍ଦିର ଅବସ୍ଥିତ। ଏହା ଏକ ସାଧାରଣ ଘର ପରି– ଯମରାଜାଙ୍କ ପାଇଁ ସମର୍ପିତ। ମନ୍ଦିରରେ ଯମରାଜା ରହନ୍ତି ବୋଲି ଲୋକେ ବିଶ୍ୱାସ କରନ୍ତି। ମନ୍ଦିର ଭିତରେ ଆଉ ଗୋଟିଏ ବଖରାରେ ରହନ୍ତି ଚିତ୍ରଗୁପ୍ତ। କୁହାଯାଏ, ଏହି ମନ୍ଦିର ଭିତରେ ୪ଟି ଦ୍ୱାର ଅଛି। ଯମଦୂତମାନେ ଏହି ବାଟ ଦେଇ ଆତ୍ମାକୁ ନିଜ କର୍ମ ଅନୁସାରେ ସ୍ୱର୍ଗ କିମ୍ବା ନର୍କକୁ ନେଇଥାଆନ୍ତି। ତେବେ ଏ ପର୍ଯ୍ୟନ୍ତ ଏହି ମନ୍ଦିର ଭିତରକୁ ଯିବାକୁ କେହି ସାହସ କରିନାହାନ୍ତି। କେବଳ ବାହାରେ ଥାଇ ପ୍ରଣିପାତ ହୋଇ ଚାଲିଯାଆନ୍ତି।

## ଚିରନ୍ତନୀ

ଦନ୍ତ ତା'ର ଯାଏ ତୁଟି, କଣ୍ଠେ ତା'ର ଶୁଖତ୍ୟାଏ ଗାନ
ସୃଜନ ବ୍ୟଥାରେ ତା'ର ଅନ୍ତର ଲଭଇ ମ୍ରିୟମାଣ।
ସକଳ କଳା–ଶିଳିପୀ ପାରେ ଅନୁଭବି
ଚିତ୍ରେ ଯେହ୍ନେ ତୁଳିକାରେ ଛବି।
ରୂପ ଖୋଜି ଅରୂପରେ ପ୍ରାଣ ତା'ର ହୁଏ ନିମଗନ
ଅନ୍ତରେ ବାଜଇ କେତେ ସୃଜନର ନିବିଡ଼ ବେଦନ।
ଉଦେ ହୁଏ କେତେ ଛବି ମାନସପଟରେ
ବିଚାରେ ଲଭିବ ନିକଟରେ।


(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | | | C | 4 | | 8 | | | | |
| | | | | | 9 | | 7 | | | | 0 | | C | |
| 4 | 5 | | D | | | | E | A | | | C | 8 | 9 | |
| | E | C | 8 | | | | 2 | | 3 | 4 | 7 | | | 1 |
| 9 | D | | 6 | | | | | | | | | | | |
| 5 | | | A | | | | | | | 0 | | | | 7 |
| | 7 | | | | E | | A | | | 1 | | C | B | |
| | | | | C | 5 | | | | | 3 | 2 | E | 4 | A |
| | | | | | | | 6 | | | | A | 2 | | 0 |
| | 2 | 9 | | | | | | | 5 | 6 | 4 | | | |
| 3 | 0 | | | | | | | 6 | B | D | 1 | | | |
| | | | | | | 0 | | | | | 8 | | 7 | 3 |
| 2 | | 1 | | D | | B | | | | | | | 6 | E |
| | A | 5 | | | 8 | | | | E | | | | | |
| 6 | 4 | E | | | | | | 5 | | | | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ସତ୍ୟନିଷ୍ଠ ଦର୍ପଣ



**ଡ. ସୁବାସ ଚନ୍ଦ୍ର ପାତ୍ର**

ଦର୍ପଣର ବୈଶିଷ୍ଟ୍ୟ ତା'ର ନିଷ୍ଠା, ସାଧୁତା ଏବଂ ବିଶ୍ୱସ୍ତତା! କୁହାଯାଏ, ଦର୍ପଣ ଭଗବାନଙ୍କ ପରି ନିରପେକ୍ଷ ଓ ବସ୍ତୁନିଷ୍ଠ। ଅତିରଞ୍ଜିତ ଚିତ୍ର ପ୍ରଦାନ କରିବାର ଅକ୍ଷମତା ଏହାର ଧର୍ମ ହୋଇଥିଲା ବେଳେ ଏହି ଧର୍ମ ହିଁ କାହା ଆଖିରୁ ଶ୍ରାବଣର ଧାରା ବୁହାଇ ଦିଏ। ଅତିକ୍ରାନ୍ତ ଯୌବନ ଅବା ଅପହୃତ ସୌନ୍ଦର୍ଯ୍ୟର ପ୍ରତିଫଳନ ଦେଖି କାହା ଆଖିରୁ ଗଡ଼ି ପଡୁଥିବା ଅଶ୍ରୁବିନ୍ଦୁ ହିଁ ଦର୍ପଣର ବିଜୟ ଘୋଷଣା କରେ ଏବଂ ଏହି କଥା କହେ ଯେ ସେ ତା'ର ସ୍ୱଧର୍ମ ପାଳନ କରିଛି, ସତ୍ୟ ହିଁ କହିଛି।

ସତ୍ୟ କିନ୍ତୁ ସହ୍ୟ କରିବା କଷ୍ଟ, ଯାହା ପ୍ରଖ୍ୟାତ ହଲିଉଡ୍ ଅଭିନେତ୍ରୀ ତଥା ବିଖ୍ୟାତ ଆମେରିକୀୟ ନାଟ୍ୟକାର ଆର୍ଥର ମିଲର୍‌ଙ୍କ ପତ୍ନୀ ମେରିଲିନ୍ ମନ୍‌ରୋଙ୍କ ଆତ୍ମହତ୍ୟା ମାଧ୍ୟମରେ ସାଙ୍କେତିକ ଭାବରେ ସାରା ପାଶ୍ଚାତ୍ୟ ଜଗତକୁ ଚହଲେଇ ଦେଇଥିଲା। ନିଜକୁ ଯୌବନ ଓ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଭାବୁଥିବା ଏବଂ ତାଙ୍କ ସମୟର ଯୁବପିଢ଼ିଙ୍କ ହୃତ୍‌କମ୍ପ ସାଜିଥିବା ଏହି ଚିତ୍ରତାରକା ଜଣକ ଦର୍ପଣର ସତ୍ୟକୁ ବରଦାସ୍ତ କରିପାରିଲେ ନାହିଁ। ପ୍ରସାଧନ ପ୍ରାଚୁର୍ଯ୍ୟର ଶିକାର ହୋଇଥିବା ଏହି ମହିଳା ଜଣକ ଆଖିତଳର ଗୋଟିଏ ଦୁଇଟି କୁଞ୍ଚକୁ ନିଜ ଯୌବନ ପ୍ରତି ଆହ୍ୱାନ ବୋଲି ବିଚାର କଲେ ଏବଂ ସମୟକ୍ରମେ ନିଜ ଦକ୍ଷତା ଉପରୁ ବିଶ୍ୱାସ ହରାଇ ନିଦବଟିକା ମାଧ୍ୟମରେ ଆତ୍ମହତ୍ୟାର ପନ୍ଥା ବାଛିନେଲେ। କଥିତ ଅଛି, ମନ୍‌ରୋଙ୍କ ଆତ୍ମହତ୍ୟା ସମଗ୍ର ପାଶ୍ଚାତ୍ୟ ଜଗତର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଉପରେ ଏକ ପ୍ରଶ୍ନବାଚୀ। ୩୬ ବର୍ଷ ବୟସରେ ଆଖିତଳେ ଗୋଟିଏ ଯୋଡ଼ିଏ କୁଞ୍ଚ, କାଁ ଭାଁ ଗୋଟିଏ ଦୁଇଟି ବ୍ରଣର ଚିକିତ୍ସା ଓ ଉପଚାର ଯଦି ଆତ୍ମହତ୍ୟା ହୁଏ, ତେବେ ସେ ପ୍ରକାର ସମାଜର ମୂଳଦୁଆ ଯେ କେତେ ଦୁର୍ବଳ ଏହି ଘଟଣାରୁ ଜଣାପଡ଼େ। ଦୁଃଖର କଥା, ଭାରତବର୍ଷର ନୂତନ ପିଢ଼ିର କେତେ ଯୁବତୀ ପ୍ରସାଧନ ମାଧ୍ୟମରେ ବୟସକୁ ପରାସ୍ତ କରିବାକୁ ଏବଂ ପ୍ରକୃତିର ନିୟମ ବିରୋଧରେ ଯୁଦ୍ଧ ଘୋଷଣା କରିବା ପାଇଁ ଗୋପନରେ ନିଦବଟିକା ବା ଅନ୍ୟାନ୍ୟ ମାନସିକ ସମ୍ବେଦନା ହ୍ରାସକାରୀ ଔଷଧ ଯେ ସେବନ କରୁଛନ୍ତି, ତାହାର ହିସାବ କାହା ପାଖରେ ନାହିଁ।

ଏହି ପ୍ରସାଧନ ସାମଗ୍ରୀକୁ ଘଟଣାର କେନ୍ଦ୍ରବିନ୍ଦୁ କରି ମଝିରେ ଦର୍ପଣକୁ ସାକ୍ଷୀ ରଖି ମା'ଜଣକ ଯେ ନିଜ ଝିଅକୁ ଏମିତି ରାମ୍ପି ପକାଇବେ ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ବହୁତ ଦିନ ତଳର କଥା। ଆମେ ଦୁଇବନ୍ଧୁ ପହଞ୍ଚିଲୁ ଅନ୍ୟ ଜଣେ ବରିଷ୍ଠ ଅଧ୍ୟାପକ ବନ୍ଧୁଙ୍କ ଘରେ। ବନ୍ଧୁ ନ ଥିଲେ। ଘର ଭିତରୁ କିନ୍ତୁ ଶୁଭୁଥିଲା ମା'ଝିଅଙ୍କ କଳି। ମା'ଙ୍କ ସ୍ୱର ଥିଲା ବେଶ୍ ଉଚ୍ଚ। ବନ୍ଧୁ ଜଣକ ମା'ଙ୍କ ସହପାଠୀ ହୋଇଥିବାରୁ ଭିତରକୁ ପ୍ରବେଶ କରି ମା'ଝିଅଙ୍କ ଉଚ୍ଚବାଚର ସମାଧାନ କରିବାକୁ ଚେଷ୍ଟା କରନ୍ତେ ଉତ୍ତର ମିଳିଲା, "ଏ ଝିଅର କିସ ହେଇଚି କେଜାଣି? ଯେତେବେଳେ ଦେଖ ଡ୍ରେସିଂ ମିରର୍ ଆଗରେ ସଜ ହେଉଛି। ମୁହଁରେ ପାଉଡର, କ୍ରିମ୍ ବୋଳୁଛି ତ ନ ହେଲେ ମୁଣ୍ଡ କୁଣ୍ଡାଉଛି। କେତେ ଯେ ଫେସନ ହେଉଚି। କୋଉ ଟୋକାକୁ ଭଲ ପାଇଲାଣି କି କ'ଣ? ଅଥଚ ମୁଁ ଟିକିଏ ବାହାରକୁ ଗଲାବେଳେ ଦେଖେ ନା ଅଛି ପାଉଡର ନା କ୍ରିମ୍।" ବନ୍ଧୁ ଜଣକ ସହପାଠୀସୁଲଭ ସ୍ୱାଧୀନତା ନେଇ କହି ପକାଇଲେ, "ତୁମେ ବୋଧହୁଏ ତୁମ ଝିଅକୁ ଈର୍ଷା କରୁଛ। ମା'ଝିଅ ମିଶି ବଜାରକୁ ଗଲେ ତୁମକୁ ଆଜିକାଲି କେହି ଅନଉ ନାହାନ୍ତି ତ, ସେଇଟା ହେଉଛି ସମସ୍ୟା! ତୁମେ ଅତୀତ, ସେ ବର୍ତ୍ତମାନ। ତା' ଜାଗା ତୁମେ କାହିଁକି ମାଡ଼ି ବସିବାକୁ ଚେଷ୍ଟା କରୁଛ? ଟିକେ ଦର୍ପଣର କଥା ମାନ, ଟିକେ ଆଇନାକୁ ସମ୍ମାନ କର।"

ପ୍ରଖ୍ୟାତ ଇଂରେଜ କବୀ ସିଲ୍‌ଭିଆ ପ୍ଲାଥ୍ ତାଙ୍କ ଅତିପରିଚିତ କବିତା 'ମିରର୍' (ଦର୍ପଣ)ରେ ମଣିଷର ଅସହାୟତା ପ୍ରକାଶ କରିଛନ୍ତି। ଗୋଟିଏ ନିର୍ଜୀବ କାଚଖଣ୍ଡ ହୋଇ ବି ବିନା ଦ୍ୱେଷ, ପ୍ରୀତି, ଆସକ୍ତିର ସହ ସ୍ୱଧର୍ମ ପାଳନ ଅବକାଶରେ ସେ ଯେଉଁ ବିଜ୍ଞତା ପ୍ରଦର୍ଶନ କରେ ସୃଷ୍ଟିର ଶ୍ରେଷ୍ଠ ଜୀବ ହୋଇ ମଧ୍ୟ ମଣିଷ ଆଇନା ଆଗରେ ଖାଲି ଅଜ୍ଞତା ହିଁ ପ୍ରଦର୍ଶନ କରେ, କେତେବେଳେ ଉତ୍‌ଫୁଲ୍ଲ ହୋଇ ତ କେତେବେଳେ ମ୍ରିୟମାଣ ହୋଇ। ମଣିଷ ଦର୍ପଣକୁ ଅନେକ ପ୍ରଶ୍ନର ଉତ୍ତରଖାତା ବା ଆତ୍ମ–ଆବିଷ୍କାରର ଉପତ୍ୟକା ହିସାବରେ ବ୍ୟବହାର କରିପାରନ୍ତା। ସତ୍ୟକୁ ଉପଲବ୍ଧି କରି ତାହାକୁ ଏକ ପ୍ରସାଧନୀୟ ଉପକରଣ ଭାବରେ ଉପଯୋଗ କରିପାରନ୍ତା ଏବଂ ତାକୁ ମନ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତା ନାହିଁ। ଦୁଃଖର କଥା ତାହା କେବେ ଘଟେ ନାହିଁ। ନିର୍ଜୀବର ସଜୀବ ଉପରେ ପ୍ରାଧାନ୍ୟ ବିସ୍ତାର ଚାଲୁରହେ ଏବଂ ସେଇଥିରୁ ରାସ୍ତା ଲମ୍ବେ ନିଦବଟିକା ଆଡ଼କୁ, ନ ହେଲେ ସ୍ଥଳବିଶେଷରେ ଆତ୍ମହତ୍ୟା ପାଖକୁ। ଅବଶ୍ୟ କିଛିଲୋକ ଆତ୍ମ–ପ୍ରତାରଣା ମାଧ୍ୟମରେ ନିଜ ସମସ୍ୟାର ସମାଧାନ କରିନିଅନ୍ତି। ଦର୍ପଣର ବି ବୟସ ହୁଏ ଏବଂ ସେ ବି ଦୁର୍ଘଟଣାଗ୍ରସ୍ତ ହୁଏ। କିନ୍ତୁ ସେହି ବୟସ୍କ ବା ବିଖଣ୍ଡିତ ଦର୍ପଣ ଯଦି ନିଜକୁ ସୁହାଇଲା ଭଳି ପ୍ରତିଫଳନ ପ୍ରଦର୍ଶନ କରୁଛି ମଣିଷ ତାକୁ ଆବୋରି ନିଏ।

ସାହିତ୍ୟ ସମାଲୋଚକମାନେ ସାହିତ୍ୟ ପ୍ରସଙ୍ଗରେ ଦର୍ପଣ ଶବ୍ଦ ବ୍ୟବହାର କରି ସମାଲୋଚନାର ତତ୍ତ୍ୱ ରଖନ୍ତି। ଅନେକ ସମୟରେ କୁହାଯାଏ ସାହିତ୍ୟ ସମାଜର ଦର୍ପଣ। ମୋର ବିଶ୍ୱାସ ଏ ପ୍ରକାର ମନ୍ତବ୍ୟ ସାହିତ୍ୟକୁ କ୍ଷୁଦ୍ର କରିଦିଏ, ତା'ର ଗୁଣବତ୍ତା ଓ ଚିରନ୍ତନତା ପ୍ରଭାବିତ ହେବାର ଆଶଙ୍କା ଉପୁଜେ। ସାହିତ୍ୟ କ'ଣ ଖାଲି ତାତ୍‌କାଳିତାର ପ୍ରକାଶ? ସାହିତ୍ୟିକଟି ଜିଉଥିବା ଜୀବନ ଓ ସମାଜର ଚାରିକାନ୍ଥ ଡେଇଁ ଏକ ଉଚ୍ଚତର ଅଭୀପ୍ସା ଆଡ଼କୁ ପାଠକକୁ କ'ଣ ବାଟ କଢ଼େଇ ନେବନାହିଁ, ଯାହା ଚେତନାର କ୍ରମବିବର୍ତ୍ତନ ଦ୍ୱାରା ସମ୍ଭବ?

ସୌଭାଗ୍ୟର କଥା, ଦର୍ପଣ ବା ଲଣ୍ଠନ ଭଳି ଶବ୍ଦମାନଙ୍କ ମାଧ୍ୟମରେ ବହୁ ପ୍ରଦୂଷିତ ରାଜନୈତିକ ଟୀକାଟିପ୍ପଣୀ ଭିତରକୁ ସାହିତ୍ୟ ପଶିଆସିଛି! ଏବେ ଓଡ଼ିଶାର ରାଜନେତାମାନଙ୍କ ବୟାନବାଜି ଭିତରେ ଏହି ଦୁଇଟି ଶବ୍ଦ ଉପମା ହିସାବରେ ବେଶ୍ ବ୍ୟବହୃତ ହେଉଛି। କିଏ କାହାକୁ କହିଲାଣି, "ବହୁତ ଦିନ କ୍ଷମତାରେ ରହିବା କ୍ରମରେ ସେମାନେ ଦର୍ପଣ (ଆଦର୍ଶ)କୁ ହତ୍ୟା କରିଛନ୍ତି ତେଣୁ ଆମେ ତାଙ୍କୁ ଆଇନା ଦେଖେଇ ସେମାନଙ୍କ ବିଫଳତା ପ୍ରତି ସଚେତନ କରଉଛୁ।" ଦୃଢ଼ ଜବାବ ଦେଇ ପ୍ରତିପକ୍ଷ କହୁଛନ୍ତି, "ଆଗେ ସେମାନେ ଆଇନାରେ ନିଜ ମୁହଁ ଦେଖନ୍ତୁ, ଲୋକଙ୍କୁ ଭୁଆଁ ବୁଲାଇବାକୁ ଆଉ ଦିନରେ ଲଣ୍ଠନ ଦେଖାନ୍ତୁ ନାହିଁ।" ଏମାନେ କ'ଣ ପ୍ରକୃତରେ ଜନହିତୈଷୀ? ଏମାନଙ୍କ ମାନସପଟରେ ସିଲ୍‌ଭିଆଙ୍କ ଦର୍ପଣ ବା ଡାୟୋଜିନିସଙ୍କ ଲଣ୍ଠନ ଅଛି କି? ଆତ୍ମସ୍ୱାର୍ଥସର୍ବସ୍ୱ ଆମ ରାଜନେତାମାନେ କେବେ ଦର୍ପଣରେ ନିଜର, ନିଜ ପିଲାଛୁଆଙ୍କୁ ଛାଡ଼ି ଆଉ କାହାର ଛବି ଦେଖନ୍ତି? ଡାୟୋଜିନିସ ତ ଦିନରେ ଲଣ୍ଠନ ଧରି ଭଲ ମଣିଷ ଖୋଜୁଥିଲେ, ଆଜିର ରାଜନେତାମାନେ ବିନା ଲଣ୍ଠନରେ କେବେ ଭଲ ମଣିଷ ଖୋଜିଛନ୍ତି ଏକ ନୂତନ ରାଜନୈତିକ ବ୍ୟବସ୍ଥାର ସଂସ୍ଥାପନ ପାଇଁ?

ଦର୍ପଣ ମହାଭାରତର ବିଦୁର ପରି। ଉଭୟେ ଅପ୍ରିୟ ସତ୍ୟ ହିଁ କହନ୍ତି। ଥରେ କଠୋର ସତ୍ୟ ସହ୍ୟ କରିବାର ଶକ୍ତି ଜାଗ୍ରତ ହେଲେ ମଣିଷକୁ ନିଦବଟିକା ଖୋଜିବାକୁ ପଡ଼ିବନି ବରଂ ସେ କ୍ଷୁଦ୍ର ବାସ୍ତବତାକୁ ଅପ୍ରାସଙ୍ଗିକ ମଣି ବୃହତ୍ତର ଓ ମହତ୍ତର ବାସ୍ତବତା ଆଡ଼କୁ ଅଗ୍ରସର ହେବ।

ବାଲେଶ୍ୱର, ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତା ପ୍ରଚାରରେ

ମହାଶୟ,

ସରକାର ଦେଶରେ ଜଳ ଓ ବିଦ୍ୟୁତ୍ ସଂରକ୍ଷଣ ପାଇଁ ଲୋକମାନଙ୍କୁ ସଚେତନ କରାଉଛନ୍ତି। କିନ୍ତୁ ସହରର ଅଧିକାଂଶ ସ୍ଥାନରେ ପାନୀୟ ଜଳ ତଳେ ପଡି ବୋହିଯାଉଥିଲେ ମଧ୍ୟ ସରକାରୀ ବାବୁମାନଙ୍କର ସେଥିପ୍ରତି ନିଘା ନାହିଁ। ସେହିପରି ସହରର ବତିଖୁଣ୍ଟରେ ଚବିଶ ଘଣ୍ଟା ବତି ଜଳୁଥିଲେ ମଧ୍ୟ ଦେଖିବାକୁ କେହି ନାହାଁନ୍ତି। 'ସରକାର କା ମାଲ୍ ଦରିଆ ମେ ଡାଲ୍' ନ୍ୟାୟରେ ସମସ୍ତେ ଉଦାସୀନ। ସରକାରୀ ବାବୁମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଏପିଏଲ୍ କାର୍ଡ ମିଳୁ

ସରକାରୀ କର୍ମଚାରୀ, ଧନୀ ଚାଷୀ ଓ ବ୍ୟବସାୟୀଙ୍କୁ ଏପିଏଲ କାର୍ଡ ଯୋଗାଇ ଦିଆଯାଉ। ପୂର୍ବରୁ ଏହି ଶ୍ରେଣୀର ଲୋକଙ୍କୁ ଉଦ୍ଦିଷ୍ଟ ମୂଲ୍ୟରେ ଗହମ ଓ କିରୋସିନ ଯୋଗାଇ ଦିଆଯାଉଥିଲା। ଖୋଲା ବଜାରରେ କିରୋସିନ ବିକ୍ରିର ବ୍ୟବସ୍ଥା ନ ଥିବାରୁ ଏମାନେ ବାଧହୋଇ ରାଶନ କାର୍ଡଧାରୀଙ୍କଠାରୁ ୧ ଟଙ୍କିଆ ଗହମକୁ ୧୫ରୁ ୨୦ ଟଙ୍କାରେ ଓ କିରୋସିନ ଲିଟରକୁ ୪୦ରୁ ୬୦ ଟଙ୍କା ଦେଇ କିଣୁଛନ୍ତି। ସରକାର ସର୍ଭେ ମାଧ୍ୟମରେ ଏପରି ବର୍ଗଙ୍କୁ ଚିହ୍ନଟ କରି ଏପିଏଲ୍ କାର୍ଡ ଯୋଗାଇବା ପୂର୍ବକ ଡିଲରମାନଙ୍କ ଜରିଆରେ ଗହମ ଓ କିରୋସିନ ଯୋଗାଇଦେଲେ ରାଜ୍ୟର ଏପିଏଲ୍ ବର୍ଗ ଉପକୃତ ହୋଇପାରିବେ।

ରମେଶ ଦତ୍ତ, କଲ୍ୟାଣୀନଗର, ଭଦ୍ରକଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୭ ମାର୍ଚ୍ଚ ୧୯୯୪**

- ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ମୁଖ୍ୟ ଆଇନ ପରାମର୍ଶଦାତା ବର୍ଣ୍ଣାଡ ନୁସବାଉମ୍‌ଙ୍କ ଇସ୍ତଫା।
- ଦକ୍ଷିଣଆଫ୍ରିକାରଡରବାନସହରରେହିଂସାକାଣ୍ଡଘଟି୧୧ନିହତ।
- ୟୁନିସେଫ ଆଫଗାନିସ୍ତାନ ମୁଖ୍ୟ ସାମି ସାକିନଙ୍କୁ କାବୁଲରେ ଅପହରଣ।

Government of India

# ଏବେ ଅସମ୍ଭବ ହୋଇଛି ସମ୍ଭବ



## ମାଗଣା ସ୍ୱାସ୍ଥ୍ୟରକ୍ଷା ଏବେ ନେଇଛି ବାସ୍ତବ ରୂପ

**ଆୟୁଷ୍ମାନ ଭାରତ** ଯୋଜନାରେ 50 କୋଟି ଲୋକଙ୍କ ମାଗଣା ଚିକିତ୍ସା

ବର୍ଷକୁ ପ୍ରତି ପରିବାର ପିଛା **5 ଲକ୍ଷ ଟଙ୍କାର** ମାଗଣା ଚିକିତ୍ସା ସୁବିଧା

**ସବୁ ସରକାରୀ ଓ ସରକାର** ସ୍ୱୀକୃତ ହସ୍ପିଟାଲରେ ଚିକିତ୍ସା ସୁବିଧା

## ଛୋଟ ସହରର ଏବେ ବିରାଟ ପରିବର୍ତ୍ତନ

ଉଡାନ ଯୋଜନା ଅଧୀନରେ ଏବେ ସାଧାରଣ ଲୋକ ମଧ୍ୟ ବିମାନ ଯାତ୍ରା କରିପାରୁଛି

ବାତାନୁକୂଳିତ ଟ୍ରେନ ତୁଳନାରେ ଆଜି ଅଧିକ ଲୋକ ଉଡ଼ାଜାହାଜରେ ଯାତ୍ରା କରୁଛନ୍ତି

2014 ମସିହାରେ 75ଟି ବିମାନଘାଟି ଥିବାବେଳେ ଆଜି ଏ ସଂଖ୍ୟା **100**ରେ ପହଞ୍ଚିଛି

## କୃଷକଙ୍କ ସମସ୍ୟା ସବୁଠୁ ଆଗରେ

ଏକ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାରେ ପ୍ରତି ବର୍ଷ **6 ହଜାର** ଟଙ୍କା ଲେଖାଏଁ ଆର୍ଥିକ ସହାୟତା

ଫସଲର **ନ୍ୟୂନତମ ସହାୟକ** ମୂଲ୍ୟରେ ଦେଢ଼ଗୁଣ ବୃଦ୍ଧି ପାଇଁ ଅଭୂତପୂର୍ବ ନିଷ୍ପତ୍ତି

**ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ** ଯୋଜନାରେ ସମସ୍ତଙ୍କ ପାଇଁ ସେଚ ସୁବିଧା

## ଆର୍ଥିକ ମାନଦଣ୍ଡକୁ ବିଚାରକୁ ନେଇ ସଂରକ୍ଷଣ

ସାଧାରଣ ବର୍ଗର ଲୋକଙ୍କୁ ଆର୍ଥିକ ଭିତ୍ତିଭୂମି ଆଧାରରେ ସଂରକ୍ଷଣ ଦେବା ପାଇଁ **ଅଭୂତପୂର୍ବ ନିଷ୍ପତ୍ତି**

ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାନ ସଂଖ୍ୟା ବୃଦ୍ଧି ଯୋଗୁ ଯୁବଗୋଷ୍ଠୀଙ୍କୁ ଅଧିକ ସୁଯୋଗ

## ମଧ୍ୟବିତ୍ତ ଶ୍ରେଣୀର ଉତ୍‌ଥାନ

**5 ଲକ୍ଷ ଟଙ୍କା** ପର୍ଯ୍ୟନ୍ତ ଆୟକର ରିହାତି

**ଷ୍ଟେଣ୍ଟ ରୋପଣ ଓ ଆଣ୍ଠୁର ଅସ୍ତ୍ରୋପଚାର ଏବେ ଶସ୍ତା**

**ମୁଦ୍ରାସ୍ଫୀତି ଉପରେ ଅଙ୍କୁଶ ଓ ହ୍ରାସ ପାଇଲା ବ୍ୟାଙ୍କ ଋଣ ଉପରେ ସୁଧ**

## ଦେଶର କୋଣ ଅନୁକୋଣରେ ସବୁ ଗାଁ ଓ ଘରକୁ ପ୍ରଥମଥର ପାଇଁ ପହଞ୍ଚିଲା ବିଜୁଳି

ସ୍ୱାଧୀନତା ପରେ ପ୍ରଥମ ଥର **18 ହଜାର** ଗାଁକୁ ପହଞ୍ଚିଲା ବିଜୁଳି

ଅନ୍ଧକାର ମଧ୍ୟରେ ରହୁଥିବା **2.5 କୋଟି** ଲୋକଙ୍କୁ ଆଲୋକର ବ୍ୟବସ୍ଥା

## ପ୍ରତି ଗରିବ ପରିବାରର ଜୀବନମାନରେ ଉନ୍ନତି

**1.5 କୋଟି** ଗରିବ ପରିବାରଙ୍କୁ ମିଳିଲା ନିଜର ଘର

**ଉଜ୍ଜ୍ୱଳା ଯୋଜନା** ଯୋଗୁ 6 କୋଟି ମହିଳାଙ୍କୁ ଧୂଆଁରୁ ମୁକ୍ତି

**ଗରିବ କର୍ମଜୀବୀଙ୍କୁ ଆର୍ଥିକ ନିରାପତ୍ତା ପ୍ରତିଶ୍ରୁତି**

## ବ୍ୟବସାୟୀ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ବ୍ୟବସାୟିକ ପ୍ରୋତ୍ସାହନ

40 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ ଜିଏସଟି ପଞ୍ଜୀକରଣରୁ ମୁକ୍ତ

60 ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାରରେ ଜମାରୁ ପଡ଼ିବ ନାହିଁ ଆୟକର

1.5 କୋଟି ପର୍ଯ୍ୟନ୍ତ ବ୍ୟବସାୟ **'କମ୍ପୋଜିସନ ସ୍କିମ'** ରେ ଅନ୍ତର୍ଭୁକ୍ତ

## ମହିଳାଙ୍କୁ ସମ୍ମାନ ଓ ଅଧିକାର

**ସୁକନ୍ୟା ସମୃଦ୍ଧି** ଯୋଜନାରେ ଝିଅମାନଙ୍କ ଭବିଷ୍ୟତ ଏବେ ସୁରକ୍ଷିତ

**ଉଜ୍ଜ୍ୱଳା ଯୋଜନା** ଯୋଗୁ 6 କୋଟି ମହିଳାଙ୍କୁ ଧୂଆଁରୁ ମୁକ୍ତି

ଗର୍ଭବତୀ ମହିଳାଙ୍କୁ **6 ହଜାର ଟଙ୍କା** ପର୍ଯ୍ୟନ୍ତ ଆର୍ଥିକ ସହାୟତା

**26 ସପ୍ତାହ** ପର୍ଯ୍ୟନ୍ତ ମାତୃତ୍ୱ ଛୁଟି

## ସଶକ୍ତ ଓ ସ୍ୱାଧୀନ ଯୁବଶକ୍ତି

ମୁଦ୍ରା ଯୋଜନା ଅଧୀନରେ 15 କୋଟି ଯୁବକଙ୍କୁ **7 ଲକ୍ଷ କୋଟି** ଟଙ୍କା ଋଣ ପ୍ରଦାନ

ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାନ ସଂଖ୍ୟା ବୃଦ୍ଧି ଯୋଗୁ ଯୁବକଯୁବତୀଙ୍କୁ ଅଧିକ ସୁଯୋଗ

**ଷ୍ଟାର୍ଟ-ଅପ୍ ଇଣ୍ଡିଆ** ଯୋଗୁ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ

## ସ୍ୱଚ୍ଛ ଭାରତ ଏବେ ନେଉଛି ବାସ୍ତବ ରୂପ

ନିର୍ମିତ ହେଲା **10 କୋଟି** ନୂତନ ଶୌଚାଳୟ

**5.5 ଲକ୍ଷରୁ** ଅଧିକ ଗାଁ ବାହାର ମଳତ୍ୟାଗ ମୁକ୍ତ

ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ **ସ୍ୱଚ୍ଛତା** ଯୋଗୁ ଲକ୍ଷ ଲକ୍ଷ ଜୀବନ ବଞ୍ଚାଯାଇପାରୁଛି

## ସବୁଠୁ ଆଗେ ଦେଶ ସୁରକ୍ଷା

ଆତଙ୍କବାଦ ବିରୁଦ୍ଧରେ ଐତିହାସିକ ପଦକ୍ଷେପ: ପ୍ରଥମେ **ସର୍ଜିକାଲ ଷ୍ଟ୍ରାଇକ**, ପରେ **ବାୟୁସେନା** ଆକ୍ରମଣ ଯୋଗୁ ବଢ଼ିଛି ଦେଶ ଆଉ ଯବାନଙ୍କ ମନୋବଳ

**ପ୍ରତିରକ୍ଷା** ବଜେଟରେ ଅଭୂତପୂର୍ବ ବୃଦ୍ଧି

ବହୁଦିନ ଧରି ମିଳୁ ନ ଥିବା **ବୁଲେଟ ପ୍ରୁଫ ଜ୍ୟାକେଟ** ଉପଲବ୍ଧ ହେବାରୁ ସୈନିକଙ୍କ ଜୀବନ ସୁରକ୍ଷା ବୃଦ୍ଧି

ଦୀର୍ଘଦିନ ଧରି ପଡ଼ି ରହିଥିବା ***OROP*** ନିଷ୍ପତ୍ତି ଯୋଗୁ ହଜାର ହଜାର ଭୂତପୂର୍ବ ସୈନିକଙ୍କୁ ଲାଭ



DAVP22201/13/0188/1819

## ସଂକ୍ଷେପରେ

### ଗଛରେ ପିଟିହେଲା ପିକ୍‌ଅପ, ଚାଳକ ମୃତ

**ଚିକିଟି,୬।୩(ଡି.ଏନ.ଏ.):** କେ.ନୂଆଗାଁ ଥାନା ଅନ୍ତର୍ଗତ ମା' ରତ୍ନେଶ୍ୱରୀ ମନ୍ଦିର ନିକଟ ଏକ ଗଛରେ ବୁଧବାର ପୂର୍ବାହ୍ନରେ ପିକ୍‌ଅପ୍ ଭ୍ୟାନ୍ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାରିଙ୍ଗବାଡି ଅଞ୍ଚଳର ବରୁଣସେନ୍ ନାୟକ। ପିକ୍‌ଅପଟି କୁଣ୍ଡା ବୋଝେଇ କରି ଦାରିଙ୍ଗବାଡିରୁ ଭାୟା ଦେଓଖାଲି ଦେଇ ଚିକିଟି ଅଭିମୁଖେ ଆସୁଥିବା ବେଳେ ରତ୍ନେଶ୍ୱରୀ ମନ୍ଦିର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ କେ.ନୂଆଗାଁ ଥାନା ଅଧିକାରୀ ମାଧବନନ୍ଦ ନାୟକ ସେଠାରେ ପହଞ୍ଚି ଗାଡିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏ ନେଇ କେ.ନୂଆଗାଁ ଥାନାରେ ନଂ.୪୨/୧୯ରେ ମାମଲା ରୁଜୁ କରାଯାଇ ଅନୁସନ୍ଧାନ ଚାଲିଛି।

### ଦୁର୍ଘଟଣାରେ ଜଣେ ମୃତ

**ଭଞ୍ଜନଗର,୬।୩(ଡି.ଏନ୍.ଏ.):** ତାରସିଂ ଥାନା ଅନ୍ତର୍ଗତ କରଡାବଣି ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ କାର ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଆହତ ହୋଇଛନ୍ତି। ମୃତକ ହେଲେ ବ୍ରହ୍ମପୁରର ସୂର୍ଯ୍ୟନାରାୟଣ ମିଶ୍ର। ସେ ବ୍ରହ୍ମପୁରର ଏକ ଘରୋଇ କଲେଜର ମାଲିକ ବୋଲି ଜଣାପଡିଛି। ଝରସି ନାୟକ ଓ ଦିବାକର ଗୌଡ ଆହତ ହୋଇଥିଲେ। ସୂର୍ଯ୍ୟନାରାୟଣ କୌଣସି କାମରେ କାର୍‌ରେ ବୌଦ୍ଧ ଯାଇଥିଲେ। ଦଶପଲ୍ଲା ଦେଇ ତାରସିଂ ରାସ୍ତାରେ ଆସୁଥିବାବେଳେ କାର୍‌ଟି ଏକ ଗଛରେ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ୩ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ପୋଲିସ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲା। ସେଠାରେ ଡାକ୍ତର ସୂର୍ଯ୍ୟନାରାୟଣଙ୍କୁ ମୃତ ଘୋଷଣା କରିଥିଲେ।

### ପୃଥକ୍ ଘଟଣାରେ ୨ ଗିରଫ

**ଫିରିଙ୍ଗିଆ, ୬।୩:** ଗୋଚ୍ଛାପଡା ଥାନା ପୋଲିସ ପୃଥକ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ରାଣ୍ଡିବାଲିର ସୁରିଆ ନାଗ ଓ ଗୋଚ୍ଛାପଡାର ରାଜୀବ ଦିଗାଲ। ସୁରିଆ କିଛି ମାସ ତଳେ ଏକ ଦମ୍ପତିଙ୍କୁ ଠେଙ୍ଗାରେ ପିଟିବା ସହ ପଥରରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାରୁ ସେ ଫେରାର ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସୁରିଆଙ୍କୁ ଗିରଫ କରାଯାଇଛି। ସେହିପରି ରାଜୀବ ଦୀର୍ଘଦିନ ହେବ ଚୋରାରେ ମହୁଲି ମଦ ବ୍ୟବସାୟ କରି ଆସୁଥିଲେ। ପୋଲିସ ଚଢ଼ାଉ କରି ୧୮ ଲିଟର ମହୁଲି ଜବତ କରିବା ସହ ୪୦ କି.ଗ୍ରା. ପୋଚ ଜବତ କରି ରାଜୀବଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପଞ୍ଚାୟତିରାଜ ଦିବସ ପାଳିତ

**ଆର.ଉଦୟଗିରି,୬।୩(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକ ପରିସରରେ ମଙ୍ଗଳବାର ବିଡିଓ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିତା ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ନବୀନ ରଇତ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାଦ୍ ଦିଆଯାଇଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ମହଲରେ ସ୍ଥାନୀୟ ବ୍ଲକ ପ୍ରଶାସନର କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି।

## ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତର ମରୁଡ଼ି, କ୍ୱାକଙ୍କ କବ୍‌ଜାରେ ଗ୍ରାମାଞ୍ଚଳ

**ବିଭୁ ପ୍ରସାଦ ପଟ୍ଟନାୟକ**
**ଜଗନ୍ନାଥପ୍ରସାଦ,୬।୩(ଡି.ଏନ.ଏ.)**

**ଖୁବଶୀଘ୍ର ଡ଼ାକ୍ତର ପଦବୀ ପୂରଣ କରାଯିବ : ସିଡିଏମ୍‌ଓ**


ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦରେ ଥିବା ୪ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ନ ଥିବା ବେଳେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ଡ଼ାକ୍ତରଙ୍କୁ ଦାୟିତ୍ୱ ଦେଇ ଚୁପ୍ ବସିଛି ଜିଲା ସ୍ୱାସ୍ଥ୍ୟ ବିଭାଗ। ଅଞ୍ଚଳର ସମସ୍ତ ନେତାମାନେ ଅନେକ ଥର ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ମରୁଡ଼ି ଯୋଗୁ ଅଞ୍ଚଳବାସୀ କିଭଳି ହଇରାଣ ହେଉଛନ୍ତି ସେନେଇ ଅବଗତ କରାଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଜନସାଧାରଣ ରାସ୍ତାରୋକୋ କିମ୍ବା ମେଡିକାଲ ସମ୍ମୁଖରେ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେବା ବେଳେ ଖବର ପାଇ ପ୍ରଶାସନ ଡେପୁଟେଶନରେ ଜଣେ ଡ଼ାକ୍ତରଙ୍କୁ ଦିନକ ପାଇଁ ଏଠାକୁ ପଠାଇ ଦେଇ ନୀରବ ହୋଇଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ମେଡିକାଲ ଇନ୍‌ଚାର୍ଜ, ସର୍ଜନ ପଦବୀ ୩ ରୁ ୪ ବର୍ଷ ହେଲା ଖାଲି ପଡ଼ିଛି। ଜଣେ ଡ଼ାକ୍ତର ଅଶୋକ କୁମାର ସାବତ ରୋଗୀସେବା କରୁଥିବା ଦେଖିବାକୁ ମିଳୁଛି।

ଡ଼ାକ୍ତର ସାବତ ଛୁଟିରେ ରହିଲେ ରୋଗୀସେବା ଫାର୍ମାସିଷ୍ଟ ଚିତ୍ରସେନ ନାୟକ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଭାବ ଯୋଗୁ ବର୍ତ୍ତମାନ ଅଞ୍ଚଳରେ କ୍ୱାକମାନଙ୍କ ଚାହିଦା ବହୁତ ବଢ଼ୁଥିବା ଦୃଷ୍ଟିକୁ ଆସୁଛି। ଏହି ବ୍ଲକ ଆଦିବାସୀ ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ କ୍ୱାକମାନେ ନିଜକୁ ଡ଼ାକ୍ତର ପରିଚୟ ଦେଇ ଲୋକଙ୍କୁ ଚିକିତ୍ସା କରି ଠକୁଛନ୍ତି। ଏହି କ୍ୱାକମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ରୋଗୀମାନେ ବହୁ ହଇରାଣ ହେବା ସହ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁମୁଖକୁ ଠେଲି ହୋଇଯାଉଛନ୍ତି। ପ୍ରଶାସନ ସମ୍ପୃକ୍ତ କ୍ୱାକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜନସାଧାରଣ କିପରି ସ୍ୱାସ୍ଥ୍ୟସେବା ନିଜ ଗ୍ରାମରେ ପାଇବେ ସେଥିପାଇଁ ଆଶାକର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ କ୍ୱାକମାନଙ୍କ କ୍ଷେତ୍ରରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ସେମାନେ ଖୋଲାଖୋଲି ଗାଁ ଗାଁ ବୁଲି ରୋଗୀ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ଏମାନେ ଅତି ଚତୁରତାର ସହ ଲୋକଙ୍କୁ ଭୁଆଁ ବୁଲାଇ ମୋଟା ଅଙ୍କର ରୋଜଗାର ପାଇଁ ବିଭିନ୍ନ ଅନୁଷ୍ଠାନରୁ ଯୋଗ୍ୟତା ପ୍ରମାଣପତ୍ର ଯୋଗାଡ଼ କରି ଡ଼ାକ୍ତର ପରିଚୟ ଦେଇ ଘରୋଇ ଚିକିତ୍ସାଳୟ ଖୋଲି ଚିକିତ୍ସା କରୁଛନ୍ତି। ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଅଭାବ ପୂରଣ ସହ ତୁରନ୍ତ କ୍ୱାକ୍ ଚିକିତ୍ସା ବନ୍ଦ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସା ବିଭାଗ ଅଧିକାରୀ ଡ଼ା. ବିଜୟ କୁମାର ପାଣିଗ୍ରାହୀ ଖୁବଶୀଘ୍ର ଜଗନ୍ନାଥପ୍ରସାଦ ସିଏଚ୍‌ସିରେ ଡ଼ାକ୍ତର ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ ନିଜେ ହସ୍ପିଟାଲ ପରିଦର୍ଶନରେ ଆସି ସମସ୍ୟା ବିଷୟରେ ବୁଝିବେ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ଏତେ**
**ମୁଦି ନାହିଁ ଗୋଡ଼ କଚାଡୁ କେତେ**
**ପିତଳ ଗୁଣାକୁ ନାକ ଟାଉଁ ଟାଉଁ।**
**ସୁନା ଗୁଣା ଥିଲେ ହୁଅନ୍ତା କେତେ ?**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡି ହେବାରେ ତଥା ସୁନା ବଦଳରେ ସାମାନ୍ୟ ପିତଳ ଗୁଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭା ପାଇ ନ ଥାଏ। ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଅଛି ଗାଲରେ ହାତ।**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚ ଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥାନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ରାଜେନ୍ଦ୍ର ଭଞ୍ଜନଗର ବ୍ଲକ ବିଜେଡି ସଭାପତି

**ଭଞ୍ଜନଗର,୬।୩(ଡି.ଏନ.ଏ.)**


ଏମ୍.ତାଜ୍ ଆଦେନୀ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର ନିକଟ ବାଉଁଶଲୁଣ୍ଡି ବିଜୁ ସ୍ମୃତି ସଂସଦ ଭବନରେ ମଙ୍ଗଳବାର ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ନବନିଯୁକ୍ତ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଘୁମୁସର ମାଟିର ଗର୍ବ ଓ ଗୌରବ ଥିଲେ। ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସହଯୋଗରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ବିକାଶ କରିଛନ୍ତି। ବିକାଶ ଜାରି ରଖିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ, ଦିବାକର ନାୟକ, ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନିତା କୁମାରୀ ଦଳବେହେରା, ନଗର ମହିଳା ବିଜେଡ଼ି ସଭାନେତ୍ରୀ ସୁଜ୍ଞାନୀ ଗୌଡ଼, ପୂର୍ବତନ ସରପଞ୍ଚ କବିରାଜ ସ୍ୱାଇଁ, ଶୂଳପାଣି ଶତପଥୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ, ସୁଧୀର ରଞ୍ଜନ ବେହେରା, ଶାନ୍ତିଲତା ନାୟକ, ଜଗଦୀଶ ଦଳବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ପ୍ରଥମେ ନୂତନ ବ୍ଲକ ବିଜେଡ଼ି ସଭାପତି ପ୍ରଧାନଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ଲିଙ୍ଗରାଜ ପ୍ରଧାନ, ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଶରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅପରାଧ ସମୀକ୍ଷା ବୈଠକ
## ଅସାମାଜିକଙ୍କ ଉପରେ ନଜର ରଖ

**ଛତ୍ରପୁର,୬।୩(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ଅପରାଧ ସମୀକ୍ଷା ବୈଠକ ବୁଧବାର ଛତ୍ରପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରି ପ୍ରତି ଥାନାୱାରୀ ଅପରାଧ ସମୀକ୍ଷା କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଇନ ଶୃଙ୍ଖଳା ବଜାୟ ରଖିବା, ପୁରୁଣା ଅପରାଧୀଙ୍କ ଗତିବିଧି ଲକ୍ଷ୍ୟ କରିବା, ଅସାମାଜିକ ଓ ଗଣ୍ଡଗୋଳକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପୁରୁଣା ଅପରାଧୀ ଓ ଅସାମାଜିକ ବ୍ୟକ୍ତିଙ୍କୁ ୧୧୦ ଓ ୧୦୭ ଧାରାରେ ନୋଟିସ ଜାରି କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ସମ୍ପର୍କରେ ଠିକ୍ ତଥ୍ୟ ଦେବାକୁ କୁହାଯାଇଛି। ଉକ୍ତ ବୁଥ୍ ଏବଂ ସମ୍ପୃକ୍ତ ଅଞ୍ଚଳ ଉପରେ ନଜର ରଖିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚିଟ୍‌ଫଣ୍ଡ ମାମଲା, ମହିଳା ଓ ଶିଶୁ ଡେସ୍କ, ସ୍ୱୟଂସିଦ୍ଧା ଓ ଆମ ପୋଲିସ, ବରିଷ୍ଠ ନାଗରିକ ସେଲ, ଆଦର୍ଶ ଥାନା, ସଡ଼କ ସୁରକ୍ଷା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଜାଲ ଜାତିଗତ ପ୍ରମାଣପତ୍ର, ଶିଶୁ ଚାଲାଣ ଓ ଶ୍ରମିକ ଚାଲାଣ ରୋକିବା, ପାଟ୍ରୋଲିଂ ନିୟମିତ କରିବା, ମଦ ଓ ଗଞ୍ଜେଇ କାରବାର ଉପରେ ଚଢାଉ କରିବାକୁ ଏସପି କହିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଅମରେଶ ପଣ୍ଡା, ସୀତାରାମ ଶତପଥୀ, ଜିତେନ୍ଦ୍ର କୁମାର ଦେହୁରୀ, ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ସେଠୀ, ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ସମେତ ଥାନା ଆଇଆଇସିମାନେ ଉପସ୍ଥିତ ଥିଲେ।

## ପଥପ୍ରାନ୍ତ ନାଟକରେ ଭୋଟର ସଚେତନତା


ଛାତ୍ରୀଛାତ୍ରମାନେ ପ୍ରଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି।

**ହିଞ୍ଜିଳିକାଟୁ, ୬।୩(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ସ୍ୱୟଂ ଶାସିତ କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଶିକିରି ଗ୍ରାମରେ ରାଲି, ପ୍ରଥପ୍ରାନ୍ତ ସଭା ଓ ନାଟକ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଛି। ବିନା ଭୟ ଓ ବାଧାରେ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଛାତ୍ରୀଛାତ୍ର ଆହ୍ୱାନ ଦେଇଥିଲେ। ୟୁଜିସି ସମ୍ପ୍ରସାରିତ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଦେବପ୍ରିୟା ପରିଡ଼ା ଏହାକୁ ସଂଯୋଜନା କରିଥିଲେ। ଗ୍ରାମ ମୁଖ୍ୟ ଛକରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨ଟି ପଥପ୍ରାନ୍ତ ନାଟକ 'କଳୁଷିତ ରାଜନୀତି' ଓ 'ମୁଁ ନାଗରିକ ହେବି' ପରିବେଷଣ ହୋଇଥିଲା। ଅଧ୍ୟାପକ ମନୋଜ କୁମାର ଡାକୁଆ ପରିଚାଳନାରେ ସହଯୋଗ କରିଥିଲେ। ଚିନ୍ମୟ ପୋଲାଇ, ସଂସ୍କାର ପଟ୍ଟନାୟକ, ରଞ୍ଜିତ ପାଣିଗ୍ରାହୀ, ରୋଜାଲିନ୍ ପାଢ଼ୀ, ଅପର୍ଣ୍ଣା ପାଢ଼ୀ, ଆରତୀ ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ପାଳ ଓ ଟୁଟୁ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ସୋରଡ଼ା,୬।୩(ଡି.ଏନ୍.ଏ.)**


ମଞ୍ଚାସୀନ ଅତିଥିବୃନ୍ଦ।

ସୋରଡ଼ା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ସରାବାଡ଼ି ପଞ୍ଚାୟତର ସନ୍ଧି ଗୁଣ୍ଡିରିବାଡ଼ି ଗ୍ରାମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କୃଷି ବିଭାଗ ପକ୍ଷରୁ କୃଷି ଅଧିକାରୀ ରାଜ କିଶୋର ସ୍ୱାଇଁ, ସବିତା କୁମାରୀ ସୋରେନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକ, ପାଣି ପଞ୍ଚାୟତ ଅଧ୍ୟକ୍ଷ ରାମ ପ୍ରସାଦ ବିଷୋୟୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶୀଲ କୁମାର ପଟ୍ଟନାୟକ, ଜିଲା କୃଷି ଅଧିକାରୀ ସତ୍ୟ ପ୍ରସାଦ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ କୃଷି ଯୋଜନା ଉପରେ ବିଧାୟକ ସ୍ୱାଇଁ କୃଷକଙ୍କୁ ସଚେତନ କରାଇଥିଲେ। କୃଷି ଗ୍ରାମ ସେବକ ଦଣ୍ଡପାଣି ନାହାକ, ସିକନ୍ଦର ମୁଠାମାଝି ପ୍ରମୁଖ ପରିଚାଳନା କରିଥିଲେ।

## ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାଲିଗୁଡ଼ା,୬।୩(ଡି.ଏନ୍.ଏ)**

ବାଲିଗୁଡ଼ା ନୂଆସାହି ୭ନଂ. ୱାର୍ଡର ପିପଳସାହି ଖେଳ ପଡ଼ିଆରେ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ମା' ପାଟଖଣ୍ଡା ଟ୍ରାକ୍ଟର ମାଲିକ ସଂଘ ସଭାପତି ବିଶ୍ୱନାଥ ପାତ୍ର, ସମ୍ମାନିତ ଅତିଥି ଟ୍ରାକ୍ଟର ମାଲିକ ସଂଘ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସ, ବାବୁଲି ବିଶୋଇ ଓ ନୀଳ ବେହେରା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବାଲିଗୁଡ଼ା ବ୍ଲକ୍‌ର ୧୪ ପଞ୍ଚାୟତର ଟିମ୍ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଥିବା ଟୁର୍ଣ୍ଣାମେଣ୍ଟ ଆୟୋଜକ ବରୁଣା ନାୟକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନରେଶ ଦିଗାଳ, ହେମନ୍ତ ନାୟକ ଓ ପିଣ୍ଟୁ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

**ଗଞ୍ଜାମ,୬।୩(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମରେ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ସ୍ଥାନୀୟ ସରପଞ୍ଚ ବନୀତା ଦଳାଇ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଭିତ୍ତିପ୍ରସ୍ତର ବେଳେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା, ରାମଗଡ଼ ସମିତିସଭ୍ୟା ଝିଲି ପଲାଇ ଓ ଅମୂଲ୍ୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ୨୪ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯିବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଝାଟିପଦର, ପୋଡ଼ାଗଡ଼ ଓ ରଘୁନାଥପୁର ଗ୍ରାମବାସୀ ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଛତ୍ରପୁର ବିଧାୟକଙ୍କୁ ୩ ଗ୍ରାମବାସୀଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ କୃତଜ୍ଞତା ଜଣାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

COMMERCIAL PROPERTY AT PRIME LOCATION OF BALASORE FOR SALE:
Location: Beside NH-5 with 240' frontage.
Property type: 2.23 Acre, Kisam GHARABARI
Amenities: 40000 sqft of shed along with 10000 RCC ready to use for warehouse/ factory and office.
Cover: Fully Brick wall covered with fencing.
Water: Borewell
Electrical: 98kw connected load
CONTACT:
6370114355- Mr. D Mishra

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ।
୨% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ୍,୬।୩:** ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ଅଞ୍ଚଳରେ ଏକ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ସୋମବାର ଭାଲୁ ଦାସଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ଏକାଠି ବସିଥିଲେ। ଏହି ସମୟରେ ପଣ୍ଡା ଦାସ ନାମକ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଭାଲୁ ପଥରରେ ପଣ୍ଡାଙ୍କୁ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ପଣ୍ଡାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ଏବଂ ପରେ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ଏନେଇ ପଣ୍ଡାଙ୍କ ପୁଅ ଟାଉନ୍ ଥାନାରେ ଏତଲା ଦେଇଥିଲେ। ବୁଧବାର ଟାଉନ୍ ଥାନା ପୋଲିସ ଭାଲୁଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି ।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ବ୍ରହ୍ମପୁର ଅଫିସ୍,୬।୩:** ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାରେ ବଡ଼ ବଜାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବଡ଼ବଜାର ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକା ଗତ ୩ତାରିଖରେ ନିଖୋଜ ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ବାପା ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା । ମଙ୍ଗଳବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ପୋଲିସ ତାଙ୍କ ବୟାନ ରେକର୍ଡ଼ କରିଥିଲା । ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ଏକ ମାମଲା ରୁଜୁ ହୋଇଥିଲା । ନାବାଳିକାଙ୍କ ବୟାନ ଅନୁଯାୟୀ, ବାଲାଜୀପେଣ୍ଠ ସାହିର ରାଜୀବ ବେହେରା(୨୦)ଙ୍କୁ ପୋଲିସ ଗିରଫ କରିଛି ।

### ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ୍, ଭିଭିପାଟ୍ ସଚେତନତା

**ପାରଳାଖେମୁଣ୍ଡି, ୬।୩(ସ୍ୱ.ପ୍ର.):** ଗଜପତି ଜିଲାର ଭୋଟରମାନଙ୍କୁ ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କରେ ସଚେତନ କରିବା ପାଇଁ ବୁଧବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସବୁଜ ପତାକା ଦେଖାଇ ୧୪ଟି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଜିଲା ନିର୍ବାଚନ ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ କହିଛନ୍ତି, ଗାଁ ଓ ସହରାଞ୍ଚଳରେ ଯେଉଁମାନେ ଇଭିଏମ୍ ସମ୍ପର୍କରେ ଜାଣିନାହାନ୍ତି ସେମାନଙ୍କୁ ଏହି ରଥ ମାଧ୍ୟମରେ ସଚେତନ କରାଯିବ । ଜିଲାର ସମସ୍ତ ୭ଟି ବ୍ଲକରେ ୨୫ଦିନ ପର୍ଯ୍ୟନ୍ତ ୧୪ଟି ରଥ ପରିକ୍ରମା କରିବ। ଏହି ଅବସରରେ ନିର୍ବାଚନ ଅଧିକାରୀ ତଥା ଡେପୁଟି କଲେକ୍ଟର ଅଚ୍ୟୁତାନନ୍ଦ ଜାନୀ, ଭାରପ୍ରାପ୍ତ ତହସିଲଦାର ସୀମାଞ୍ଚଳ ମହାନ୍ତି, ସହକାରୀ ଉପଜିଲାପାଳ ସରୋଜ କୁମାର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ଡେପୁଟି କଲେକ୍ଟର ଜୁବୁଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ଦାବିପତ୍ର

**ଚନ୍ଦାହାଣ୍ଡି,୬।୩(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ଉଚିତ ପାରିଶ୍ରମିକ ଦାବିରେ ବୁଧବାର ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱାବଲମ୍ବୀ କାରିଗରମାନେ ନଳକୂପ ରକ୍ଷଣାବେକ୍ଷଣ ୧୯୮୫ ମସିହାରୁ କରି ଆସୁଥିବା ବେଳେ ମାତ୍ର ୨ ହଜାର ଟଙ୍କା ପାରିଶ୍ରମିକରେ କାମ କରୁଛନ୍ତି। ଉପରିସ୍ଥ ଅଧିକାରୀମାନେ ନଳକୂପର ଭିତର କାମ କରିବା ପାଇଁ ମଧ ବାଧ କରୁଛନ୍ତି। ଭିତର କାର୍ଯ୍ୟ କରିବା ପାଇଁ ଜଣେ ସରକାରୀ କର୍ମଚାରୀ ଥିଲେ ମଧ ସ୍ୱାବଲମ୍ବୀ କାରିଗରଙ୍କ ଦ୍ୱାରା କରାଯାଉଛି। ତେଣୁ ସରକାରଙ୍କ ଏହି ଆକ୍ରୋଶମୂଳକ ଚିନ୍ତାଧାରାକୁ ସଂଘ ପକ୍ଷରୁ ବିରୋଧ କରାଯାଇ ୩ ତାରିଖରୁ ନଳକୂପର ଭିତର କାର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯଦି ସରକାର ଆଗାମୀ ଦିନରେ ସେମାନଙ୍କ ଦାବି ପ୍ରତି ବିଚାର ନ କରନ୍ତି ତେବେ ଯେ କୌଣସି ସମୟରେ ପଞ୍ଚାୟତସ୍ତରରୁ ନଳକୂପ ଓ ପାଣି ପମ୍ପ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବସନ୍ତ ମାଝି, ରିଖିରାମ ସାହୁ, ଦେବେନ୍ଦ ଲିମଗୋଛିଆ, ଯଦୁ ମାଝି, ବସନ୍ତ ପୁଜାରୀ, ଉପେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଇଟା ଭାଟିରେ ନିର୍ଯାତିତ ୧୧ ଦାଦନ ଉଦ୍ଧାର

**ଫୁଲବାଣୀ ଅଫିସ, ୬।୩**

ଇଟାଭାଟିରେ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହୋଇଥିବା ବଲାଙ୍ଗୀର ଜିଲାର ୧୧ ଦାଦନ ଶ୍ରମିକଙ୍କୁ ଫୁଲବାଣୀ ପୋଲିସ ଉଦ୍ଧାର କରିଛି । ସେମାନଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରାଯିବା ପରେ ନିଜ ଗ୍ରାମକୁ ପଠାଯିବା ବନ୍ଦୋବସ୍ତ କରାଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଡୁମୁରିପାଲି ଗ୍ରାମର ୪ ପରିବାରର ୧୧ ଜଣଙ୍କୁ ଗଞ୍ଜାମ ଜିଲା ଭଞ୍ଜନଗରର ଜଣେ ଇଟାଭାଟି ମାଲିକ ଡିସେମ୍ବରରୁ କାମ କରାଇବାକୁ ଆଣିଥିଲେ । ଭଞ୍ଜନଗର ନିକଟସ୍ଥ ହାତୀଗଡ଼ଠାରେ ସେମାନଙ୍କୁ ଇଟା ତିଆରି କାମରେ ନିୟୋଜିତ କରିଥିଲେ । ମାଲିକ ପ୍ରତି ପରିବାରକୁ ୫ ହଜାର ଟଙ୍କା ଲେଖାଏ ଅଗ୍ରୀମ ଦେଇଥିଲେ । ପରେ ପରିବାର ପିଛା ସପ୍ତାହକୁ ମାତ୍ର ୫୦୦ ଟଙ୍କା ଦେଉଥିଲେ ବୋଲି ଉଦ୍ଧାର ଶ୍ରମିକମାନେ କହିଛନ୍ତି। ଅନେକ ଦିନ ନିର୍ଯାତିତ ହେବା ପରେ ଶ୍ରମିକମାନେ ମଙ୍ଗଳବାର ସନ୍ଧ୍ୟାରେ କୌଣସି ପ୍ରକାରେ ସେଠାରୁ ଖସି ଆସିଥିଲେ। ଏକ ବେସରକାରୀ ବସରେ ସେମାନେ ବଲାଙ୍ଗୀର ଫେରୁଥିଲେ। ଇଟାଭାଟି ମାଲିକ କୌଣସି ସୂତ୍ରରୁ ଖବରପାଇ ବାଇକରେ କିଛି ସହଯୋଗୀଙ୍କୁ ଧରି ଉକ୍ତ ବସର ପିଛା କରିଥିଲେ। ବସ ଚାଳକ ଏହା ଜାଣିପାରି ବସକୁ ଫୁଲବାଣୀ ଟାଉନ ଥାନା ଆଗରେ ରଖି ଶ୍ରମିକମାନଙ୍କୁ ଓହ୍ଲାଇଥିଲେ। ଟାଉନ ଥାନା ପୋଲିସ ଶ୍ରମିକମାନଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରିଥିଲା। ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରମିକମାନଙ୍କୁ ବଲାଙ୍ଗୀର ଜିଲାକୁ ପଠାଯିବା ବ୍ୟବସ୍ଥା କରାଯାଇଛି ।

# ଲୋକାର୍ପିତ ହେଲା କବିସମ୍ରାଟଙ୍କ ପ୍ରତିମୂର୍ତ୍ତି

**ବ୍ରହ୍ମପୁର ଅଫିସ,୬।୩**



କବିସମ୍ରାଟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ସଚିବ, ଏମ୍‌ପି ଓ ଅନ୍ୟମାନେ ।

ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ବୁଧବାର ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ ସଂସ୍କୃତି ବିଭାଗର ଯୁଗ୍ମସଚିବ ସଙ୍ଘମିତ୍ରା ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଜିଲା ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସନାତନ ନାୟକଙ୍କ ସମେତ ଏସ୍‌କେ ନନ୍ଦ, ବହୁ ବୁଦ୍ଧିଜୀବୀ ଓ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ । ଦୀର୍ଘଦିନରୁ ସହରବାସୀ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଦାବିହୋଇଆସୁଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ୧୫ ଫୁଟ ଉଚ୍ଚତାର କବିସମ୍ରାଟଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । ଆଗାମୀ ଦିନରେ କବିସୂର୍ଯ୍ୟ ବଳଦେବ ରଥଙ୍କ ସହ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏହି ସଂସ୍କୃତି ଭବନ ପରିସରରେ ସ୍ଥାପନ କରାଯିବା ନେଇ ସଚିବ ପାଣିଗ୍ରାହୀ ସୂଚାଇଛନ୍ତି ।

# ଇଭିଏମ୍, ଭିଭିପାଟ୍ ସଚେତନତା ରଥର ଶୁଭାରମ୍ଭ




ଉପଜିଲାପାଳ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୬।୩**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳବାସୀଙ୍କୁ ଚଳିତ ସାଧାରଣ ନିର୍ବାଚନରେ ମତଦାନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍ ଓ ଭିଭିପାଟ୍ ମେଶିନ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ବୁଧବାର ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରୁ ମହାନଗରରେ ପରିକ୍ରମା କରିବାକୁ ଥିବା ୪ ସଚେତନତା ରଥକୁ ଉପଜିଲାପାଳ ଦିଗନ୍ତ ରାଉତରାୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ୪ ରଥ ସହରର ବିଭିନ୍ନ ବୁଥ ଅଞ୍ଚଳକୁ ଯାଇ ସେଠାରେ ଅଞ୍ଚଳବାସୀଙ୍କୁ ଏହି ମେଶିନର ବ୍ୟବହାର ସମ୍ପର୍କରେ ଅବଗତ କରାଇବ । କାର୍ଯ୍ୟକ୍ରମ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ବିଏମ୍‌ସି ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀ, ଆସିଷ୍ଟାଣ୍ଟ କଲେକ୍ଟର ସିଏଚ ମାଲେଶ୍ୱର ପାତ୍ର, ଆଡିସିନାଲ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବଶତ୍ରୁତା : ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

**ଦିଗପହଣ୍ଡି,୬।୩(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଜକରପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଞ୍ଚାନନ ଜେନା ଓ ତାଙ୍କ ସ୍ତ୍ରୀ ସବିତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳ ପ୍ରାୟ ୮ଟାରେ ଗ୍ରାମର ଦିଗା ଡ଼ାକୁଆ ଓ ତାଙ୍କ ସ୍ତ୍ରୀ ବିଷ୍ଣୁ ସେମାନଙ୍କୁ ଆକ୍ରମଣ କରିଥିବା ନେଇ ପଞ୍ଚାନନ ଥାନାରେ ଏତଲା ଦେଇଥିବା କହିଛନ୍ତି। ପୋଲିସ ମାମଲାର ତଦନ୍ତ ଚଳାଇଛି। ଗ୍ରାମର କୋଠଘରେ ତାଲା ପକାଯିବାକୁ ନେଇ ପଞ୍ଚାନନ ପ୍ରତିବାଦ କରିଥିଲେ। ଏନେଇ ସେ ଗ୍ରାମ ମୁଖିଆ ଅର୍ଜୁନ ବିଶୋୟୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନଙ୍କ ସମର୍ଥକ ଦିଗା ଦମ୍ପତିଙ୍କୁ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି ।

# ଅଲୋଡ଼ା ଶିଶୁକୁ ଥଇଥାନ

**ବ୍ରହ୍ମପୁର ଅଫିସ୍,୬।୩**

ଖଲ୍ଲିକୋଟ ପଥରା ଗ୍ରାମରେ ଜଣେ ମହିଳା ଗତ ୨୪ତାରିଖରେ ଏକ ନବଜାତ ଶିଶୁ କନ୍ୟା କୁ ଉଦ୍ଧାର କରିଥିଲେ । ଶିଶୁଟିକୁ ଏକ ଜରିରେ ଗୁଡ଼ାଇ କେହି ଛାଡ଼ି ଦେଇଥିଲେ। ଶିଶୁକୁ ସଙ୍ଗେସଙ୍ଗେ ଖଲ୍ଲିକୋଟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରମାନେ ଚାଇଲ୍ଡ ଲାଇନ୍‌ର ସହାୟତା ଲୋଡ଼ିଥିଲେ। କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ ଏବଂ କୁମାରୀ ପ୍ରଣତି କୋର୍ ମେଡ଼ିକାଲ୍‌ରେ ପହଞ୍ଚି ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟି ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରଙ୍କୁ ଖବର ଦେଇଥିଲେ । ଶିଶୁଟିକୁ ଉଦ୍ଧାର କରିଥିବା ମହିଳା ଜଣକ ନିଃସନ୍ତାନ। ଏଣୁ ସେ ଶିଶୁକୁ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ବହୁ ବୁଝାଶୁଝା କରିବା ପରେ ଶିଶୁକୁ ଛାଡ଼ିଥିଲେ। ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ ଶିଶୁର ଯତ୍ନ ନେଇଥିଲେ। ଶିଶୁଟି ସୁସ୍ଥ ହେବା ପରେ ବୁଧବାର ଚାଇଲ୍ଡ ଲାଇନ୍ ସହାୟତାରେ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ସେଠାରୁ ପୋଷ୍ୟ ସନ୍ତାନ କେନ୍ଦ୍ରକୁ ପଠାଇ ଦିଆଯାଇଛି ।

# ଟର୍ଫ ପିଚ୍ ପାଇଁ ଭୂମିପୂଜା



ଟର୍ଫ ପିଚ୍ ପାଇଁ ଭୂମିପୂଜା ଚାଲିଛି ।

**ବ୍ରହ୍ମପୁର ଅଫିସ୍,୬।୩**

ଖଲ୍ଲିକୋଟ କଲେଜ ପଡ଼ିଆରେ ଟର୍ଫ ପିଚ୍ ତିଆରି କରାଯିବ। ବୁଧବାର ଏହାର ଭୂମିପୂଜା କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପି.କେ. ଶତପଥୀ, କ୍ରୀଡ଼ା ପରିଷଦ ଅଧ୍ୟକ୍ଷ ଦୀପକ ମିଶ୍ର, ଓଡ଼ିଶା କ୍ରିକେଟ ଆସୋସିଏଶନ୍ ପିଚ୍ କ୍ୟୁରେଟର୍ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଲ୍‌ଫା ସ୍ପୋର୍ଟିଂ କ୍ଲବ ତରଫରୁ ୩ଟି ଟର୍ଫ ପିଚ୍ ଏଠାରେ ପ୍ରସ୍ତୁତ କରାଯିବ। ବର୍ତ୍ତମାନ ବ୍ରହ୍ମପୁରର ପ୍ରାୟ ସମସ୍ତ ପଡ଼ିଆରେ ମେଟ୍‌ରେ କ୍ରିକେଟ ଖେଳାଯାଉଛି। ଫଳରେ ରାଜ୍ୟସ୍ତରୀୟ ଅଫିସିଆଲ୍ ମ୍ୟାଚ୍ ଖେଳିବା ବେଳେ ଗଞ୍ଜାମର ଖେଳାଳିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାରଣ ପ୍ରାୟତଃ ସମସ୍ତ ଅଫିସିଆଲ୍ ମ୍ୟାଚ୍ ଟର୍ଫ ପିଚ୍‌ରେ ଖେଳାଯାଇଥାଏ। ବ୍ରହ୍ମପୁରରେ ଟର୍ଫ ପିଚ୍ ପ୍ରସ୍ତୁତ କରିବା ପାଇଁ ଦୀର୍ଘ ଦିନ ହେଲା ଖେଳାଳିମାନେ ଦାବି କରି ଆସୁଥିଲେ। ଟର୍ଫ ପିଚ୍ ତିଆରି ହେବା ପରେ ଏଠାରେ ଖେଳାଳିମାନେ ଅଭ୍ୟାସ କରିବା ସହ ଆଗାମୀ ଦିନରେ ମ୍ୟାଚ୍ ମଧ୍ୟ ଖେଳାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ କୋଚ୍ ଅମିତ ଦାସ, ଖେଳାଳି ଦୀନେଶ ରାଉତ ଓ ସମୀର ସାହୁଙ୍କ ସମେତ ବହୁ ଖେଳାଳି ଉପସ୍ଥିତ ଥିଲେ । ଖୁବ୍ ଶୀଘ୍ର ବକ୍ସ ନେଟ୍ ମଧ୍ୟ ଲଗାଯିବ ବୋଲି କ୍ଲବ ତରଫରୁ କୁହାଯାଇଛି ।

# ଆକ୍ରମଣ ମାମଲାରେ ଦେଢ଼ଶୁର ଗଲେ ଜେଲ

**ଦିଗପହଣ୍ଡି,୬।୩(ଡି.ଏନ.ଏ.)**

ଦିଗପହଣ୍ଡି ନିକଟ ଧୁଳିଆପଡ଼ା ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଦେଢ଼ଶୁର ଇନ୍ଦ୍ର ସାହୁଙ୍କ ଆକ୍ରମଣରେ ଭାଇବୋହୂ ଛାୟା ସାହୁ ଓ ତାଙ୍କ ଝିଅ ଗୀତା ସାହୁ ଗୁରୁତର ହୋଇଛନ୍ତି । ଗାଁ ରାସ୍ତାରେ ଉଭୟ ମାଆ ଓ ଝିଅଙ୍କୁ ଇନ୍ଦ୍ର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଇନ୍ଦ୍ର ସ୍ୱର୍ଗତ ସାଇବ ସାହୁଙ୍କ ଘରକୁ ଆସି ତୁମେ ସବୁ ଆମ ଘର ଲୋକଙ୍କୁ ଗୁଣିଆ କରୁଛ । ତୁମମାନଙ୍କୁ ଜୀବନରେ ମାରିଦେବି କହି ଧମକ ଦେବା ସହ ଅତର୍କିତ ଆକ୍ରମଣ କରିଥିଲେ। ଛାୟା ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୩୯/୧୯ ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ

# ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୬।୩**




ଜଷ୍ଟିସ ଦୀପକ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।

**ନିଜ ମହତ୍ତ୍ୱକୁ ବଜାୟ ରଖନ୍ତୁ ଯୁବପିଢ଼ି: ଜଷ୍ଟିସ ଦୀପକ ମିଶ୍ର**

ଏକବିଂଶ ଶତାବ୍ଦୀରେ ବିଶ୍ୱର ଏକ ମୁଖ୍ୟ ସମସ୍ୟା ହେଉଛି ବାଣିଜ୍ୟ ଓ ମାନବ ଅଧିକାର। ସମୟ ପରିବର୍ତ୍ତନ ଅନୁସାରେ ମନୁଷ୍ୟର ମାନସିକତାରେ ପରିବର୍ତ୍ତନ ଓ ମାନବିକ ଅଧିକାରର ଦିଗ ପରିବର୍ତ୍ତିତ ହେଉଛି। ଏହି ଶତାବ୍ଦୀରେ ମର୍ଯ୍ୟାଦା ମାନବ ଅଧିକାରର ଏକ ପ୍ରମୁଖ ଅଂଶ ପାଲଟିଛି। ଏହି ସମୟରେ ନିଜର ମର୍ଯ୍ୟାଦା ତଥା ମହତ୍ତ୍ୱ ହିଁ ମନୁଷ୍ୟର ପରିଚୟ। ତେଣୁ ଏହାକୁ ସମସ୍ତେ ବଜାୟ ରଖିବା ପ୍ରତ୍ୟେକ ଯୁବପିଢ଼ିଙ୍କ ପ୍ରଧାନ ଦାୟିତ୍ୱ ହେବା ଆବଶ୍ୟକ ବୋଲି ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର କହିଛନ୍ତି ।

ବ୍ରହ୍ମପୁର ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ 'ଏକବିଂଶ ଶତାବ୍ଦୀରେ ମାନବ ଅଧିକାରର ଦିଗ ପରିବର୍ତ୍ତନ' ଶୀର୍ଷକ ଉପରିସ୍ଥ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରକୁ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତା କରିଥିଲେ । ମୁମ୍ବାଇ ଏମ୍‌ଏନ୍‌ଏଲୟୁର ପୂର୍ବତନ କୁଳପତି ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନର ପରିବର୍ତ୍ତିତ ସମାଜ ବରିଷ୍ଠ ନାଗରିକଙ୍କ ମାନବ ଅଧିକାର କିପରି କ୍ଷୁଣ୍ଣ କରୁଛି ସେ ନେଇ ଆଲୋକପାତ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ଭାଗୀରଥି ପାଣିଗ୍ରାହୀ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ଚରଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ପିଭି ଶ୍ରୀନିବାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ୱର୍ଣ୍ଣଜୟନ୍ତୀ ଜାତୀୟ ଆଲୋଚନା ଚକ୍ରର ଶୋଭେନିୟର ଉନ୍ମୋଚିତ ହୋଇଥିଲା । ଅଧ୍ୟାପକ ଡ. ନୀଳାଞ୍ଚଳ ସେଠୀ ଧନ୍ୟବାଦ ଦେଇଥିଲେ ।

राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
(परमाणु ऊर्जा विभाग, भारत सरकार का एक स्वयं शासित संस्थान)
NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050
Phone- 0674-2494013, Fax-0674-2494004, web:- http://www.niser.ac.in

पीएचडी कार्यक्रम–2019 (ग्रीष्मकालीन सत्र) में प्रवेश हेतु सूचना/
Notice for Admission to Ph.D. Programme – 2019 (Summer Session)
विज्ञापन सं./Advt. No: NISER/ACAD/Ph.D/2019-20(1)

एनआईएसईआर भुवनेश्वर में निम्नलिखित स्कूलों में 26 जुलाई, 2019 (शुक्रवार) से शुरू होने वाले पीएचडी कार्यक्रम में प्रवेश के लिए भारतीय नागरिकों से आवेदन आमंत्रित किये जाते हैं।

Applications are invited from Indian citizens for admission to Ph.D Program scheduled to commence from 26th July, 2019 (Friday) in the following schools at NISER Bhubaneswar:

1. जैविक विज्ञान/School of Biological Sciences
2. रसायन विज्ञान/School of Chemical Sciences
3. कम्प्यूटर विज्ञान/School of Computer Sciences
4. मानविकी एवं सामाजिक विज्ञान/School of Humanities & Social Sciences
5. गणितीय विज्ञान/School of Mathematical Sciences
6. भौतिक विज्ञान/School of Physical Sciences

छात्रों से कोई आवेदन/प्रवेश शुल्क नहीं लिया जाएगा। परीक्षा/साक्षात्कार के लिए बुलाये गये उम्मीदवारों को दूसरी स्लीपर कक्षा में आने–जाने का रेलवे किराया प्रदान किया जाएगा।

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

महत्वपूर्ण तिथियाँ/Important dates:
ऑनलाईन आवेदन सक्रिय होने की तिथि/
Online application will be activated on : 02/03/2019
ऑनलाईन आवेदन भरने की अंतिम तिथि/
Last date for filling up online application : 04/04/2019

योग्यता मानदंड, आवेदन प्रक्रिया एवं चयन प्रक्रिया के बारे में विस्तृत जानकारी हेतु कृप्या हमारे वेबसाईट http://www.niser.ac.in देखें।
Kindly refer to our website http://www.niser.ac.in for details regarding eligibility criteria, application procedure and selection procedure.

ह०/– संकाय प्रभारी (शैक्षणिक कार्य)
Sd/- Faculty-In-Charge (Academic Affairs)

# ଉଦ୍ଭିଦ ବିଜ୍ଞାନ, ବାୟୋଟେକ୍ନୋଲୋଜି ବିଭାଗର ଆଲୋଚନା ଚକ୍ର

**ବ୍ରହ୍ମପୁର ଅଫିସ,୬।୩**

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ଓ ବାୟୋଟେକ୍ନୋଲୋଜୀ ବିଭାଗ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । 'ବ୍ୟାକ୍ଟେରିଆର କୋଷ ବିଭାଜନ ଏକ ନୂତନ ଔଷଧ ର ଲକ୍ଷ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପି.କେ. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଇଷ୍ଟିଚ୍ୟୁଟ ଅଫ ସାଇନ୍ସର ବୈଜ୍ଞାନିକ ଡ. ତୁଷାରକାନ୍ତ ବେଉରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବି.କେ. ମହାନ୍ତି ସମ୍ମାନିତ ଅତିଥି ଥିଲେ। କାର୍ଯ୍ୟକ୍ରମର ଉପଦେଷ୍ଟା ଅଧ୍ୟାପକ ଡ. ଗୌତମ ସାବତ, ଡ. ସସ୍ମିତା କୁମାରୀ ବେହେରା, ଡ. ରଶ୍ମିତା ପାଢୀଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ । ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. WAT-RSO-TENDER-2-2019
ସ୍ଥାନ ସହିତ କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ରାୟଗଡ଼ା କ୍ରିଉ ଲବି (CREW LOBBY) ଠାରେ ସିଏମଏସ(CMS) ଡାଟା ଫିଡ଼ିଙ୍ଗ୍ ପାଇଁ ଡାଟାଏଣ୍ଟ୍ରୀ ଅପରେଟର ସେବା ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 18,14,292/-, EMD (ଟଙ୍କାରେ) : 36,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 02 ବର୍ଷ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.03.2019ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ବିଶାଖାପାଟଣା
PR-523/J/18-19

ଉତ୍କଳ ଗ୍ରାମୀଣ ବ୍ୟାଙ୍କ
ଗୌତମୀ ଶାଖା, ଗଞ୍ଜାମ (ଏଥିପୂର୍ବରୁ ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କ)
ସୁନା ନିଲାମ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସୁନା ଋଣଗ୍ରହୀତାଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିମ୍ନରେ ଦର୍ଶିତ ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହାହେଲେ ନିମ୍ନଦର୍ଶିତ ସମ୍ପୃକ୍ତ ଶାଖା ପରିସରଗୁଡ଼ିକରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ସେମାନଙ୍କର ବନ୍ଧକ ଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବେ ନାହିଁ। ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଏଥିପାଇଁ ଟ.୫,୦୦୦ (ପାଞ୍ଚ ହଜାର ଟଙ୍କା) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା କରିବେ। ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତା'ହେଲେ ତାଙ୍କର ଅମାନତ ସ୍ୱରୂପ ଜମା ରଖିଥିବା ଟଙ୍କା ବାଜ୍ୟାପ୍ତ କରାଯିବ। ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନ ହୁଏ, ତାହାହେଲେ କୌଣସି କାରଣ ନ ଦର୍ଶାଇ ସେହି ନିଲାମ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି। ପ୍ରକାଶଥାଉ କି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ସ୍ଥଗିତ ବା ପରିବର୍ତ୍ତନ କରିପାରିବେ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବେ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ।

ନିଲାମ ତାରିଖ: ୨୦।୦୩।୨୦୧୯, ଋଣ ପରିଶୋଧର ଅନ୍ତିମ ତାରିଖ: ୧୯।୦୩।୨୦୧୯

| କ୍ର.ସଂ. | ଋଣ ଆକାଉଣ୍ଟ | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| ୧ | ୮୪୦୨୧୬୮୬୦୦୧ | ନିରୁପମା ସାହୁ, ସ୍ୱା.– ପାଣ୍ଡବ, ଗ୍ରା– ଗୌତମୀ | ୧୫.୨ |
| ୨ | ୮୪୦୧୬୧୦୦୫୮୨ | କୈଳାସ ଚନ୍ଦ୍ର ଜେନା, ପି.– ଗୁଣ୍ଡିଚା, ସିପାହୀ ଆମ୍ବଠା | ୨୧.୨ |
| ୩ | ୮୪୦୧୮୫୪୧୦୭୧ | ଗୋପାଳ କୃଷ୍ଣ ସ୍ୱାଇଁ, ପି.– ଅନନ୍ତରାମ, କଲରାପଦର | ୩୯.୭ |
| ୪ | ୮୪୦୨୪୯୯୩୨୮୯ | ଶ୍ରୀମତୀ ଜାଇଲ ଜେନା, ସ୍ୱା.– ବିଷ୍ଣୁନୁ, ଗ୍ରା– ଗୌତମୀ, | ୫୫.୩ |
| ୫ | ୮୪୦୨୯୯୩୬୬୨୨ | ଅଶୋକ କୁମାର ବିଷୋୟୀ, ପି.– ଶଶିଭୂଷଣ ବିଷୋୟୀ, ଗ୍ରା– ଗୋପାଳପୁର, ପୋ.– ସିଦ୍ଧେଶ୍ୱର | ୧୪.୫ |
| ୬ | ୮୪୦୩୪୦୫୦୬୬୧ | ଅନୀଲ କୁମାର ସ୍ୱାଇଁ, ପି.– ବେଣୁ, କଲରାପଦର | ୧୫.୫ |

ସ୍ୱା./- ଶାଖା ପରିଚାଳକ

## ସଂକ୍ଷେପରେ

### ପୁତୁରାର ଠେଙ୍ଗାମାଡ଼ରେ ମଉସା ମୃତ

#### ଠେଙ୍ଗା ଜବତ, ପୁତୁରା ଗିରଫ

**ରେଙ୍ଗାଲି, ୬।୩ (ଡି.ଏନ୍.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିତାପାଲି ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ମଉସାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିନୋଦ ସୋହେଲା (୫୦)। ସେ ଠେମରାର ମୂଳନିବାସୀ। ଅଭିଯୁକ୍ତ ପୁତୁରା ଜଗନ୍ନାଥ ମାଲିଙ୍କୁ ପୋଲିସ ଗିରଫ କରିଛି। ରେଙ୍ଗାଲି ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ. ୩୭/୧୯) ରୁଜୁ କରି ଠେଙ୍ଗା ଜବତ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ପୋଲିସଠାରୁ ମିଳିଥିବା ତଥ୍ୟ ଅନୁସାରେ, ବିନୋଦ ତାଙ୍କ ସ୍ତ୍ରୀଙ୍କ ଭଉଣୀ ଘର ପିତାପାଲିଠାରେ ରହୁଥିଲେ । ମଝିରେ ମଝିରେ ସେ କାମ କରିବା ପାଇଁ ବାହାରକୁ ଯାଆନ୍ତି। ଦୁଇ ତିନି ଦିନ ହେବ ଫେରିଥିଲେ। ମଙ୍ଗଳବାର ଘରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ ବିନୋଦଙ୍କ ସ୍ତ୍ରୀ ସୁରତି ସୋହେଲା ତାଙ୍କ ନାନି ଦେବକୀ ମାଲି ଏବଂ ଦେବକୀଙ୍କ ସାନ ପୁଅ ଜଗନ୍ନାଥ ଘର ଭିତରେ ଥିଲେ । ଗଣ୍ଡଗୋଳରେ ଉତକ୍ଷିପ୍ତ ହୋଇ ଜଗନ୍ନାଥ ରାଗି ଯାଇଥିଲେ। ଏକ ବାଉଁଶ ଠେଙ୍ଗା ଧରି ସେ ମଉସା ବିନୋଦଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ଗାଁରୁ ପ୍ରାୟ ୧ କି.ମି. ଦୂର ବନ୍ଧ ପାଖରେ ପକାଇ ଦେଇ ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ କିଛି ଲୋକ ବିନୋଦଙ୍କୁ ନିଶ୍ଚଳ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ ।

### ଟ୍ରକ୍ ଧକ୍କା: ହେଲପର ମୃତ

**ରେଙ୍ଗାଲି, ୬।୩ (ଡି.ଏନ୍.ଏ.):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ଶାସନ ଥାନା ଅନ୍ତର୍ଗତ ଶାସନ ବାଇପାସ ବିକାଶ ସ୍କୁଲ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ହେଲପରଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ଜଣାପଡି ନାହିଁ। ବିକାଶ ସ୍କୁଲ ସମ୍ମୁଖରେ ଓଡି ୩୫ ସି- ୨୨୪୩ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିଲା। ହେଲପର ଟ୍ରକର ପଛପଟେ ଯାଞ୍ଚ କରୁଥିଲେ। ଏତିକିବେଳେ ସମ୍ବଲପୁରରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ଓଆର୍ ୧୯ ଏଫ- ୬୫୯୩ ଟ୍ରକ ଛିଡା ହୋଇଥିବା ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ହେଲପର ଚାପି ହୋଇ ଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସରିଲା ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି ବୈଠକ

- ଲବି ପାଇଁ ଦିଲ୍ଲୀରେ ଜମିବ ଆଶାୟୀଙ୍କ ଭିଡ଼
- ହେଲାନାହିଁ ପୁଙ୍ଖାନୁପୁଙ୍ଖ ଆଲୋଚନା
- ଅଡୁଆରେ ପଡ଼ିବେ ହାଇକମାଣ୍ଡ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି(ପିଇସି) ବୈଠକ ବୁଧବାର ଶେଷ ହୋଇଛି। ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଲାଗି ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିବା ପାଇଁ ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି)କୁ ପଠାଯାଇଛି। ହେଲେ କୌତୂହଳର ବିଷୟ ନିର୍ବାଚନମଣ୍ଡଳୀୱାରୀ ଆସିଥିବା ନାଁ ଉପରେ କୌଣସି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇନାହିଁ। ଉପରଠାଉରିଆ ଭାବେ କେତେଜଣ ନେତାଙ୍କୁ ୨ରୁ ୩ ମିନିଟ୍ ଲେଖାଏଁ କହିବାକୁ ସୁଯୋଗ ମିଳିଛି। ପଶ୍ଚିମ ଓଡ଼ିଶାର ଜନୈକ କଂଗ୍ରେସ ନେତାଙ୍କ କହିବାନୁଯାୟୀ, ପରୀକ୍ଷାରେ ମଲ୍ଟିପଲ୍ ଚଏସ ଅପ୍ସନ ଦେବାଭଳି ୧୭୦ ପୃଷ୍ଠାର ଏକ ନଥି ପ୍ରସ୍ତୁତ କରାଯାଇଥିଲା । ଏଥିରେ ସମସ୍ତ ବିଧାନସଭା ଏବଂ ଲୋକ ସଭା ଆସନର ପ୍ରାର୍ଥୀଙ୍କ ନାଁ ରହିଥିଲା । ପିଇସିର ସଦସ୍ୟମାନଙ୍କୁ ନିର୍ବାଚନମଣ୍ଡଳୀୱାରୀ ନିଜ ମନପସନ୍ଦ ପ୍ରାର୍ଥୀ ନାଁରେ ଠିକ୍ ଚିହ୍ନ ମାରିବାକୁ କୁହାଯାଇଥିଲା । ତେଣୁ ପୂର୍ବରୁ କୁହାଯାଇଥିବା ଜିତିବା ସମ୍ଭାବନା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା କଥା କେବଳ ଧର୍ମକୁ ଆଖିଠାର ସଦୃଶ ଥିଲା । ଜିତିବା ସମ୍ଭାବନା ନ ଥିବା ପ୍ରାର୍ଥୀ ଯଦି



ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟି ବୈଠକରେ ଦଳୀୟ ନେତୃବୃନ୍ଦ।

ସଂଖ୍ୟାଧିକ ପିଇସି ସଦସ୍ୟଙ୍କୁ ପ୍ରଭାବିତ କରିଥାନ୍ତି, ତେବେ ଯୋଗ୍ୟ କଂଗ୍ରେସ ପ୍ରାର୍ଥୀ ସେଠାରେ ଦଳୀୟ ଟିକେଟ୍ ପାଇବାରୁ ବଞ୍ଚିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି।

ସେହିପରି କେତେକ ଆସନରେ କୌଣସି ନାଁ ସୁପାରିସ କରାଯାଇନାହିଁ। ପୂର୍ବରୁ କୁହାଯାଇଥିବା ଜିତିବା ସମ୍ଭାବନାକୁ ଏତେଟା ଗୁରୁତ୍ୱ ନ ଦିଆଯାଇ ନିଜସ୍ୱ ଗୋଷ୍ଠୀକୁ ପ୍ରାଧାନ୍ୟ ଦିଆଯାଇଥିବା ଜନୈକ ପିସିସି ସମ୍ପାଦକ କହିଛନ୍ତି। ସିଇସିକୁ ଆସନ ପିଛା ଏକାଧିକ ନାଁ ଯାଇଥିବାରୁ ହାଇକମାଣ୍ଡ ଅଡୁଆରେ ପଡିପାରନ୍ତି। ଲବି ଥିବା ନେତାମାନେ ସିଇସିକୁ ପ୍ରଭାବିତ କରିବା ପାଇଁ ଗୁରୁବାର ଦିଲ୍ଲୀ ଗସ୍ତ କରୁଥିବା ଜଣାପଡିଛି। ମହିଳା, ଯୁବତୀଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କୁହାଯାଇଛି। ହେଲେ ତାହା କେତେ ମାତ୍ରାରେ ପ୍ରତିଫଳିତ ହୋଇଛି, ତାହା ପ୍ରାର୍ଥୀ ତାଲିକା ଘୋଷଣା ପରେ ଜଣାପଡ଼ିବ। ସେହିପରି ମହିଳା କଂଗ୍ରେସ ନେତ୍ରୀ ସୁମିତ୍ରା ଜେନା ଭଦ୍ରକ ବିଧାନସଭା ପାଇଁ ଆଶାୟୀ ଥିଲେ । ହେଲେ ତାଙ୍କ ନାଁ ପ୍ରାଥମିକ ତାଲିକାରେ ନ ଥିଲା । ତେଣୁ ପିଇସି ବୈଠକ ପରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କ ନାଁ ପରବର୍ତ୍ତୀ ସମୟରେ ତାଲିକାଭୁକ୍ତ କରାଯାଇଛି ନା ନାହିଁ, ସେ କଥା ସୁମିତ୍ରା ମଧ୍ୟ ଜାଣିନାହାନ୍ତି।

ହେଲେ କୌଣସି ବରିଷ୍ଠ ନେତୃବୃନ୍ଦ ଏନେଇ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ପ୍ରଭାରୀ ତଥା ଛତିଶଗଡ କ୍ୟାବିନେଟ୍ ମନ୍ତ୍ରୀ ଟି.ଏସ୍. ସିଂଦେଓ କହିଛନ୍ତି ଯେ, ୨୧ ଲୋକ ସଭା ଏବଂ ସମସ୍ତ ବିଧାନସଭା ପାଇଁ ତାଲିକା ପଠାଯାଇଛି। ଏଣିକି କଂଗ୍ରେସ ଅଧ୍ୟକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଟି.ଏସ୍. କହିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ପ୍ରକାଶ ଯେ, ପିଇସି ବୈଠକରେ ମଲ୍ଟିପଲ୍ ଅପ୍ସନ ଦିଆଯିବ ବୋଲି ଧରିତ୍ରୀ ପକ୍ଷରୁ ସର୍ବପ୍ରଥମେ ଗତ ୧୮ ଫେବୃୟାରୀରେ ଏକ ଖବର ପ୍ରକାଶ ପାଇଥିଲା, ଯାହାର ଶୀର୍ଷକ ଥିଲା 'ଆଶାୟୀଙ୍କୁ ଅଡୁଆ ଏକାଧିକ ଚୟନ'। ଏହି ପୂର୍ବାନୁମାନ ଶତପ୍ରତିଶତ ସତ ଥିଲା ବୋଲି ବୁଧବାର ପିଇସି ବୈଠକ ପରେ ସ୍ପଷ୍ଟ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ମୁଖ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ରୁଦ୍ରରାଜୁ, ମୋହନ ଶର୍ମା, ଜଗନ୍ନାଥ ପଟ୍ଟନାୟକ, ଶରତ ପଟ୍ଟନାୟକ, କାହ୍ନୁ ଲେଙ୍କା, ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ହେମାନନ୍ଦ ବିଶ୍ୱାଳ ଏବଂ ଭକ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୮କୁ ପୂରିଲା ୬ ବର୍ଷ

**୨୧ ଲକ୍ଷରୁ ଅଧିକ ରୋଗୀ ପାଇଛନ୍ତି ମାଗଣା ଆମ୍ବୁଲାନ୍ସ ସେବା**

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ମାଗଣା ଆମ୍ବୁଲାନ୍ସ ସେବା ପ୍ରଦାନ କରି ଲୋକଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୧୦୮ ଆମ୍ବୁଲାନ୍ସ ସେବାକୁ ଇତିମଧ୍ୟରେ ପୂରିଛି ୬ବର୍ଷ। ରାଜ୍ୟରେ ୨୦୧୩ ମାର୍ଚ୍ଚରେ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ପରେ ଏହା ୨୧ଲକ୍ଷରୁ ଅଧିକ ରୋଗୀଙ୍କୁ ଜରୁରିକାଳୀନ ଆମ୍ବୁଲାନ୍ସ ସେବା ପ୍ରଦାନ କରିଛି। ରାଜ୍ୟର ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ରୋଗୀମାନେ ଏହାର ସୁବିଧା ପାଇପାରିଛନ୍ତି। ଏହି ଆମ୍ବୁଲାନ୍ସ ସେବା ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶାକୁ ଆଉପାଦେ ଆଗକୁ ନେଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍)ର ମିଶନ ଡାଇରେକ୍ଟର ଶାଳିନୀ ପଣ୍ଡିତ କହିଛନ୍ତି।

ଏନ୍ଏଚ୍ଏମ୍ ଓଡ଼ିଶା ସହବନ୍ଧିତାରେ ଜିକିତ୍ସା ହେଲ୍ଥକେୟାର ଲିଃ. ଦ୍ୱାରା ପରିଚାଳିତ ହେଉଥିବା ୧୦୮ ଆମ୍ବୁଲାନ୍ସର



୧୦୮ ଆମ୍ବୁଲାନ୍ସ ସେବାର ୬ ବର୍ଷ ପୂର୍ତ୍ତି ଉପଲକ୍ଷେ ଏନ୍ଏଚ୍ଏମ୍‌ର ମିଶନ ଡାଇରେକ୍ଟର ଶାଳିନୀ ପଣ୍ଡିତ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ କେକ୍ କାଟୁଛନ୍ତି।

୬ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ଥାନୀୟ ଜିକିତ୍ସା ହେଲ୍ଥକେୟାର କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ଶାଳିନୀ ପଣ୍ଡିତ ଉଦ୍‌ଘାଟନ କରିଥିଲେ। ସଂସ୍ଥାର ଶତାଧିକ କର୍ମଚାରୀ ଓ ସଦସ୍ୟ ଏଥିରେ ଅଂଶଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିକିତ୍ସା ହେଲ୍ଥକେୟାରର ସବ୍ୟସାଚୀ ବିଶ୍ୱାଳ ଜୀବନରକ୍ଷାକାରୀ ଏହି ଆମ୍ବୁଲାନ୍ସ ସେବା ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ଏକ ବୃହତ୍ ପ୍ରଭାବ ପକାଇ ପାରିଥିବା କହିଥିଲେ। ଓଡ଼ିଶାରେ ୪,୨୦,୦୦୦ ଲିଟର ରକ୍ତ ଆବଶ୍ୟକ ଥିବାବେଳେ ରକ୍ତଭଣ୍ଡାର ବିଭିନ୍ନ ଉତ୍ସରୁ ୩,୭୯,୦୦୦ ଲିଟର ରକ୍ତ ସଂଗ୍ରହ କରିପାରିଛି। ଆମେ ଏହି ଉଦ୍ୟମ ଦ୍ୱାରା ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ଏକ ଛୋଟ ସାହାଯ୍ୟ କରିବାର ପ୍ରୟାସ କରୁଛୁ ବୋଲି ସେ କହିଥିଲେ। ସମ୍ପ୍ରତି ଓଡ଼ିଶାର ୩୦ ଜିଲାରେ ୫୧୨ଟି ଆମ୍ବୁଲାନ୍ସ ମାଧ୍ୟମରେ ୧୦୮ ଜରୁରିକାଳୀନ ସେବା ପ୍ରଦାନ କରାଯାଉଛି। ଏହି ସେବା ଦ୍ୱାରା ବିଗତ ୫ବର୍ଷ ଧରି ୨,୧୬୪,୯୧୭ରୁ ଅଧିକ ରୋଗୀ ସୁବିଧା ପାଇଛନ୍ତି।

## ଖଟିରେ ଖଟିରେ

### ସବୁ ଠିକ୍ କହିବେ

ନିର୍ବାଚନ ସମୟ। କଥାବାର୍ତ୍ତା ଠିକ୍ ନ କଲେ ଭାରି ଅଡୁଆ। ନୂଆନୂଆ ରାଜନୀତି କରୁଥିବା ଲୋକଙ୍କ ପାଇଁ କଥା ବହିଯାଉଥିବା ନଦୀ ପରି, ଆଉ ଫେରେନା। ଆଉ ଥରେ ଯଦି ତୁଣ୍ଡ ପାଇଁ ଗଣମାଧ୍ୟମ ହାବୁଡ଼ରେ ପଡ଼ିଗଲ, ତେବେ କଥା ସରିଲା। ଶଙ୍ଖ ଦଳର ନେତ୍ରୀଙ୍କ ପାଟିରୁ ବାହାରିଥିବା କଥାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରବାଦ ପୁରୁଷଙ୍କ ଜୟନ୍ତୀ ପୂର୍ବରୁ ଦଳୀୟ କାର୍ଯ୍ୟକ୍ରମ ଘୋଷଣା କରାଗଲା। ଏହାକୁ ଗଡ଼ଜାତ ମାନ୍ୟବର ଏବଂ ନେତ୍ରୀ ଘୋଷଣା କଲେ। ନେତ୍ରୀଙ୍କୁ ବି କିଛି କହିବାକୁ ସୁଯୋଗ ମିଳିଥିଲା। କହୁକହୁ କହିଦେଲେ- ଯୁବତୀଯୁବକ, ମହିଳାଙ୍କୁ ନେଇ ଦଳୀୟ କାର୍ଯ୍ୟକ୍ରମ କରାଯିବ। ମହିଳା ନେତ୍ରୀ ହୋଇଥିବାରୁ ଏସ୍ଏଚ୍‌ଜିମାନଙ୍କୁ ନେଇ ମଧ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି କହିଦେଲେ। ବେଳା ଭଲ, କେହି ଭିଡିଓ କରିନାହାନ୍ତି, ନ ହେଲେ ଦିନ ସାରା ଟିଭିରେ ବାଜିଥାନ୍ତା। ଏକଥା ଗଡ଼ଜାତିଆ ମାନ୍ୟବର ବି ଜାଣିଲେ। କହିଲେ, ବେଳା ଭଲ ସମସ୍ତଙ୍କ ସାମ୍ନାରେ କହିନାହାନ୍ତି। ନ ହେଲେ ଅଖା ଧୋଉଥା, ଗୁଣ ଗାଉଥା ପରିସ୍ଥିତି ଉପୁଜିଥାନ୍ତା। ମାନ୍ୟବରଙ୍କଠାରୁ ଏପରି କଥା ଶୁଣି ଜଣେ କହିଲେ, ମ୍ୟାଡାମ ନୂଆ କରି ଆସିଛନ୍ତି। ତେଣୁ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ଦଳୀୟ କର୍ମୀ ବୋଲି କହିଦେଲେ। କିଛିଦିନ ରହିବା ପରେ ସବୁ ଠିକ୍ କହିବେ, ଭୁଲଭଟକା କରିବେ ନାହିଁ।

### ବେପାର ସରିଲା

ଭାଇ ଏଠି କେବଳ ରାଜନୀତିବାଲାଙ୍କ ଖଟି ଚାଲିବ। ଅଲଗା କଥା ଯିଏ ହବ, ସିଆଡ଼କୁ ପଳେଇଯାଅ। ଗୋଷ୍ଠୀରେ ଥିବା ବାବୁମାନଙ୍କୁ ଉତ୍ତର ଦେଇ ଜଣେ କହିଲେ, ଭାଇ କ'ଣ ଏମିତି ତୁମର ଅସୁବିଧା ହେଇଯାଉଛି ଯେ, ଆମକୁ ତଡ଼ି ଦଉଛ। କିଛି ହଉନି ଯେ ବାବୁ, ତୁମମାନଙ୍କ ଫାଲ୍‌ତୁ ରାଉରାଉ ଶୁଣିଲେ ଆମକୁ ଚିଡ଼ା ଲାଗୁଛି, ତେଣୁ ଆମ ଉପରେ ଟିକେ ଦୟା କରି ଡିଷ୍ଟାନ୍ସ ମେଣ୍ଟେନ୍ କର। ଦେଖୁଛ ମୁଣ୍ଡଟା ଶୁଖିଲା ଟେନ୍‌ସନ୍‌ରେ ଭର୍ତ୍ତି ହେଇଗଲାଣି। ସେଥିରେ ପୁଣି ତୁମକୁ କିଏ ଏତେ କୈଫିୟତ୍ ଦବ କହିଲ। ଯାଅଯାଅ, ସିଆଡ଼କୁ ପଳେଇଯାଅ। ମାଷ୍ଟର କ୍ୟାଣ୍ଟିନ୍ ପାଖ ଏକ ଚା ଖଟିରେ ଦୁଇଜଣ ବାବୁଙ୍କ କଥାବାର୍ତ୍ତା ଆରମ୍ଭ ନ ହଉଣୁ ଗୋଟେ ଗୋଷ୍ଠୀର ଏମିତି ନିର୍ଦ୍ଦେଶ ଶୁଣି ସବୁ ଅବାକ୍। ଇରେ ହେଇ ହେଲା କ'ଣ କହି ଡଜନେ ଖଣ୍ଡେ ଲୋକ ଭର୍ତ୍ତି ହେଇଗଲେ। ଶେଷରେ ସେଇ ଅବୋଲକରା ଗୋଷ୍ଠୀକୁ କିଛି ଲୋକ ଘେରି ବହେ ଘାଲିଲେ। ହେଲେ କିଛି ଲାଭ ହେଲାନି, କେଇ ସେକେଣ୍ଡ ଭିତରେ ଦୋକାନୀ ତାଙ୍କ ଦୋକାନ ବନ୍ଦ କରିଦେଲେ। କିଛି ନ ବୁଝିପାରି ଜଣେ ବୟସ୍କ ଲୋକ ପଚାରିଲେ, ଇରେ ହେଇ ତୁ କାହିଁ ଦୋକାନଟା ବନ୍ଦ କରିପକେଇଲୁ। ଆଉ କ'ଣ କରିବି କହୁନାହାନ୍ତି ଆଜ୍ଞା, ଆପଣ ସିନା ଆଜି ଆସିବେ ଏ ଗୋଷ୍ଠୀ ପରା ୩ବର୍ଷ ହେଲା ଆସୁଛନ୍ତି। ମୋ ପେଟ ଏ ଗଣ୍ଡାଙ୍କ ହାତରେ। ଏଗୁଡ଼ା ଯଦି ନ ଆସିବେ ତେବେ ମୋ ବେପାର ସରିଲା।

■ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ଚିଠି

# ବିମାନବନ୍ଦରରେ ସୁରକ୍ଷା ଯାଞ୍ଚରୁ ସତସଙ୍ଗ ପ୍ରଧାନ ଆଚାର୍ଯ୍ୟଙ୍କୁ ବାଦ୍ ଦିଆଯାଉ

**ଅଗରତାଲା, ୬।୩**

ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ପୃଥକ ଭାବେ ଚିଠି ଲେଖିଛନ୍ତି। ସାରା ଦେଶରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ଓ ଶିଷ୍ୟମାନଙ୍କ ଭାବାବେଗ ପ୍ରତି ସମ୍ମାନ ଜଣାଇ ସତସଙ୍ଗର ବର୍ତ୍ତମାନ ପ୍ରଧାନ ଆଚାର୍ଯ୍ୟଦେବ ଶ୍ରୀ ଅଶୋକ ଚକ୍ରବର୍ତ୍ତୀ(ଶ୍ରୀଶ୍ରୀଦାଦା)ଙ୍କୁ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ପରି ଦେଶର ସମସ୍ତ ବିମାନବନ୍ଦରରେ ସୁରକ୍ଷା ଯାଞ୍ଚରୁ ନିଷ୍କୃତି ଦେବା ପାଇଁ ସେ ଏଥିରେ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଚିଠିରେ ଲେଖିଛନ୍ତି, ବର୍ତ୍ତମାନ ସାରା ଦେଶରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପାଞ୍ଚକୋଟିରୁ ଊର୍ଦ୍ଧ୍ୱ ଭକ୍ତ ଓ ଶିଷ୍ୟ ଅଛନ୍ତି। ତାଙ୍କର ଉତ୍ତରସୂରୀ ସତସଙ୍ଗର ବର୍ତ୍ତମାନ ପ୍ରଧାନ ଆଚାର୍ଯ୍ୟ ହେଉଛନ୍ତି ୮୬ ବର୍ଷୀୟ ଶ୍ରୀ ଅଶୋକ ଚକ୍ରବର୍ତ୍ତୀ। ସେ ଏବେ ବି ସାରା ଦେଶରେ ପରିଭ୍ରମଣ କରି ଶ୍ରୀଶ୍ରୀଠାକୁରଙ୍କ ବାଣୀ ଓ ଭାବଧାରା ପ୍ରଚାର-ପ୍ରସାରରେ ବ୍ରତୀ ଅଛନ୍ତି। ତେଣୁ ସମଗ୍ର ଦେଶରଭକ୍ତ ଓ ଶିଷ୍ୟଙ୍କ ଭାବାବେଗକୁ ସମ୍ମାନ ଜଣାଇବାକୁ ବିପ୍ଲବ ଦେବ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ବେସାମରିକ ବିମାନଚଳାଚଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଦୁଇତୃତୀୟାଂଶ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ନାହିଁ

- ଋଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରୁନାହାନ୍ତି ବ୍ୟାଙ୍କ
- ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଉଦ୍‌ବେଗ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ରାଜ୍ୟର ଦୁଇତୃତୀୟାଂଶ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନ ଥିବାରୁ ଲୋକମାନେ ବ୍ୟାଙ୍କ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ନ ଥିବା ଗ୍ରାମ ପଞ୍ଚାୟତ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳଗୁଡିକରେ ଅଧିକରୁ ଅଧିକ ସ୍ଥାୟୀ ବ୍ୟାଙ୍କ ଖୋଲିବାକୁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାର କୋଟିଆ, ମାଲକାନଗିରିର ଚିତ୍ରକୋଣ୍ଡା ସମେତ ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ଗଜପତି, ରାୟଗଡା ଏବଂ ନୂଆପଡା ଜିଲାରେ ଅଧିକ ସ୍ଥାୟୀ ବ୍ୟାଙ୍କ ଏବଂ ଏଟିଏମ୍ ଖୋଲିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୁଧବାର ଏଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୫୪ତମ ତ୍ରୈମାସିକ ବୈଠକରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ୨୧୯୬ ଗ୍ରାମରେ ବ୍ୟାଙ୍କିଙ୍ଗ ଆଉଟଲେଟ ନ ଥିବା ବେଳେ ୨୦୧୯ ଫେବୃୟାରୀ ୨୧ ସୁଦ୍ଧା ୨୦୮୮ ଗ୍ରାମକୁ ବ୍ୟାଙ୍କିଙ୍ଗ ଆଉଟଲେଟ ସୁବିଧା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ୧୦୯ ଗ୍ରାମକୁ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ କାରବାର ଓ ନଗଦ ଉଠାଣ ନିମନ୍ତେ ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ଧାର୍ଯ୍ୟ ଗ୍ରାମ ପଞ୍ଚାୟତରେ ସର୍ବଦା କାର୍ଯ୍ୟ କରିବା ଉପରେ ବ୍ୟାଙ୍କଗୁଡିକ ପଦକ୍ଷେପ ନେବା ଆବଶ୍ୟକ। ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ନିମନ୍ତେ ଦୁର୍ଗମ ଅଞ୍ଚଳଗୁଡିକରେ ନିୟମିତ ଇଣ୍ଟରନେଟ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ସେହି ସବୁ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଅର୍ଥ ବିଭାଗ ପକ୍ଷରୁ ଓଡିଶା ଜୀବିକା ମିଶନକୁ ୫୦ଟି ସୌରଚାଳିତ ଭିସାଟ ସ୍ଥାପନ କରିବା ପାଇଁ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ବ୍ୟାଙ୍କଗୁଡିକ ଅଧିକ ଋଣ ଦେବା ଦରକାର। ୨୦୧୮ ଡିସେମ୍ବର ମଧ୍ୟରେ କୃଷି କ୍ଷେତ୍ରରେ ବାର୍ଷିକ ଋଣ ପ୍ରଦାନ ସନ୍ତୋଷଜନକ ହୋଇ ନାହିଁ। ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରରେ ଅଧିକ ଋଣ ପ୍ରଦାନର ଆବଶ୍ୟକତା ରହିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବ୍ୟାଙ୍କଗୁଡିକ ଋଣ ପ୍ରଦାନରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

୨୦୧୮-୧୯ରେ ବାର୍ଷିକ ଋଣ ଯୋଜନାରେ ଧାର୍ଯ୍ୟ ୭୧,୪୨୦ କୋଟି ଟଙ୍କା ମଧ୍ୟରୁ ଡିସେମ୍ବର ୨୦୧୮ ସୁଦ୍ଧା ୪୪,୭୮୬.୧୯ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୬୨.୭୧%। ବୈଠକରେ ଯୋଗଦେଇ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା କହିଛନ୍ତି ଯେ, ୨୦୧୮ ଡିସେମ୍ବର ୩୧ ସୁଦ୍ଧା ୮ ଜିଲାରେ ଜମା ଓ ଋଣ ଯୋଗାଣ ହାର ୪୦ ପ୍ରତିଶତରୁ କମ୍ ରହିଛି। ଏଥିରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଛନ୍ତି। ଅଗ୍ରାଧିକାର କ୍ଷେତ୍ରଗୁଡିକରେ ଋଣ ପ୍ରଦାନ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରୁଥିବାରୁ ବ୍ୟାଙ୍କଗୁଡିକ ଜମାରାଶି ଅନୁପାତରେ ଋଣ ପ୍ରଦାନର ହାରକୁ ବୃଦ୍ଧି କରିବା ପାଇଁ କହିଥିଲେ। ଏହି ବୈଠକରେ ପିଏମ୍-କିଷାନ ସମ୍ମାନ ନିଧି, ଗ୍ରାମାଞ୍ଚଳରେ ଇଣ୍ଟରନେଟ ସୁବିଧା ଉପଲବ୍ଧ କରାଇବା, କୃଷି ବୀମା, ବ୍ୟାଙ୍କ ଜମାଖାତାରେ ସିଧାସଳଖ ରିହାତି ହସ୍ତାନ୍ତର, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ବୈଠକରେ ୟୁକୋ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନାବାର୍ଡ, ଏସବିଆଇ ସମେତ ବିଭିନ୍ନ ବ୍ୟାଙ୍କିଙ୍ଗ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ସରକାରୀ ପଦାଧିକାରୀମାନ ଯୋଗ ଦେଇଥିଲେ।

# ମହିଳାଙ୍କୁ ଚାପୁଡ଼ା ମାରି ଏଏସ୍‌ଆଇ ନିଲମ୍ବିତ

**ସମ୍ବଲପୁର,୬।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଏଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସାହୁ ଜଣେ ମହିଳାଙ୍କୁ ଚାପୁଡା ମାରିବା ମହଙ୍ଗା ପଡିଛି। ଏଥିପାଇଁ ଏସ୍‌ପି ସଞ୍ଜୀବ ଆରୋରାଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବୁଧବାର ନିଲମ୍ବିତ କରାଯାଇଛି। ସବୁଠୁ ରୋଚକ ଘଟଣା ହେଲା ଯେ, ଏଏସ୍‌ଆଇ ସାହୁ ମହିଳାଙ୍କୁ ଚାପୁଡା ମାରିବାର ଦୃଶ୍ୟକୁ ଥାନାର ଜଣେ ସହକର୍ମୀ ହିଁ ମୋବାଇଲରେ ରେକର୍ଡ କରି ରଖିଥିଲେ । କିଛି ଦିନ ହେଲା ଉକ୍ତ କର୍ମଚାରୀଙ୍କ ରେଙ୍ଗାଲି ଥାନାରୁ ବଦଳି ହୋଇଯାଇଛି । ବଦଳି ପାଇଁ ଏଏସ୍‌ଆଇ ସାହୁଙ୍କୁ ସେ ଦାୟୀ କରି ଏହି ପୁରୁଣା ଭିଡିଓକୁ ଏବେ ଭାଇରାଲ କରିଥିଲେ। ଗତ ଗଣେଶ ପୂଜା ଭସାଣି ସମୟରେ ରେଙ୍ଗାଲି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପୋଲିସ ଥାନାକୁ ଆଣିଥିଲା। ମହିଳା ଜଣକ ପାଟିତୁଣ୍ଡ କରିବା ସହ ଏଏସ୍‌ଆଇଙ୍କ ଟେବୁଲକୁ ବାରମ୍ବାର ବାଡେଇବାକୁ ପଛାଉ ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସାହୁ ତାଙ୍କୁ ଏକ ଚାପୁଡା ମାରିଥିଲେ।

# ୧୦ରୁ ଭାଜପାର ବିଜୟ ସଂକଳ୍ପ ବୈଠକ

**ଭୁବନେଶ୍ୱର,୬।୩ (ବ୍ୟୁରୋ)**

ଭାଜପାର ବିଜୟ ସଂକଳ୍ପ ଯୋଜନା ବୈଠକ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଛି । ପ୍ରଦେଶର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମ୍ମୁଖରେ ଦଳ ବିଜୟ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରିଛି। ଦୁଇଟି ନିର୍ଣ୍ଣାୟକ ପ୍ରସଙ୍ଗ ନେଇ ଭାଜପା ସାଢେ ୪କୋଟି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ନରେନ୍ଦ୍ର ମୋଦିଙ୍କୁ ଆଉଥରେ ପ୍ରଧାନମନ୍ତ୍ରୀ ଭାବେ କ୍ଷମତାକୁ ଆଣିବା ଓ ଓଡିଶାକୁ ଦୀର୍ଘ ୧୯ବର୍ଷ ଧରି ଶାସନ କରୁଥିବା ଏକ ଅପାରଗ ଏବଂ ସ୍ଥାଣୁ ସରକାରକୁ କ୍ଷମତାରୁ ଗାଦିଚ୍ୟୁତ କରିବା ପାଇଁ ଦୃଢ ସଙ୍କଳ୍ପ ଗୃହୀତ ହୋଇଛି। ଏହି ଲକ୍ଷ୍ୟରେ ଆସନ୍ତା ୧୦ତାରିଖ ଠାରୁ ୭ ଦିନ ଧରି ରାଜ୍ୟର ୧୪୭ ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫ହଜାର ବିଜୟ ସଂକଳ୍ପ ବୈଠକ କରିବ ବୋଲି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲ୍‌ରେ




ଖବରଦାତା ସମ୍ମିଳନୀରେ ଗୋଲକ ମହାପାତ୍ର ଓ ପୃଥ୍ୱୀରାଜ ହରିଚନ୍ଦନ।

ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ଦେଶବାସୀ ଜାଣିଛନ୍ତି ମୋଦିଙ୍କ ୫ବର୍ଷ ଶାସନରେ ଭାରତକୁ ଏକ ବିଶ୍ୱଗୁରୁର ମାନ୍ୟତା ମିଳିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ସେଥିରେ ସଫଳ ମଧ୍ୟ ହୋଇଛନ୍ତି। ସମଗ୍ର ବିଶ୍ୱ ଆଗରେ ବର୍ତ୍ତମାନ ଭାରତ ଏକ ଅର୍ଥନୈତିକ ଶକ୍ତିରେ ଉଭା ହୋଇଛି। ଅର୍ଥନୈତିକ ବିକାଶ ହୋଇ ଜିଡିପିରେ ବୃଦ୍ଧି ଘଟିଛି। ଅର୍ଥନୀତିର ପ୍ରତିଟି କ୍ଷେତ୍ରରେ ଭାରତବର୍ଷ ଉଲ୍ଲେଖନୀୟ ପ୍ରଗତି କରିଛି। ଭାରତବର୍ଷ ଆସନ୍ତା ପାଞ୍ଚ ବର୍ଷରେ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ବ୍ୟବସ୍ଥା ହେବ। ଭାରତକୁ ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ସାଧାରଣ ଗରିବ ଘରର ପୁଅ ଓ ଝିଅମାନଙ୍କୁ ଚାକିରି ପାଇବା ପ୍ରକ୍ରିୟା, ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ପ୍ରକ୍ରିୟା ଆରମ୍ଭ କରିଥିଲେ ବୋଲି ପୃଥ୍ୱୀରାଜ କହିଛନ୍ତି।

■ ଭଦ୍ରକରେ ଦିନିକିଆ ବାର୍ତ୍ତାଳାପ କର୍ମଶାଳା

# କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଟିପ୍ପଣୀ ରଖିଲେ

**ଭଦ୍ରକ ଅଫିସ, ୬।୩**

କେନ୍ଦ୍ର ସରକାରଙ୍କ ପତ୍ର ସୂଚନା ଓ ପ୍ରସାରଣ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗ୍ରାମୀଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ବାର୍ତ୍ତାଳାପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଖବରଦାତାମାନଙ୍କୁ ସୂଚନା ଦିଆଯାଇଥିଲା। ପତ୍ର ସୂଚନା ଓ ପ୍ରସାରଣ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ଖବରଦାତାଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାଠାରୁ ବିଭିନ୍ନ ପ୍ରସଙ୍ଗଭିତ୍ତିକ ଖବର ସହ ସରକାରଙ୍କ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଖବରଦାତାଙ୍କ




ବାର୍ତ୍ତାଳାପ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ପ୍ରମୁଖ ଭୂମିକା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଲୋକେ କିଭଳି ସଚେତନ ହେବେ ସେ ଦିଗରେ ଗ୍ରାମାଞ୍ଚଳସ୍ତରର ଖବରଦାତାଙ୍କ ଭୂମିକା ପ୍ରଶଂସନୀୟ ବୋଲି ସେ କହିଥିଲେ। ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ବାର୍ତ୍ତାଳାପ କାର୍ଯ୍ୟକ୍ରମର ଆବଶ୍ୟକତା, ଗ୍ରାମାଞ୍ଚଳ ଖବରଦାତାଙ୍କ ଭୂମିକା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବରିଷ୍ଠ ଖବରଦାତା ଅମର ନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ ଯୋଜନା ଓ ଖବରଦାତାଙ୍କ ଦାୟିତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଭାରତ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା, ଜଳ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ, ବିଦ୍ୟୁତ୍ ବିଭାଗ ନେସ୍କୋ ପକ୍ଷରୁ ସୌଭାଗ୍ୟ ଯୋଜନା, କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଡାକ ବିଭାଗ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' ଏବଂ ଉଜ୍ଜ୍ୱଳା ଯୋଜନା ଆଦି ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀମାନେ ଟିପ୍ପଣୀ ରଖିଥିଲେ। ଜିଲା ଓ ବ୍ଳକସ୍ତରୀୟ ସମସ୍ତ ଗଣମାଧ୍ୟମ ପ୍ରତିନିଧି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଏଭଳି କର୍ମଶାଳା ସମସ୍ତ ଜିଲାରେ କରାଯିବ ବୋଲି କୁହାଯାଇଥିଲା। ଶେଷରେ ପତ୍ର ସୂଚନା କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ରାଫାଲ ଡିଲ୍‌ରେ ବଡ଼ଧରଣର ଦୁର୍ନୀତି ହୋଇଛି। ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଯାଇଛି ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇବା ଅତ୍ୟନ୍ତ ଲଜ୍ଜାଜନକ। କେନ୍ଦ୍ରର ଏଭଳି ଆଭିମୁଖ୍ୟ ଯୋଗୁ ଦେଶର ସାର୍ବଭୌମତ୍ୱ ଓ ନିରାପତ୍ତା ବିପନ୍ନ ହେବାର ଆଶଙ୍କା ରହିଛି।
- ଡି. ରାଜା, ସିପିଆଇ ନେତା

## ସଂକ୍ଷେପରେ

### ଆତ୍ମଘାତୀ ବିସ୍ଫୋରଣରେ ୧୬ ନିହତ

**କାବୁଲ୍,୬।୩(ପି.ଟି.):** ଆଫଗାନିସ୍ତାନର ଜଲାଲାବାଦ ବିମାନବନ୍ଦର ନିକଟରେ ଥିବା ଏକ ନିର୍ମାଣ କମ୍ପାନୀ ବିଲ୍ଡିଂରେ ବୁଧବାର ସକାଳେ ଆତଙ୍କବାଦୀମାନେ ପ୍ରବେଶ କରି ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏହି ବିସ୍ଫୋରଣରେ ୧୬ ଜଣଙ୍କ ମୃତ୍ୟୁ ହୋଇଛି ଓ ୯ ଆହତ ହୋଇଛନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ନଙ୍ଗରହାର ପ୍ରଦେଶର ଉକ୍ତ ଅଞ୍ଚଳରେ ତାଲିବାନ ଏବଂ ଆଇଏସ୍ ଗ୍ରୁପ୍ ସକ୍ରିୟ ରହିଛନ୍ତି।

### ପଞ୍ଜାବରେ କୃଷକ ଆନ୍ଦୋଳନ: ୩୮ ଟ୍ରେନ ବାତିଲ

**ନୂଆଦିଲ୍ଲୀ,୬।୩(ପି.ଟି.):** ପଞ୍ଜାବରେ କୃଷକମାନଙ୍କ ଆନ୍ଦୋଳନ ଯୋଗୁ ବୁଧବାର ଅମୃତସର ଏବଂ ଦିଲ୍ଲୀ ମଧ୍ୟରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ୩୮ଟି ଟ୍ରେନକୁ ବାତିଲ କରିଦିଆଯାଇଥିଲା। ପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ହସ୍ତକ୍ଷେପ ଫଳରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ସମେତ ବିଭିନ୍ନ ଦାବି ନେଇ ପଞ୍ଜାବର କୃଷକମାନେ ୪ ତାରିଖରୁ ଆନ୍ଦୋଳନ ଚଳାଇଥିଲେ। ଆନ୍ଦୋଳନକାରୀ କୃଷକଙ୍କ ଗିରଫଦାରି ବିରୋଧରେ ମଙ୍ଗଳବାର ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା।

### ଜେୟୁଡିର ସମ୍ପତ୍ତି ବାଜ୍ୟାପ୍ତ



**ଇସ୍‌ଲାମାବାଦ,୬।୩(ଆଇଏଏନ୍ଏସ୍):** ପାକିସ୍ତାନ ସରକାର ହାଫିଜ୍ ସୟିଦର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ଏବଂ ଏହାର ସହଯୋଗୀ ଦାତବ୍ୟ ଅନୁଷ୍ଠାନ ଫଲାହ-ଇ-ଇନ୍‌ସାନିୟତ (ଏଫଆଇଏଫ) ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜେୟୁଡିର ଦୁଇଟି ମଦ୍ରାସା ଏବଂ ସମ୍ପତ୍ତିକୁ ଜବତ କରାଯାଇଛି। ପୁଲ୍‌ୱାମା ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ବୁଧବାର ଇସ୍‌ଲାମିକ୍ ସଂଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମଙ୍ଗଳବାର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଜ୍ହାରଙ୍କ ଭାଇ ଓ ପୁଅଙ୍କ ସମେତ ଅନ୍ୟ ୪୨ ଜଣଙ୍କୁ ଗିରଫ କରାଯାଇଥିଲା। ଜେୟୁଡି ଏବଂ ଏଫଆଇଏଫ ସମେତ ୭୦ଟି ସଂଗଠନକୁ ପାକିସ୍ତାନର ଜାତୀୟ ଆତଙ୍କବାଦ ନିରୋଧୀ କର୍ତ୍ତୃପକ୍ଷ ବେଆଇନ ତାଲିକାଭୁକ୍ତ କରିଥିଲେ।

### ୨ ଭାଜପା ନେତା ହାତାହାତି


**ନୂଆଦିଲ୍ଲୀ,୬।୩:** ଉତ୍ତରପ୍ରଦେଶର ଦୁଇ ଭାଜପା ନେତା ପରସ୍ପରକୁ ମୁଥ ମାରିବା ଦୃଶ୍ୟ କ୍ୟାମେରାରେ ଧରାପଡ଼ିଛି। ସନ୍ତ କବିର ନଗର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା କାର୍ଯ୍ୟ ଯୋଜନା କମିଟି ବୈଠକ ବେଳେ ଭାଜପା ଏମ୍‌ପି ଶରଦ ତ୍ରିପାଠୀ ଏବଂ ବିଧାୟକ ରାକେଶ ସିଂ ବାଘେଲାଙ୍କ ମଧ୍ୟରେ ବଚସାରୁ ମାରପିଟ ହୋଇଥିଲା। ଏକ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ନାମଫଳକରେ ସ୍ଥାନ ପାଇଥିବା ନାଁକୁ ନେଇ ଏହି ବିବାଦ ହୋଇଥିଲା। ବଚସାରେ ଉତ୍‌କ୍ଷିପ୍ତ ହୋଇ ଏମ୍‌ପି ତ୍ରିପାଠୀ ବିଧାୟକଙ୍କୁ ଜୋତାରେ ପିଟିଥିଲେ।




ସୁପ୍ରିମକୋର୍ଟ ବିଚାରପତି ଅର୍ଜନ କୁମାର ସିକ୍ରି (ଡାହାଣ) ବୁଧବାର ଅବସର ନେଇଛନ୍ତି। ତାଙ୍କୁ ବିଦାୟ ସମର୍ଦ୍ଧନା ଜଣାଇବା ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ(ବାମ)ଙ୍କ ସହ ଜଷ୍ଟିସ୍ ସିକ୍ରି।



ତାମିଲନାଡୁ ରାଜଧାନୀ ଚେନ୍ନାଇରେ ବୁଧବାର ଆୟୋଜିତ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଏବଂ ପିଏମ୍‌କେ ପ୍ରତିଷ୍ଠାତା ରାମଦୋସ୍।



ଜି-୨୦ ରାଷ୍ଟ୍ରସମୂହର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତଙ୍କ ସହ ନୂଆଦିଲ୍ଲୀରେ ଏକ ବୈଠକ ବେଳେ ଆଲୋଚନାରତ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଦଳର ନେତୃବୃନ୍ଦ।

# ଚୌକିଦାରଙ୍କ ନାକତଳୁ ଚୋରି

**ନୂଆଦିଲ୍ଲୀ,୬।୩(ପି.ଟି./ ଆଇଏଏନ୍ଏସ୍)**

ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଥିବା ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଆଧାରରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ ଦାଏର ପିଟିଶନର ଶୁଣାଣି କରି ପୂର୍ବ ରାୟର ସମୀକ୍ଷା କରା ନ ଯାଉ। ସୁପ୍ରିମକୋର୍ଟରେ ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପଳ ଏଭଳି ଯୁକ୍ତି ବାଢ଼ିଛନ୍ତି। ଗୋପନୀୟ ଫାଇଲ୍ ଚୋରି ବିଷୟ ସାମ୍ନାକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘେରିଛନ୍ତି ବିରୋଧୀ।

ଭାରତ ହେଉଛି ପ୍ରତିରକ୍ଷା ବଜେଟ କ୍ଷେତ୍ରରେ ପଞ୍ଚମ ବୃହତ୍ ଦେଶ। ଆମ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ନୂଆଦିଲ୍ଲୀ ରାଜପଥ ମାର୍ଗର ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍‌ସ୍ଥିତ ହାଇ ସିକ୍ୟୁରିଟି ଜୋନ୍ ସାଉଥ୍ ବ୍ଲକ୍‌ରେ ଅବସ୍ଥିତ। ଏହି ମନ୍ତ୍ରଣାଳୟ ଅଧୀନରେ ତିନି ସଶସ୍ତ୍ର ବଳ ସ୍ଥଳସେନା, ନୌସେନା ଓ ବାୟୁସେନା ଏବଂ ତଟରକ୍ଷୀ ବାହିନୀ ସହ ଅନ୍ୟାନ୍ୟ ପ୍ରତିଷ୍ଠାନ ରହିଛି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧୀନରେ ତଥା କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଏହି ମନ୍ତ୍ରଣାଳୟରୁ ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜ ଚୋରି ହୋଇଥିବା ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଅନେକ ପ୍ରଶ୍ନ ଉଠାଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାନା ଅଭିଯୋଗ ଆଣିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ରାଫାଲ ଚୁକ୍ତିରେ ଦୁର୍ନୀତି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ ହୋଇ ପ୍ରଧାନମନ୍ତ୍ରୀଙ୍କଠାରେ ଶେଷ ହୋଇଛି। ମୋଦିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ମୋଦି ଦୁର୍ନୀତି ସମ୍ପର୍କିତ ପ୍ରମାଣଗୁଡ଼ିକୁ ନିଶ୍ଚିହ୍ନ କରିଛନ୍ତି। ଏହା ପରେ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି ହୋଇଥିବା ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଯେଉଁ ଦସ୍ତାବିଜଗୁଡ଼ିକୁ ନେଇ ମୋଦିଙ୍କ ବିରୋଧରେ ମାମଲା ଦାଏର ହେବା କଥା ସେଗୁଡ଼ିକ ପ୍ରତିରକ୍ଷା ମନ୍ତ୍ରଣାଳୟରୁ କିପରି ଚୋରି ହୋଇଗଲା ବୋଲି ଟୁଇଟରରେ ରାହୁଲ ପ୍ରଶ୍ନ କରିଛନ୍ତି। କଂଗ୍ରେସର ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ରାଫାଲ ଚୁକ୍ତି ଚୂଡ଼ାନ୍ତ କରାଯିବାବେଳେ ଭାରତୀୟ ଆଲୋଚନାକାରୀ ଦଳ (ଆଇଏନ୍‌ଟି)କୁ ଅଣଦେଖା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଇଙ୍ଗିତରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଆଲୋଚନା ଚୂଡ଼ାନ୍ତ କରିଥିଲେ। ଉପା ସରକାର ଅମଳରେ ନିର୍ଦ୍ଧାରିତ ଦରଠାରୁ ଢେର ଅଧିକ ମୂଲ୍ୟରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଚୁକ୍ତି କରାଯାଇଛି। ୫୯,୦୦୦ କୋଟି ଟଙ୍କାରେ ୩୬ ଯୁଦ୍ଧବିମାନ କିଣାଯିବା ପାଇଁ ଚୁକ୍ତି ହୋଇଛି ବୋଲି ସରକାର କରୁଥିବା ଦାବି ଭୁଲ। ଏହା ୬୪,୦୦୦ କୋଟି ଟଙ୍କା ବୋଲି ଆଇଏନ୍‌ଟି କହିସାରିଛି। ସରକାର ପାର୍ଲାମେଣ୍ଟରେ ମିଛ କହିଛନ୍ତି। ଏଥିରେ ବଡ଼ଧରଣର ଦୁର୍ନୀତି ହୋଇଛି। ମୋଦି ଦାସଲ୍ଟ ଆଭିଏଶନ୍‌କୁ ଫାଇଦା ପହଞ୍ଚାଇବା ପାଇଁ ନିଜ ଅଫିସର ଅପବ୍ୟବହାର କରିଛନ୍ତି। ଏହାଦ୍ୱାରା ରାଜକୋଷକୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନାନୁସାରେ ମାମଲା ରୁଜୁ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଏନ୍‌ସିପି ନେତା ଜୟନ୍ତ ପାଟିଲ କହିଛନ୍ତି, ସୁପ୍ରିମକୋର୍ଟରେ କେନ୍ଦ୍ରର ଯୁକ୍ତି ପ୍ରମାଣିତ କରୁଛି ଯେ, ଚୌକିଦାର ବାସ୍ତବରେ ଜଣେ ଚୋର। ପ୍ରଧାନମନ୍ତ୍ରୀଙ୍କ ନାକତଳେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଫାଇଲ ଚୋରି ହୋଇଛି ବୋଲି କହିବା ରାଫାଲ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ବ୍ୟତୀତ କିଛି ନୁହେଁ। ସେପଟେ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ମୋଦିଙ୍କୁ ଘେରିଛନ୍ତି। ରାଫାଲ ଫାଇଲ ଚୋରି ହୋଇଛି ବୋଲି ସ୍ୱୀକାର କରୁଥିବା ମୋଦି ସରକାରଙ୍କ ହାତରେ ଦେଶର ନିରାପତ୍ତା ଦାୟିତ୍ୱ କିପରି ଛାଡ଼ି ଦିଆଯିବ ବୋଲି ୟେଚୁରୀ ପ୍ରଶ୍ନ ଉଠାଇବା ସହ ତାଙ୍କ ବିରୋଧରେ ମାମଲା ଦାଏର କରିବା ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି।

ଅନ୍ୟପକ୍ଷରେ ତଥାକଥିତ ଚୋରି ଦସ୍ତାବିଜ ଆଧାରରେ ରିପୋର୍ଟ ପ୍ରସ୍ତୁତ କରିଥିବା 'ଦି ହିନ୍ଦୁ' ଚେୟାରମ୍ୟାନ୍ ଏନ୍. ରାମ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ରାଫାଲ ଚୁକ୍ତି ସମ୍ପର୍କିତ ଦସ୍ତାବିଜଗୁଡ଼ିକୁ ଜନସ୍ୱାର୍ଥ ପାଇଁ ପ୍ରକାଶ କରାଯାଇଛି। ଗୋପନୀୟ ସୂତ୍ରରୁ ସେ ତଥ୍ୟ ହାସଲ କରିଥିବାରୁ ସେନେଇ କେହି କୌଣସି ସୂଚନା ପାଇପାରିବେ ନାହିଁ ବୋଲି ବରିଷ୍ଠ ସାମ୍ବାଦିକ ଏନ୍. ରାମ କହିଛନ୍ତି। ପ୍ରକାଶ ଯେ, ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ହାସଲ ତଥ୍ୟ ଅଧାରରେ ଏନ୍. ରାମଙ୍କ ଦୁଇଟି ରିପୋର୍ଟ (ଗୋଟିଏ ଗତ ଫେବୃୟାରୀ ୮ ଓ ଅନ୍ୟଟି ମାର୍ଚ୍ଚ ୬ରେ) ତାଙ୍କ ଖବରକାଗଜରେ ପ୍ରକାଶ ପାଇଛି। ଏହା ସୁପ୍ରିମକୋର୍ଟଙ୍କ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବା ଲାଗି ଉଦ୍ଦିଷ୍ଟ ବୋଲି ଆର୍ଟର୍ନି ଜେନେରାଲ ବେଣୁଗୋପାଳ ଅଦାଲତରେ ଯୁକ୍ତି ବାଢ଼ିଛନ୍ତି।



ରାଫାଲ ଫାଇଲକୁ ସୁରକ୍ଷିତ ରଖିପାରୁ ନ ଥିବା ସରକାରଙ୍କ ହାତରେ ଦେଶର ନିରାପତ୍ତା ଦାୟିତ୍ୱ କିପରି ନ୍ୟସ୍ତ କରାଯାଇପାରିବ? ମୋଦି ଏବେ ବର୍ତ୍ତିପାରିବେ ନାହିଁ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଉ।
- ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

**ଲେଉଟିଲା ରାଫାଲ ଝଡ଼**
- ଗୋପନୀୟ ଫାଇଲ୍‌କୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ
- ମୋଦିଙ୍କ ନାଁରେ ଏଫ୍ଆଇଆର୍ ଦାଏର ପାଇଁ ଦାବିକଲେ ବିରାଧୀ

# ସିଜିଓ କମ୍ପ୍ଲେକ୍ସରେ ନିଆଁ

**ସିଆଇଏସ୍ଏଫ୍ ଅଫିସର ଦଗ୍ଧ**
**ଜଳିଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର**



**ନୂଆଦିଲ୍ଲୀ,୬।୩**

ଦକ୍ଷିଣ ଦିଲ୍ଲୀର ସିଜିଓ କମ୍ପ୍ଲେକ୍ସରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ)ର ଜଣେ ସବ୍‌ଇନ୍ସପେକ୍ଟରଙ୍କର ମୃତ୍ୟୁ ହୋଇଛି। ଏହି ଅଗ୍ନିକାଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜଳିଯାଇଛି। ୧୧ ମହଲା ବିଶିଷ୍ଟ ପଣ୍ଡିତ ଦୀନଦୟାଲ ଅନ୍ତୋଦୟ ଭବନର ପଞ୍ଚମ ମହଲାରେ ନିଆଁ ଲାଗିଥିଲା। ଉକ୍ତ ବିଲ୍ଡିଂରେ କେତେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ପୂର୍ବରୁ ଉକ୍ତ ବିଲ୍ଡିଂ ପର୍ଯ୍ୟାବରଣ ଭବନ ନାମରେ ନାମିତ ଥିଲା। ସବ୍‌ଇନ୍ସପେକ୍ଟର ଏମ୍.ପି. ଗୋଦରା ପଞ୍ଚମ ମହଲାରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟମାନଙ୍କୁ ବାହାର କରିଥିଲେ। କିନ୍ତୁ ବିଷାକ୍ତ ଗ୍ୟାସ୍ ଯୋଗୁ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଏମ୍ସ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ନିଆଁଲିଭା କାର୍ଯ୍ୟରେ ଦିଲ୍ଲୀ ଅଗ୍ନିଶମ ବିଭାଗର ୨୫ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା। ଦୁଇ ଘଣ୍ଟା ପରେ ନିଆଁ ନିୟନ୍ତ୍ରଣକୁ ଆସିଥିଲା। ଶର୍ଟ-ସର୍କିଟରୁ ନିଆଁ ଲାଗିଥିବା କୁହାଯାଉଥିଲେ ହେଁ ପ୍ରକୃତ କାରଣ ଜଣାପଡିନାହିଁ।

## ଦେବଗୌଡ଼ାଙ୍କୁ ଭେଟିଲେ ରାହୁଲ
# ଜେଡିଏସ୍ ମାଗିଲା ୧୦ ଆସନ

**ନୂଆଦିଲ୍ଲୀ,୬।୩(ପି.ଟି.)**

କର୍ଣ୍ଣାଟକରେ ନିର୍ବାଚନୀ ମେଣ୍ଟକୁ ନେଇ ବୁଧବାର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବଗୌଡ଼ା ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ୨୮ ଲୋକ ସଭା ଆସନ ମଧ୍ୟରୁ ଜେଡିଏସ୍‌କୁ ଅନ୍ୟୁନ ୧୦ଟି ଛାଡ଼ିଦେବା ଲାଗି ଦେବଗୌଡ଼ା ରାହୁଲଙ୍କୁ କହିଛନ୍ତି। ପୂର୍ବରୁ ଜେଡିଏସ୍ ୧୨ ଆସନରେ ଲଢ଼ିବାକୁ ଚାହୁଁଥିଲା। ଖୁବ୍‌ଶୀଘ୍ର ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ୧୦ ତାରିଖରେ ଘୋଷଣା କରାଯିବ। ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ ଜେଡିଏସ୍‌ର ଜାତୀୟ ସାଧାରଣ ସମ୍ପାଦକ ଡାନିଶ୍ ଅଲି ଉପସ୍ଥିତ ଥିଲେ।

## ଅଷ୍ଟ୍ରେଲିଆରେ ଭାରତୀୟ ମହିଳା ଡାକ୍ତରଙ୍କୁ ହତ୍ୟା
# ସୁଟକେସ୍‌ରୁ ମିଳିଲା ମୃତଦେହ

**ମେଲବର୍ନ,୬।୩(ପି.ଟି.)**



ଅଷ୍ଟ୍ରେଲିଆରୁ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିବା ଜଣେ ୩୨ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ମହିଳା ଦାନ୍ତ ଡାକ୍ତରଙ୍କ ମୃତଦେହ ସିଡନୀରୁ ମିଳିଛି। ପ୍ରୀତି ରେଡ୍ଡୀ ନାମ୍ନୀ ଏହି ଡାକ୍ତରଙ୍କ ମୃତଦେହକୁ ଏକ ସୁଟକେସରେ ପୂରାଇ ତାଙ୍କ କାରରେ ରଖାଯାଇଥିଲା। ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ତାଙ୍କୁ ଛୁରିଭୁସି ହତ୍ୟା କରାଯାଇଥିବା ଜଣାପଡିଛି। ପ୍ରୀତିଙ୍କୁ ତାଙ୍କ ପୁରୁଷ ବନ୍ଧୁ ତଥା ଅନ୍ୟତମ ଭାରତୀୟ ବଂଶୋଦ୍ଭବ ଦାନ୍ତ ଡାକ୍ତର ହର୍ଷ ନାର୍‌ଦେ ହତ୍ୟା କରିଥିବା ସନ୍ଦେହ କରାଯାଉଛି।

## କର୍‌ତାରପୁର କରିଡର୍ ପାଇଁ ପ୍ରଥମ ଦ୍ୱିପାକ୍ଷିକ ବୈଠକ
# ୧୪ରେ ଆସିବ ପାକ୍ ଦଳ


**ନୂଆଦିଲ୍ଲୀ,୬।୩(ପି.ଟି.)**

ପଞ୍ଜାବ ସୀମାରେ କର୍‌ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନୀ ଦଳ ଆସନ୍ତା ୧୪ ତାରିଖରେ ଭାରତ ଆସିବ। ଅଟ୍ଟାରୀ-ୱାଘା ସୀମାରେ ଏହି ଦିନ ଉଭୟ ପକ୍ଷଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। କରିଡର୍‌ର ବିଭିନ୍ନ ଦିଗ ସମ୍ପର୍କରେ ଉକ୍ତ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପାକିସ୍ତାନର ନରୋୱାଲ ଜିଲାରେ ଅବସ୍ଥିତ ଗୁରୁଦ୍ୱାରା କର୍‌ତାରପୁର ସାହିବକୁ ଭିଜା ମୁକ୍ତ ଯାତ୍ରା ପାଇଁ ଆଗ୍ରହୀ ଶିଖ୍ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯିବ ବୋଲି ମଙ୍ଗଳବାର ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଛି। ଆସନ୍ତା ୧୪ରେ ହେବାକୁ ଥିବା ପ୍ରଥମ ଦ୍ୱିପାକ୍ଷିକ ବୈଠକରେ ଏ ସମ୍ପର୍କିତ ଚିଠା ବୁଝାମଣା ନେଇ ଆଲୋଚନା ହେବ। ପ୍ରକାଶ ଯେ, ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀରେ କର୍‌ତାରପୁର କରିଡର୍ ନିର୍ମାଣ ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଗତ ନଭେମ୍ବର ୨୬ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ବୈଠକ ଉତ୍ତେଜନାକୁ ପ୍ରଶମିତ କରିବାରେ କିଛିମାତ୍ରାରେ ସହାୟକ ହେବ ବୋଲି କୁହାଯାଉଛି।

**ଇତିହାସର ଆଇନାରେ**
## ମାର୍ଚ୍ଚ ୭ର ପ୍ରମୁଖ ଘଟଣା

୧୯୫୧ ମାର୍ଚ୍ଚ ୭ ତାରିଖରେ ତେହେରାନର ଶାହ ମସ୍‌ଜିଦ୍‌ଠାରେ ଇରାନର ପ୍ରଧାନମନ୍ତ୍ରୀ ଅଲ୍ଲୀ ରାଜମାରା (୪୯)ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଫଦାୟାନ-ଇ-ଇସ୍‌ଲାମ ସଙ୍ଗଠନର ଖଲିଲ୍ ତାହାମାସେବି(୨୬) ତାଙ୍କୁ ଟାର୍ଗେଟ୍ କରି ଗୁଳିମାଡ଼ କରିଥିଲେ।

୧୯୬୫ ମାର୍ଚ୍ଚ ୭ ତାରିଖରେ ସେଲ୍‌ମାରୁ ରାଜଧାନୀ ସହର ମୋଣ୍ଟଗୋମରୀ ୮୭ କି.ମି. ପର୍ଯ୍ୟନ୍ତ ତିନୋଟି ବିରାଟ ବିକ୍ଷୋଭ ଶୋଭଯାତ୍ରା ବାହାରିଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୯.୨ |
| ଚାନ୍ଦବାଲି | ୩୦.୨ | ୨୨.୫ |
| କଟକ | ୩୨.୦ | ୨୧.୦ |
| ପାରାଦ୍ୱୀପ | ୩୦.୧ | ୨୩.୮ |
| ଭୁବନେଶ୍ୱର | ୩୩.୫ | ୨୩.୨ |
| ଗୋପାଳପୁର | ୩୨.୫ | ୨୩.୯ |
| ପୁରୀ | ୩୦.୪ | ୨୪.୮ |
| ଅନୁଗୋଳ | ୩୩.୧ | ୨୦.୦ |
| ବାରିପଦା | ୩୦.୦ | ୨୦.୦ |
| ଝାରସୁଗୁଡ଼ା | ୩୧.୮ | ୧୮.୩ |
| କେନ୍ଦୁଝର | ୨୮.୮ | ୧୮.୬ |
| ସମ୍ବଲପୁର | ୩୩.୫ | ୨୦.୪ |
| ସୁନ୍ଦରଗଡ଼ | ୩୩.୦ | ୧୪.୦ |
| ହୀରାକୁଦ | ୩୨.୯ | ୨୧.୬ |
| ତାଳଚେର | --- | ୨୧.୩ |
| ଭବାନୀପାଟଣା | ୩୫.୨ | ୨୦.୦ |
| ବଲାଙ୍ଗୀର | --- | ୨୨.୫ |
| କୋରାପୁଟ | ୩୨.୦ | ୧୯.୦ |
| ଫୁଲବାଣୀ | --- | ୧୬.୦ |
| ଟିଟିଲାଗଡ଼ | ୩୫.୦ | ୧୯.୦ |
| ମାଲକାନଗିରି | ୩୮.୦ | ୧୯.୫ |
| ସୋନପୁର | ୩୪.୨ | ୧୮.୫ |
| ଦାରିଙ୍ଗିବାଡ଼ି | ୩୦.୫ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଏଡ୍‌ସ ଚିକିତ୍ସାକୁ ଦ୍ୱିତୀୟ ସଫଳତା

**ସିଟଲ, ୬।୩**





ଏଚ୍‌ଆଇଭି (ହ୍ୟୁମାନ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ) ସଂକ୍ରମିତ ଏଡ୍‌ସ (ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ) ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ଯେ ସମ୍ଭବ ତାହା ଦ୍ୱିତୀୟବାର ପ୍ରମାଣିତ ହୋଇଛି। ୧୨ ବର୍ଷ ତଳେ ଜର୍ମାନୀର ବର୍ଲିନରେ ପ୍ରଥମ ସଫଳତା ମିଳିଥିଲା। ବୋନ୍-ମ୍ୟାରୋ (ଅସ୍ଥିସାର) ଜରିଆରେ ଷ୍ଟେମ୍ ସେଲ୍ (ମୂଳ କୋଶିକା) ଟ୍ରାନ୍ସପ୍ଲାଣ୍ଟ ଥେରାପିର ଚମତ୍କାରିତା ଆମେରିକାନ ଟିମୋଥି ରେ ବ୍ରାଉନ (୫୨)ଙ୍କ କ୍ଷେତ୍ରରେ ପ୍ରତିଫଳିତ ହୋଇଥିଲା। ଆଜି ସେ ଏଚ୍‌ଆଇଭି ମୁକ୍ତ ଜୀବନଯାପନ କରୁଥିବା ବେଳେ ଚିକିତ୍ସା ବିଜ୍ଞାନୀମାନଙ୍କ ଏଡ୍‌ସ ନିରାକରଣ ଗବେଷଣା ବିଶ୍ୱବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର କରିଥିଲା। ଏଡ୍‌ସ ବିଶେଷଜ୍ଞଙ୍କ ନିରନ୍ତର ଗବେଷଣାଲବ୍ଧ ସ୍ୱପ୍ନକୁ ସାକାର କରିଛନ୍ତି ଲଣ୍ଡନର ଜଣେ ରୋଗୀ। ଆମେରିକାନ୍ ବ୍ରାଉନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇଥିବା ଅବିକଳ ସମାନ ଥେରାପି ଦ୍ୱାରା ସେ ଏଡ୍‌ସ ସୃଷ୍ଟିକାରୀ ଏଚ୍‌ଆଇଭି ଭାଇରସ୍ କବଳରୁ ସୁସ୍ଥ ହୋଇପାରିଛନ୍ତି।

ଏଡ୍‌ସରେ ମୃତ୍ୟୁ ସହ ସଂଗ୍ରାମ କରି ଜିତିଥିବା ଲଣ୍ଡନର ସେହି ରୋଗୀଙ୍କୁ ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇନାହିଁ। ସେ ୨୦୦୩ରେ ଏଚ୍‌ଆଇଭି ସଂକ୍ରମିତ ହୋଇ ୨୦୧୨ ପର୍ଯ୍ୟନ୍ତ ନିୟମିତ ଔଷଧ ସେବନ କରିଆସୁଥିଲେ। ସେହି ବର୍ଷ ତାଙ୍କଠାରେ (ହଜ୍‌କିନ୍ ଲିମ୍ଫୋମା) କର୍କଟ ରୋଗର ଲକ୍ଷଣ ମିଳିଥିଲା। ତେଣୁ ୨୦୧୬ରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ରାଜି ହୋଇଥିଲେ। ଏଥିପାଇଁ ଜିନ (କୌଳିକ ଗୁଣ ନିୟନ୍ତ୍ରକ)ରେ ପରବର୍ତ୍ତନ-କରଣ ନେଇ ଉପଯୁକ୍ତ ଡୋନର (ଦାତା)ଙ୍କୁ ଚିହ୍ନଟ କରାଯାଇଥିଲା। ଏହା ସଫଳ ହୋଇଥିବାରୁ ଲଣ୍ଡନର ରୋଗୀ ଏଚ୍‌ଆଇଭି ଭାଇରସ୍‌ମୁକ୍ତ ହୋଇଛନ୍ତି।

ଏହି ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଯେଉଁ ପ୍ରୟାସ ଚାଲିଛି ତାହାର ଆମେ ଖୁବ୍ ନିକଟରେ ପହଞ୍ଚିଥିବା ନେଦରଲାଣ୍ଡର ବାଇରସ୍ ବିଜ୍ଞାନୀ ତଥା ଷ୍ଟିମ୍-ସେଲ୍ ଟ୍ରାନ୍ସପ୍ଲାଣ୍ଟ ଉପରେ ଅଧିକ ଗବେଷଣା ଚଳାଇଥିବା ୟୁରୋପିୟନ ବୈଜ୍ଞାନିକମାନଙ୍କ ସଂଘ (ଆଇସିଷ୍ଟିମ୍)ର ଉପନେତା ଡକ୍ଟର ଆନ୍ନିମ୍ୟାରୀ ୱେନ୍‌ସିଙ୍ଗ୍ ଜଣାଇଛନ୍ତି। ଆମେରିକାନ ଏଡ୍‌ସ ରିସର୍ଚ୍ଚ ଅଗ୍ରାନାଇଜେଶନ ଦ୍ୱାରା ପରିଚାଳିତ ଆଇସିଷ୍ଟିମ୍ ସଂଘ ଷ୍ଟିମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟଜନିତ ଏଚ୍‌ଆଇଭି ପ୍ରତିରୋଧୀ ଶକ୍ତିସମ୍ପନ୍ନ ୨୨ହଜାର ବ୍ୟକ୍ତିବିଶେଷଙ୍କ ଡାଟା ସଂରକ୍ଷିତ ରଖିଛି। ବର୍ତ୍ତମାନ ସୁଦ୍ଧା ବୋନ୍-ମାରୋ ଟ୍ରାନ୍ସପ୍ଲାଣ୍ଟ ଗ୍ରହଣ କରିଥିବା ୩୮ ଏଚ୍‌ଆଇଭି ଆକ୍ରାନ୍ତଙ୍କ ଉପରେ ସଂଘର ବୈଜ୍ଞାନିକମାନେ ନଜର ରଖିଛନ୍ତି। ଭାଇରସ୍ ବିଜ୍ଞାନୀ ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ, ଡକ୍ଟର ରବିନ୍ଦ୍ର ଗୁପ୍ତା କହିଛନ୍ତି ଯେ, ଲଣ୍ଡନର ରୋଗୀ ସବୁଦିନ ପାଇଁ ଏଚ୍‌ଆଇଭିମୁକ୍ତ ହୋଇଥିବା କହି ହେବ ନାହିଁ। ମାତ୍ର ବ୍ରାଉନଙ୍କ ସଫଳତାକୁ ସେ ଦୋହରାଇଛନ୍ତି। ଏହା ଏଡ୍‌ସର ଉପଶମ ନେଇ ଚାଲିଥିବା ଗବେଷଣାକୁ ସଶକ୍ତ କରିଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୭ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ମାଇକ୍ରୋ ଫାଇନାନ୍ସ ଏମ୍‌ଡିଙ୍କ ଘରେ ଗୁଜରାଟ ପୋଲିସର ଚଢ଼ାଉ



**ଭଞ୍ଜନଗର,୬।୩(ଡି.ଏନ୍.ଏ.):** ଭଞ୍ଜନଗର ସହର ନୂଆସାହିରେ ଥିବା ମାଇକ୍ରୋ ଫାଇନାନ୍ସର ଏମ୍‌ଡି ଦୁର୍ଗା ପ୍ରସାଦ ମିଶ୍ରଙ୍କ ବାସଭବନରେ ବୁଧବାର ରାତି ପ୍ରାୟ ୧୦ଟାରେ ଗୁଜୁରାଟ ପୋଲିସ ଚଢ଼ାଉ କରିଛି। ଦୁର୍ଗା ଘରେ ନ ଥିବାରୁ ପୋଲିସ ଫେରି ଆସି ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଭଞ୍ଜନଗର ପୋଲିସ ସହାୟତାରେ ଗୁଜୁରାଟ ପୋଲିସ ଚଢ଼ାଉ କରିଥିଲା। ଦୁର୍ଗାଙ୍କର ଜଣେ ଘରୋଇ କର୍ମଚାରୀଙ୍କୁ ଭଞ୍ଜନଗର ଥାନାରେ ଅଟକ ରଖିଛି। ଦୁର୍ଗାଙ୍କ ନାମରେ ଗୁଜରାଟରେ କେତେକ ମାମଲା ଥିବା ଯୋଗୁ ସେଠାକାର ପୋଲିସ ୱାରେଣ୍ଟ ନେଇ ଭଞ୍ଜନଗର ଆସି ଚଢ଼ାଉ କରିଥିଲେ।

### ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

# ଅର୍ଥ ଆତ୍ମସାତ୍ କରୁଛନ୍ତି ଜିଆର୍‌ଏସ୍

**ରାୟଗଡା ଅଫିସ୍, ୬।୩**

ମୁନିଗୁଡା ବ୍ଲକ ରଘୁବାରୀ ପଞ୍ଚାୟତର ଜିଆର୍‌ଏସ୍ ମନମୁଖି କାର୍ଯ୍ୟ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ। ଏହାର ତୁରନ୍ତ ସମାଧାନ କରିବାକୁ ବୁଧବାର ପଞ୍ଚାୟତର ଖଲିଆଖଡା, ସିଲବୁଡି, ଝରଣି, ଭାଲିଆପଦର, ହରିପୁର, ଝଡିଗାଁ, ବେଡାଗାଁ, ଉମ୍ପେର ଗ୍ରାମବାସୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ପଞ୍ଚାୟତକୁ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି। କିନ୍ତୁ ଜନୈକ ଜିଆର୍‌ଏସ୍ ଏହି ଅର୍ଥ ଆତ୍ମସାତ୍ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଇନ୍ଦିରାଆବାସ ଓ ବିଜୁ ପକ୍କା ଘର କରେଇ ଦେବାକୁ କହି ଜିଆର୍‌ଏସ୍ ଜଣଙ୍କ ହିତାଧିକାରୀଙ୍କଠାରୁ ୧୦ହଜାର ଓ ୧୫ହଜାର ଟଙ୍କା ଲାଞ୍ଚ ନେଇଥାନ୍ତି । ଟଙ୍କା ନଦେଲେ ଗୃହ ଦିଆଯିବ ନାହିଁ ବୋଲି ଜୋରଜବରଦସ୍ତ ଅର୍ଥ ଆଦାୟ କରନ୍ତି। ଘରର ଅଧାପନ୍ତରିଆ କାମ କରାଇ ନିର୍ମାଣ ସରିଥିବା ଅନ୍ୟ ଘରର ଫଟୋ ଉଠାଇ ପୂରା ବିଲ୍ ଅର୍ଥ ଆତ୍ମସାତ୍ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତର ଲାଜୁ ମାଝିଙ୍କ ଆବାସ ଗୃହର କେବଳ ମୂଳଦୁଆ ପଡିଛି, କିନ୍ତୁ ସେହି ଗୃହର ସମ୍ପୂର୍ଣ୍ଣ ବିଲ୍ ପାସ୍ କରି ଜିଆର୍‌ଏସ୍ ଜଣଙ୍କ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସେହିପରି ପଦୁ ଛାତିଙ୍କ ଇନ୍ଦିରାଆବାସ ଗୃହ ସମ୍ପୂର୍ଣ୍ଣ ହୋଇଛି ଏବଂ ବିଲ୍ ପାସ୍ କରି ହିତାଧିକାରୀଙ୍କୁ କିଛି ଟଙ୍କା ନଦେଇ ଜିଆର୍‌ଏସ୍ ସବୁ ଟଙ୍କା ନେଇ ଯାଇଛନ୍ତି। ଲାଲଚନ ସୁନାଙ୍କୁ ଇନ୍ଦିରାଆବାସ ଗୃହ ଦେବି କହି ଜିଆର୍‌ଏସ୍ ୨୦ହଜାର ଟଙ୍କା ଲାଞ୍ଚ ନେଇଛନ୍ତି। ଏହିପରି ଗ୍ରାମର ଅନେକ ହିତାଧିକାରୀଙ୍କ ଠାରୁ ଜିଆର୍‌ଏସ୍ ଲାଞ୍ଚ ନେଇଥିବା ଓ ମୋ ପୋଖରୀ ଫାର୍ମ ଫଣ୍ଡ ଯୋଜନା ଆଦିରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ନୀଳକଣ୍ଠ ନାଗ, କିନ୍ଦୁର ମାଝି, ଖଦିରାମ ଡଙ୍ଗରୀ, କୁସୁମା କରକରିଆ, ଗୋବିନ୍ଦ ଗାଡକା, ରାଜୁ ବେହେରା, ଲୋକଲା ବେହେରା, ଲିଟୁ ମାଝୀ, ଦିଲ୍ଲୀପ ନାଗ, ବାଟି ସୁନା, ବେଲଚନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ରଘୁବାରୀ ପଞ୍ଚାୟତବାସୀ।

# ଖଲ୍ଲିକୋଟ ରାଣୀଙ୍କ ଆରୋଗ୍ୟ ପାଇଁ ଦୀପ ଦାନ




ସମୂହ ଦୀପଦାନ କରାଯାଉଛି।

**ପୁରୁଷୋତ୍ତମପୁର,୬।୩(ଡି.ଏନ୍.ଏ.)**

ଖଲ୍ଲିକୋଟ ରାଣୀ ତଥା କବିସୂର୍ଯ୍ୟନଗର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ସ୍ୱାସ୍ଥ୍ୟ ଠିକ୍ ନଥିବା ବେଳେ ସେ ଗତ ୨୮ ତାରିଖରେ ସଚିବାଳୟରେ ଜନସାଧାରଣଙ୍କ ସମସ୍ୟାକୁ ନେଇ ଯାଇଥିଲେ। ସେଠାରେ ପଡ଼ି ଆହତ ହୋଇ ଚିକିତ୍ସାଧିନ ଅଛନ୍ତି। ତେଣୁ ଜିଲା ଯୁବ ବେଜେଡି ଉପଦେଷ୍ଟା ନିର୍ମଳା ଚନ୍ଦ୍ରସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କାଳି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରଥସାହି ଜଗନ୍ନାଥ ମନ୍ଦିରରେ ୧୦୦୮ ଦୀପ ଲାଗାଇ ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ବୁଧବାର ସନ୍ଧ୍ୟାରେ ଅଞ୍ଚଳର ବହୁ ମହିଳା ପୁରଷ କାଳିମନ୍ଦିରରେ ପୂଜା କରି ବ୍ଲକ ନିକଟରୁ ଦୀପ ଲଗାଇ ଶୋଭାଯାତ୍ରାରେ ରଥସାହି ଜଗନ୍ନାଥ ମନ୍ଦିରକୁ ଆଣି ଦୀପ ଦେଇଥିଲେ। ଏଥିରେ କୁନା ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଭଜମନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

**ଫିରିଙ୍ଗିଆ, ୬।୩**

ଫିରିଙ୍ଗିଆ ବ୍ଲକ ନେଡିପଦର ସ୍କୁଲ ନିକଟରେ ଥିବା ଏକ ଗଛରେ ବୁଧବାର ସନ୍ଧ୍ୟାରେ ସ୍କୁଟି ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତଙ୍ଗ ପଞ୍ଚାୟତ ରସରପଦର ଗ୍ରାମର ଦିଲୀପ କୁମାର ମଲ୍ଲିକ। ଦିଲୀପ ସ୍କୁଟି ନେଇ ଯାଉଥିବା ବେଳେ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ଫିରିଙ୍ଗିଆ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଦିଲୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

## ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ



ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ଭାରପ୍ରାପ୍ତ ବିଡିଓ ଗଦାଧର ପାତ୍ର ସାଇକେଲ ବଣ୍ଟନ କରୁଛନ୍ତି।

**ଧରାକୋଟ,୬।୩(ଡି.ଏନ୍.ଏ.)**

ଧରାକୋଟ ମିନି ଷ୍ଟାଡିୟମରେ ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀଙ୍କ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟାଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଡିଓ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷା ରୀନା ଗୌଡ଼, ସହକାରୀ ଶ୍ରମ ଅଧିକାରୀ ଆକାଶ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୬୪୭ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା।

## ୫ମ ବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

**କୁକୁଡ଼ାଖଣ୍ଡି,୬।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ପ୍ରତାପ କୃଷ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଏସ୍. ନନ୍ଦିନୀ ପାତ୍ର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି । ୨୦୧୭-୧୮ ଶିକ୍ଷାବର୍ଷ ପାଇଁ ଓଡ଼ିଶା ସରକାରଙ୍କ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୁକୁଡ଼ାଖଣ୍ଡି ବ୍ଲକ ଶିକ୍ଷା ବିଭାଗ ତରଫରୁ ସେ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।



ଏସ୍. ନନ୍ଦିନୀ ପାତ୍ର

## ବିଦେଶୀ ମଦ ଜବତ, ୨ କୋର୍ଟଚାଲାଣ

**ଗୋପାଳପୁର,୬।୩**

ଗୋଳନ୍ଥରା ଥାନା ଅଞ୍ଚଳରେ ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ଦୁଇଟି ସ୍ଥାନରେ ପୋଲିସ ଚଢ଼ାଉ କରି ଦୁଇଜଣଙ୍କୁ ବୁଧବାର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ ମୋହନ ସାହୁ ଓ ପ୍ରମୋଦ କୁମାର ଦାସ। ଏହି ଥାନା ଅନ୍ତର୍ଗତ ସୋରଲ ଷ୍ଟେଶନ ରୋଡରେ ମୋହନ ବିଦେଶୀ ମଦ ବିକ୍ରି କରୁଥିଲେ। ମଙ୍ଗଳବାର ରାତିରେ ପୋଲିସ ତାଙ୍କ ଦୋକାନରେ ଚଢ଼ାଉ କରି ୪.୫ ଲିଟର ମଦ ଜବତ କରିବା ସହ ମୋହନଙ୍କୁ କାବୁ କରିଥିଲା । ପରେ ଅଟୋନଗର ଢ଼ାବାରେ ପ୍ରମୋଦ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ୩ ଲିଟର ୪୨୦ ମି.ଲି. ଜବତ କରିଥିଲା। ଏନେଇ ନଂ. ୪୫/୧୯ ଓ ୪୭/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଉଜ୍ଜ୍ୱଳ, ଉତ୍‌ଥାନ ତାଲିମ ଶିବିର

**ରାୟଗଡା ଅଫିସ୍, ୬।୩**

ରାୟଗଡା ବ୍ଲକରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଉଜ୍ଜ୍ୱଳ, ଉତ୍ଥାନ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ତାଲିମ ଶିବିରକୁ ବିଇଓ ରଜନୀକାନ୍ତ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଶିବିରରେ ରାୟଗଡା ବ୍ଲକ ଓ ମ୍ୟୁନିସିପାଲିଟି ବିଦ୍ୟାଳୟର ମୋଟ ୧୩୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ।


ଗୃହ ମନ୍ତ୍ରଣାଳୟ
ଭାରତ ସରକାର



## ଏନ୍.ଡି.ଆର୍.ଏଫ୍. - ବିପର୍ଯ୍ୟୟରୁ ସୁରକ୍ଷାକୁ ସୁନିଶ୍ଚିତ କରୁଛି

ବନ୍ୟା, ବାତ୍ୟା, ସୁନାମି ହେଉ କିମ୍ବା ଔଦ୍ୟୋଗିକ ବିପର୍ଯ୍ୟୟ, ଏନ୍.ଡି.ଆର୍.ଏଫ୍. ଦେଶର ସେବା ପାଇଁ ସଦା ତତ୍ପର । ଆମର ସିଦ୍ଧାନ୍ତ ହେଉଛି **ଆପଦା ସେବା ସର୍ବଦୈବ**। ବିପର୍ଯ୍ୟୟ ସମୟରେ ଏନ୍.ଡି.ଆର୍.ଏଫ୍. ସାଧାରଣ ନାଗରିକଙ୍କ ପ୍ରକୃତ ସାଥୀ ଏବଂ ଜୀବନରକ୍ଷକ ହେବା ସହିତ ବିପର୍ଯ୍ୟୟ ନିରୋଧୀ ନାଗରିକ-କ୍ଷମତା ନିର୍ମାଣ ଏବଂ ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟରତ।

ଏନ୍.ଡି.ଆର୍.ଏଫ୍. ବର୍ଷ **୨୦୧୯ର ପ୍ରଥମ ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାରରେ** ସମ୍ମାନିତ ହୋଇଥିଲା। ଏନ୍.ଡି.ଆର୍.ଏଫ୍.କୁ ନିଜର ତତ୍ପରତା ଏବଂ କର୍ତ୍ତବ୍ୟପରାୟଣତା ପାଇଁ **ଆଞ୍ଜେଲ୍ସ ଇନ୍ ଅରେଞ୍ଜ - Angels In Orange -** ମଧ୍ୟ କୁହାଯାଇଥାଏ !

**ବିଗତ କିଛି ବର୍ଷରେ ଏନ୍.ଡି.ଆର୍.ଏଫ୍. ଦ୍ୱାରା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ-**
- ଏନ୍.ଡି.ଆର୍.ଏଫ୍. ବାଟାଲିୟନ୍‌ର ସଂଖ୍ୟା ୧୨ରୁ ବୃଦ୍ଧି ପାଇଁ ୧୬ ହୋଇଛି।
- ରିଜିଓନାଲ ରେସ୍‌ପନ୍ସ ସେଣ୍ଟର ୨୩ରୁ ବୃଦ୍ଧି ପାଇ ୨୮ ହୋଇଛି ।
- ୧୭୪୦ ଉଦ୍ଧାର ଓ ସହାୟତା ଅପରେଶନ୍ ସଞ୍ଚାଳିତ ।
- ୫୫ ହଜାର ଜୀବନ ରକ୍ଷା କରାଯାଇଛି ଏବଂ ୩.୩୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଯାଇଛି।
- ୨୨ ଲକ୍ଷ ନାଗରିକଙ୍କୁ ୪୩୮୦ ଗୋଷ୍ଠୀ ସଚେତନତା ଶିବିର ଦ୍ୱାରା ପ୍ରଶିକ୍ଷିତ କରାଯାଇଛି।
- ୮ ଲକ୍ଷ ଛାତ୍ରଛାତ୍ରୀଙ୍କୁ ୧୯୩୫ ବିଦ୍ୟାଳୟ ସୁରକ୍ଷା ଶିବିର ଜରିଆରେ ପ୍ରଶିକ୍ଷିତ କରାଯାଇଛି।
- ୭.୫ ଲକ୍ଷ ଲୋକ ୧୮୦୦ ମକ୍ ବିପର୍ଯ୍ୟୟ-ପ୍ରତ୍ୟୁତ୍ତର ଅଭ୍ୟାସରେ ଭାଗ ନେଇଛନ୍ତି।






NDRF - INDIA
Saving Lives & Beyond...
www.ndrf.gov.in; ଆମକୁ ଫଲୋ କରନ୍ତୁ

ଏବେ ଅସମ୍ଭବ ହୋଇଛି ସମ୍ଭବ

davp 19101/13/0022/1819

# ପଦ୍ମଶ୍ରୀ ସତ୍ୟନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

## 'ଓଡ଼ିଆ ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ରାଜଗୁରୁଙ୍କ ଅବଦାନ ଅତୁଳନୀୟ'


**ପାରଳାଖେମୁଣ୍ଡି, ୬।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିର ଅନ୍ୟତମ ବରପୁତ୍ର ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ବୁଧବାର ସ୍ଥାନୀୟ କୋର୍ଟ ଛକରେ ଉନ୍ମୋଚିତ ହୋଇଯାଇଛି। ଜିଲା ପ୍ରଶାସନର ସସହଯୋଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ପାଣିଗ୍ରାହୀ କହିଥିଲେ ଯେ, ଶିଳାଲିପି ପଠନ ସମେତ ଓଡିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତି କ୍ଷେତ୍ରରେ ପଦ୍ମଶ୍ରୀ ଡ. ରାଜଗୁରୁଙ୍କ ଅତୁଳନୀୟ ଅବଦାନ ରହିଛି । ଏଥିପାଇଁ ସେ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରତିଷ୍ଠିତ ଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣରେ ପାରଳା ମହାରାଜାଙ୍କ ପରେ ଅନ୍ୟ ଯେଉଁ ମହାମନିଷୀମାନଙ୍କ ଅବଦାନ ରହିଥିଲା ସେମାନଙ୍କ ମଧ୍ୟରେ ଡ. ରାଜଗୁରୁ ଅନ୍ୟତମ ଥିଲେ । ଏପିଗ୍ରାଫି ତଥା ଖୋଦିତ ଲିପି ବିଦ୍ୟା ଉପରେ ଅଧିକ ଗବେଷଣା ଯୋଗୁ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଥିଲା ସେହିପରି ଆଗାମୀ ଦିନରେ ରାଜଗୁରୁଙ୍କ ସ୍ମୃତି ରକ୍ଷା ପାଇଁ ଓଡିଶା ସଂସ୍କୃତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ଉତ୍କଳ ସମ୍ମିଳନୀ ଜିଲା ଶାଖାର ଗୌରଚନ୍ଦ୍ର ପଣ୍ଡା, ଲେଖିକା ମୀନାକ୍ଷୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ଭରତ ଭୂଷଣ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଜିଲା ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, କୃଷକ ନେତା ସୂର୍ଯ୍ୟ ପଟ୍ଟନାୟକ, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍.ସିମାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ଚୋରି



**ଗଞ୍ଜାମ,୬।୩(ଡି.ଏନ.ଏ.):** ଗଞ୍ଜାମ ଥାନା ପୁଇଁତୋଳା ଗ୍ରାମରୁ ମଙ୍ଗଳବାର ଭୋରରେ ବିକ୍ରମ ମହାରଣାଙ୍କ ଘରୁ ୯ ଭରି ସୁନା କାନର, ହାର ଚୋରି ହୋଇଛି। ଏ ନେଇ ତାଙ୍କ ସାନ ଭାଇ ଲକି ବୁଧବାର ସକାଳେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଥାନା ସେକେଣ୍ଡ ଅଫିସର ଏଚ୍‌କେ ପଣ୍ଡା ପହଞ୍ଚି ଘଟଣାର ତଦନ୍ତ କରି ନଂ. ୧୭/୧୯ରେ ମାମଲା ରୁଜୁ କରିଛନ୍ତି। ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ପଚାରଉଚରା କରୁଛି। ବିକ୍ରମ ରାୟଗଡ଼ାରେ କାମ କରୁଥିବାରୁ ମଙ୍ଗଳବାର ରାତିରେ ସେ ରାୟଗଡ଼ା ଚାଲିଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ ସୁଜତା ଓ ପୁଅ ଏକାକୀ ରହୁଥିବା ସୁଯୋଗ ପାଇ ବାରିପଟ ଘର କବାଟ ଭାଙ୍ଗି ବେଡ଼ରୁମରେ ପଶି ଆଲମିରା ତାଡ଼ି ସୁନା ନେବା ସହ ସୁଜାତା ପିନ୍ଧିଥିବା ହାର ଟାଣିବାରୁ ସେ ଉଠି ପଡ଼ିଥିଲେ। ଫଳରେ ଚୋର ସେଠାରୁ ଚମ୍ପଟ ମାରିଥିଲେ। ଚୋର ଜଣକ ହାପପ୍ୟାଣ୍ଟ ପିନ୍ଧିଥିବା ବେଳେ କାନ୍ଧରେ ଟାୱେଲ ପକାଇଥିବା ସେ ଗଣମାଧମକୁ ସୂଚନା ଦେଇଛନ୍ତି ।

### ଭିଭିପାଟ ସଚେତନତା ଗାଡ଼ି ଶୁଭାରମ୍ଭ



**ଶେରଗଡ଼,୬।୩(ଡି.ଏନ.ଏ.):** ଶେରଗଡ଼ ବ୍ଲକ ସମ୍ମୁଖରେ ବୁଧବାର ସକାଳେ ଭିଭିପାଟ ଗାଡ଼ିକୁ ବିଡିଓ ସୁରଞ୍ଜନ କୁମାର ସାହୁ ନୀଳ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିପିଓ ବିନାୟକ ପଣ୍ଡା,ଏବିଡିଓ ଅରୁଣ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀ ସମେତ ସିଆରସିମାନେ ଉପସ୍ଥିତ ଥିଲେ। ଉକ୍ତ ଗାଡି ପର୍ଯ୍ୟାୟ କ୍ରମେ ବ୍ଲକର ସମସ୍ତ ଗ୍ରାମରେ ଭୋଟ ଦେବାର କୌଶଳ ସମ୍ପର୍କରେ ସଚେତନ କରିବ। ମୋଟ ୪ଟି ଗାଡିରେ ବୈଦ୍ୟୁତିକ ଭୋଟିଙ୍ଗ ମେଶିନ୍‌ରେ ବ୍ଲକର ସମସ୍ତ ଗ୍ରାମରେ ସଚେତନ କରିବ।

### ବିଜେଡିର ୱାର୍ଡ କମିଟି ବୈଠକ, କର୍ମୀ ସମ୍ମିଳନୀ



**କୋଦଳା,୬।୩(ଡି.ଏନ୍.ଏ.):** କୋଦଳା ରାଜସ୍ୱ ବିଭାଗ ଡାକ ବଙ୍ଗଳା ପଡ଼ିଆରେ ବୁଧବାର ବିଜେଡିର ୱାର୍ଡ କମିଟି ବୈଠକ ଓ କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଭି. ସୁଙ୍କାନୀ କୁମାରୀ ଦେଓଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ନଗର ବିଜେଡି ସଭାପତି ସଞ୍ଜିବ କୁମାର ସାହୁଙ୍କ ସଭାପତିତ୍ୱରେ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଛତ୍ରପୁର ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ ପ୍ରମୁଖ ନେତା, ବହୁ କର୍ମୀ ଉପସ୍ଥିତ ଥିଲେ।

### କାଳିଆ ରଥ ଶୁଭାରମ୍ଭ

**ବେଗୁନିଆପଡା,୬।୩(ଡି.ଏନ୍.ଏ.):** ବୁଧବାର କାଳିଆ ରଥକୁ ବିଡିଓ ଅରୁଣ କୁମାର ମଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ସଂଯୋଜକ ଶରତ ଚନ୍ଦ୍ର ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ଶରତ ଚନ୍ଦ୍ର ପାଣ୍ଡି, ସହକାରୀ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ଶୁଭଶ୍ରୀ ଜେନା ଯୋଗ ଦେଇଥିଲେ। ରଥ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ, ପ୍ରତି ପଞ୍ଚାୟତରେ ୨ଟି ସ୍ଥାନରେ ସଙ୍କୀର୍ତ୍ତନ ମଣ୍ଡଳୀ ମାଧ୍ୟମରେ କାଳିଆ ଯୋଜନା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ବେହେରା କହିଛନ୍ତି ।

## ଭିଭିପାଟ୍ ସଚେତନତା ରଥ ଶୁଭାରମ୍ଭ

**ଛତ୍ରପୁର,୬।୩(ଡି.ଏନ.ଏ)**

ଚଳିତ ଥର ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟ୍ ମେଶିନ୍ ବ୍ୟବହାର କରାଯାଉଥିବାରୁ ଏଥିପାଇଁ ସଚେତନତା କରାଯାଉଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସଚେତନତା ସରିଥିବା ବେଳେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨ୟ ପର୍ଯ୍ୟାୟ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ରଥ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଡମି ଭୋଟ ମାଧ୍ୟମରେ ଇଭିଏମ ଓ ଭିଭିପାଟ୍ ସମ୍ପର୍କରେ ସଚେତନ କରିବ। ୧୮ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ । ଭୋଟର କାହାକୁ ଭୋଟ ଦେଲେ ଭିଭିପାଟରୁ ଜାଣିପାରିବେ ବୋଲି ଜିଲାପାଳ କହିଥିଲେ। ମେଶିନର ଡିସପ୍ଲେରେ ୭ ସେକେଣ୍ଡ ପାଇଁ ଭୋଟର ମତଦାନ କରିଥିବା ଚିହ୍ନ ଦେଖିପାରିବେ। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡେପୁଟି କଲେକ୍ଟର (ନିର୍ବାଚନ) ଡ.ବିଜୟାନନ୍ଦ ସେଠୀ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

## ବନ୍ଧୁକ ଜବତ, ଜଣେ ଗିରଫ

**ଶଙ୍କରାଖୋଲ, ୬।୩(ଡି.ଏନ୍.ଏ.)**

ଟିକାବାଲି ଥାନା କମୋହା ଗ୍ରାମରେ ଚୋରା ଦେଶୀ ବନ୍ଧୁକ ଘରେ ରଖିଥିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିକଦନ ପ୍ରଧାନ। ତାଙ୍କଠାରୁ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏ ନେଇ ନଂ. ୨୦/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି।

## ବ୍ଲକ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

**ବୁଗୁଡ଼ା,୬।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟର ନୂତନ କୋଠାକୁ ବିଧାୟକ ଶ୍ରୀକାନ୍ତ ସାହୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, ବିଡିଓ ସୁକାନ୍ତ ମାଝି, ଏବିଡିଓ କୈଳାସ ଚନ୍ଦ୍ର ନାୟକ, ଜିପିଇଓ କୃଷ୍ଣଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ବ୍ଲକ ବିଜେଡି ସଭାପତି ଇ.ମଦନ ଗୋପାଳ ଦୋରାଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବୁଥ୍ ସ୍ଥିତି ଅନୁଧ୍ୟାନ

**ଶେରଗଡ଼,୬।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶେରଗଡ ବ୍ଲକର ବିଭିନ୍ନ ବୁଥର ସ୍ଥିତି ଅନୁଧ୍ୟାନ କରାଯାଇଛି। ବୁଧବାର ସହକାରୀ ଜିଲାପାଳ ସଚ୍ଚିଦାନନ୍ଦ ନାୟକ ବ୍ଲକରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିବା ପରେ ବିଡିଓ ସୁରଞ୍ଜନ କୁମାର ସାହୁ ଓ ସେକ୍ଟର ଅଧିକାରୀ ଅଶୋକ କୁମାର ସ୍ୱାଇଁଙ୍କ ସହ ମିଶି ବ୍ଲକର ୨୬ଟି ବୁଥର ସ୍ଥିତି ଅନୁଧ୍ୟାନ କରିଥିଲେ।

## ଈଶ୍ୱର ସପିଙ୍ଗ୍ ମଲ୍‌ର ବାର୍ଷିକୋତ୍ସବ

**ଭଞ୍ଜନଗର,୬।୩(ଡି.ଏନ.ଏ.)**

ଭଞ୍ଜନଗର ମୁଖ୍ୟ ସଡ଼କରେ ଥିବା ଈଶ୍ୱର ସପିଙ୍ଗ୍ ମଲର ଦ୍ୱିତୀୟ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଆ ସିନେ ଅଭିନେତା ବବି ମିଶ୍ର, ସୌମ୍ୟ ରଞ୍ଜନ ଦାସ, ଅଭିନେତ୍ରୀ ସିତଲ ପାତ୍ର, ଅତଶ୍ରୀ ପରିଚ୍ଛା ପଟ୍ଟନାୟକ, ଆନ୍ଧ୍ରବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ଗୁପ୍ତା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁପମ ବାନାର୍ଜି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ବାର୍ଷିକୋତ୍ସବ ଅବସରରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଜିନିଷ କ୍ରୟ ଉପରେ ରିହାତି ଦିଆଯାଉଥିବା ସପିଙ୍ଗ୍ ମଲ ମାଲିକ ଈଶ୍ୱର ରାଓ ଆଚାରୀ କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗ୍ରାହକମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ଉପସ୍ଥିତ ଅତିଥି ଓ ଅନୁଷ୍ଠାନର କର୍ମଚାରୀମାନେ ।

## ସେଲ୍‌ଫି କର୍ଣ୍ଣର


ବିଶ୍ୱରଞ୍ଜନ


ତପନ


ଜଗଦିଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ପୁଟୁବଗଡ଼ ଚାମ୍ପିୟନ

**ଗୋପାଳପୁର,୬।୩**

ଗୋପାଳପୁର ମିନି ଷ୍ଟାଡିୟମରେ ୟୁଥ୍ କ୍ଲବ ପକ୍ଷରୁ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୁଟୁବଗଡ଼ ଓ ରୋଉକଡୁର ଟିମ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପ୍ରଥମେ ରୋଉକଡୁର ଟିମ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ପୁଟୁବଗଡ଼ ଟିମ ୧୪.୪ ଓଭରରେ ୫ ଉଇକେଟ ହରାଇ ୧୬୧ ରନ କରି ଚାମ୍ପିୟନ ହୋଇଥିଲା। ଉଦଯାପନୀରେ ଗୋପାଳପୁର ବିଧାୟକଙ୍କ ସ୍ତ୍ରୀ ସୁଜତା ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ପୁଟୁବଗଡ଼ ଟିମକୁ ୱିନର ଟ୍ରଫି ସହ ୪୦ ହଜାର ଟଙ୍କା ଓ ରୋଉକଡୁରକୁ ରନର୍ସ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ କାର୍ତ୍ତିକଙ୍କୁ ପ୍ରଦାନ କରାଯାଇଥିଲା ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ଦାରିଙ୍ଗବାଡ଼ିରେ ବଢ଼ିଲା ତାପମାତ୍ରା, ସର୍ବାଧିକ ୩୦.୫ଡିଗ୍ରୀ


ଶ୍ରୀନିକେତା ପଞ୍ଚାୟତ ସୁଲୁମାହାର ଯୁବକମାନେ ଜଳକ୍ରୀଡ଼ା କରୁଛନ୍ତି।

**ଦାରିଙ୍ଗବାଡ଼ି,୬।୩(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କିଛି ଦିନ ହେଲା ତାପମାତ୍ରା ବୃଦ୍ଧି ପାଉଛି । ବୁଧବାର ସର୍ବାଧିକ ତାପମାତ୍ରା ୩୦.୫ ଡିଗ୍ରୀ ଥିବା ବ୍ଲକ କାର୍ଯ୍ୟାଳୟରୁ ଜଣାପଡ଼ିଛି । ମଧ୍ୟରାତିରୁ ଭୋର ପର୍ଯ୍ୟନ୍ତ କିଛି ମାତ୍ରାରେ ଥଣ୍ଡା ଅନୁଭୁତ ହେଉଥିବା ବେଳେ ଦିନରେ ପ୍ରବଳ ଗରମ ହେଉଛି । ଗତ ସପ୍ତାହରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀକୁ ବୃଦ୍ଧି ପାଇଥିଲା। ଚଳିତ ସପ୍ତାହରେ କିଛି ସ୍ଥାନରେ ବର୍ଷା ପରେ ତାପମାତ୍ରା ୨ ଡିଗ୍ରୀ ହ୍ରାସ ପାଇଛି । ଅନ୍ୟପକ୍ଷରେ ଏବେଠୁ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ଜଳସ୍ତର କମିବାରେ ଲାଗିଲାଣି। ସେପଟେ ଗରମରୁ ତ୍ରାହି ପାଇବା ପାଇଁ ଯୁବକମାନେ ଗାଁ ପୋଖରୀ ଓ ନାଳ ଆଦିରେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି ।

## ଗାଡ଼ି ଧକ୍କାରେ ଯୁବକ ମୃତ

**କୋରାପୁଟ/ନାରାୟଣପାଟଣା, ୬।୩(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର କୁମ୍ଭାରି ନିକଟରେ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଛି । ନାରାୟଣପାଟଣା– ବନ୍ଧୁଗାଁ ରାସ୍ତାର କୁମ୍ଭାରି ଓ ଦଣ୍ଡାବାଡ଼ି ଗ୍ରାମ ମଝିରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଖବର ପାଇ ନାରାୟଣପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ତଦନ୍ତ ଚାଲିଛି। ଏଯାବତ୍ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କର ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଜଣାପଡ଼ିଛି।

## ଇଲୋକ୍ଟ୍ରୋନିକ୍ସ, ଅର୍ଥନୀତି ବିଭାଗର ସଭା

**ଭଞ୍ଜନଗର,୬।୩(ଡି.ଏନ.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଇଲୋକ୍ଟ୍ରୋନିକ୍ସ ଏବଂ ଅର୍ଥନୀତି ବିଭାଗର ସଭା ବୁଧବାର ହୋଇଥିଲା । ଇଲୋକ୍ଟ୍ରୋନିକ୍ସ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିବାର ପ୍ରକୃତ ସମୟ କଲେଜ ଜୀବନ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ବୁଦ୍ଧିନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ପ୍ରାଧ୍ୟାପକ ଡ. ବିନୋଦ ଚନ୍ଦ୍ର ଦାସ, ଡ. ପୀତବାସ ପାଳ, ସାତ୍ତ୍ୱିକୀ ସାହୁ, ବଟୁକେଶ୍ୱର ବାରିକ ଓ ଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ । ସେହିପରି ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ସଭାକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ଼.ଆର.ଏନ.ପାଳ ସଂଯୋଜନା କରିଥିଲେ । ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଞ୍ଜନଗର ଅତିରିକ୍ତ ଜିଲାପାଳ, ପ୍ରାଧ୍ୟାପକ ଏସ୍.କେ.ମିଶ୍ର, ଅଧ୍ୟାପକ ଆମାଶ ପାଟମାଝୀ,ବିଜୟ କୁମାର ମଲ୍ଲିକ, ଅଧ୍ୟାପିକା ଅନିତା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।


ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଉଦ୍‌ବୋଧନ ଦେଉଛନ୍ତି ।





# ସଞ୍ଜୟଙ୍କ ପାଇଁ ପଦ୍ମ କଣ୍ଟା

ହେମନ୍ତ ନାୟକ
ପୁରୀ ଅଫିସ,୬।୩

**ମୋଟ ଭୋଟର ସଂଖ୍ୟା**
୨,୧୪,୩୦୫
**ପୁରୁଷ ଭୋଟର**
୧,୧୦,୮୫୭
**ମହିଳା ଭୋଟର**
୧,୦୩,୪୩୭




ପୁରୀ ଜିଲାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ବ୍ରହ୍ମଗିରି। ଏକଦା ଏହା କଂଗ୍ରେସର ଗଡ଼ ଥିଲା। ଏଠାରେ ଗତ ଦୁଇଟି ନିର୍ବାଚନର ଫଳାଫଳ ବିଜେଡି ସପକ୍ଷରେ ଯାଇଛି। କିନ୍ତୁ ବିଜେଡିକୁ ଏହି ବିଜୟ ସହଜ ହୋଇନାହିଁ। ଲୁଲୁ-ସଞ୍ଜୟ ଲଢେଇ ଏଠି ଜୋର୍‌ଦାର ହେଉଥିଲା। ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ହାରଜିତ୍‌କୁ ନେଇ ଏକପ୍ରକାର ଉତ୍କଣ୍ଠା ଲାଗି ରହୁଥିଲା। ହେଲେ ଏଥର ବଦଳିଯାଇଛି ଦୃଶ୍ୟପଟ। ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କ ପରଲୋକ ପରେ ହଲ୍‌ଚଲ ହୋଇଯାଇଛି ବ୍ରହ୍ମଗିରିର ରାଜନୀତି ସମୀକରଣ। ଲୁଲୁଙ୍କ ଭାଇ ଲଳିତେନ୍ଦୁ ଏବଂ ଝିଅ ଉପାସନା ହାତ ସହ ସମ୍ପର୍କ ଛିନ୍ନ କରି ପଦ୍ମକୁ ଭରସା କରିଛନ୍ତି। ତେଣୁ ଏମିତି ସ୍ଥିତିରେ କିଏ ଜିତିବ ବ୍ରହ୍ମଗିରି ତାକୁ ନେଇ ଚାଲିଛି ଅଙ୍କକଷା।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସଞ୍ଜୟ କୁମାର ଦାସବର୍ମା | ୭୮,୬୭୫ |
| କଂଗ୍ରେସ | ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର | ୭୭,୩୩୪ |
| ଭାଜପା | ଦେବେନ୍ଦ୍ରନାଥ ତରାଇ | ୩,୨୭୭ |

**ନିର୍ବାଚନମଣ୍ଡଳୀ ରୂପରେଖ**

ବ୍ରହ୍ମଗିରି ବ୍ଲକର ୨୫ ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ୨୧ ପଞ୍ଚାୟତ ଏବଂ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତକୁ ନେଇ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଗଠିତ।

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ଲୁଲୁ ମହାପାତ୍ର ୧୯୯୫ରୁ ୨୦୦୪ ଲଗାତର ତିନିଥର ଜିତିଥିଲେ। ୨୦୦୯ ଏବଂ ୨୦୧୪ରେ ଲୁଲୁ ପରାଜିତ ହୋଇଥିଲେ। ବିଜେଡିର ସଞ୍ଜୟ ଦାସବର୍ମା ଏହି ଦୁଇ ନିର୍ବାଚନରେ ବିଜୟୀ ହୋଇଥିଲେ ହେଁ ଭୋଟ ବ୍ୟବଧାନ ବହୁତ କମ୍ ରହିଥିଲା। ୨୦୦୯ରେ ସଞ୍ଜୟ ୪,୮୮୬ ଏବଂ ୨୦୧୪ରେ ମାତ୍ର ୧,୩୪୧ ଭୋଟରେ ଜିତିଥିଲେ। ହେଲେ ଲୁଲୁଙ୍କ ମୃତ୍ୟୁର ପ୍ରାୟ ବର୍ଷକ ପରେ ତାଙ୍କ ଝିଅ ଉପାସନା ମହାପାତ୍ର ଏବଂ ଭାଇ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସମର୍ଥକଙ୍କ ସହ ଭାଜପାରେ ଯୋଗଦେବା ପରେ ରାଜନୀତିରେ ପଟ ପରିବର୍ତ୍ତନ ହେବା ଦେଖିବାକୁ ମିଳୁଛି। ଏଥର ନିର୍ବାଚନରେ ସଞ୍ଜୟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଲଳିତେନ୍ଦୁ ଭାଜପାରୁ ଅଣ୍ଟା ଭିଡ଼ିଛନ୍ତି। ସେ ଲୁଲୁ ସେନା ଓ କଂଗ୍ରେସର ଏକ ବଡ଼ ସମର୍ଥକ ଗୋଷ୍ଠୀକୁ ନେଇ ଭାଜପାରେ ଯୋଗଦେବା ପରେ ବ୍ରହ୍ମଗିରିରେ ଭାଜପା ସକ୍ରିୟ ହୋଇଉଠିଛି। ଅନ୍ୟପକ୍ଷରେ ଲୁଲୁଙ୍କ ଅବର୍ତ୍ତମାନରେ ବି ତାଙ୍କ ଉପରେ ଭରସା ରଖିଛି କଂଗ୍ରେସ। ଭାଜପା ଲୁଲୁଙ୍କ କାର୍ଯ୍ୟକଳାପକୁ ନେଇ ଅନୁକମ୍ପାମୂଳକ ଭୋଟ ଗୋଟାଇବାକୁ ଉଦ୍ୟମ ଜାରି ରଖିଥିବାବେଳେ କଂଗ୍ରେସ ମଧ୍ୟ ବ୍ୟାନର ଓ ପୋଷ୍ଟରରେ ଲୁଲୁଙ୍କ ଫଟୋକୁ ରଖି ଜନତାଙ୍କ ନିକଟତର ହେବାକୁ ଚେଷ୍ଟା କରୁଛି। କିଛି ନୂଆମୁହଁ କଂଗ୍ରେସର ମଙ୍ଗୁଆଳ ସାଜିବାକୁ ଆଗେଇ ଆସିଛନ୍ତି।

ଅନ୍ୟପକ୍ଷରେ ସଞ୍ଜୟ ୧୦ ବର୍ଷ କ୍ଷମତାରେ ଥିଲେ ମଧ୍ୟ ବ୍ରହ୍ମଗିରିକୁ ଏନ୍ଏସି କରିବାରେ ବିଫଳତା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏଭଳି ଏକାଧିକ ପ୍ରସଙ୍ଗକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ରାଜ୍ୟ ରାଜନୀତିରେ ନିଜକୁ ପ୍ରଭାବଶାଳୀ ପ୍ରତିପାଦିତ କରୁଥିବା ସଞ୍ଜୟ କିନ୍ତୁ ନିଜ ନିର୍ବାଚନମଣ୍ଡଳୀରେ ଏତେଟା ଲୋକପ୍ରିୟ ହୋଇପାରି ନାହାନ୍ତି। ଦଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହିଁ ତାଙ୍କ ବିଜୟର ମୁଖ୍ୟ ଆୟୁଧ ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ପୁରୀ ସଦର ବ୍ଲକର ୧୧ଟି ପଞ୍ଚାୟତର ମିଶ୍ରଣ ହିଁ ସଞ୍ଜୟଙ୍କୁ ରାଜନୈତିକ ଫାଇଦା ଦେଉଛି। ଗତ ଦୁଇଟି ନିର୍ବାଚନ ଫଳାଫଳକୁ ଦେଖିଲେ ସଞ୍ଜୟଙ୍କ ଭୋଟ ଏବଂ ବିରୋଧୀ ଭୋଟ ପ୍ରାୟତଃ ପାଖପାଖି ରହୁଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କଂଗ୍ରେସରୁ ଜଣେ ଲୋକପ୍ରିୟ ପ୍ରାର୍ଥୀଙ୍କୁ ଟିକେଟ ମିଳୁ ବୋଲି ବିଜେଡି ଗୋଷ୍ଠୀ ଚିନ୍ତା କରୁଛି। ଏହାଦ୍ୱାରା ବିଜେଡି ବିରୋଧରେ ଥିବା ଭୋଟ ଦୁଇଭାଗ ହୋଇଯିବ ଏବଂ ବିଜେଡିର ବିଜୟ ସୁଗମ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ସଞ୍ଜୟଙ୍କ ବ୍ୟକ୍ତିଗତ ସମ୍ପର୍କ ଭଲ ଥିବାରୁ ଏଥିରେ ସେ ସଫଳ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଏଥର ଲୁଲୁ ସିନା ନାହାନ୍ତି କିନ୍ତୁ ସଞ୍ଜୟଙ୍କ ପାଇଁ ପଦ୍ମ କଣ୍ଟା ହେବ ବୋଲି ବ୍ରହ୍ମଗିରିରେ ଜୋର୍‌ଦାର ଆଲୋଚନା ଚାଲିଛି।

ଅନ୍ୟପକ୍ଷରେ ବିଜେଡିରେ କନ୍ଦଳ ମଧ୍ୟ ସଞ୍ଜୟଙ୍କୁ ଅଡୁଆରେ ପକାଇପାରେ। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଦଳର କେତେଜଣ ଆଗଧାଡ଼ିର ନେତା ଅସନ୍ତୁଷ୍ଟ ରହିଥିବା ପଦାକୁ ଆସିଛି। ମଝିରେ ମଝିରେ ଏମାନେ ମେଳି ବାନ୍ଧି ସଞ୍ଜୟଙ୍କୁ ବିରୋଧ କରୁଛନ୍ତି। ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ କେତେଜଣ ଦଳ ମଧ୍ୟ ଛାଡିଛନ୍ତି। ଏହାସତ୍ତ୍ୱେ ଏଥର ବି ସଞ୍ଜୟ ଟିକେଟ ପାଉଥିବା ନିଶ୍ଚିତ ବୋଲି କୁହାଯାଉଛି। ଏ ସମ୍ପର୍କରେ ସଞ୍ଜୟ କହିଛନ୍ତି, ଟିକେଟ ନେଇ ଦଳର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ଯାହା ନିଷ୍ପତ୍ତି ନେବେ। ବ୍ରହ୍ମଗିରି ବିଜେଡିରେ କନ୍ଦଳ ଥିବା ସ୍ୱୀକାର କରି ସଞ୍ଜୟ କହିଛନ୍ତି, ମଝିରେ ମଝିରେ ସେମାନେ ମୋ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ଏ ନେଇ ମୋର କୌଣସି ଅଭିଯୋଗ ନାହିଁ।

ଅନ୍ୟପକ୍ଷରେ କଂଗ୍ରେସରୁ ଏଥର ପୁରୀ ଲୋକ ସଭା ଯୁବ କଂଗ୍ରେସ କମିଟି ସଭାପତି ଶେଖ୍ ସଫିକ୍ ଉଦ୍ଦିନ, ପୁରୀ ଜିଲା କଂଗ୍ରେସ ଉପସଭାପତି ବାନାମ୍ବର ବାରିକୀ, ଉମାକାନ୍ତ ବରାଳଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଶେଖ୍ ସଫିକ୍ ଉଦ୍ଦିନ କହିଛନ୍ତି, କଂଗ୍ରେସ ଏଥର ଯୁବଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦେଉଛି। ସେହିଭଳି ଯେଉଁମାନେ ତୃଣମୂଳ ସ୍ତରରେ ଲୋକମାନଙ୍କ ସହ ରହିଛନ୍ତି ଏବଂ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନଙ୍କୁ ଦଳ ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛି। ମୁଁ ଲୋକମାନଙ୍କ ପାଇଁ କାମ କରୁଛି। ବ୍ରହ୍ମଗିରି ହେଉଛି କଂଗ୍ରେସର ଗଡ଼। ଏବେ ବି କଂଗ୍ରେସ ଏଠି ଭଲ ସ୍ଥିତିରେ ଅଛି। ପିସିସି ସଭାପତି ଏବଂ ଏଆଇସିସି ସଭାପତିଙ୍କ ଉପରେ ମୋର ଭରସା ରହିଛି। ତେଣୁ ଟିକେଟ ମିଳିବ ବୋଲି ଆଶା ରଖିଛି। ଅନ୍ୟତମ ଆଶାୟୀ ଉମାକାନ୍ତ ବରାଳ କହିଛନ୍ତି, ପିସିସି ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ମୁଁ ମାନିନେବି। ବାନାମ୍ବର ବାରିକୀ କହିଛନ୍ତି, ମୁଁ ବିଭିନ୍ନ ସଙ୍ଗଠନ ସହ ସମ୍ପୃକ୍ତ ରହିଛି। କଂଗ୍ରେସ ପାଇଁ କାମ କରୁଛି। ଟିକେଟ ପାଇବି ବୋଲି ଆଶାବାଦୀ ଅଛି। ଦଳ ଏ ନେଇ ଯାହା ନିଷ୍ପତ୍ତି ନେବ।

ଭାଜପାର ଏକମାତ୍ର ପ୍ରାର୍ଥୀ ଭାବେ ବିଭିନ୍ନ ସ୍ଥାନରେ ସଭା, ସମାବେଶ କରୁଥିବା ଲଳିତେନ୍ଦୁ ମହାପାତ୍ର କହିଛନ୍ତି, ଭାଜପାରେ ଯୋଗଦେବା ପରଠାରୁ ବ୍ରହ୍ମଗିରିରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଛି। ବହୁ ଲୁଲୁପ୍ରେମୀଙ୍କ ସହଯୋଗ ବି ରହିଛି। ସେମାନେ ବି ମୋତେ ଭରସା କରି ଭାଜପାରେ ଯୋଗଦେଇଛନ୍ତି। ଟିକେଟ କଥା ଦଳ ହିଁ ନିଷ୍ପତ୍ତି ନେବ। ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳ ପକ୍ଷରୁ ମୋତେ ଯାହା ନିର୍ଦ୍ଦେଶ ମିଳିବ ତାହା ମୁଁ ପାଳନ କରିବି।


ସଞ୍ଜୟ ଦାସବର୍ମା


ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର


ଶେଖ୍ ସଫିକ୍ ଉଦ୍ଦିନ


ଉମାକାନ୍ତ ବରାଳ

# ସବୁ ଦଳରେ ଦ୍ୱନ୍ଦ୍ୱ

ରତନ ନାୟାର
ଢେଙ୍କାନାଳ ଅଫିସ, ୬।୩

ରାଜ୍ୟ ରାଜନୀତିରେ ସର୍ବଦା ଚର୍ଚ୍ଚିତ ଢେଙ୍କାନାଳ ଜିଲା। ଖାସ୍ କରି ଲୋକ ସଭା, ବିଧାନସଭା ନିର୍ବାଚନରେ ଏହି ଜିଲାର ଗୁରୁତ୍ୱ ବେଶି। ଏଠାକାର ଜନସାଧାରଣ ସବୁଦଳକୁ ସମ୍ମାନ ଦେଇ ଆସିଥିବାବେଳେ ଏକ ଦଶନ୍ଧି ଧରି ବିଜେଡି ହାତରେ ରହିଛି କ୍ଷମତା। ଆଗାମୀ ନିର୍ବାଚନରେ ମଧ୍ୟ ଶାସକ ଦଳ ଏହାର ପୁନରାବୃତ୍ତି କରିବା ଆଶାରେ ରହିଛି। ହେଲେ ଧୀରେ ଧୀରେ ବଳ ଗୋଟାଉଥିବା ଭାଜପା, କଂଗ୍ରେସ ମଧ୍ୟ ଶାସନ ଡୋରି ଧରିବାକୁ ଆପ୍ରାଣ ଉଦ୍ୟମ ଆରମ୍ଭ କଲେଣି। ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଏହାକୁ ନେଇ ସମସ୍ତ ଦଳୀୟ ଶିବିରରେ ହଇଚଇ ଆରମ୍ଭ ହେଲାଣି। ତେବେ ପ୍ରତି ଦଳରେ ଲମ୍ୱି ଚାଲିଥିବା ଆଶାୟୀଙ୍କ ସଂଖ୍ୟା ଏବେ ସୃଷ୍ଟି କରିଛି ଅନେକ ଦ୍ୱନ୍ଦ୍ୱ। କିଏ ଟିକେଟ ପାଇବ, କିଏ କଟିବେ ସେ ନେଇ ଅଙ୍କ କଷିବା ଆରମ୍ଭ କରିଛନ୍ତି ଆଶାୟୀ।

ଗତ ୨୦ବର୍ଷର ରାଜନୈତିକ ସ୍ଥିତିକୁ ବିଚାର କଲେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଚେତନ ଭୋଟର ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ଜିତାଇ ଆସିଛନ୍ତି। ୨୦୦୦ରେ ଭାଜପାର କୃଷ୍ଣଚନ୍ଦ୍ର ପାତ୍ର ବିଜୟୀ ହୋଇ ବିଧାୟକ ହୋଇଥିଲେ। ଏହାପରେ ୨୦୦୪ରେ ପୁଣି ମତ ବଦଳାଇଲେ ଭୋଟର। ସେହି ବର୍ଷ ହୋଇଥିବା ନିର୍ବାଚନରେ କଂଗ୍ରେସର ସୁଧୀର କୁମାର ସାମଲ ବାଜି ମାରିଥିଲେ। ୨୦୦୯ରେ ଏନ୍‌ସିପି ହାତେଇଥିଲା ଏହି ଆସନ। ଏନ୍‌ସିପିରୁ ଛିଡ଼ା ହୋଇଥିବା ନବୀନ ନନ୍ଦ ବିଜୟ ପରେ ବିଜେଡିରେ ସାମିଲ ହୋଇଥିଲେ। ୨୦୧୪ରେ ବିଜେଡି ସପକ୍ଷରେ ବହୁମତ ରଖିଥିଲେ ଭୋଟର। ସରୋଜ କୁମାର ସାମଲ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ। ୨୦୦୯ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀର ରୂପରେଖ ଭିନ୍ନ ଥିଲା। ପରଜଙ୍ଗ ନୂତନ ନିର୍ବାଚନମଣ୍ଡଳୀର ମାନ୍ୟତା ପାଇବା ପରେ ଗଁଦିଆ ନିର୍ବାଚନମଣ୍ଡଳୀ ଢେଙ୍କାନାଳ ବିଧାନସଭା କ୍ଷେତ୍ର ସହ ସମ୍ମିଶ୍ରଣ ହୋଇଥିଲା। ପୁରୁଣା ଗଁଦିଆ ବିଧାନସଭା କ୍ଷେତ୍ରରୁ ୨୦୦୦ରେ ବିଜେଡିରୁ ନବୀନ ନନ୍ଦ ଏବଂ ୨୦୦୪ରେ ସରୋଜ କୁମାର ସାମଲ ବିଧାୟକ ହୋଇଛନ୍ତି। ଶିଳ୍ପସମୃଦ୍ଧ ଜିଲାର ଏହି ନିର୍ବାଚନମଣ୍ଡଳୀର ଶାସନ କ୍ଷମତା ବିଜେଡି ହାତକୁ ଯିବା ପରେ ଅନେକ ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଥିଲା। ହେଲେ ତାହା ସମ୍ଭବ ହୋଇପାରିନାହିଁ। ପୌରାଞ୍ଚଳର ୧୦ ୱାର୍ଡରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତୀକରଣ ବ୍ୟବସ୍ଥା, ପରିମଳ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏପରି ଅନେକ ସମସ୍ୟା ଗ୍ରାମାଞ୍ଚଳବାସୀଙ୍କ ବିକାଶରେ ମଧ୍ୟ ପ୍ରତିବନ୍ଧକ ସାଜିଛି। ଆଗାମୀ ନିର୍ବାଚନରେ ଏହାକୁ ପ୍ରମୁଖ ପ୍ରସଙ୍ଗ କରି ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରିବା ଯଥେଷ୍ଟ ସମ୍ଭାବନା ରହିଛି।

ଗତ ନିର୍ବାଚନରେ ବିଜେଡି-ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ସରୋଜ କୁମାର ସାମଲ ମାତ୍ର ୩,୪୭୫ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପାର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ହରାଇଥିଲେ। ସରୋଜଙ୍କୁ ୬୮,୯୮୦ ଭୋଟ ମିଳିଥିବାବେଳେ କୃଷ୍ଣଚନ୍ଦ୍ର ପାଇଥିଲେ ୬୫,୫୦୫। ଏହି କ୍ରମରେ କଂଗ୍ରେସର ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର ୩୦,୬୪୩ ଭୋଟ ପାଇବା ସହ ୩ୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ଚଳିତବର୍ଷ ମଧ୍ୟ ବିଜେଡି-ଭାଜପା ମଧ୍ୟରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା ହେବା ଆଲୋଚନା ହେଉଛି।

ଏବେ ବିଜେଡିର ପ୍ରମୁଖ ଆଶାୟୀଙ୍କ ମଧ୍ୟରେ ବିଧାୟକ ସରୋଜ କୁମାର ସାମଲ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ, ହର୍ଷବର୍ଦ୍ଧନ ସିଂଦେଓ ପ୍ରମୁଖ ଅଛନ୍ତି। ସେହିପରି କଂଗ୍ରେସର ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଟ୍ଟନାୟକ, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ, ସୁନୀଲ ଦାଶ, ଶୁଭ ପଣ୍ଡା ଏବଂ ଭାଜପାରୁ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମହିଳା ମୋର୍ଚ୍ଚା ସଭାପତି ନୀରୋଜ ନଳିନୀ ମହାଳିକ ପ୍ରମୁଖ ଆଶାୟୀ ଅଛନ୍ତି।

ଏ ନେଇ ବିଧାୟକ ସରୋଜ କୁମାର ସାମଲ କୁହନ୍ତି, ସେ ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ସର୍ବଦା ରହି ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ଲୋକମାନେ ପାଇଛନ୍ତି। ଜନସାଧାରଣଙ୍କ ଶ୍ରଦ୍ଧା ତାଙ୍କ ଉପରେ ରହିଛି। ତେଣୁ ସେ ପ୍ରାର୍ଥୀ ହେବା ନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି କୁହନ୍ତି, ତାଙ୍କୁ ଦିଆଯାଇଥିବା ସମବାୟ ଦାୟିତ୍ୱକୁ ସେ ସୁଚାରୁରୂପେ ନିଭାଇଛନ୍ତି। ଚାଷୀଙ୍କୁ ଏକାଠି କରିବାରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ସୁଯୋଗ ମିଳିଲେ ସେ ସଫଳ ହେବେ ବୋଲି କହିଛନ୍ତି। ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ସାମଲ କୁହନ୍ତି, ସେ ଆତ୍ମଘୋଷିତ ପ୍ରାର୍ଥୀ ନୁହନ୍ତି। ଦଳ ଯାହା ଦାୟିତ୍ୱ ଦେଇଛି ସେ ତାହା କରିଛନ୍ତି। ଆଗକୁ ମଧ୍ୟ ତାହା ଜାରିରହିବ। ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀ ପ୍ରସାଦ ଭୂତିଆ କୁହନ୍ତି, ଅତୀତରେ ବହୁ ପଦପଦବୀରେ ରହି ସଙ୍ଗଠନ ସହ ନିବିଡ଼ ଭାବେ ଜଡ଼ିତ ଅଛନ୍ତି। ଦଳ ମୁଖିଆ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବେ। ହର୍ଷବର୍ଦ୍ଧନ ସିଂଦେଓ କୁହନ୍ତି, ସେ ୫ବର୍ଷ ହେଲା ସଙ୍ଗଠନ ସହ ଜଡ଼ିତ। ଭାଜପା ଆଡ଼କୁ ମୁହାଁଉଥିବା ଲୋକଙ୍କୁ ବିଜେଡିରେ ସାମିଲ କରିବାରେ ସେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଜନସାଧାରଣ, ଦଳ ଚାହିଁଲେ ସେ ମଧ୍ୟ ଲଢ଼ିବେ ବୋଲି କହିଛନ୍ତି। ପୂର୍ବତନ ଭାଜପା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର କୁହନ୍ତି, ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତି ସାରିଛନ୍ତି। ସମସ୍ତଙ୍କ ସହାୟତା ମିଳିଲେ ନିଶ୍ଚିତ ସଫଳ ହେବେ। ମହିଳା ମୋର୍ଚ୍ଚା ସଭାପତି ନୀରୋଜ ନଳିନୀ ମହାଳିକ କୁହନ୍ତି, ୩ଥର ହାରିଥିବା ପ୍ରାର୍ଥୀଙ୍କୁ ଦଳ ଆଉ ଟିକେଟ ଦେବନାହିଁ। ଦଳ ନୂଆ ମୁହଁ ଖୋଜୁଛି। ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ମିଳିବା ଆଶା ରହିଛି।

ସେହିପରି କଂଗ୍ରେସ ପ୍ରାର୍ଥୀ ଦୌଡ଼ରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଶିକ୍ଷାବିତ୍ ସରୋଜ କୁମାର ପଟ୍ଟନାୟକ, ସୁବାସିନୀ ମହାକୁଡ଼ ଅଛନ୍ତି। ତେବେ ସୁବାସିନୀଙ୍କ ପ୍ରତିକ୍ରିୟା କଂଗ୍ରେସ ଶିବିରରେ ଦ୍ୱନ୍ଦ୍ୱ ବଢ଼ାଇଛି। ସେ କହିଛନ୍ତି, ବିଗତ ଦିନରେ ବିଧାୟକମାନେ ଢେଙ୍କାନାଳର ବିକାଶ ଲାଗି କିଛି କରିନାହାନ୍ତି। ଏବେ ମହିଳାଙ୍କୁ ଅଗ୍ରାଧିକାର ଦେବା ସମୟ ଆସିଛି। ଏପରି ହେଲେ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ ବୋଲି କହିଛନ୍ତି। ଏସବୁ ଭିତରେ ନବୀନ ନନ୍ଦଙ୍କ ଉପରେ ସମସ୍ତଙ୍କ ଫୋକସ ରହିଛି। କାରଣ ସେ ବିଜେଡି ଛାଡ଼ିବା ପରେ ଏବେ ସୁଦ୍ଧା କୌଣସି ଦଳରେ ଯୋଗଦେଇନାହାନ୍ତି। କିନ୍ତୁ ଆଗାମୀ ନିର୍ବାଚନରେ ନିଶ୍ଚିତ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଛନ୍ତି। ତାଙ୍କ ପାଇଁ ସବୁ ବିକଳ୍ପ ଖୋଲା ରହିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ଅନ୍ୟାନ୍ୟ ଭୋଟର**
୨୫

**ମୋଟ ଭୋଟର ସଂଖ୍ୟା**
୨,୪୯,୫୯୩
**ପୁରୁଷ ଭୋଟର**
୧,୨୯,୫୭୪
**ମହିଳା ଭୋଟର**
୧,୧୯,୯୯୪




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସରୋଜ କୁମାର ସାମଲ | ୬୮,୯୮୦ |
| ଭାଜପା | କୃଷ୍ଣଚନ୍ଦ୍ର ପାତ୍ର | ୬୫,୫୦୫ |
| କଂଗ୍ରେସ | ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର | ୩୦,୬୪୩ |
| ଅନ୍ୟାନ୍ୟ | --- | ୧୩,୪୮୯ |

**ନିର୍ବାଚନମଣ୍ଡଳୀ ରୂପରେଖ**

ଗଁଦିଆ ବ୍ଲକର ୩୦ ପଞ୍ଚାୟତ, ସଦର ବ୍ଲକର ୩୦ ପଞ୍ଚାୟତରୁ ୨୧, ଢେଙ୍କାନାଳ ପୌରାଞ୍ଚଳର ୨୩ ୱାର୍ଡକୁ ନେଇ ଗଠିତ ଢେଙ୍କାନାଳ ବିଧାନସଭା କ୍ଷେତ୍ର। ଏହି ଆସନ ସାଧାରଣ ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି।


ସରୋଜ ସାମଲ


କୃଷ୍ଣଚନ୍ଦ୍ର ପାତ୍ର


ନବୀନ ନନ୍ଦ


ସୁରେଶ ଚନ୍ଦ୍ର ପାଣିଗ୍ରାହୀ

# ନିର୍ଣ୍ଣାୟକ ହୋଇପାରେ ଭୂୟାଁ ଆଦିବାସୀ ଭୋଟ

ଅଶୋକ ଷଡଙ୍ଗୀ
ବଡଗାଁ,୬।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ତଲସରା ନିର୍ବାଚନମଣ୍ଡଳୀ ବଡଗାଁ, ସବ୍‌ଡେଗା, ବାଲିଶଙ୍କରା ବ୍ଲକ ଓ ଲେଫ୍ରିପଡା ବ୍ଲକର ୧୦ ପଞ୍ଚାୟତକୁ ନେଇ ଗଠିତ। ଗତ ବିଧାନସଭା ନିର୍ବାଚନରେ ଶାସକ ଦଳ ଭଲ ପ୍ରଦର୍ଶନ କରିଥିଲା। ହେଲେ ଗୋଷ୍ଠୀ କନ୍ଦଳ ଯୋଗୁ ବିଜେଡି ପ୍ରାର୍ଥୀ ବିନୟ ଟପ୍ପୋ କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କଠାରୁ ମାତ୍ର ୧୪୩୮ ଭୋଟରେ ପରାଜିତ ହୋଇଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ସବ୍‌ଡେଗା, ବାଲିଶଙ୍କରା ଓ ଲେଫ୍ରିପଡା ବ୍ଲକ୍ ଅଞ୍ଚଳର ସର୍ବାଧିକ ୬ଜଣ ଆଶାୟୀ ବିଜେଡି ଟିକେଟ୍ ଦୌଡରେ ଅଛନ୍ତି। ସେମାନେ ହେଲେ ଡବ୍ଲ୍ୟୁଓଡିସି ଏକ୍ସପର୍ଟ ମେମ୍ବର ଓକିଲ ବିନୟ ଟପ୍ପୋ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ପୂର୍ବତନ ବିଧାୟକ ରଣଜିତ ଭିତ୍ରିଆ, ସୁନ୍ଦରଗଡ଼ ପୋଲିସ ଡିଏସ୍‌ପି ଦାମୋଦର ଭୋଇ, ହକି ତାରକା ପ୍ରବୋଧ ତିର୍କୀ ଓ ପୂର୍ବତନ ବିଧାୟକ ନେଲସନ ସୋରେଙ୍ଗଙ୍କ ପୁଅ ଷ୍ଟିଫେନ୍ ସୋରେଙ୍ଗ।

କଂଗ୍ରେସରେ ମାତ୍ର ୨ଜଣ ଆଶାୟୀ ଅଛନ୍ତି। ବର୍ତ୍ତମାନର ବିଧାୟକ ଡା. ପ୍ରଫୁଲ୍ଲ ମାଝି ଏଥର ବି ଟିକେଟ୍ ପାଇବେ ବୋଲି ଆଶା ବାନ୍ଧିଛନ୍ତି। ତାଙ୍କ ସହିତ ଜିଲା ପରିଷଦ ସଭ୍ୟା ଗେରୋଟି ଖେସ ମଧ୍ୟ ଟିକେଟ୍ ଦୌଡ଼ରେ ଅଛନ୍ତି।

ଭାଜପାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧ୍ରୁବ କାଲୋ, ଭାଜପା ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ ଓ ଭବାନୀ ଭୋଇ ଟିକେଟ ପାଇବାକୁ ଆଶା ରଖିଛନ୍ତି। ଧ୍ରୁବ କାଲୋ କହନ୍ତି, ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇନାହିଁ। ଯୁଗୀ ଯୁଗେନ ଡ୍ୟାମ, କରମଡିହିରୁ ଏନ୍ଏଚ ରାସ୍ତା, ଆବଶ୍ୟକ ୧୫ଟି ବ୍ରାଞ୍ଚ ବ୍ୟାଙ୍କ ଶାଖା ଖୋଲିବା, ପର୍ଯ୍ୟଟନ ସ୍ଥଳର ବିକାଶ ଆଦି ଅନେକ କାମ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ହୋଇପାରିନି। ଏସବୁ କାମ ଉପରେ ପ୍ରାଥମିକତା ରହିବ। ଜନ ସମ୍ପର୍କ ଠିକ୍ ଚାଲିଛି। ଲୋକେ ଚାହୁଁଥିବାରୁ ଟିକେଟ୍ ମିଳିଲେ ନିଶ୍ଚୟ ଜିତିବି।

ଶାସକ ଦଳରୁ ବିନୟଙ୍କୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଥିଲା ବେଳେ ଯଦି ଦଳ ମହିଳା ସଂରକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଏ ତେବେ କୁଞ୍ଜଲତା ଏକମାତ୍ର ମହିଳା ଆଶାୟୀ ହୋଇଥିବାରୁ ତାଙ୍କୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ନିର୍ବାଚନ ମଣ୍ଡଳୀରେ ଭୂୟାଁ ଆଦିବାସୀ ଭୋଟ ନିର୍ଣ୍ଣାୟକ ହେଉଥିବା ଧାରଣା ରହି ଆସିଥିବାରୁ ରଣଜିତ ଭିତ୍ରିଆ ଓ କୁଞ୍ଜଲତା ଏହାକୁ ଆୟୁଧ କରି ଟିକେଟ ପାଇଁ ଦାବି କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆଶାୟୀ ଆଡ଼ଭୋକେଟ ବିନୟ ଟପ୍ପୋ କହନ୍ତି, ୨୦୧୪ରେ ସ୍ୱଳ୍ପ ବ୍ୟବଧାନରେ ହାରିଥିଲି। ଗାଁ ଗହଳିରେ ବହୁ କାମ କରିଛି। ଜନସାରଣଙ୍କ ସହ ଭଲ ଜନସମ୍ପର୍କ ଥିବାରୁ ଯଦି ଟିକେଟ୍ ମିଳେ ମୁଁ ବିଜୟୀ ହେବି ବୋଲି ଆଶା ରଖିଛି।

ବିଧାୟକ ଡା. ମାଝିଙ୍କ ସମେତ ଅନ୍ୟ ଆଶାୟୀମାନେ ବି ନିଜ ଉଦ୍ୟମର ଜନସମ୍ପର୍କ ରଖିଛନ୍ତି। ତଥାପି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀର ୭ଟି ଜିଲା ପରିଷଦ ଆସନରେ ଭାଜପା ବଡଗାଁର ୨, ବାଲିଶଙ୍କରା ବ୍ଲକର ୨ ଓ ଲେଫ୍ରିପଡା ବ୍ଲକର ଗୋଟିଏକୁ ମିଶାଇ ମୋଟ ୫ ଆସନ ଅକ୍ତିଆର କରିଥିଲା। ସବ୍‌ଡେଗା ବ୍ଲକର ଗୋଟିଏ ଆସନ କଂଗ୍ରେସ ଓ ଗୋଟିଏ ବିଜେଡି ହାତକୁ ଯାଇଥିଲା। କଂଗ୍ରେସର କେତେକ ବ୍ଲକସ୍ତରୀୟ ନେତାଙ୍କ କଥାରେ ପଡି ବିଧାୟକ କର୍ମୀ, ସହଯୋଗୀମାନଙ୍କୁ ଅଣଦେଖା କରିଥିବା, ଠିକାକାମ ନିର୍ଦ୍ଦିଷ୍ଟ କେତେଜଣ କର୍ମକର୍ତ୍ତା କରିବା ଯୋଗୁ ଅସନ୍ତୁଷ୍ଟ କର୍ମୀମାନେ ଖୋଲାଖୋଲି ବିରୋଧୀ ଭୂମିକା ନିଭାଇଥିଲେ, ଯାହା କଂଗ୍ରେସକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ବର୍ତ୍ତମାନର ବିଧାୟକ ଡ. ପ୍ରଫୁଲ୍ଲ ମାଝି କହନ୍ତି, ନିର୍ବାଚନମଣ୍ଡଳୀର ବିକାଶ ପାଇଁ କାମ କରିଛି। ଲୋକେ ଚାହୁଁ ଥିବାରୁ ବିଜୟ ନିଶ୍ଚିତ।

ଅନ୍ୟପକ୍ଷେ ଭାଜପା ଜିଲା ପରିଷଦ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲା। ସେଥିପାଇଁ ଭାଜପାର ଆଶାୟୀମାନେ ଜନସମ୍ପର୍କରେ ଲାଗି ପଡିଛନ୍ତି। ହେଲେ ଆଗାମୀ ନିର୍ବାଚନରେ ଭୂୟାଁ ଆଦିବାସୀ ଭୋଟ ନିର୍ଣ୍ଣାୟକ ହେବା ଆଶଙ୍କା କ୍ଷୀଣ ବୋଲି କେତେକ ରାଜନୈତିକ ସମୀକ୍ଷକ କହିଛନ୍ତି। କାରଣ ଗତ କେତେକ ନିର୍ବାଚନକୁ ଅନୁଧ୍ୟାନ କଲେ ଏହା ବୁଝାପଡୁଛି। ସମସ୍ତ ଦଳରେ ଭୂୟାଁ ପ୍ରାର୍ଥୀ ରହୁଥିବାରୁ ଏକତରଫା ଭୋଟ ଯିବା ସମ୍ଭାବନା ନାହିଁ। ଏବେ ସମସ୍ତ ଦଳର ନେତା ଗାଁ ମୁହାଁ ହେଲେଣି। ସେଥିପାଇଁ ଗାଁ ରାଜନୀତି ଚଳଚଞ୍ଚଳ ଥିବା ଦେଖାଯାଉଛି। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଓ ଦଳ ମୁଖିଆଙ୍କ କାର୍ଯ୍ୟକଳାପର ପ୍ରଭାବ ଭୋଟରଙ୍କ ଉପରେ ପଡିବ ବୋଲି ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ତଲସରା ନିର୍ବାଚନ ମଣ୍ଡଳୀରେ ୧୯୬୧ରୁ ୨୦୧୪ ମସିହା ମଧ୍ୟରେ ୧୩ ଥର ନିର୍ବାଚନ ହୋଇଛି। ଏଥିରେ ଗଙ୍ଗାଧର ପ୍ରଧାନ ୧୯୬୧ରେ ଗଣତନ୍ତ୍ର ପରିଷଦ, ୧୯୬୭ରୁ ୧୯୭୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାର୍ଟିରୁ ବିଧାୟକ ଥିଲେ। ୧୯୭୪ରେ କଂଗ୍ରେସରୁ ପ୍ରେମାନନ୍ଦ କାଲୋ, ୧୯୭୭ରେ ଜନତା ଦଳରୁ ଇଗ୍ନେସ ମାଝି, ୧୯୮୦ ଓ ୧୯୮୫ରେ କଂଗ୍ରେସରୁ ଗଜାଧର ମାଝି, ୧୯୯୦ରେ ଜନତା ଦଳରୁ ରଞ୍ଜିତ ଭିତ୍ରିଆ, ୧୯୯୫ରେ କଂଗ୍ରେସରୁ ଗଜାଧର ମାଝି, ୨୦୦୦ରୁ ଅଦ୍ୟାବଧି କଂଗ୍ରେସରୁ ଡା. ପ୍ରଫୁଲ୍ଲ ମାଝି ବିଧାୟକ ରହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ଡା. ପ୍ରଫୁଲ୍ଲ ମାଝି | ୪୫,୬୮୯ |
| ବିଜେଡି | ବିନୟ ଟପ୍ପୋ | ୪୪,୨୫୧ |
| ଭାଜପା | ସନ୍ତୋଷ ଅମାତ | ୪୧,୨୭୨ |

**ମୋଟ ଭୋଟର ସଂଖ୍ୟା**
୨,୦୬,୨୪୫
**ପୁରୁଷ ଭୋଟର**
୧,୦୦,୩୦୫
**ମହିଳା ଭୋଟର**
୧,୦୨,୩୦୯





ପ୍ରଫୁଲ୍ଲ ମାଝି


ବିନୟ ଟପ୍ପୋ


ଧ୍ରୁବ କାଲୋ

# ବଲାଙ୍ଗୀରରେ ହେବ ମିଶନ ଶକ୍ତି ଭବନ: ମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ପଥରଚେପା ପଡ଼ିଆରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୧ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ବଲାଙ୍ଗୀରରେ ମିଶନ ଶକ୍ତି ଭବନ ନିର୍ମାଣ ହେବ ବୋଲି ସୂଚନା ଦିଆଯାଇଛି। ଏହି ମହାସମାବେଶରେ ଯୋଗଦେଇଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନମସ୍କାର ଜଣାଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ଏହି ସଂକ୍ଷିପ୍ତ ବକ୍ତବ୍ୟରେ ମିଶନ ଶକ୍ତି ଭବନ ପାଇଁ ଅନୁଦାନ ଘୋଷଣା କରିଥିଲେ। ପରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ।

ଏହି ମହାସମାବେଶ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏଥିରେ ପ୍ରାୟ ୫୦ ହଜାର ମହିଳା ଯୋଗଦେଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି କାର୍ଯ୍ୟକ୍ରମରେ ବକ୍ତବ୍ୟ ଦେଉଛନ୍ତି (ବାମ)। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା।

ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ହେଲିକପ୍ଟର ଯୋଗେ ପଥରଚେପା ପଡ଼ିଆରେ ପହଞ୍ଚିଥିଲେ। ପରେ ସଭାମଞ୍ଚକୁ ଆସି ଉପସ୍ଥିତ ମହିଳାଙ୍କୁ ଅଭିବାଦନ ଜଣାଇଥିଲେ। ଏହି ଅବସରରେ ମିଶନ ଶକ୍ତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍ ସ୍ୱାଗତ ଭାଷଣ ଦେଇଥିଲେ। ୨୦୦୧ ମାର୍ଚ୍ଚ ୮ରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାଧ୍ୟମରେ ୭୦ଲକ୍ଷ ମହିଳା ମିଶନ ଶକ୍ତିରେ ସାମିଲ ହୋଇଥିବା କାର୍ତ୍ତିକେୟନ୍ ସୂଚନା ଦେଇଥିଲେ। ମିଶନ ଶକ୍ତି ଜରିଆରେ ମହିଳାଙ୍କ ଅର୍ଥନୈତିକ ଓ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଇଛି। ଗୋଷ୍ଠୀଭିତ୍ତିକ ରୋଜଗାର ଉପରେ ଗୁରୁତ୍ୱାରୋପ କରାଯାଇ ମହିଳାମାନଙ୍କୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇବାରେ ମିଶନ ଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ରାଜ୍ୟର ୩ ଲକ୍ଷ ଏସ୍‌ଏଚ୍‌ଜିକୁ ୪୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଡିଜିଟାଲ ସଶକ୍ତୀକରଣ ନିମନ୍ତେ ପ୍ରତ୍ୟେକ ଏସ୍‌ଏଚ୍‌ଜିକୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ୬ ଲକ୍ଷ ଏସ୍‌ଏଚ୍‌ଜିକୁ ୧୮୦ କୋଟି ଓ ବଲାଙ୍ଗୀର ଜିଲାର ୧୪ ପ୍ରକଳ୍ପରେ ୯୬୦୭ ଏସ୍‌ଏଚ୍‌ଜିକୁ ୨.୮୮ କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ଜିଲାର ୧୪ଟି ବ୍ଲକସ୍ତରୀୟ ମହାସଂଘକୁ ୩.୫୦ କୋଟିର ଆର୍ଥିକ ସହାୟତା, ୧୪ଟି ପ୍ରକଳ୍ପର ୨୫୬୬ ଅଙ୍ଗନୱାଡି କର୍ମୀ ଓ ୨୪୧୭ ଅଙ୍ଗନୱାଡି ସହାୟିକାଙ୍କୁ ୮୮.୮୬ ଲକ୍ଷ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ରାଜ୍ୟରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସମୁଦାୟ ୨୦.୦୯ କୋଟି ଟଙ୍କା ପ୍ରୋତ୍ସାହନ ଦିଆଯାଇଛି। ୨୦୧୭ ଏପ୍ରିଲରୁ ନୂତନ ଭାବେ ଗଠନ କରାଯାଇଥିବା ୩ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଥିଲେ। ବଲାଙ୍ଗୀର ଜିଲା ଅନ୍ତର୍ଗତ ୧୪ ବ୍ଲକର ୧୩,୪୦୧ ଏସ୍‌ଏଚ୍‌ଜିକୁ ଏହି କାର୍ଯ୍ୟକ୍ରମରେ ୨୦.୧୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଫଳ ଏସ୍‌ଏଚ୍‌ଜି ସଦସ୍ୟା ବିଳାସିନୀ ଠାକୁର ଓ ଚାନ୍ଦିନୀ କନ୍ଧାର ସେମାନଙ୍କ ମିଶନ ଶକ୍ତି ଯାତ୍ରାର ସଫଳତା ଉପରେ କହିଥିଲେ। ବ୍ଲକସ୍ତରୀୟ ଫେଡେରେଶନ୍‌ର ଏସ୍‌ଏଚ୍‌ଜି ସଦସ୍ୟା ଓ ଜିଲାପାଳ ଅରିନ୍ଦମ ଡାକୁଆ ମଞ୍ଚାସୀନ ଥିଲେ। ତେବେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ବିଧାୟକ ଆୟୁବ୍ ଖାନ୍, ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ମିଶନ ଶକ୍ତି ମହାସମାବେଶ**
**ଖର୍ଚ୍ଚ ହେବ କୋଟିଏ ଟଙ୍କା**

# ଦୁଇ ଭଉଣୀ ଭାଇଙ୍କ ଚିଠି ପରେ ଗାଁକୁ ପୋଲ

**ରେଢାଖୋଲ/ନାକଟିଦେଉଳ, ୬।୩ (ଡି.ଏନ୍.ଏ.)**

- ନହୁରାଣୀ ନାଳ ଉପରେ ପୋଲ ନିର୍ମାଣ ହେବ
- ଟେଣ୍ଡର ସରିଛି, କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ
- କୁଡାନାଳି ଗାଁର ଟେକ ଆୟୁଷ, ଆଦ୍ୟାଶା
- ପୋଲ ତିଆରି କରିବାକୁ ଚିଠି ପରେ ଚିଠି ଲେଖୁଥିଲେ

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କୁଡ଼ାନାଳି ଗ୍ରାମର ମୁଖ୍ୟ ସମସ୍ୟା ନହୁରାଣୀ ନାଳ। ଗାଁକୁ ଯିବା ଆସିବାକୁ ଏହି ନାଳ ହିଁ ବାଧକ ସାଜୁଛି। ଏହି ନାଳ ଉପରେ ଏକ ପୋଲ ନିର୍ମାଣ କରିବାକୁ ଦୀର୍ଘ ୫ ବର୍ଷ ହେଲା କୁଡ଼ାନାଳି ଗ୍ରାମର ଦୁଇ ଭଉଣୀ ଭାଇ ଆୟୁଷ ରଞ୍ଜନ ରାଉତ (୧୨) ଏବଂ ଆଦ୍ୟାଶା ପ୍ରିୟଦର୍ଶିନୀ ରାଉତ (୮) ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମାନବାଧିକାର କମିଶନଙ୍କୁ ଚିଠି ଲେଖି ଦାବି କରିଆସୁଛନ୍ତି। ଶେଷରେ ଏହା ସଫଳ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନାଳ ଉପରେ ପୋଲ ନିର୍ମାଣ କରାଯିବାକୁ ପ୍ରସ୍ତୁତି ସରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ଫେବୃୟାରୀ ୧୪ତାରିଖରେ ଏଥିପାଇଁ ଟେଣ୍ଡର ହୋଇଛି। ବୁଧବାର ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀ, ବିଭାଗୀୟ ଅଧିକାରୀ ପ୍ରମୁଖ ନହୁରାଣୀ ନାଳକୁ ଆସି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥାନୀୟ ଲୋକଙ୍କୁ କହିବା ସହ ଦୁଇ କୁନି ଭଉଣୀ ଭାଇଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷେ ଚିଠିର ମୂଲ୍ୟ ରଖିଥିବାରୁ ଏହି ଦୁଇ ଭଉଣୀ ଭାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏବେ ଏହି ଦୁଇ ଭଉଣୀ ଭାଇ ଗାଁର ମଉଡମଣି ପାଲଟିଛନ୍ତି।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

RDM-LAB-BOUDH-0004-2017 46818 ତା31.12.2018

No. XXXI-96:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ବାରିଙ୍ଗି, ଥାନା- ପୁରୁଣାକଟକ, ନଂ.- ୧୦୫, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୩୦୭୩୬, ତା୧୪।୦୩।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବାରିଙ୍ଗି, ଥାନା- ପୁରୁଣାକଟକ, ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.boudh.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ- ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାରିଙ୍ଗି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୫୮.୭୮୦ | ଏ.୩୭.୭୭୦ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୩୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ — ତହସିଲ- ହରଭଙ୍ଗା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ: ୧୧।୦୮।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ବ୍ରହ୍ମାନନ୍ଦ ବେହେରା), ଯୁଗ୍ମ ଶାସନ ସଚିବ

### ଜମିର ତାଲିକା

ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ବାରିଙ୍ଗି, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ.୧୦୫), ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ ଜମି

| କ୍ରମିକ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୨ | ୧୬୭ | ୫.୦୦୦ | ୦.୦୯୦ | ଆଟ | ଉଗ୍ରେସନ ବେହେରା, ପି: ମହର୍ଗ ବେହେରା, ବା: ବାରିଙ୍ଗି |
| ୨ | ୪ | ୫୩୮ | ୦.୪୪୦ | ୦.୦୫୦ | ଶାରଦ-୧ | କର୍ଣ୍ଣାଟ ପୋଢ଼, ସରସ୍ୱତୀ ପୋଢ଼, ଭଗବତୀ ପୋଢ଼, ସରୋଜିନୀ ପୋଢ଼, ପି: ଭାସ୍କର ପୋଢ଼, ବୀରସେନ ପୋଢ଼, ଭେଜି ପୋଢ଼, ବିନି ପୋଢ଼, ପି: ନିତ୍ୟାନନ୍ଦ ପୋଢ଼, ଶ୍ରୀମତୀ ପୋଢ଼, ସ୍ୱା: ନିତ୍ୟାନନ୍ଦ ପୋଢ଼, ବା: ବାରିଙ୍ଗି |
| ୩ | | ୫୩୭ | ୦.୩୫୦ | ୦.୦୩୦ | ଶାରଦ-୧ | |
| ୪ | ୮ | ୬୭୦ | ୦.୧୨୦ | ୦.୧୦୦ | ଶାରଦ-୧ | ଚୌଧୁରି ମଳିକ, ପି: ନବରଥି ମଳିକ, ବା: ବାରିଙ୍ଗି |
| ୫ | | ୬୬୯ | ୦.୨୭୦ | ୦.୦୧୦ | ଶାରଦ-୧ | |
| ୬ | ୯ | ୧୮୭ | ୨.୦୦୦ | ୧.୯୦୦ | ଆଟ | ଜୟନ୍ତି କହଁର, ସ୍ୱା: ଯୁଧିଷ୍ଠିର କହଁର, ବା: ବାରିଙ୍ଗି |
| ୭ | ୧୦ | ୫୦୯ | ୧.୦୦୦ | ୦.୩୯୦ | ଶାରଦ-୧ | କାହ୍ନୁ ଚରଣ ପ୍ରଧାନ, ସୁଚିତ୍ରା ପ୍ରଧାନ, ପି: ମୁକ୍ତେଶ୍ୱର ପ୍ରଧାନ, ମୁକ୍ତେଶ୍ୱର ପ୍ରଧାନ, ପି: ବଳରାମ ପ୍ରଧାନ, ବା: ବାରିଙ୍ଗି |
| ୮ | | ୪୭୩ | ୦.୨୩୦ | ୦.୨୩୦ | ଶାରଦ-୨ | |
| ୯ | | ୪୭୪ | ୦.୦୫୦ | ୦.୦୫୦ | ଘରବାରି | |
| ୧୦ | | ୪୭୫ | ୦.୨୦୦ | ୦.୨୦୦ | ଶାରଦ-୨ | |
| ୧୧ | | ୪୭୨ | ୨.୯୦୦ | ୨.୪୩୦ | ଶାରଦ-୧ | |
| ୧୨ | | ୩୭୩ | ୦.୨୪୦ | ୦.୦୩୦ | ଆଟ | |
| ୧୩ | | ୩୭୧ | ୦.୩୮୦ | ୦.୩୮୦ | ଶାରଦ-୨ | |
| ୧୪ | | ୧୯୯ | ୦.୧୩୦ | ୦.୧୩୦ | ଶାରଦ-୨ | |
| ୧୫ | ୧୧ | ୫୪ | ୦.୨୬୦ | ୦.୨୬୦ | ଆଟ | ଯୁଗେଶ୍ୱର ନାଏକ, ପି: କହ୍ନେଇ ନାଏକ, ଧୋବେଇ ନାଏକ, ପି: ସୁରିଆ ନାଏକ, ବା: ବାରିଙ୍ଗି |
| ୧୬ | | ୬୯୭ | ୦.୧୪୦ | ୦.୦୮୦ | ଶାରଦ-୨ | |
| ୧୭ | | ୬୯୫ | ୦.୦୯୦ | ୦.୦୫୦ | ଶାରଦ-୨ | |
| ୧୮ | | ୬୯୪ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୧୯ | | ୫୫୬ | ୦.୧୩୦ | ୦.୧୩୦ | ଶାରଦ-୧ | |
| ୨୦ | | ୫୩୬ | ୧.୦୨୦ | ୦.୨୬୦ | ଶାରଦ-୧ | |
| ୨୧ | | ୫୦୮ | ୦.୨୨୦ | ୦.୦୧୦ | ଶାରଦ-୧ | |
| ୨୨ | | ୩୬୯ | ୧.୧୦୦ | ୧.୦୧୦ | ଶାରଦ-୧ | |
| ୨୩ | | ୧୯୪ | ୦.୦୨୦ | ୦.୦୨୦ | ଶାରଦ-୨ | |
| ୨୪ | ୧୨ | ୪୮୬ | ୦.୦୮୦ | ୦.୦୩୦ | ଶାରଦ-୨ | ଯୁଧିଷ୍ଠିର କହଁର, ପି: ଚୈତନ୍ୟ କହଁର, ବା: ବାରିଙ୍ଗି |
| ୨୫ | | ୪୮୦ | ୦.୧୪୦ | ୦.୦୭୦ | ଶାରଦ-୨ | |
| ୨୬ | ୧୪ | ୭୦୨ | ୦.୨୧୦ | ୦.୧୮୦ | ଶାରଦ-୨ | ଜନାର୍ଦ୍ଦନ ଯାନି, ପି: ଧନପତି ଯାନି, ଦ୍ରୌପଦୀ ଯାନି, ସରସ୍ୱତୀ ଯାନି, ନିରୁପତି ଯାନି, ପି: ପଦ୍ମ ଯାନି, ହୃଷୀ କହଁର, କୁସିଆ କହଁର, ପି: ଜଗତ କହଁର, ସନାତନ ଯାନି, ପି: ଗଣପତି ଯାନି, ବା: ବାରିଙ୍ଗି |
| ୨୭ | | ୬୯୨ | ୦.୨୦୦ | ୦.୨୦୦ | ଶାରଦ-୨ | |
| ୨୮ | | ୬୯୧ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୨୯ | | ୬୯୦ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୩୦ | | ୬୮୯ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୩୧ | ୧୪ | ୫୫୨ | ୦.୧୮୦ | ୦.୦୬୦ | ଶାରଦ-୨ | ଜନାର୍ଦ୍ଦନ ଯାନି, ପି: ଧନପତି ଯାନି, ଦ୍ରୌପଦୀ ଯାନି, ସରସ୍ୱତୀ ଯାନି, ନିରୁପତି ଯାନି, ପି: ପଦ୍ମ ଯାନି, ହୃଷୀ କହଁର, କୁସିଆ କହଁର, ପି: ଜଗତ କହଁର, ସନାତନ ଯାନି, ପି: ଗଣପତି ଯାନି, ବା: ବାରିଙ୍ଗି |
| ୩୨ | | ୫୫୩ | ୦.୩୯୦ | ୦.୩୯୦ | ଶାରଦ-୨ | |
| ୩୩ | | ୫୫୧ | ୦.୬୦୦ | ୦.୨୫୦ | ଶାରଦ-୨ | |
| ୩୪ | | ୫୦୬ | ୦.୨୦୦ | ୦.୧୧୦ | ଶାରଦ-୧ | |
| ୩୫ | | ୫୦୫ | ୦.୩୫୦ | ୦.୩୫୦ | ଶାରଦ-୧ | |
| ୩୬ | | ୫୦୦ | ୦.୨୨୦ | ୦.୨୨୦ | ଶାରଦ-୨ | |
| ୩୭ | | ୪୯୧ | ୦.୨୭୦ | ୦.୨୦୦ | ଶାରଦ-୨ | |
| ୩୮ | | ୪୮୪ | ୦.୭୧୦ | ୦.୭୧୦ | ଶାରଦ-୧ | |
| ୩୯ | | ୪୮୫ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୪୦ | ୧୬ | ୭୩୧ | ୧.୦୦୦ | ୦.୬୫୦ | ଶାରଦ-୧ | ଦେବେଶ୍ୱର ନାଏକ, ପି: ଭଗତ ନାଏକ, ମାନସର ନାଏକ, ବାନାମ୍ବର ନାଏକ, ପି: ଜଗତ ନାଏକ, ବା: ବାରିଙ୍ଗି |
| ୪୧ | | ୭୦୭ | ୦.୧୦୦ | ୦.୧୦୦ | ଶାରଦ-୧ | |
| ୪୨ | | ୭୦୬ | ୦.୧୨୦ | ୦.୧୨୦ | ଶାରଦ-୧ | |
| ୪୩ | | ୭୦୫ | ୦.୧୪୦ | ୦.୦୨୦ | ଶାରଦ-୨ | |
| ୪୪ | | ୫୪୯ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୪୫ | | ୫୫୭ | ୦.୫୩୦ | ୦.୫୩୦ | ଶାରଦ-୧ | |
| ୪୬ | | ୫୬୮ | ୦.୧୫୦ | ୦.୦୧୦ | ଶାରଦ-୨ | |
| ୪୭ | | ୫୬୯ | ୦.୧୪୦ | ୦.୦୫୦ | ଶାରଦ-୨ | |
| ୪୮ | | ୫୪୦ | ୦.୬୦୦ | ୦.୬୦୦ | ଶାରଦ-୧ | |
| ୪୯ | | ୫୦୨ | ୦.୨୧୦ | ୦.୨୧୦ | ଶାରଦ-୨ | |
| ୫୦ | | ୫୦୧ | ୦.୬୦୦ | ୦.୬୦୦ | ଶାରଦ-୨ | |
| ୫୧ | | ୪୯୭ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୫୨ | | ୪୯୮ | ୦.୧୦୦ | ୦.୦୭୦ | ଶାରଦ-୨ | |
| ୫୩ | | ୪୯୯ | ୦.୧୦୦ | ୦.୦୮୦ | ଶାରଦ-୨ | |
| ୫୪ | | ୪୮୨ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୫୫ | | ୪୮୧ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୫୬ | | ୪୮୮ | ୦.୧୨୦ | ୦.୦୩୦ | ଶାରଦ-୨ | |
| ୫୭ | | ୪୭୯ | ୦.୨୦୦ | ୦.୦୩୦ | ଶାରଦ-୨ | |
| ୫୮ | | ୪୭୮ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୫୯ | | ୧୭୩ | ୦.୨୦୦ | ୦.୨୦୦ | ଆଟ | |
| ୬୦ | | ୧୯୨ | ୦.୨୭୦ | ୦.୨୭୦ | ଶାରଦ-୨ | |
| ୬୧ | | ୧୯୫ | ୦.୩୦୦ | ୦.୩୦୦ | ଶାରଦ-୨ | |
| ୬୨ | | ୧୭୬ | ୦.୨୨୦ | ୦.୨୨୦ | ଆଟ | ଦେବେଶ୍ୱର ନାଏକ, ପି: ଭଗତ ନାଏକ, ମାନସର ନାଏକ, ବାନାମ୍ବର ନାଏକ, ପି: ଜଗତ ନାଏକ, ବା: ବାରିଙ୍ଗି |
| ୬୩ | | ୧୭୫ | ୦.୨୮୦ | ୦.୨୮୦ | ଆଟ | |
| ୬୪ | ୧୯ | ୭୪୬ | ୧.୨୫୦ | ୧.୧୯୦ | ଶାରଦ-୧ | ନୀଳାଦ୍ରି ନାଏକ, ପି: ବୈକୁଣ୍ଠ ନାଏକ, ବା: ବାରିଙ୍ଗି |
| ୬୫ | | ୭୧୭ | ୦.୩୫୦ | ୦.୨୪୦ | ଶାରଦ-୨ | |
| ୬୬ | | ୫୨୦ | ୦.୭୪୦ | ୦.୬୦୦ | ଶାରଦ-୧ | |
| ୬୭ | | ୨୦୮ | ୦.୧୪୦ | ୦.୦୪୦ | ଶାରଦ-୨ | |
| ୬୮ | ୨୦ | ୭୦୪ | ୧.୫୩୦ | ୧.୫୩୦ | ଆଟ | ପ୍ରଫୁଲ୍ଲ କୁମାର ବେହେରା, ସୁରେନ୍ଦ୍ର ବେହେରା, ରବିନ୍ଦ୍ର ବେହେରା, ପି: ଦଣ୍ଡପାଣି ବେହେରା, ବା: ବାରିଙ୍ଗି |
| ୬୯ | | ୭୦୩ | ୦.୩୬୦ | ୦.୩୬୦ | ଆଟ | |
| ୭୦ | | ୬୯୬ | ୦.୧୮୦ | ୦.୧୮୦ | ଶାରଦ-୨ | |
| ୭୧ | ୨୧ | ୭୩୨ | ୦.୯୮୦ | ୦.୮୨୦ | ଶାରଦ-୧ | ପାରେଶ୍ୱର ନାଏକ, ପି: ଆନନ୍ଦ ନାଏକ, ସୁଦର୍ଶନ ନାଏକ, ତ୍ରିଲୋଚନ ନାଏକ, ପି: କାର୍ତ୍ତିକ ନାଏକ, ବା: ବାରିଙ୍ଗି |
| ୭୨ | | ୬୮୧ | ୦.୩୧୦ | ୦.୦୪୦ | ଶାରଦ-୨ | |
| ୭୩ | | ୬୯୩ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୭୪ | | ୫୬୦ | ୦.୩୭୦ | ୦.୩୧୦ | ଶାରଦ-୧ | |
| ୭୫ | | ୧୯୩ | ୦.୨୨୦ | ୦.୨୨୦ | ଶାରଦ-୨ | |
| ୭୬ | | ୩୬୮ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୭୭ | ୨୨ | ୬୬୮ | ୦.୩୪୦ | ୦.୦୪୦ | ଶାରଦ-୧ | ବଭ୍ରୁବାହନ ମଳିକ, ପି: ଗୋପାଳ ମଳିକ, ବା: ବାରିଙ୍ଗି |
| ୭୮ | | ୬୬୭ | ୦.୪୪୦ | ୦.୦୬୦ | ଶାରଦ-୧ | |
| ୭୯ | ୨୩ | ୭୫୩ | ୦.୭୦୦ | ୦.୭୦୦ | ଶାରଦ-୧ | ବଳରାମ ନାଏକ, ଶ୍ରୀରାମ ନାଏକ, ବିଭୀଷଣ ନାଏକ, ପି: ବିଶ୍ୱନାଥ ନାଏକ, ସନ୍ତୋଷ ନାଏକ, ବାବୁଲା ନାଏକ, ପି: ଘନଶ୍ୟାମ ନାଏକ, ବା: ବାରିଙ୍ଗି |
| ୮୦ | | ୭୫୨ | ୦.୧୪୦ | ୦.୧୪୦ | ଶାରଦ-୧ | |
| ୮୧ | | ୭୧୬ | ୦.୫୪୦ | ୦.୨୯୦ | ଶାରଦ-୧ | |
| ୮୨ | | ୬୮୮ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୮୩ | | ୧୮୦ | ୦.୪୮୦ | ୦.୪୮୦ | ଆଟ | |
| ୮୪ | ୨୬ | ୬୪ | ୧.୬୨୦ | ୦.୧୮୦ | ଆଟ | ବିମ୍ବାଧର ନାଏକ, ପି: ଦଶରଥ ନାଏକ, ପୂନଚନ୍ଦ୍ର ନାଏକ, ପି: ବଂଶୀଧର ନାଏକ, ବରଦା ନାଏକ, ପି: ଗଙ୍ଗାଧର ନାଏକ, ବା: ବାରିଙ୍ଗି |
| ୮୫ | | ୬୩ | ୧.୧୫୦ | ୦.୦୧୦ | ଆଟ | |
| ୮୬ | | ୭୫୭ | ୦.୩୨୦ | ୦.୩୨୦ | ଶାରଦ-୧ | |
| ୮୭ | | ୫୪୪ | ୦.୧୧୦ | ୦.୦୧୦ | ଶାରଦ-୧ | |
| ୮୮ | | ୫୪୩ | ୦.୧୦୦ | ୦.୧୦୦ | ଶାରଦ-୧ | |
| ୮୯ | | ୫୨୭ | ୦.୪୯୦ | ୦.୦୧୦ | ଶାରଦ-୧ | |
| ୯୦ | | ୫୦୩ | ୦.୨୦୦ | ୦.୨୦୦ | ଶାରଦ-୨ | |
| ୯୧ | | ୫୦୭ | ୦.୨୦୦ | ୦.୨୦୦ | ଶାରଦ-୧ | |
| ୯୨ | ୨୮ | ୬୮୫ | ୦.୫୨୦ | ୦.୫୨୦ | ଶାରଦ-୨ | ଭୀମସେନ ନାଏକ, ପି: ଦୁର୍ଯ୍ୟୋଧନ ନାଏକ, ବା: ବାରିଙ୍ଗି |
| ୯୩ | | ୫୬୧ | ୧.୧୮୦ | ୦.୨୯୦ | ଶାରଦ-୧ | |
| ୯୪ | | ୩୭୦ | ୦.୪୨୦ | ୦.୪୨୦ | ଶାରଦ-୧ | |
| ୯୫ | | ୨୦୦ | ୦.୦୯୦ | ୦.୦୯୦ | ଶାରଦ-୨ | |
| ୯୬ | ୩୦ | ୭୪୫ | ୦.୪୦୦ | ୦.୨୩୦ | ଶାରଦ-୧ | ରାଜକିଶୋର ନାଏକ, ପି: ଉଦୟନାଥ ନାଏକ, ଲକ୍ଷେଶ୍ୱର ନାଏକ, ପି: ଗୁପ୍ତେଶ୍ୱର ନାଏକ, ଅଭିମନ୍ୟୁ ନାଏକ, ପି: ପରମେଶ୍ୱର ନାଏକ, ବା: ବାରିଙ୍ଗି |
| ୯୭ | | ୭୪୪ | ୦.୩୫୦ | ୦.୦୭୦ | ଶାରଦ-୧ | |
| ୯୮ | | ୭୪୩ | ୦.୩୬୦ | ୦.୦୧୦ | ଶାରଦ-୧ | |
| ୯୯ | | ୭୦୯ | ୦.୧୦୦ | ୦.୦୧୦ | ଶାରଦ-୧ | |
| ୧୦୦ | | ୭୦୮ | ୦.୧୬୦ | ୦.୧୬୦ | ଶାରଦ-୧ | |
| ୧୦୧ | | ୭୧୨ | ୦.୩୦୦ | ୦.୨୦୦ | ଶାରଦ-୧ | |
| ୧୦୨ | | ୭୧୩ | ୦.୨୨୦ | ୦.୨୨୦ | ଶାରଦ-୧ | |
| ୧୦୩ | | ୭୧୪ | ୦.୧୭୦ | ୦.୦୩୦ | ଶାରଦ-୨ | |
| ୧୦୪ | | ୭୧୫ | ୦.୩୬୦ | ୦.୨୩୦ | ଶାରଦ-୧ | |
| ୧୦୫ | | ୫୫୫ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୧୦୬ | | ୫୪୫ | ୦.୩୪୦ | ୦.୨୫୦ | ଶାରଦ-୧ | |
| ୧୦୭ | | ୫୨୩ | ୦.୪୨୦ | ୦.୪୨୦ | ଶାରଦ-୧ | |
| ୧୦୮ | | ୫୨୨ | ୦.୩୮୦ | ୦.୩୮୦ | ଶାରଦ-୧ | |
| ୧୦୯ | | ୫୭୦ | ୦.୧୦୦ | ୦.୦୩୦ | ଶାରଦ-୨ | |
| ୧୧୦ | | ୫୭୩ | ୦.୧୬୦ | ୦.୦୬୦ | ଶାରଦ-୨ | |
| ୧୧୧ | | ୫୨୪ | ୦.୪୬୦ | ୦.୪୬୦ | ଶାରଦ-୧ | |
| ୧୧୨ | | ୪୮୩ | ୦.୨୭୦ | ୦.୦୭୦ | ଶାରଦ-୨ | |
| ୧୧୩ | | ୧୯୬ | ୦.୨୩୦ | ୦.୨୩୦ | ଶାରଦ-୨ | |
| ୧୧୪ | | ୧୭୭ | ୦.୧୮୦ | ୦.୧୮୦ | ଆଟ | |
| ୧୧୫ | | ୧୭୮ | ୦.୧୯୦ | ୦.୧୯୦ | ଆଟ | |
| ୧୧୬ | | ୧୭୯ | ୦.୧୯୦ | ୦.୧୯୦ | ଆଟ | |
| ୧୧୭ | ୩୨ | ୫୫୪ | ୦.୧୪୦ | ୦.୧୪୦ | ଶାରଦ-୨ | ଶ୍ରୀକର ଗଣ୍ଡା, ପି: ଯୁଝାର ଗଣ୍ଡା, ବା: ବାରିଙ୍ଗି |
| ୧୧୮ | | ୫୪୮ | ୦.୦୮୦ | ୦.୦୧୦ | ଶାରଦ-୨ | |
| ୧୧୯ | | ୪୮୭ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୨୦ | | ୩୭୪ | ୦.୪୦୦ | ୦.୧୯୦ | ଶାରଦଦୁଇ | |
| ୧୨୧ | ୩୩ | ୭୨ | ୦.୧୧୦ | ୦.୦୭୦ | ଆଟ | ଶ୍ରୀନିବାସ ନାଏକ, ରମେଶ କୁମାର ନାଏକ, ପି: ଶ୍ରୀଧର ନାଏକ, ନିରଞ୍ଜନ ନାଏକ, ପି: ଲକ୍ଷ୍ମଣ ନାଏକ, ବା: ବାରିଙ୍ଗି |
| ୧୨୨ | | ୭୦ | ୦.୨୬୦ | ୦.୨୬୦ | ଆଟ | |
| ୧୨୩ | | ୬୯ | ୦.୧୨୦ | ୦.୧୨୦ | ଆଟ | |
| ୧୨୪ | | ୬୮ | ୦.୧୪୦ | ୦.୧୪୦ | ଆଟ | |
| ୧୨୫ | | ୭୪୨ | ୦.୩୪୦ | ୦.୦୧୦ | ଶାରଦ-୧ | |
| ୧୨୬ | | ୭୦୧ | ୦.୧୪୦ | ୦.୦୩୦ | ଶାରଦ-୨ | |
| ୧୨୭ | | ୭୦୦ | ୦.୧୬୦ | ୦.୦୩୦ | ଶାରଦ-୨ | |
| ୧୨୮ | | ୬୮୨ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୧୨୯ | | ୬୮୪ | ୦.୦୩୦ | ୦.୦୩୦ | ଶାରଦ-୨ | |
| ୧୩୦ | | ୬୮୩ | ୦.୦୪୦ | ୦.୦୪୦ | ଶାରଦ-୨ | ଶ୍ରୀନିବାସ ନାଏକ, ରମେଶ କୁମାର ନାଏକ, ପି: ଶ୍ରୀଧର ନାଏକ, ନିରଞ୍ଜନ ନାଏକ, ପି: ଲକ୍ଷ୍ମଣ ନାଏକ, ବା: ବାରିଙ୍ଗି |
| ୧୩୧ | | ୬୮୬ | ୦.୦୪୦ | ୦.୦୪୦ | ଶାରଦ-୨ | |
| ୧୩୨ | | ୬୮୭ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୧୩୩ | | ୫୬୭ | ୦.୧୪୦ | ୦.୦୨୦ | ଶାରଦ-୨ | |
| ୧୩୪ | | ୫୪୨ | ୦.୪୮୦ | ୦.୪୮୦ | ଶାରଦ-୧ | |
| ୧୩୫ | | ୫୪୧ | ୦.୩୮୦ | ୦.୩୮୦ | ଶାରଦ-୧ | |
| ୧୩୬ | | ୫୨୫ | ୦.୧୬୦ | ୦.୧୬୦ | ଶାରଦ-୨ | |
| ୧୩୭ | | ୪୭୬ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୧୩୮ | | ୪୭୭ | ୦.୦୮୦ | ୦.୦୮୦ | ଶାରଦ-୨ | |
| ୧୩୯ | | ୨୧୧ | ୦.୧୪୦ | ୦.୦୩୦ | ଶାରଦ-୨ | |
| ୧୪୦ | | ୧୯୭ | ୦.୧୩୦ | ୦.୧୩୦ | ଶାରଦଦୁଇ | |
| ୧୪୧ | | ୧୬୪ | ୦.୦୯୦ | ୦.୦୨୦ | ଆଟ | |
| ୧୪୨ | | ୨୦୯ | ୦.୧୪୦ | ୦.୦୩୦ | ଶାରଦ-୨ | |
| ୧୪୩ | ୩୬ | ୫୧୯ | ୦.୭୪୦ | ୦.୩୨୦ | ଶାରଦ-୧ | ସୁନ୍ଦରୀ ନାଏକ, ପି: ଗଙ୍ଗାଧର ନାଏକ, ବା: ବାରିଙ୍ଗି |
| ୧୪୪ | | ୧୯୮ | ୦.୧୨୦ | ୦.୧୨୦ | ଆଟ | |
| ୧୪୫ | | ୨୦୭ | ୦.୧୨୦ | ୦.୧୨୦ | ଶାରଦ-୨ | |
| ୧୪୬ | ୩୮ | ୫୩୯ | ୦.୨୬୦ | ୦.୨୬୦ | ଶାରଦ-୧ | ସୁଲୋଚନା ନାଏକ, ସ୍ୱା: ବାନାମ୍ବର ନାଏକ, ବା: ବାରିଙ୍ଗି |
| ୧୪୭ | ୪୭/୧ | ୭୩୦ | ୦.୫୭୦ | ୦.୨୩୦ | ଶାରଦ-୧ | ପୁରନ୍ଦର ଯାନି, ବିଶ୍ୱାମିତ୍ର ଯାନି, ବରୁଣ ଯାନି, ଅରୁଣ ଯାନି, ପି: ବୃନ୍ଦାବନ ଯାନି, ବା: ବାରିଙ୍ଗି |
| ୧୪୮ | ୪୭/୧୧ | ୭୫୮ | ୦.୩୭୦ | ୦.୩୪୦ | ଶାରଦ-୧ | ସୁଲୋଚନା ମାଝୀ, ପି: ଶପ୍ତେଶ୍ୱର ମାଝୀ, ବା: ବାରିଙ୍ଗି |
| ୧୪୯ | ୪୭/୧୨ | ୫୨୧ | ୦.୪୨୦ | ୦.୪୨୦ | ଶାରଦ-୧ | ସୁଲୋଚନା ମାଝୀ, ପି: ଶପ୍ତେଶ୍ୱର ମାଝୀ, ବା: ବାରିଙ୍ଗି |
| ୧୫୦ | ୪୭/୧୩ | ୭୫୦ | ୦.୩୯୦ | ୦.୩୯୦ | ଶାରଦ-୧ | ଜଗଦିଶ ନାୟକ, ପି: ବୃନ୍ଦାବନ ନାୟକ, ବା: ବାରିଙ୍ଗି |
| ୧୫୧ | ୪୭/୨୦ | ୧୮୬/୭୯୬ | ୧.୫୦୦ | ୦.୦୫୦ | ଆଟ | ଜୟନ୍ତୀ ମାଝୀ, ପି: ନରେନ୍ଦ୍ର ମାଝୀ, ବା: ବାରିଙ୍ଗି |
| ୧୫୨ | | ୧୮୮/୭୯୭ | ୧.୦୦୦ | ୧.୦୦୦ | ଆଟ | |
| ୧୫୩ | ୪୭/୨୪ | ୫୫୯ | ୦.୭୯୦ | ୦.୭୪୦ | ଶାରଦ-୧ | ସହିଷ୍ଣୁ ନାଏକ, ପି: ନିରଞ୍ଜନ ନାୟକ, ବା: ବାରିଙ୍ଗି |
| ୧୫୪ | | ୫୫୮ | ୦.୩୪୦ | ୦.୩୪୦ | ଶାରଦ-୧ | |
| ୧୫୫ | ୪୭/୬ | ୩୮୦ | ୦.୦୮୦ | ୦.୦୧୦ | ଘରବାରି | ଜଗବନ୍ଧୁ ପ୍ରଧାନ, ପି: କାଳିଆ ପ୍ରଧାନ, ବା: ବାରିଙ୍ଗି |
| ୧୫୬ | ୪୭/୮ | ୫୦୪ | ୦.୩୮୦ | ୦.୩୮୦ | ଶାରଦ-୧ | ସୁଲୋଚନା ନାୟକ, ସ୍ୱା: ନିବାସ ନାୟକ, ବା: ବାରିଙ୍ଗି |
| ମୋଟ | | | ୫୮.୭୮୦ | ୩୭.୪୭୦ | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
| ୧ | ୨୬ | ୬୪ | ୧.୬୨୦ | ୦.୩୦୦ | ଆଟ | ବିମ୍ବାଧର ନାଏକ, ପି: ଦଶରଥ ନାଏକ, ପୁନଚନ୍ଦ୍ର ନାଏକ, ପି: ବଂଶୀଧର ନାଏକ, ବରଦା ନାଏକ, ପି: ଗଙ୍ଗାଧର ନାଏକ, ବା: ବାରିଙ୍ଗି |
| | | | ମୋଟ | ୦.୩୦୦ | | |
| ଏକର ଡେସିମାଲ | | | | | | |
| ବ୍ୟକ୍ତିଗତ ଜମି | | | | ୩୭.୪୭୦ | | |
| ଇ | | | | ୦.୩୦୦ | | |
| ମୋଟ | | | ୫୮.୭୮୦ | ୩୭.୭୭୦ | | |

24001/14/0584/1819

ଧରିତ୍ରୀ
DHARITRI
ଗୁରୁବାର, ୭ ମାର୍ଚ୍ଚ, ୨୦୧୯






ଶର୍ଟ ଫିଲ୍ମ 'ହିରୋ'ରେ ଲାଡ୍‌ଲୀ- ଅରବିନ୍ଦ ପାଣ୍ଡେ।

## ଆଲିଆଙ୍କୁ କ'ଣ ଭଲ ଲାଗେ

ଆଲିଆ ଭଟ୍ଟ ଏବେ ଚର୍ଚ୍ଚାରେ। ତାହାର କାରଣ ମଧ୍ୟ ଅନେକଙ୍କୁ ଅଳ୍ପ ବହୁତେ ଜଣା। କଥା କ'ଣ କି ରଣବୀର କପୁରଙ୍କ ସହ ତାଙ୍କର ଆଫେୟାର୍ସ ଆଉ କାହାକୁ ଅଛପା ନାହିଁ। ପୁଣି ଶୁଣିବାକୁ ମିଳୁଛି ଯେ ଦୁହେଁ ଖୁବ୍‌ଶୀଘ୍ର ହାତକୁ ଦି' ହାତ ହେବେ। ହେଲେ ମୂଳ ପ୍ରସଙ୍ଗ ହେଲା, ଆଲିଆଙ୍କୁ କ'ଣ ଭଲ ଲାଗେ ? ଏହାର ଉତ୍ତର ଆମେ ବା କିପରି ଦେବା ? ଏ ବିଷୟରେ ସେ ସିନା ଠିକ୍ ଭାବରେ କହିପାରିବେ। ହଁ, ତାଙ୍କୁ ସବୁଠାରୁ ବେଶି ଭଲ ଲାଗେ ଆଇସକ୍ରିମ୍ ଖାଇବାକୁ। ନିକଟରେ ସେ ରହୁଥିବା ଆପାର୍ଟମେଣ୍ଟର କିଛି ପିଲାଙ୍କୁ ଆଇସକ୍ରିମ୍ ଖୁଆଇବାକୁ ଚାହିଁଲେ। ତା'ପରେ ସେମାନଙ୍କୁ ନେଇ ପହଞ୍ଚିଗଲେ ଏକ ଆଇସକ୍ରିମ ପାର୍ଲରରେ। ଅଳ୍ପ ସମୟ ପରେ ସେଠାରେ ଅଟକିଲା ଆଉ ଏକ କାର୍ ଯେଉଁଥିରୁ ଓହ୍ଲାଇଥିଲେ ରଣବୀର କପୁର। ବାସ୍, ତା'ପରେ ମାହୋଲ ଆହୁରି ଜମିଯାଇଥିଲା। ଏହି ଅବସରରେ ଆଲିଆ କହିଥିଲେ ଯେ ଆଇସକ୍ରିମ୍ ଖାଇବାକୁ ସେ ପିଲାଟି ଦିନରୁ ଭାରି ଭଲ ପାଆନ୍ତି।

## ଅଭିଜ୍ଞତା ମୋତେ ସଫଳତା ଦେଇଛି

ମୋ କଥା
ସିଦ୍ଧାର୍ଥ ପଟ୍ଟନାୟକ

ଯେକୌଣସି ଜିନିଷରେ ଅଭିଜ୍ଞତା ଆଗକୁ ବାଟ କଢ଼ାଇ ନେଇଥାଏ। ହେଲେ ସେ ସମୟରେ ସୁଚିନ୍ତିତ ଯୋଜନାକୁ ଭୁଲି ଯିବା ଉଚିତ ନୁହେଁ। ଏଡିଟିଂ କ୍ଷେତ୍ରରେ ମୋର ଦୀର୍ଘ ୧୧ବର୍ଷର ଅଭିଜ୍ଞତା ମୋ ପାଇଁ ବରଦାନ ସଦୃଶ ହୋଇଛି ବୋଲି କହନ୍ତି ସିଦ୍ଧାର୍ଥ। ଭିଡିଓ ଏଡିଟିଂରେ ଡିପ୍ଲୋମା ହାସଲ କରିବା ପରେ ସେ ମେଗା ଧାରାବାହିକ ଜଗତରେ ପ୍ରବେଶ କରିଥିଲେ। ଛୋଟ ପରଦାରେ ପ୍ରସାରିତ ବେଶ୍ କେତୋଟି ଚର୍ଚ୍ଚିତ ଧାରାବାହିକରେ ଏଡିଟିଂ ଭଳି ଗୁରୁତ୍ୱପୂର୍ଣ୍ଣ କାମକୁ ଜଣେ ଚିଫ୍ ଏଡିଟର ଭାବେ ନିଜ ଗ୍ରୁପ୍ ସହ ବେଶ୍ ସଫଳତାର ସହ ତୁଲାଇଛନ୍ତି। ୩୧ବର୍ଷୀୟ ସିଦ୍ଧାର୍ଥଙ୍କ ଜନ୍ମ ତିର୍ତ୍ତୋଲର ରଘୁନାଥପୁର ଗ୍ରାମରେ। ମାତ୍ର ୨୦ ବର୍ଷ ବୟସରେ ସେ ଏଡିଟିଂ ଆରମ୍ଭ କରିଥିଲେ। 'କୌଣସି ନୂଆ କାମ ଆରମ୍ଭ କଲେ ତାହା ଏକ ଚ୍ୟାଲେଞ୍ଜିଂ ପରି। ହେଲେ ସେ ସମୟରେ ମାନସିକ ସନ୍ତୁଳନ ରଖିବା ଜରୁରୀ ବୋଲି କହନ୍ତି ସେ।' ରାଜ୍ୟ ଟେଲି ପୁରସ୍କାର-୨୦୧୮ ବ୍ୟତୀତ ସେ ରାଜ୍ୟ କଳାପରିଷଦ ପୁରସ୍କାର, ଓଲିଉଡ୍ ସ୍କ୍ରିନ୍ ଆୱାର୍ଡ, ତରଙ୍ଗ ପରିବାର ଆୱାର୍ଡ-୨୦୧୮ରେ ମଧ୍ୟ ସମ୍ମାନିତ। ଜଣେ ଏଡିଟର ଭାବରେ ସେ ଦାୟିତ୍ୱ ତୁଲାଇଥିବା ଧାରାବାହିକଗୁଡ଼ିକ ହେଲା-ଅପା, ତପସ୍ୟା, ଦୁର୍ଗା, ମାନିନୀ, ତୁ ମୋ ଜୀବନସାଥୀ ଏବଂ ରହିଛି ରହିବି ତୋରି ପାଇଁ। ତେବେ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ଆଗକୁ ଆଗେଇବି ବୋଲି କହନ୍ତି ସିଦ୍ଧାର୍ଥ।

ନିକଟରେ ରାଜ୍ୟ ଟେଲି ପୁରସ୍କାର-୨୦୧୮ରେ ଶ୍ରେଷ୍ଠ ଏଡିଟର ଭାବେ ପୁରସ୍କୃତ ସିଦ୍ଧାର୍ଥ ପଟ୍ଟନାୟକ ନିଜ ବିଷୟରେ ଯାହା କହନ୍ତି...



## ଅରବିନ୍ଦ ଯାହା ଚାହୁଁଥିଲେ..

ବେଳେବେଳେ ମଣିଷ ଯାହା ଆକଳନ କରିଥାଏ ହଠାତ୍ ତାହା ସଫଳ ହୋଇଥାଏ। ଠିକ୍ ସେହିପରି ଏକ ଶର୍ଟ ଫିଲ୍ମର କାହାଣୀ ଚୟନ କରିବା ସମୟରେ ଏକଥା ଏହାର କାହାଣୀକାର ତଥା ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେ ଭାବିଥିଲେ। ତାଙ୍କର ଆଶା ଥିଲା ଯେ ଏପରି ଏକ ଭିନ୍ନ ଧରଣର ଫିଲ୍ମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ, ଯାହା ନିକଟରେ ସତରେ ପରିଣତ ହୋଇଛି। ଚଳଚ୍ଚିତ୍ରଟି ହେଲା 'ହିରୋ'। ଚଳିତ ବର୍ଷ ଜୁନ୍‌ରେ ମୁମ୍ବାଇଠାରେ ଆୟୋଜିତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଶର୍ଟ ଫିଲ୍ମ ଫେଷ୍ଟିଭାଲରେ ଏହା ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଫିଲ୍ମର କାହାଣୀ ଅନୁସାରେ ଯୁବକଟିର ଲକ୍ଷ୍ୟ ମୁଁ ଚଳଚ୍ଚିତ୍ର ଜଗତରେ ହିରୋ ହେବି। ହେଲେ ଲକ୍ଷ୍ୟ ପଥରେ ଆଗେଇବା ସମୟରେ ଆର୍ଥିକ ସ୍ଥିତି ବାଧକ ସାଜେ। ହେଲେ ସେସବୁକୁ ସାହସର ସହ ସାମନା କରି ସେ ଆଗେଇଥାଏ। ଶେଷରେ ତାହାର ଆଶା ପୂରଣ ହୁଏ କି ନାହିଁ ତାହା ଏହି ଶର୍ଟ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅରବିନ୍ଦଙ୍କ ଝିଅ ତଥା ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍‌ର ଛାତ୍ରୀ ସାଇନି ପାଣ୍ଡେ। ଏଥିରେ ଅରବିନ୍ଦ ବାପା ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ମାନବ ରାଉତରାୟ, ଶର୍ମିଷ୍ଠା, ରତ୍ନପର୍ଣ୍ଣା, କିଶୋର ରାଉତ, ପ୍ରସନ୍ନ ପାଣି, ଧୀରେନ୍ ସାହୁ, ଅମ୍ବିକା ମହାନ୍ତି, ଲାଡି ମିଶ୍ର ଏବଂ ନିଶା ପଟେଲ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା ଫ୍ରାନ୍ସର ସର୍ଟସ ଆଣ୍ଡ ସର୍ଟସ ଇଣ୍ଟରନ୍ୟାଶନାଲ ଟିଭି ଏହି ଫିଲ୍ମକୁ ଦୁଇବର୍ଷ ପାଇଁ ଟେଲିକାଷ୍ଟ କରିବାକୁ ଅନୁବନ୍ଧିତ ହୋଇଛି।

## ପ୍ରତିଭାରାଣୀଙ୍କ ଆଶା



ଚଳଚ୍ଚିତ୍ର କାହାଣୀକାର ପ୍ରତିଭାରାଣୀ ମହାନ୍ତି। ଏକ ନୂଆ ଓଡ଼ିଆ ସିନେମାର କାହାଣୀ ରଚନାରେ ସେ ଏବେ ବ୍ୟସ୍ତ ଅଛନ୍ତି। ଅବଶ୍ୟ ଏହା ପୂର୍ବରୁ ହୋମ୍ ବ୍ୟାନର ଜୟ ହନୁମାନ ଫିଲ୍ମସରେ ନିର୍ମିତ 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'ର କାହାଣୀ ରଚନା କରି ନିଜର ଦକ୍ଷତା ଦେଖାଇସାରିଛନ୍ତି। ହେଲେ ଏଥର ଏକ ଭିନ୍ନ ଧରଣର ତଥା ସମାଜଧର୍ମୀ କାହାଣୀ ଉପରେ ସେ ଗୁରୁତ୍ୱ ଦେଉଛନ୍ତି, ଯାହାର ମୂଳ କଥା ରହିଛି ସମାଜ ସେବା। ଏ ବିଷୟରେ ପ୍ରତିଭାରାଣୀ କହନ୍ତି, 'ଚଳଚ୍ଚିତ୍ର ମାଧ୍ୟମରେ ଆମେ ଅନେକ ଭଲ କଥା ଦର୍ଶକଙ୍କ ନିକଟରେ ପହଞ୍ଚାଇପାରିବା। ବର୍ତ୍ତମାନ ମୁଁ ସମାଜସେବା ପ୍ରତି ଅଧିକ ଗୁରୁତ୍ୱ ଦେଉଛି ଏବଂ ନିଜେ ମଧ୍ୟ ତା' ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ତେଣୁ ଏହି ସମୟରେ କେତେକ ଘଟଣା ମୋତେ ବେଶ୍ ପ୍ରଭାବିତ କରିଛି, ଯାହାକୁ କାହାଣୀର ରୂପ ଦେବାକୁ ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ କେବଳ ମୋ କର୍ମଭୂମି ରଣପୁର ନୁହେଁ ସ୍ୱାମୀ ଲୁଟୁ ମହାନ୍ତିଙ୍କ ପ୍ରେରଣା ସବୁବେଳେ ସ୍ମରଣୀୟ ହୋଇ ରହିବ।' ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ସେ କିପରି କାହାଣୀରେ ରୂପାୟିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପରଦାରେ ଚାମ୍ପିୟନ

ନିପଟ ମଫସଲର ଝିଅଟିଏ। ପ୍ରକୃତି ଶାନ୍ତ ସରଳ। କେବଳ ଘର କାମ ନୁହେଁ ବିଲରେ ହଳ କରିବା ଆଦି କାର୍ଯ୍ୟରେ ସେ ପାରଙ୍ଗମ। ପରିସ୍ଥିତିରେ ପଡି ଗାଁ ଛାଡି ସେ ହୁଏ ସହରମୁହାଁ। ହଠାତ୍ ତାକୁ ଦେଖିବାକୁ ମିଳେ ରଙ୍ଗମଞ୍ଚରେ। ଲାଲ୍‌ପାନ ବିବି ଗୀତରେ ନାଚି ଦର୍ଶକଙ୍କୁ କରେ ମତୁଆଲା। ହେଲେ ଥରେ ଏମିତି ସୁଯୋଗ ଆସେ, ଯାହାକୁ ପାଥେୟ କରି ସେ ବକ୍ସିଂ ଶିଖିବାକୁ ମନ ବଳାଏ। ଆଉ ତା'ପରେ ? ସେ ନିଜକୁ ଜଣେ ଖାତିସମ୍ପନ୍ନ ବକ୍ସର ଭାବରେ ପରିଚିତ କରାଇପାରେ କି? ବାପାଙ୍କ ସ୍ୱପ୍ନକୁ ସାକାର କରିବାକୁ ପଣ କରିଥିବା ଏହି ଝିଅଟିର ଆଶା ପୂରଣ ହୁଏ କି? ଜଣେ ଝିଅର ଏଭଳି ଉତ୍‌ଥାନ ପତନ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚାମ୍ପିୟନ'। ଡବ୍ଲ୍ୟୁ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରରେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଛନ୍ତି ଅର୍ଚ୍ଚିତା ସାହୁ। ଏହି ଫିଲ୍ମରେ ସେ ବେଶ୍ କେତୋଟି ଷ୍ଟଣ୍ଟ ଶଟ୍ ମଧ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ଫିଲ୍ମର କାହାଣୀ ଏବଂ ଉପସ୍ଥାପନା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ଏନ୍. ଗଙ୍ଗାଧର ଏବଂ ଦୀପ୍ତି। ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀ କ୍ରିଷ୍ଣା। ଖାସ୍ କଥା ହେଲା ସଂଳାପ ରଚନାରେ ଡ. ରଜନୀ ରଞ୍ଜନଙ୍କର ଏହା ହେଉଛି ୫୦ ତ ମ ଚଳଚ୍ଚିତ୍ର। ଏ ଥି ରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଫିଲ୍ମଟି ଚଳିତ ମାସ ୮ରେ ରିଲିଜ ହେବାକୁ ଯାଉଛି।



'ଚାମ୍ପିୟନ' ଚଳଚ୍ଚିତ୍ରରେ ଅର୍ଚ୍ଚିତା

## କାହାକୁ କିସ୍ ଦେବେ ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ବେଶ୍ ପରିଚିତା ହେଲେ ତମନ୍ନା। ହେଲେ ଅଭିନୟ କ୍ଷେତ୍ରରେ ସେ ବେଶ୍ ମାପିଚୁପି ପ । ଦ ପକାନ୍ତି। ଅନାବଶ୍ୟକ ବୋଲ୍ଡ ଶଟ୍ ଦେବାକୁ ସେ ଆଦୌ ରାଜି ହୋଇ ନ ଥାନ୍ତି। ନିକଟରେ ସେ ଆଉ ଏକ କଥାକୁ ନେଇ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି। ସେ ପରଦା ଉପରେ କୌଣସି ଅଭିନେତାଙ୍କୁ କିସ୍ ଦେବେ ନାହିଁ। ହେଲେ ଏହି ନିୟମକୁ ଆବଶ୍ୟକ ପଡିଲେ ସେ ଏଡାଇ ଦେଇପାରିବେ। ହେଲେ କାହା ପାଇଁ ଜାଣନ୍ତି ? ତାଙ୍କର ପ୍ରିୟ ବଲିଉଡ୍ ଅଭିନେତାଙ୍କ ପାଇଁ। ସେ ହେଲେ ହୃତିକ ରୋଶନ। ନିକଟରେ କହୁ କହୁ ଏ ବିଷୟରେ ତାଙ୍କ ଜିଭ୍ ସ୍ଲିପ୍ କରିଯାଇଥିଲା। 'ସ୍କ୍ରିନ୍ ଉପରେ ଲି ପ୍ -ଲକ୍ ସିନ୍‌କୁ ନେଇ ମୁଁ ବେଶ୍ ସଚେତନ। ହେଲେ ଜଣଙ୍କୁ କିସ୍ ଦେବାକୁ ମୁଁ କୁଣ୍ଠାବୋଧ କରିବି ନାହିଁ। ସେ ହେଲେ ମୋର ଫେଭରାଇଟ୍ ଆକ୍ଟର ହୃତିକ ବୋଲି କହିଥିଲେ ତମନ୍ନା।



## ଲାବ୍ ଆସିଷ୍ଟାଣ୍ଟରୁ ଅଭିନେତା



ଅଶୋକ କୁମାର

ଅଶୋକ କୁମାର। ଜଣେ ଦକ୍ଷ ଅଭିନେତା ଭାବରେ ସେ କେତେ ପରିଚିତ ତାହା ବର୍ଣ୍ଣନା କରିବା ବାହୁଲ୍ୟ। ମନରେ ପୁଲାଏ ସ୍ୱପ୍ନ- ଅଭିନେତା ହେବି। ନିଜ ଲକ୍ଷ୍ୟ ପୂରଣ ପାଇଁ ସେ ଯେ କୌଣସି ବାଧାବିଘ୍ନକୁ ସାମନା କରିବାକୁ ତିଆର ଥିଲେ। ପ୍ରଥମେ ସେ ମୁମ୍ବାଇସ୍ଥିତ ଏକ ଲାବରେଟୋରିରେ ଜଣେ ଆସିଷ୍ଟାଣ୍ଟ ଭାବରେ କାମ କରିବା ଆରମ୍ଭ କରିଥିଲେ। ହେଲେ ଅଭିନେତା ହେବାର ଝୁଙ୍କ ତାଙ୍କର ସେମିତି ଶତ ପ୍ରତିଶତ ରହିଥିଲା। ଶେଷରେ ୧୯୩୬ରେ ତାଙ୍କର ଏହି ଆଶା ପୂରଣ ହେଲା। 'ଜୀବନ ନୟା' ଥିଲା ତାଙ୍କ ଅଭିନୀତ ପ୍ରଥମ ଚଳଚ୍ଚିତ୍ର। 'ଜନ୍ମଭୂମି', 'ବନ୍ଧନ', 'କିସମତ୍', 'ଭାଇଭାଇ', 'ଉମିଦ୍', 'ଜୁଏଲ ଥିଫ', 'ଛୋଟିସି ବାତ୍' ଆଦି ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଏବେ ମଧ୍ୟ ସ୍ମରଣୀୟ ହୋଇ ରହିଛି।



"ଆଗାମୀ ୫ ବର୍ଷରେ କୃଷି କ୍ଷେତ୍ରର ଉନ୍ନତି ସାଧନ ଲାଗି 'କିଷାନ କି ମନ୍‌କୀ ବାତ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।"
–ରାଧା ମୋହନ ସିଂ, କେନ୍ଦ୍ର କୃଷି ମନ୍ତ୍ରୀ



"ନୂଆ ମଡେଲ ସହ ବିକ୍ରି କ୍ଷେତ୍ରରେ ବଜାରର ପ୍ରମୁଖ ଅଂଶୀଦାର ହେବା ନେଇ ଆଶାବାଦୀ ରହିଛୁ ।"
– ଡି.ଜେ. କୋହ, ସିଇଓ, ସାମସଙ୍ଗ ଇଲେକଟ୍ରୋନିକ୍ସ

## ସଂକ୍ଷେପରେ

### ୧୩ରେ ଧର୍ମଘଟ ଡାକରା ନେଇ କେନ୍ଦ୍ର କର୍ମଚାରୀଙ୍କୁ ଚେତାବନୀ

**ନୂଆଦିଲ୍ଲୀ,୬-୩:** ନୂତନ ପେନ୍‌ସନ ଯୋଜନା (ଏନ୍‌ପିଏସ୍)କୁ ବିରୋଧ କରି କେନ୍ଦ୍ର କର୍ମଚାରୀମାନେ ଆସନ୍ତା ୧୩ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଧର୍ମଘଟରେ ସାମିଲ ହେବା ନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କର୍ମଚାରୀଙ୍କୁ ଚେତାବନୀ ଦିଆଯାଇଛି। ଧର୍ମଘଟରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି। ନ୍ୟାଶନାଲ ଜଏଣ୍ଟ କାଉନସିଲ ଅଫ୍ ଆକ୍ସନ(ଏନ୍‌ଜେସିଏ) ପକ୍ଷରୁ ଆସନ୍ତା ୧୩ରେ ଦିଲ୍ଲୀର ଯନ୍ତରମନ୍ତର ଏବଂ ସାରା ଦେଶରେ ଧର୍ମଘଟ ପାଳନ କରିବା ଲାଗି ଆହ୍ୱାନ ଦିଆଯାଇଛି। ସରକାରୀ କର୍ମଚାରୀମାନେ କୌଣସି ଧର୍ମଘଟ, ବିରୋଧ ପ୍ରଦର୍ଶନରେ ଭାଗ ନେଇପାରିବେ ନାହିଁ କି ଧୀରେ ଚଲୋ ନୀତି ଅନୁଯାୟୀ କାମ କରିବେ ନାହିଁ ବୋଲି ନିୟମରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି।

### ମାଲ୍ୟାଙ୍କ ସମ୍ପତ୍ତି ବିକ୍ରିକୁ ବିରୋଧ

**ନୂଆଦିଲ୍ଲୀ,୬-୩:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସମ୍ପତ୍ତି ବିକ୍ରି ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମ ଉଦ୍ୟମ କରୁଥିବାରୁ ଏହାକୁ ୟୁନାଇଟେଡ ବ୍ରିଓରିଜ (ହୋଲ୍ଡିଂ) ଲିମିଟେଡ ବା ୟୁବିଏଚ୍‌ଏଲ୍ ଅଥବା ୟୁବି ଗ୍ରୁପ୍ ବିରୋଧ କରିଛି। ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ୟୁବି ଗ୍ରୁପ୍ ପକ୍ଷରୁ ଦାଖଲ କରାଯାଇଥିବା ୨୮ ପୃଷ୍ଠାର ଜବାବରେ କୁହାଯାଇଛି ଯେ, ମାଲ୍ୟାଙ୍କ ସମ୍ପତ୍ତି ଉପରେ ବିଭିନ୍ନ ଅଦାଲତର ନିୟନ୍ତ୍ରଣ ରହିଛି। ଏଣୁ ପଳାତକ ଆର୍ଥିକ ଅପରାଧୀ ଆଇନ ଅନୁଯାୟୀ, ଇଡି ଏହି ସମ୍ପତ୍ତି ଉପରେ ନିଜର ଅଧିକାର ଜାହିର କରିଛି। ଏହାଛଡ଼ା କର୍ନାଟକ ହାଇକୋର୍ଟରେ ମଧ ସମାନ ମାମଲା ଚାଲିଛି। ହାଇକୋର୍ଟ ମଧ ମାଲ୍ୟାଙ୍କ ସମ୍ପତ୍ତିକୁ ନିୟନ୍ତ୍ରଣ କରୁଛନ୍ତି। ଏଣୁ ଏହି ସମ୍ପତ୍ତିକୁ ବିକ୍ରି ଲାଗି ବ୍ୟାଙ୍କ କନ୍‌ସୋର୍ଟିୟମକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ୟୁବି ଗ୍ରୁପ୍ ଯୁକ୍ତି ବାଢ଼ିଛି।

### ଏପ୍ରିଲ ପହିଲାରୁ କମିବ ଗୃହ ଋଣ ସୁଧ ହାର

**ନୂଆଦିଲ୍ଲୀ,୬-୩:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଉଦ୍ୟମକ୍ରମେ ବ୍ୟାଙ୍କଗୁଡ଼ିକ ଶେଷରେ ଋଣ ଉପରେ ସୁଧ ହାର କମାଇବାକୁ ରାଜି ହୋଇଛନ୍ତି। ତଦନୁଯାୟୀ ଏପ୍ରିଲ ପହିଲାରୁ ପ୍ରାୟ ସମସ୍ତ ପ୍ରକାର ଗୃହ ଋଣ ଓ ଅନ୍ୟାନ୍ୟ ଋଣ ଉପରେ ସୁଧ ହାର କମିବାକୁ ଯାଉଛି। ସେମାନେ ସୁଧ ହାରରେ ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିବେ ବୋଲି ଜଣାପଡିଛି। ସୂଚନାଥାଉ କି, ଗତଥର ଆର୍‌ବିଆଇ ମୁଦ୍ରାନୀତିରେ ରେପୋ ରେଟ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା। ଫଳସ୍ୱରୂପ କେବଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ସୁଧ ହାର କମାଇଥିଲା। ତେବେ ଅନ୍ୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ ସୁଧ ହାର କମାଇବାକୁ ରାଜି ନ ହେବାରୁ ଗଭର୍ନର ଦାସ ସେମାନଙ୍କୁ ସୁଧ ହାର କମାଇବା ଲାଗି ରାଜି କରାଇଥିଲେ।

ଅନିବାର୍ଯ୍ୟ କାରଣବଶତଃ ନିୟମିତ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।

# ଭାରତରେ ଡାଟା ସବୁଠାରୁ ଶସ୍ତା



- ଭାରତରେ ୧ଜିବି ଡାଟା ମୂଲ୍ୟ ହାରାହାରି ୧୮.୫୦ ଟଙ୍କା
- ବିଦେଶରେ ହାରାହାରି ୬୦୦ ଟଙ୍କା
- ୨୩୦ ଦେଶର ୬୩୧୩ ମୋବାଇଲ ଡାଟା ପ୍ଲାନ ଅନୁଧାନ

ନୂଆଦିଲ୍ଲୀ,୬-୩

ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ମାଧ୍ୟମରେ ଶସ୍ତା ଡାଟା ପରିବେଷଣ କରି ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ୨୮ କୋଟି ଗ୍ରାହକ ହାସଲ କରିଛି। ଏହାରି କାରଣରୁ ଭାରତରେ ମୋବାଇଲ ଡାଟା ମୂଲ୍ୟ ବହୁଳ ଭାବେ ହ୍ରାସ ପାଇଛି। ଡାଟା ମୂଲ୍ୟ ନେଇ ସର୍ଭେ କରୁଥିବା ଏକ ୱେବସାଇଟ୍ କମ୍ପାନୀ କେବଲ.କୋ.ୟୁକେ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି ଏହା କୁହାଯାଇଛି। ଭାରତରେ ୧ ଜିବି ମୋବାଇଲ ଡାଟାର ମୂଲ୍ୟ ହାରାହାରି ମାତ୍ର ୧୮.୫୦ଟଙ୍କା(୦.୨୬ ଡଲାର) ହୋଇଥିବା ବେଳେ ବିଶ୍ୱରେ ଏହା ୬୦୦ ଟଙ୍କା ରହିଛି।

ରିପୋର୍ଟରେ ଦର୍ଶାଯାଇଛି ଯେ, ଉକ୍ତ ୱେବସାଇଟ୍ କମ୍ପାନୀ ଗତବର୍ଷ ଅକ୍ଟୋବର ୨୩ରୁ ନଭେମ୍ବର ୨୮ ଯାଏ ୨୩୦ ଦେଶର ୬୩୧୩ ମୋବାଇଲ ଡାଟା ପ୍ଲାନ୍‌କୁ ତର୍ଜମା କରିଥିଲା। ଭାରତୀୟ ବଜାରରେ ୫୭ ଏଭଳି ପ୍ଲାନ୍‌କୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ମାତ୍ର ୧.୪୧ଟଙ୍କାର ସର୍ବନିମ୍ନ ଏବଂ ୯୮.୮୩ ଟଙ୍କାର ସର୍ବୋଚ୍ଚ ଦରରେ ୧ ଜିବି ଡାଟା ମିଳୁଛି ବୋଲି କୁହାଯାଇଛି। ଭାରତରେ ୧ ଜିବି ଡାଟାର ମୂଲ୍ୟ ମାତ୍ର ୦.୨୬ ଡଲାର ରହିଥିବା ବେଳେ ବ୍ରିଟେନରେ ଏହା ୬.୬୬ ଡଲାର(୪୬୮ଟଙ୍କା) ଏବଂ ଆମେରିକାରେ ୧୨.୩୭ ଡଲାର(୮୬୯ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ଭାରତର ଅର୍ଦ୍ଧାଧିକ ନାଗରିକ ଯୁବଗୋଷ୍ଠୀ ହୋଇଥିବାରୁ ଦେଶରେ ଟେକ୍ନୋଲୋଜି କ୍ଷେତ୍ରରେ ସଚେତନତା ସର୍ବାଧିକ। ଏହି କାରଣରୁ ଭାରତ ଏକ ସ୍ମାର୍ଟଫୋନର ବିଶାଳ ମାର୍କେଟ ହୋଇଛି। ଭାରତରେ ୪୩ କୋଟିରୁ ଅଧିକ ସ୍ମାର୍ଟଫୋନ ଗ୍ରାହକ ରହିଛନ୍ତି। ଚାଇନା ପରେ ଭାରତ ଦ୍ୱିତୀୟ ସ୍ମାର୍ଟଫୋନ ବଜାର ଭାବେ ଉଭା ହୋଇଛି। ଉଲ୍ଲେଖଥାଉ କି, ୨୦୧୬ରେ ମୁକେଶ ଅମ୍ବାନୀ ଦେଶରେ ଟେଲିକମ ବଜାରରେ ପ୍ରବେଶ କରି ରିଲାଏନ୍ସ ଜିଓ ଶୁଭାରମ୍ଭ କରିଥିଲେ। ଏହାପରେ ଟେଲିକମ୍ କମ୍ପାନୀଙ୍କ ମଧ୍ୟରେ ଦରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାପରେ ଭଏସ୍ କଲ, ଶସ୍ତା ଡାଟା ଓ ପ୍ରଭାବୀ ଢଙ୍ଗରେ ମୋବାଇଲ ବଣ୍ଟାଯିବାରୁ ଜିଓ ଅଦ୍ୟାବଧି ୨୮ କୋଟି ଗ୍ରାହକ ହାସଲ କରିପାରିଛି। ଜିଓ କାରଣରୁ ଅନ୍ୟ ଟେଲିକମ୍ କମ୍ପାନୀମାନେ ଡାଟା ଦର ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି। ଫଳରେ ସେମାନେ ଦିନକୁ ଦିନ କ୍ଷତି ସହି ଚାଲିଛନ୍ତି। କେତେକ କମ୍ପାନୀ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ବନ୍ଦ ହେବାର ଦ୍ୱାର ଦେଶରେ ରହିଛନ୍ତି।

## 'ହିରୋ' ମେଗା ସର୍ଭିସ କ୍ୟାମ୍ପ ୮ରୁ

ଭୁବନେଶ୍ୱର,୬-୩(ବ୍ୟୁରୋ)





ହିରୋ ମୋଟୋକର୍ପ ଲିମିଟେଡ୍ (ଏଚ୍‌ଏମ୍‌ସିଏଲ୍) ପକ୍ଷରୁ ୩ ଦିନିଆ ମେଗା ସର୍ଭିସ କ୍ୟାମ୍ପ ଚଳିତ ମାସ ୮ ତାରିଖ(ଶୁକ୍ରବାର)ଠାରୁ ଆରମ୍ଭ ହେଉଛି। ସାରା ଦେଶରେ ଥିବା କମ୍ପାନୀର ଅଧିକୃତ ଡିଲରଶିପଗୁଡ଼ିକରେ ଏହା ଅନୁଷ୍ଠିତ ହେବ। ଗ୍ରାହକଙ୍କୁ ସର୍ଭିସ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ ଲାଗି ଏଭଳି ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀ ସୂଚନା ଦେଇଛି। ଏହି ସମୟରେ ଗ୍ରାହକମାନେ ଡିଲର ୱାର୍କଶପ ତଥା ସର୍ଭିସ କ୍ୟାମ୍ପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ସର୍ଭିସ ଲେବର ଚାର୍ଜ ଉପରେ ରିହାତି, ମାଗଣା ୱାଶିଂ, ପଲିସିଂ, ନାଇଟ୍ରୋଜେନ ଫିଲିଂ ସୁବିଧା କରାଯାଇଛି। ଜଏ ରାଇଡ୍‌ରେ ଆନୁଆଲ ମେଣ୍ଟେନାନ୍ସ କଣ୍ଟାକ୍ଟ, ହିରୋ ଟୁ ହ୍ୱିଲର୍ସର ଟେଷ୍ଟ ରାଇଡ, ନୂଆ ଯାନ କ୍ରୟ ଉପରେ ଆକର୍ଷକ ଏକ୍ସଚେଞ୍ଜ ସୁବିଧା, ହିରୋର ପ୍ରକୃତ ଆସେସୋରିଜ ଉପରେ ରିହାତି ଦିଆଯାଉଛି। ଯାନଗୁଡ଼ିକୁ ଅଭିଜ୍ଞ ଟେକ୍ନିସିଆନଙ୍କ ଦ୍ୱାରା ପରୀକ୍ଷଣ କରାଯାଉଛି। ଏହି ସମୟରେ ମାତ୍ର ୯୯ ଟଙ୍କାରେ ଗ୍ରାହକମାନେ ସର୍ଭିସ ଚେକ୍‌ଅପ୍ ସୁବିଧା ପାଇପାରିବେ। ୨୫୦୦ ଅଧିକୃତ ଡିଲର ଏବଂ ସର୍ଭିସ ସେଣ୍ଟରରେ ଉପରୋକ୍ତ ସୁବିଧା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନା ହେବ: ଜେଟ୍‌ଲୀ

ନୂଆଦିଲ୍ଲୀ,୬-୩



ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ) ମାତ୍ର ୫ ମାସ ଭିତରେ ବିଶ୍ୱର ସର୍ବବୃହତ ମାଗଣା ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ହେବାକୁ ଯାଉଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବୁଧବାର ଟୁଇଟ୍ କରି ଜଣାଇଛନ୍ତି। ସେ ଲେଖିଛନ୍ତି ଯେ, ଅଦ୍ୟାବଧି ୨.୨ କୋଟି ନାଗରିକଙ୍କୁ ଇ-କାର୍ଡ ବଣ୍ଟା ଯାଇ ସାରିଛି ଏବଂ ୧୪ ଲକ୍ଷରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ସେବା ହାସଲ କରିସାରିଛନ୍ତି। ଏହାକୁ ବିଶ୍ୱର ସବୁଠାରୁ ବଡ଼ ସରକାରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ରୂପରେ କେନ୍ଦ୍ର ସରକାର ଉପସ୍ଥାପନ କରିଛନ୍ତି। ଏଥିରେ ୬୦ ପ୍ରତିଶତ ଖର୍ଚ୍ଚ କେନ୍ଦ୍ର ଓ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାରମାନେ ବହନ କରନ୍ତି। ଅନ୍ୟ ଏକ ଟୁଇଟ୍‌ରେ ଅର୍ଥମନ୍ତ୍ରୀ ଲେଖିଛନ୍ତି ଯେ, ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଅଦ୍ୟାବଧି ୯.୨୩ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ୨୦୧୪ ଅକ୍ଟୋବରରେ ଦେଶରେ ୩୯ ପ୍ରତିଶତ ଶୌଚାଳୟ ଥିବା ବେଳେ ୯୮.୯ ପ୍ରତିଶତ ସହ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବେ ସୁଦ୍ଧା ବାହ୍ୟ ଶୌଚମୁକ୍ତ ଭାବେ ଘୋଷିତ ହୋଇଛନ୍ତି। ସେ କହିଛନ୍ତି ଯେ, ବିଶ୍ୱ ବ୍ୟାଙ୍କର ସ୍ୱତନ୍ତ୍ର ଏଜେନ୍ସି ମାଧ୍ୟମରେ କରାଯାଇଥିବା ସର୍ଭେ ଅନୁଯାୟୀ, ଗ୍ରାମାଞ୍ଚଳରେ ୯୩.୪% ଘରେ ଏବେ ଶୌଚାଳୟ ବ୍ୟବହାର କରାଯାଉଛି। ଆଉ ଏକ ଟୁଇଟ୍‌ରେ ସେ ଲେଖିଛନ୍ତି ଯେ, ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ସଂସ୍କାର ମାଧ୍ୟମରେ ଦେଶରେ ବ୍ୟବସାୟ କରିବାର ସହଜ (ଇଜ୍ ଅଫ୍ ଡୁଇଂ ବିଜନେସ୍) ପ୍ରକ୍ରିୟା ଜାରି ରହିବ।

## ବିଏସ୍‌ଏନ୍‌ଏଲ୍ ଓଡ଼ିଶାର ନୂଆ ସିଜିଏମ୍



ଭୁବନେଶ୍ୱର,୬-୩

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଓଡ଼ିଶା ସର୍କଲର ନୂଆ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ଡ. ଉଦୟ ଶଙ୍କର ପଣ୍ଡା ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ବିଏସ୍‌ଏନ୍‌ଏଲ୍ ଉପରେ ଭରସା ରଖିଥିବାରୁ ସେ ଗ୍ରାହକଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ରାଷ୍ଟ୍ରାୟତ୍ତ ବିଏସ୍‌ଏନ୍‌ଏଲ୍ ଏହାର ସେବା ଯୋଗାଣଧାରା ଆଗାମୀ ଦିନରେ ମଧ ଜାରି ରଖିବ ବୋଲି ସେ କହିଛନ୍ତି। ରାଜ୍ୟର ଭବାନୀପାଟଣା ଏବଂ ବଲାଙ୍ଗୀରରେ ନିକଟରେ କମ୍ପାନୀ ପକ୍ଷରୁ ୪ଜି ସେବା ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରମୋଶନାଲ ଟାରିଫ୍ ଏସ୍‌ଟିଭି-୧୪୯ ପ୍ୟାକ୍ ଆସିଥିବା ବେଳେ ଏହା ଦ୍ୱାରା ଗ୍ରାହକମାନେ ୨୮ ଦିନ ଯାଏ ଅନ୍‌ଲିମିଟେଡ କଲ୍, ଡାଟା ଏବଂ ଏସ୍‌ଏମ୍‌ଏସ୍ ସୁବିଧା ପାଇପାରିବେ। ରାଜ୍ୟର ଅନ୍ୟ ପ୍ରାନ୍ତରେ ୪ଜି ସେବାକୁ ଶୀଘ୍ର ସମ୍ପ୍ରସାରଣ କରାଯିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି।

## ସାମ୍‌ସଙ୍ଗର ନୂଆ ସ୍ମାର୍ଟଫୋନ୍ ସିରିଜ୍



ଭୁବନେଶ୍ୱର,୬-୩ (ବ୍ୟୁରୋ)

ପ୍ରମୁଖ କମ୍ପାନୀ ସାମ୍‌ସଙ୍ଗ ପକ୍ଷରୁ ଏହାର ଏ ଏବଂ ଏସ୍ ସିରିଜରେ ନୂଆ ସ୍ମାର୍ଟଫୋନ ମଡେଲ ବଜାରକୁ ଆସିଛି। ସ୍ଥାନୀୟ ଏକ ହୋଟେଲରେ ଏ ସିରିଜରେ ଏ୩୦, ଏ୫୦, ଏ୧୦, ଏସ୍ ସିରିଜରେ ଏସ୍୧୦, ଏସ୍ ୧୦ ପ୍ଲସ, ଏସ୍ ୧୦ଇ ଉନ୍ମୋଚନ କରାଯାଇଛି। କମ୍ପାନୀର ରାଜ୍ୟ ବିତରକ ଯୋଗେନ୍ଦ୍ର ହଂସ, ମାନିକ ହଂସ, କମ୍ପାନୀର ଜେଡ୍‌ଏସ୍‌ଏମ୍ ଆଶୁତୋଷ ଶର୍ମା, ସୌରଭ ଅରୋରା, ଏବିଏମ୍ ହରପ୍ରସାଦ, ଅଭିନବ ଗୌତମ, ଅରିନ୍ଦମ ପାତ୍ର, ଅମରେଶ ଦାସ ଏବଂ ଓଲିଓଡ ଅଭିନେତ୍ରୀ ଏଲିନା ସାମନ୍ତରାୟ ମଡେଲଗୁଡ଼ିକୁ ବଜାର ପ୍ରବେଶ କରାଇଥିଲେ। ପରବର୍ତ୍ତୀ ପିଢିର ଗ୍ରାହକଙ୍କୁ ଉନ୍ନତ ସ୍ମାର୍ଟଫୋନ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟ ନେଇ କମ୍ପାନୀ ଏହି ମଡେଲଗୁଡ଼ିକୁ ବଜାରକୁ ଛାଡ଼ିଛି। ମଡେଲଗୁଡ଼ିକରେ ଅତ୍ୟାଧୁନିକ ଡିସ୍‌ପ୍ଲେ, କ୍ୟାମେରା, ଶକ୍ତିଶାଳୀ ବ୍ୟାଟେରି ରହିଛି। ସେହିଭଳି ପ୍ରିମିୟମ ବର୍ଗରେ ଏସ୍୧୦ ସିରିଜରେ ସ୍ମାର୍ଟଫୋନ ଆସିଛି। ଏହାଦ୍ୱାରା ଗ୍ରାହକଙ୍କ ନିକଟତର ହେବା ସହ ବଜାର ସ୍ଥିତିକୁ ଆହୁରି ଦୃଢ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ପୂର୍ବର ମଡେଲଗୁଡ଼ିକ ଭଳି ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ରାଜ୍ୟ ବିତରକ ଯୋଗେନ୍ଦ୍ର ହଂସ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ କମ୍ପାନୀର ଡିଲର ଉପସ୍ଥିତ ଥିଲେ।

## ନୂତନ ମଡେଲ ଏସି ଆଣିଲା 'ଡାଇକିନ'





ବାଲେଶ୍ୱର ଅଫିସ,୬-୩

ପ୍ରମୁଖ ଏସି ନିର୍ମାତା ଡାଇକିନ ଏୟାର କଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଓଡ଼ିଶା ବଜାରରେ ନୂଆ ମଡେଲ ଏସି ପ୍ରବେଶ କରିଛି। ସ୍ଥାନୀୟ ବାମପଦାସ୍ଥିତ ନୋସି ବିଜନେସ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାକୁ ଉନ୍ମୋଚନ କରାଯାଇଛି। ନୂଆ ଟେକ୍ନୋଲୋଜି ସହ ଭାରତୀୟ ଜଳବାୟୁ ସ୍ଥିତିକୁ ବିଚାରକରି ଏହା ପ୍ରସ୍ତୁତ କରାଯାଇଥିବା କମ୍ପାନୀର ପୂର୍ବାଞ୍ଚଳ ଆଞ୍ଚଳିକ ନିର୍ଦ୍ଦେଶକ କୁନାଲ ବାସୁ କହିଛନ୍ତି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲା ପାଇଁ ବିତରକ ଭାବେ ଜେ.ପି. ମଲ୍ଟିପୁଲ ଆଣ୍ଡ ସର୍ଭିସର ସ୍ୱତ୍ୱାଧିକାରୀ ପରମାନନ୍ଦ ମହାପାତ୍ରଙ୍କୁ ଏଥିରେ ଦାୟିତ୍ୱ ପ୍ରଦାନ କରାଯାଇଛି। କମ୍ପାନୀର ଏହି ନୂଆ ମଡେଲ ଶକ୍ତି ସଞ୍ଚୟ,ଆରାମ, ବ୍ୟବହାରରେ ସୁଗମତା ଏବଂ ସୁଲଭ ମୂଲ୍ୟ ଭଳି ସୁବିଧା ପ୍ରଦାନ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ ଇନଭର୍ଟର ଟେକ୍ନୋଲୋଜି ରହିଥିବା ବେଳେ ଫିଟିଙ୍ଗ ଚାର୍ଜରେ ରିହାତି ଦିଆଯାଉଥିବା ବିତରକ ମହାପାତ୍ର କହିଛନ୍ତି। ଏହି ଅବସରରେ ୫ ଜିଲାର ଡିଲର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡାଇକିନର ରାଜ୍ୟ ଶାଖା ପରିଚାଳକ ଅନିଲବାନ ହାତୀ ଅଂଶୀଦାରଙ୍କୁ ଏୟାର କଣ୍ଡିସନର ବିଭିନ୍ନ ପ୍ରସଙ୍ଗ ଉପରେ ଅବଗତ କରାଇଥିଲେ।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha,
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NOTICE INVITING TENDER NO.04/OMC/C/CT/2019**

**No.CAD-1550:-** Tender from the registered Civil/Mechanical/ Electrical contractors/ fabricators are invited having valid license/ registration issued by Govt. of Odisha, Registration of PF, PAN, GST and experience on relevant field for the below noted work.

| Sl. No. | Name of the works | Estimated cost. (in lakhs) | Time period of the work | Class of contractor | E.M.D in D.D. (in Rs.) | Cost of bid document (Rs) |
|---|---|---|---|---|---|---|
| 1 | PROVISION OF DRIP IRRIGATION SYSTEM FOR AN AREA OF 1 HECTOR AT THE TOP OF QUARRY-D OB DUMP, SOUTH-KALIAPANI MINES IN THE DISTRICT OF JAJPUR. | 3.41 | One Month | Civil/Mechanical/ Electrical contractors/ fabricators having valid license/ registration and experience on relevant field. | 3410.00 | 2000.00 + 18.00% GST |

01. Date & time of selling of bids: - From Dt. 11.03.2019 to Dt. 19.03.2019 up to 3.00 PM.
02. Last date and time of submission of bids at allocated Tender Box: - Dt. 19.03.2019 up to 5.00PM.
03. Date & time of opening of bid: - Dt. 20.03.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr. Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0202/1819 Sd./- Sr. Manager (Civil), Kaliapani

**ROURKELA DEVELOPMENT AUTHORITY, UDITNAGAR ROURKELA-769012**

**INVITATION FOR BIDS (IFB)**

No.535 Date: 06.03.2019

| Sl No. | Name of work. | Estimated cost | Tender Paper cost | Available of tender online for bidding | | Last date and time for seeking tender clarification | Date & time of opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair and renovation of staff qtrs. of Rourkela Development authority, Rourkela. (18 nos.) | 29.33 lakhs (Approx.) | 6,000.00 | 07.03.19 | 18.03.19 | 14.00 Hrs of 16.03.19 | 11.00 Hrs of 19.03.19 |

Sd./- Secretary,
Rourkela Development Authority, Rourkela

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ: (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.rg

ପତ୍ର ସଂଖ୍ୟା. 2335 **ବିଜ୍ଞାପନ** ତା 26.02.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍.ଆଇ.ଜି.-୭୬ (MIG-76) ବିଡ଼ାନାସୀ, ସେକ୍ଟର-୭, କଟକ ଗୃହ ନିର୍ମାଣ ପ୍ରକଳ୍ପରେ ସୁଧାକୃଷ୍ଣ ସାହୁ, ପିତା-ପଦ୍ମଲୋଚନ ସାହୁ, ସା/ପୋ-ବାଲିଆପାଳ, ଥାନା-ବାଲିଆପାଳ, ଜିଲ୍ଲା-ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ସୁଧାକୃଷ୍ଣ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଅଭିଜିତ୍ ଦେ, ପିତା-ଦିପକ କୁମାର ଦେ, ସା-ଧୋବିଲେନ୍, ବକ୍ସିବଜାର, ଥାନା-ଦରଘାବଜାର, ଜି-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା-ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**SAMBALPUR UNIVERSITY INSTITUTE OF INFORMATION TECHNOLOGY (SUIIT)**

**QUOTATION CALL NOTICE**

No.: 198 / SUIIT Date: 06 / 03 / 2019

SUIIT invites quotations from the intending Manufactures / Authorised Dealers / Suppliers having valid GST Registration, VATCC, PAN etc. for supply and installation of following items.

a) 1.5/2.0 Ton Air Conditioner, Xerox machine.
b) Glass Black Board, White/Black Board, LCD/LED Projector with Mounting Screen, Visualiser, audio system.

The detail item specification, quantity, terms & conditions etc. are available at website **www.suiit.ac.in**.

Quotations should reach the undersigned by Speed Post / Registered Post in sealed envelope superscribed with **"Quotation N0............,Date................, Quotation for .................. items"** at the address mentioned below.

Last Date and Time of Receipt of Quotation: 16.03.2, 03.00 PM
Date and Time of opening of Quotation: 16.03.2019, 04.00 PM

DIRECTOR,
Sambalpur University Institute of Information Technology (SUIIT)
Jyoti Vihar, Burla, Sambalpur
Odisha – 768019

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

ପତ୍ର ସଂ. **ବିଜ୍ଞାପନ** ତା.୦୫।୦୩।୨୦୧୯ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତଗୁଡିକର ୨୦୧୯-୨୦ ଆର୍ଥିକ ବର୍ଷପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ପୌରପରିଷଦର ନିମ୍ନଲିଖିତ ସର୍ତ୍ତାନୁଯାୟୀ ଇଚ୍ଛୁକ ଥିବା ବ୍ୟକ୍ତି ଟେଣ୍ଡର ପେପର ଆଜିଠାରୁ ଅର୍ଥାତ୍ ୦୬।୦୩।୨୦୧୯ ଦିନ ୧୦.୩୦ ଘଣ୍ଟା ଠାରୁ ତା. ୧୧।୦୩।୨୦୧୯ରିଖ ଦିନ ଘ.୧୨.୦୦ଣ୍ଟା ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ଉକ୍ତଦିନ ଅପରାହ୍ନ ୩.୦୦ ଘଣ୍ଟା ସୁଦ୍ଧା (Speed Post / Registered Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ। ନଚେତ ଏହାକୁ ଗ୍ରହଣ କରାଯିବ ନାହିଁ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନହୁଏ, ତା ହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକ ସେହିଦିନ ଅର୍ଥାତ୍ ୧୧।୦୩।୨୦୧୯ରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ।

**ସୈରାତର ବିବରଣୀ**


| କ୍ରମିକ ନଂ. | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଦୈନିକ ବଜାର | ୦୧।୦୪।୨୦୧୯ଠାରୁ ୩୧।୦୩।୨୦୨୦ | ଟ.୬,୫୦,୦୦୦/- | ଟ.୧,୦୦,୦୦୦/- | ଟ.୧,୦୦୦/- |
| ୨ | ବସ୍ ପାର୍କିଂ ଫି | ୦୧।୦୪।୨୦୧୯ଠାରୁ ୩୧।୦୩।୨୦୨୦ | ଟ.୬,୬୨,୦୦୦/- | ଟ.୧,୦୦,୦୦୦/- | ଟ.୧,୦୦୦/- |

**ମୂଲ୍ୟାଙ୍କ ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇ ପାରିବେ ନାହିଁ।
୨. ଟେଣ୍ଡର ଦାଖଲ କରିବା ଇଚ୍ଛୁକ ବ୍ୟକ୍ତି ବିଶେଷମାନେ ଟେଣ୍ଡର ପେପର ସହିତ ୪ଲକ୍ଷ ଟଙ୍କାର ସଲ୍‌ଭେନସି (୨୦୧୮-୧୯) ବର୍ଷର (ଉପଜିଲ୍ଲାପାଳ, ଗଜପତିଙ୍କ ଠାରୁ ପ୍ରାପ୍ତ) ଦାଖଲ କରିବେ। ନଚେତ ଦାଖଲ କରିଥିବା ଟେଣ୍ଡର ଗ୍ରହଣ କରାଯିବ ନାହିଁ।
୩. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ। ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ।
୪. ପୂର୍ବରୁ ଯେଉଁ ବ୍ୟକ୍ତି ମୂଲ୍ୟାଙ୍କ ସର୍ତ୍ତକୁ ଭଙ୍ଗ କରିଥିବେ ସେ ମଧ୍ୟ ମୂଲ୍ୟାଙ୍କରେ ଅଂଶଗ୍ରହଣ କରିପାରିବେ ନାହିଁ।
୫. ଯେଉଁ ବ୍ୟକ୍ତିଙ୍କ ନାମରେ ମୂଲ୍ୟାଙ୍କ ସିଦ୍ଧ ହେବ ସେ ସମ୍ପୂର୍ଣ୍ଣ ଅର୍ଥ ତିନି (୩) ଦିନ ମଧ୍ୟରେ କାର୍ଯ୍ୟାଳୟରେ ପୈଠ କରିବା ପରେ ଚୁକ୍ତିନାମାରେ ଦସ୍ତଖତ କରିବାକୁ କାର୍ଯ୍ୟାଳୟ ତରଫରୁ ଆଦେଶ ଦିଆଯିବ। ସିଦ୍ଧ ନିଲାମଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ପୈଠ ନ କରନ୍ତି ତେବେ ଅମାନତ ଧନକୁ ବାଜ୍ୟାପ୍ତ କରାଯିବ ଏବଂ ପରବର୍ତ୍ତୀ ମୂଲ୍ୟାଙ୍କଧାରୀ ଯଦି ସର୍ବୋଚ୍ଚ ମୂଲ୍ୟାଙ୍କ ଦରରେ ନେବାକୁ ଚାହାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ।
୬. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବା ପାଇଁ ପରିଷଦ ବାଧ୍ୟ ନୁହଁନ୍ତି। ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ।
୭. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ଆଦାୟ କରିବେ, ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ପୌରପରିଷଦ, ପାରଳାଖେମୁଣ୍ଡି**

"ଦ୍ୱିତୀୟ ଦିନିକିଆରେ ବିରାଟ କୋହଲିଙ୍କ ୧୧୬ ରନର ଶତକୀୟ ଇନିଂସ ଉଭୟ ଦଳ ମଧ୍ୟରେ ଫରକ ଆଣିଥିଲା।"
– ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲିଆ କ୍ରିକେଟର



"ଆଗାମୀ ଆଇପିଏଲ୍ ପ୍ରସ୍ତୁତି ପାଇଁ ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତା ମୋତେ ସହାୟତା କରିଛି।"
– ସୁରେଶ ରାଇନା, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଡ୍ର'ରେ ଚେନ୍ନାଇନର ଏଏଫସି କପ୍ ଅଭିଯାନ

କଲମ୍ବୋ, ୬।୩(ପି.ଟି.)- ଏଏଫ୍‌ସି କପ୍ କ୍ୱାଲିଫାଇଙ୍ଗ ପ୍ଲେ-ଅଫ୍ ପ୍ରଥମ ଲେଗ୍‌ର ଏକ ମ୍ୟାଚ୍‌ରେ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଚେନ୍ନାଇନ ଏଫ୍‌ସି ଶ୍ରୀଲଙ୍କା ଟିମ୍ କଲମ୍ବୋ ଏଫ୍‌ସି ବିପକ୍ଷରେ ଗୋଲଶୂନ୍ୟ ଡ୍ର' ରଖିଛି। ବୁଧବାର ସ୍ଥାନୀୟ ରେସ୍ କୋର୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ପ୍ରଥମାର୍ଦ୍ଧରେ ଗୋଲ କରିବାର ସୁଯୋଗ ହାସଲ କରିଥିଲେ ମଧ୍ୟ ହାତଛଡ଼ା କରିଥିଲେ। ଏହି ମ୍ୟାଚ୍ ସହ ଗତବର୍ଷ ଆଇଏସ୍‌ଏଲ୍ ଚାମ୍ପିୟନ ଚେନ୍ନାଇନ ଏଏଫ୍‌ସି କପ୍‌ରେ ପଦାର୍ପଣ କରିଛି। ଦୁଇ ଦଳ ମଧ୍ୟରେ ୨ୟ ଲେଗ୍ ମ୍ୟାଚ୍ ଆସନ୍ତା ୧୩ରେ ଖେଳାଯିବ। ଏହି ମ୍ୟାଚ୍ ଭାରତର ଅହମ୍ମଦାବାଦସ୍ଥିତ ଦି ଏରେନା ଟ୍ରାନ୍ସଷ୍ଟାଡିୟାରେ ଅନୁଷ୍ଠିତ ହେବ।

### ଇନକ କୋପ ୧୦ ବର୍ଷ ବାସନ୍ଦ



ଦୁବାଇ,୬।୩- ପୂର୍ବତନ ଜିମ୍ବାୱେ କ୍ରିକେଟ ଦଳର ଡିରେକ୍ଟର ଇନକ କୋପଙ୍କୁ ସମସ୍ତ ପ୍ରକାର କ୍ରିକେଟରୁ ୧୦ ବର୍ଷ ଲାଗି ବାସନ୍ଦ କରାଯାଇଛି। ଆଇସିସି ଆଣ୍ଟି କରପଶନ ଟ୍ରିବ୍ୟୁନାଲ ତାଙ୍କୁ ଦୋଷୀ ପାଇବାପରେ ଏହି ଦଣ୍ଡାଦେଶ ଦେଇଛି। ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ପକ୍ଷରୁ କରାଯାଇଥିବା ଯାଞ୍ଚ ପ୍ରକ୍ରିୟାବେଳେ ସେ ସହଯୋଗ କରି ନ ଥିଲେ। ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ପ୍ରଦାନ କରି ନ ଥିଲେ। ଏପରି କି ସେ ନିଜ ମୋବାଇଲ ଓ ତଥ୍ୟ ଦେବାକୁ ମନା କରି ଦେଇଥିଲେ। ତଦନ୍ତରେ ବିଳମ୍ବ କରିବା ଓ ସହଯୋଗ ନ କରିବାକୁ ଦୁର୍ନୀତି ଭାବେ ଗ୍ରହଣ କରାଯିବ ବୋଲି ଏସିୟୁ ନିୟମରେ ରହିଛି। ସେ ୩ଟି ନିୟମ ଭଙ୍ଗ କରିଛନ୍ତି। ପ୍ରତ୍ୟେକ ଏସିୟୁ ନିୟମ ଭଙ୍ଗ କରିବା ପାଇଁ ତାଙ୍କୁ ୫ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ତେବେ ଟ୍ରିବ୍ୟୁନାଲ ନିଷ୍ପତ୍ତି ଅନୁଯାୟୀ ୧୫ ବଦଳରେ ତାଙ୍କୁ ୧୦ ବର୍ଷ ବାସନ୍ଦାଦେଶ ଦିଆଯାଇଛି।

# କ୍ରୀଡ଼ାବିତ୍‌ଙ୍କୁ ପୋଲିସ ଡିଜିଙ୍କ ଅଭିନନ୍ଦନ



ସଫଳ କ୍ରୀଡାବିତ୍‌ଙ୍କ ଗହଣରେ ପୋଲିସ ଡିଜି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର, ୬।୩(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ପୋଲିସ ରେସ୍‌ଲିଂ କ୍ଲଷ୍ଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଓଡ଼ିଶା ପୋଲିସ ଦଳ ବୁଧବାର ଅପରାହ୍ଣରେ କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ଆରକ୍ଷୀ ନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ଶର୍ମା କ୍ରୀଡ଼ାବିତ୍‌ମାନଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହିତ କଠିନ ଅଭ୍ୟାସ ଜାରି ରଖି ଆଗାମୀବର୍ଷ ଆହୁରି ଅଧିକ ପଦକ ହାସଲ କରିବା ପାଇଁ ଉତ୍ସାହିତ କରିଥିଲେ। ରାଜସ୍ଥାନର ଜୟପୁରଠାରେ ସଦ୍ୟସମାପ୍ତ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳ ଭାରୋତ୍ତୋଳନ ଓ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମୋଟ୍ ୬ ପଦକ ଜିତିଥିଲା। ଭାରୋତ୍ତୋଳନରେ ଅନ୍ତର୍ଜାତୀୟ ତାରକା ତଥା ଡିଏସ୍‌ପି କେ. ରବି କୁମାର ୮୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୪୫ କିଗ୍ରା ବର୍ଗରେ କନଷ୍ଟେବଳ ମିନତୀ ଦାସ ରୌପ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁନ୍ଦରସ୍ୱାସ୍ଥ୍ୟ ପୁରୁଷ ୭୫ କିଗ୍ରା ବର୍ଗରେ କନଷ୍ଟେବଳ ଜିତେନ ଦାସ ସ୍ୱର୍ଣ୍ଣ, କନଷ୍ଟେବଳ ବଲାଲ ଖାଁ ୭୦ କିଗ୍ରାରେ ରୌପ୍ୟ, ହାବିଲଦାର ଅକ୍ଷୟ ମଲ୍ଲିକ ୭୦ କିଗ୍ରାରେ ରୌପ୍ୟ ଓ କନଷ୍ଟେବଳ ରଶ୍ମୀ ରଞ୍ଜନ ସାହୁ ୮୫ କିଗ୍ରାରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ସାକ୍ଷାତ ସମୟରେ ଟିମ୍ ମ୍ୟାନେଜର ଆଶିଷ କୁମାର ଦୁବେଙ୍କ ସମେତ ମୁଖ୍ୟାଳୟର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।

# ଟ୍ରାନ୍ସଜେଣ୍ଡର ନିୟମ କଡ଼ା କରିବାକୁ ଦାବି

ଲଣ୍ଡନ,୬।୩(ଏଏଫପି)

କ୍ରୀଡ଼ାରେ ଠକାମୀଙ୍କୁ ରୋକିବା ପାଇଁ ଟ୍ରାନ୍ସଜେଣ୍ଡ ବା ଲିଙ୍ଗ ପରିବର୍ତ୍ତନର ନିୟମକୁ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ବ୍ରିଟେନର ମହିଳା ମାରାଥନ ବିଶ୍ୱରେକର୍ଡଧାରୀ ପଲ ରାଡକ୍ଲିଫ। ଏହି ନିୟମକୁ କଡ଼ା କରା ନ ଗଲେ କ୍ରୀଡ଼ାର ସର୍ବୋଚ୍ଚସ୍ତରରେ ଅନିୟମିତତା ବଢ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଆନ୍ତର୍ଜାତିକ ଅଲିମ୍ପିକ କମିଟିର (ଆଇଓସି)ର ନିୟମ ଅନୁସାରେ ପୁରୁଷରୁ ମହିଳାକୁ ପରିବର୍ତ୍ତିତ ହେଉଥିବା ପ୍ରତିଯୋଗୀମାନେ ଉପଯୁକ୍ତ ପରୀକ୍ଷା ବିନା ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରୁଛନ୍ତି। ଲିଙ୍ଗ ପରିବର୍ତ୍ତନ କରିଥିବା ମହିଳା ଆଥଲେଟମାନେ ଏବେ ଅବଶ୍ୟ ମହିଳା କ୍ରୀଡ଼ା ପ୍ରତି ବିପଦ ସୃଷ୍ଟି କରିନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏ ନେଇ ଥିବା ନିୟମକୁ କଡ଼ାକଡ଼ି କରା ନ ଗଲେ କ୍ରୀଡ଼ାରେ ଅନିୟମିତତା ବଢ଼ିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ମହିଳା କ୍ରୀଡ଼ାକୁ ଏଭଳି କଳଙ୍କରୁ ରକ୍ଷା କରିବାକୁ ପଡିବ ସେ ସ୍ପଷ୍ଟ କରିଛନ୍ତି।

# ଦ୍ୱିତୀୟ ମହିଳା ଟି୨୦ ଆଜି

## ପରାଜୟ ଧାରା ରୋକିବା ଲକ୍ଷ୍ୟରେ ଭାରତ

ଗୁଆହାଟୀ, ୬।୩(ପି.ଟି.)

ଗୁରୁବାରଠାରୁ ଏଠାରେ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମହିଳା ଦଳ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ। କ୍ରମାଗତ ୫ଟି ଟି୨୦ ମ୍ୟାଚ୍‌ରେ ପରାସ୍ତ ହେବାର ପରାଜୟ ଧାରାକୁ ଭାରତ ଏହି ମ୍ୟାଚ୍‌ରେ ରୋକିବାକୁ ପ୍ରୟାସ କରିବ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪୧ ରନରେ ଇଂଲଣ୍ଡଠାରୁ ପରାସ୍ତ ହୋଇଛି। ଫଳରେ ଭାରତ ୦-୧ରେ ପଛରେ ପଡିଛି। ଆସନ୍ତାବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆରେ ମହିଳା ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ମେଗା ଇଭେଣ୍ଟ ପୂର୍ବରୁ କୋଚ୍ ଡବ୍ଲ୍ୟୁ.ଭି. ରମଣଙ୍କ ଭାରତୀୟ ଦଳକୁ ବହୁତ କିଛି କରିବାକୁ ପଡିବ। ଏହାପୂର୍ବରୁ ନ୍ୟୁଜିଲାଣ୍ଡରେ ଭାରତ ଦିନିକିଆ ସିରିଜ ଜିତିବା ପରେ ଟି୨୦ରେ ପରାସ୍ତ ହୋଇଥିଲା। ଏବେ ଇଂଲଣ୍ଡ ବିପକ୍ଷରେ ସମାନ ଘଟଣା ଘଟିବାକୁ ଯାଉଛି। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୬୦ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୧୯/୬ରେ ସୀମିତ ରହି ପରାସ୍ତ ହୋଇଥିଲା। ଟପ୍ ଅର୍ଡରର ୪ ବ୍ୟାଟ୍ସଓମ୍ୟାନ ହର୍ଲିନ୍ ଦେଓଲ, ଅଧିନାୟିକା ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ ଓ ଅଭିଜ୍ଞ ମିଥାଲି ରାଜ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।



ଅଭ୍ୟାସ ସେସନ ଅବସରରେ ଭାରତୀୟ ମହିଳା ଦଳର ଖେଳାଳିମାନେ।

ପାୱାର ହିଟର ହରମନପ୍ରୀତ କୌରଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ଇଞ୍ଜୁରି କାରଣରୁ ନିୟମିତ ଅଧିନାୟିକା ହରମନପ୍ରୀତ ଦଳରୁ ବାଦ୍ ପଡିଛନ୍ତି। ହରମନପ୍ରୀତଙ୍କ ଅନୁପସ୍ଥିତିରେ ଦିନିକିଆ ଅଧିନାୟିକା ୩୬ ବର୍ଷୀୟା ମିଥାଲି ରାଜ ମୁଖ୍ୟ ଭୂମିକା ନିଭାଇବେ ବୋଲି ଆଶା କରାଯାଉଥିଲା। ତେବେ ସେ ସଫଳ ହୋଇପାରି ନାହାନ୍ତି। ତେବେ ଏହି ମ୍ୟାଚ୍‌ରେ ସେ କିଛି କରିଦେଖାଇବେ ବୋଲି ଆଶା କାରଯାଉଛି। ଦଳକୁ ଫେରିଥିବା ବେଦା କ୍ରିଷ୍ଣମୂର୍ତ୍ତୀ ୨୫ ବଲରୁ ମାତ୍ର ୧୫ ରନ କରିଥିଲେ। ନିମ୍ନ କ୍ରମରେ ଶିଖା ପାଣ୍ଡେ, ଦିପ୍ତୀ ଶର୍ମା ଓ ଅରୁଣା ରେଡ୍ଡୀ ପୁଣିଥରେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ବୋଲିଂରେ ଦୀପ୍ତି, ଅରୁନ୍ଧତି ଓ ରାଧା ଯାଦବ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ମିଡିୟମ ପେସର ଶିଖା ପାଣ୍ଡେ, ଲେଗ୍ ସ୍ପିନର ପୁନମ ଯାଦବ ପ୍ରଥମ ମ୍ୟାଚ୍‌ରେ କଞ୍ଜୁସ ବୋଲିଂ କରିଥିଲେ ମଧ୍ୟ ଅନ୍ୟମାନଙ୍କଠାରୁ ସହାୟତା ପାଇ ନ ଥିଲେ। ଏହି ମ୍ୟାଚ୍‌ରେ ବୋଲିଂ ଓ ବ୍ୟାଟିଂରେ ସୁଧାର ଆଣି ଭାରତ ସିରିଜକୁ ସମାନସ୍ତରକୁ ଆଣିବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଇଂଲଣ୍ଡ ପୂରା ଫର୍ମରେ ଥିବା ପରି ମନେହେଉଛି। ଟାମୀ ବିୟୁମାଉଣ୍ଟ, ଅଧିନାୟିକା ହିଦର ନାଇଟ୍ ଓ ଡାନିଏଲେ ୱାଟ୍ ଜବରଦସ୍ତ ଫର୍ମରେ ରହିଛନ୍ତି। ପୂରା ଦଳ ଅଲରାଉଣ୍ଡ ପ୍ରଦର୍ଶନ କରି ଘରୋଇ ଦଳ ଉପରେ ପ୍ରଭାବ ବିସ୍ତାର କରି ଖେଳିଥିଲା ଓ ବିଜୟୀ ହୋଇଥିଲା। ପୁଣି ଥରେ ଇଂଲଣ୍ଡ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ମ୍ୟାଚ୍ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ।

GOVT. OF ODISHA
No.1907-O
OFFICE OF THE SUPERINTENDING ENGINEER
RURAL WORKS CIRCLE, BHAWANIPATNA
Bid identification No.:- BPT/Online-19/2018-19 Date: 01.03.2019
NOTICE INVITING TENDERS FOR BRIDGE WORK IN ODISHA
NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of Bridge over Pipal Nallah on Laxmipur PS Road to Shripur via Virakapada Road in the District of Kalahandi
2. No. of Works : 1 No.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/-
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 08.03.2019 11.00 A.M. | 23.03.2019 5.00 P.M. | 22.03.2019 | 25.03.2019 |

Further details can be seen from the website "www.tendersorissa.gov.in"
25102/11/0025/1819 Sd./- Superintending Engineer

GOVERNMENT OF ODISHA
e-procurement Notice No.1379-A
OFFICE OF THE SUPERINTENDING ENGINEER, SOUTHERN MINOR IRRIGATION CIRCLE, BERHAMPUR
e-mail:smicbam@yahoo.co.in
Bid Identification No: SESMIC-07/2018-19

| | | |
|---|---|---|
| 1. | No. of works | 1 No. of M.I. Division, Gajapati, Paralakhemundi & 3 Nos. of M.I. Division, Ganjam No.II, Berhampur. |
| 2. | Estimated cost without GST | From Rs.128 .00 Lakh to 256.00 Lakh |
| 3. | E.M.D. required | As per Column -4 of summary of DTCN. |
| 4. | Class of Contractor | B & A |
| 5. | Period of Completion. | 11 (Eleven) Calendar Months each |
| 6. | Cost of Tender document | Rs.10,000/-(Non - refundable) |
| 7. | Availability of Tender in online for bidding | From 14.03.2019 to 05.04.2019 up to 5.00 p.m. |
| 8. | Date & Time of opening of Technical Bid | On 06.04.2019 at 12.30 p.m. |
| 9. | Name and address of the Officer Inviting Tender | Superintending Engineer, Southern Minor Irrigation Circle, Berhampur In front of De-Paul School, Engineering School Road, Berhampur-760010 |

Further details can be seen from the Government website. http://www.tendersodisha.gov.in
32045/11/0013/1819 Superintending Engineer, Southern M.I. Circle, Berhampur

ତହସିଲ କାର୍ଯ୍ୟାଳୟ, ଜୟପୁର
ପତ୍ର ସଂଖ୍ୟା- 831/19 ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ ତା.06.03.19
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉତ୍ସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦି ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ 23.03.2019 ସମୟ ଅପରାହ୍ନ ୫.୦୦ ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବ୍‌ସାଇଟ୍ www.koraput.nic.in ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ, କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।
ସ୍ୱା./- ତହସିଲଦାର, ଜୟପୁର

THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22
Ph.: 0674-2541545, 2542921, Fax; 0674-2541543
E-mail: ophwc.od@nic.in, Website: www.ophwc.nic.in
No. CAD-1551
e-Procurement Notice No.- 57/SE/44/OPHWC/2018-19
INVITATION FOR BIDS (IFB)

| | | |
|---|---|---|
| 1. | The Superintending Engineer (OSPH&WC), Odisha, Bhubaneswar invites Percentage Rate bids in Double Cover system in ONLINE MODE only, for works as detailed below: | |
| 2. | Nature of Work | Building Works |
| 3. | No. of Works | 20 Nos. |
| 4. | Bid cost | Rs.11,800/- (to be paid online) |
| 5. | Value of Tender | Rs.51,00,000.00 to Rs.1,99,00,000.00 |
| 6. | Class of Contractor | B Class to A Class |
| 7. | Availability of Bid documents in the website | Dt.12.03.2019 to Dt.02.04.2019 upto 5.00 P.M. |
| 8. | Last date/time of Receipt of Bids in the Portal | Dt.02.04.2019 upto 5.00 P.M. |
| 9. | Date of Opening of Bid | Dt.03.04.2019 at 11.30 A.M. |
| 10. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | |

Sd./- Superintending Engineer (OSPH&WC), Odisha
N.B.: The quoted rate should be all inclusive but excluding G.S.T. as applicable under works contract.
12025/11/0117/1819

GOVERNMENT OF ODISHA
OFFICE OF THE EXECUTIVE ENGINEER
R.W.S&S DIVISION, KORAPUT
e-mail-eerwss_kpt@rediffmail.com
Ph. No. (Off) 06852-250281, (Res) 06852-250680, Fax. No. 06852-251098
National Competitive Bidding Through E-Procurement
Tender Identification No.13/EE/ RWSS / KPT /2018-19/ Dt.28.2.2019

No. 1910-O:- The Executive Engineer, RWS&S. Division, Koraput on behalf of the Governor of Odisha invites Percentage Rate Bids in Double cover (P1contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN.The bid should be submitted on-line in the website www.tendersorissa.gov.in separately for the works.

| | | |
|---|---|---|
| 1. | Nature of Work | Rural Piped Water Supply Work (Civil) |
| 2. | Estimated Cost | Varies from 20.95 Lakhs to 83.19 Lakhs |
| 3. | No. of Works | 15 Nos. |
| 4. | Tender cost | 6000.00 to 10000.00 |
| 5. | Class of Contractor | "C" "B" & "A" |
| 6. | Availability of Bid document in the website | Dt.11.3.2019, 17 hours to 18.3.2019, 17 hours. |
| 7. | Date of Seeking clarification | During the Office hours of 11.3.2019 to 17.3.2019 |
| 8. | Date of Opening of Bid | Dt. 19.3.2019 at.11 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Executive Engineer, R.W.S&S. Division, Koraput
25034/11/0044/1819

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUBARNAREKHA IRRIGATION CIRCLE
AT/PO: LAXMIPOSI, DIST.- MAYURBHANJ
1380-A
Government of Odisha "e" Procurement Notice
Bid Identification No. 03/18-19 of SE-SIC, Laxmiposi

| | | |
|---|---|---|
| i. | Name of Work | Balance work of Cement concrete lining to gap at RD 43090M. RD 42780M, RD 42320M, RD 40940M and RD 38000M of Subarnarekha Main Canal along with Inspection road |
| ii. | Estimated Cost (Lakh) | Rs. 114.42 Lakh |
| iii. | Period of Completion | 6 (Six) Calendar months |
| iv. | Date & time of availability of bid document in the portal | 08.03.2019 at 10AM |
| v. | Last date / time for receipt of Bid in the portal | 23.03.2019 upto 5.00PM |
| vi. | Name & address of the O.I.T. | Superintending Engineer, Subarnarekha Irrigation Circle, Laxmiposi, Mayurbhanj |

Further details can be seen from the e-Procurement portal "https://tendersodisha.gov.in"
Sd./- Superintending Engineer
Subarnarekha Irrigation Circle, Laxmiposi
sesic12@gmail.com
32120/11/0004/1819

DISTRICT EDUCATION OFFICE, NUAPADA
No. 2454 Date: 06.03.2019
TENDER CALL NOTICE
Sealed tenders are invited from the Manufacturers/ Authorized dealers/ Distributors/ Govt. registered Electrical Contractors having valid GST Registration Certificate and Number for supply, installation and commissioning of Desktop Computers, Generators Set, Colour Television with DTH Connection, Public address System, Water Cooler with Filter (RO) and All in One Laser Printers in different locations of Nuapada district through Registered/ Speed Post only. The detailed specifications, terms and conditions can be downloaded from the website www.nuapada.nic.in. The last date for receipt of tender paper is 16.03.2019 till 5.00 PM and the tender will be opened on 18.03.2019 at 4.00 PM at Conference Hall of Collectorate, Nuapada. The authority reserves the right to modify the content, accept or reject or cancel the tender without assigning any reason thereof.
Sd./- District Education Officer, Nuapada

Odisha Livelihoods Mission
Panchayati Raj & Drinking Water Department
Government of Odisha
EOI No: 06/2018-19 Date: 06.03.2019
No.88-i:- Request for Expression of Interest
"Hiring of CA Firm for Statutory Audit for the Financial Year 2018-2019 under Odisha Livelihoods Mission:"
1. The Government of India has availed a credit from International Development Association (IDA), towards the National Rural Livelihoods Project which aims to support the National Rural Livelihoods Mission under the Ministry of Rural Development, Government of India and intends to apply part of the loan proceeds to make payments under the contract for the following services.
2. The Odisha Livelihoods Mission (OLM) now invites eligible Consultant to indicate their interest in providing the Services. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annex-A & B.
3. Firm may associate with other firm in the form of a joint venture to enhance their qualifications & experience.
4. Firm will be selected in accordance with the Least Cost Selection (LCS) method set out in the Consultant Guidelines (NRLM Procurement Manual).
5. Further information can be obtained at the address below during office hours i.e. 10.00 to 17.00 hours and the details ToR and NRLM Procurement Manual can be seen and downloaded in OLM website www.olm.nic.in.
6. In case of any Addendum/ Clarification / Corrigendum/ Extension regarding this EOI, the same will be published in the above websites.
7. Expression of interest in sealed envelope must be delivered in a written to the address below (in person, or by post/courier) latest by 20.03.2019, 3.30 PM Hours (IST).
8. Authority reserves the right to accept or reject any proposal and to cancel the procurement process and reject all proposals, at any time prior to the award of contract, without assigning any reason thereof.
State Mission Director-cum-CEO
Odisha Livelihoods Mission (OLM)
SIRD Campus, Unit-8, Bhubaneswar
Contact Person-
Sd./- State Mission Director-cum-CEO
SIRD Campus, Unit VIII, Bhubaneswar- 751012, Odisha
Tel: 0674-2560169, e-mail: smmu.olm@gmail.com/po.tripti@gmail.com
19018/11/0046/1819

'e' - Procurement Notice
Tender Reference No.- TCRM-WS-74/2018-19
Bid Identification No.- 2019_ORULB
No. 1005 Dt.02.03.2019
No. 537-C: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| 1. | Name of the Work | Water Supply work as mentioned in the website |
| 2. | No. of Works | 3 Nos. |
| 3. | Estimated Cost | 3.35 to 3.65 Lakhs |
| 4. | Period of Completion | As per DTCN |
| 5. | Date & time of availability of Bid document in the portal | From Dt.04.03.2019 to Dt.11.03.2019 upto 5.00 P.M. |
| 6. | Last date & time for receipt of Bid in the portal | Upto 5.00 P.M. to Dt.11.03.2019 |
| 7. | Last date for receipt of Financial document | Upto 1.00 P.M. of Dt.12.03.2019 |
| 8. | Bid received Online shall be opened on | Dt.12.03.2019 at 3.00 P.M. |
| 9. | Name & Address of the Officer Inviting the Bid | Executive Officer, Talcher Municipality |

Further details can be seen from the procurement portal i.e. www.tendersorissa.gov.in.
Sd./- Executive Officer
Talcher Municipality
13077/11/0024/1819

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
EARTH DAM DIVISION, CHITRAKONDA
DISTRICT: MALKANGIRI
E-mail ID –executiveengineereddckd@gmail.com
"e" Procurement Notice No.1376-A
1. Name of Work: As per detailed Tender Call Notice, (2) Total No. of package: 02 Nos. individual package, (3) Estimated cost of package(s): Varies from Rs. 12.84 Lakhs to Rs. 39.93 Lakhs, (4) Period of completion: 12 (Twelve) Calendar Months)

| Procurement Officer | Bid Identification No. | Availability of tender on line for bidding | | Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda | EDD-07 of 2018-19 On-line | 08.03.2019 at 1.00 PM | 18.03.19 up to 5.00 PM. | 19.03.2019 at 11.00 A.M on wards at S.I Sub Division Malkangiri |

Further details can be seen from the Govt. website www.tendersorissa.gov.in. Corrigendum / addendum / Cancelation of tender can also be seen in the aforesaid website.
Sd./- Executive Engineer, Earth Dam Division,Chitrakonda, Malkangiri (O).
32019/11/0014/1819

OFFICE OF THE EXECUTIVE ENGINEER
MINOR IRRIGATION DIVISION, KHURDA
E-mail: eemidkhurda@yahoo.co.in
GOVERNMENT OF ODISHA
e-PROCUREMENT NOTICE
No.1382-A:- BID IDENTIFICATION No: EEMIDKHD 28 /2018-19

| | |
|---|---|
| Name of work | Civil Construction Works (Check dams) |
| No. of works | 10(Ten ) Nos. |
| Estimated cost | Rs. 18.37 lakh to 49.70 lakh. |
| Tender paper cost | Rs. 6,000.00 |
| Period of completion | 120 days. |
| Class of Contractor | "A", "B", "C "& "D". |
| Availability of bid documents | From 08.03.2019, 11.00 AM to 18.03.2019 up to 5.00 PM in website (www.tendersorissa.gov.in). |
| Period of Receipt of bid through on Line | From 08.03.2019, 11.00AM to 18.03.2019 upto 5.00 PM through On- Line. |
| Mode of Payment | Online. |
| Date of opening of bid documents | 19.03.2019. |
| Date of Lottery( If required) | On dt. 23.03.2019 at 11.00 AM on wards. |
| Digital signature certificate of Bidder | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in. | |
| Name & Address of the OIT | Executive Engineer, M.I.Division, Khurda, At- Pallahat , PO-Khurda, Dist:- Khurda, PIN-752056, E-mail ID-eemidkhurda@yahoo.co.in. |
| Further details can be seen from the e-Procurement market place. | http://tendersorissa.gov.in. |

32042/11/0024/1819 Executive Engineer M.I.Division, Khurda



“ଯଦି ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଟିମ୍‌ରେ ରୁହନ୍ତି ତେବେ ଅଷ୍ଟ୍ରେଲିଆ ଆଗାମୀ ଆଇସିସି ବିଶ୍ୱକପ୍ ଜିତିପାରିବ ।

– ସେନ୍ ୱର୍ନ, ମହାନ ଅଷ୍ଟ୍ରେଲୀୟ ସ୍ପିନର

“ଆମେରିକାରେ ପ୍ରଫେସନାଲ ବକ୍ସିଂ ଉଚ୍ଚତମସ୍ତରର ହୋଇଥାଏ। ଟ୍ରେନର ଫ୍ରେଡି ରୋଚ୍‌ଙ୍କ ତତ୍ତ୍ୱାବଧାନରେ ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ଆଶା ରହିଛି ।

– ବିଜେନ୍ଦର ସିଂ, ଭାରତୀୟ ପ୍ରଫେଶନାଲ ବକ୍ସର



## ସଂକ୍ଷେପରେ

### ସଚିନଙ୍କଠାରୁ ଆଗରେ କୋହଲି

ନୂଆଦିଲ୍ଲୀ,୬।୩- ଭାରତୀୟ ଅଧିନାୟକ ବିରାଟ କୋହଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ବହୁ ପଛରେ ପକାଇଛନ୍ତି। ଏବେ ପର୍ଯ୍ୟନ୍ତ କୋହଲି ୨୨୪ଟି ଦିନିକିଆ ମ୍ୟାଚ୍ ଖେଳିସାରିଛନ୍ତି। ଏହି ସଂଖ୍ୟକ ମ୍ୟାଚ୍‌କୁ ନଜରକୁ ନେଲେ ସଚିନଙ୍କ ଠାରୁ କୋହଲି ୨୩୩୬ ରନ୍ ଆଗରେ ରହିଛନ୍ତି। ଭାରତୀୟ ଅଧିନାୟକ ୨୨୪ ଦିନିକିଆ ମ୍ୟାଚ୍‌ରୁ ୫୯.୨୪ ହାରରେ ୧୦,୬୯୩ ରନ୍ କରିଛନ୍ତି। ଏହି ତୁଳନାରେ ସଚିନ ସମାନ ସଂଖ୍ୟକ ମ୍ୟାଚ୍ ଖେଳିବା ସୁଦ୍ଧା ୪୨.୬ ହାରରେ ୮୩୫୦ ରନ୍ କରିଥିଲେ। ଏହାବାଦ୍ ଶତକ ଓ ଅର୍ଦ୍ଧଶତକକୁ ହିସାବକୁ ନେଲେ ସଚିନଙ୍କଠାରୁ ୩୦ ବର୍ଷୀୟ କୋହଲି ଢ଼େର ଆଗରେ ଅଛନ୍ତି। ସଚିନ ସେତେବେଳ ସୁଦ୍ଧା ୨୩ ଶତକ ଓ ୪୪ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ କୋହଲି ବର୍ତ୍ତମାନ ୪୦ ଶତକ ଓ ୪୯ ଅର୍ଦ୍ଧଶତକ ଲଗାଇ ସାରିଛନ୍ତି। ତେବେ କ୍ରିକେଟ ଇତିହାସର ବ୍ୟାଟ୍ସମ୍ୟାନଙ୍କ ପ୍ରାୟ ସମସ୍ତ ରେକର୍ଡ ସଚିନଙ୍କ ନାମରେ ରହିଛି। ସେ ୨୦୧୩ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

### ତିନି ବୋର୍ଡ ମିଳିତ ଆୟୋଜନ କରିବେ ଟି୨୦ ଲିଗ୍

ଦୁବାଇ,୬।୩- ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡର କ୍ରିକେଟ ବୋର୍ଡ ମିଳିତ ଭାବେ ଚଳିତ ସିଜନରୁ ୟୁରୋପିଆନ ଟି୨୦ ଲିଗ୍ ଆୟୋଜନ କରିବେ। ଏ ନେଇ ତିନି ବୋର୍ଡ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। ଉକ୍ତ ଲିଗ୍ ଆସନ୍ତା ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଲିଗ୍‌ରେ ୩ ଦେଶର ୨ ଲେଖାଏ ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିବେ। ଏଥିରେ ଇଡିନବର୍ଗ, ଗ୍ଲାସ୍‌ଗୋ, ଡବଲିନ, ବେଲଫାଷ୍ଟ, ଆମଷ୍ଟରଡାମ ଓ ରୋଟରଡାମ ଆଦି ୬ ଫ୍ରାଞ୍ଚାଇଜ ଖେଳିବେ। ଡବଲ ରାଉଣ୍ଡ ରବିନ ମ୍ୟାଚ୍ ପରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ପ୍ରତ୍ୟେକ ଦଳରେ ୬ ଜଣ ଘରୋଇ ଖେଳାଳି ଓ ୫ ଜଣ ବିଦେଶୀ ଖେଳାଳି ରହିବେ। ପ୍ରଥମ ଥର ପାଇଁ ବହୁ ଦେଶର କ୍ରିକେଟ ବୋର୍ଡ ମିଳିତ ଭାବେ ଏକ ଲିଗ୍‌ର ଆୟୋଜନ କରିବାକୁ ଯାଉଛନ୍ତି।

### ଜେସିସି ସେମିଫାଇନାଲରେ

ଭୁବନେଶ୍ୱର, ୬।୩(ସ୍ପୋର୍ଟ୍ସ ବ୍ୟୁରୋ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବଡ଼ଘୁମୁରି ପଞ୍ଚାୟତ ଭୁବନପୁର ଗ୍ରାମର ମିଳନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ବାବା ପ୍ରହ୍ଲାଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଛତିଆର ୱାଇସିସିକୁ ହରାଇ ଜାରକାର ଜେସିସି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜେସିସି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ନ କରିଥିଲା। ଜବାବରେ ୱାଇସିସି ୧୮.୩ ଓଭରରେ ୧୦୯ ରନ କରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଜଗନ୍ନାଥ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ରାଉତ ଅତିଥିଭାବେ ଯୋଗ ଦେଇଥିବାବେଳେ ବିଶ୍ୱଜିତ ସାମନ୍ତରାୟ ଓ ଅଜୟ ରାଉତରାୟ ମ୍ୟାଚ ପରିଚାଳନା କରିଥିଲେ। ପ୍ରଦୀପ ବିଶ୍ୱାଳ ଓ ବିଶ୍ୱଜିତ ଖୁଣ୍ଟିଆ ସ୍କୋରର ଥିଲେ।

# ଭାରତୀୟ ଦଳରେ ୩ ଓଡ଼ିଆ

ନୂଆଦିଲ୍ଲୀ,୬।୩(ପି.ଟି.)

ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ମାଲେସିଆର ଇପୋଠାରେ ୨୮ତମ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଇଭେଣ୍ଟ ଲାଗି ମନପ୍ରୀତ ସିଂଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତଙ୍କ ସହାୟତା ଲାଗି ଡିଫେଣ୍ଡର ସୁରେନ୍ଦର କୁମାର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଏହି ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା।

ଭାରତ ଓ ଆୟୋଜକ ମାଲେସିଆ ବ୍ୟତୀତ ଆଜଲାନ ଶାହ ଟୁର୍ନାମେଣ୍ଟରେ କାନାଡା, କୋରିଆ, ଦକ୍ଷିଣ ଆଫ୍ରିକା, ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଜାପାନ ଅଂଶଗ୍ରହଣ କରିବେ। ଭାରତୀୟ ଦଳ ଉଦ୍‌ଘାଟନୀ ମ୍ୟାଚରେ ଜାପାନ ସହିତ ମୁକାବିଲା କରିବ। ଏକାଧିକ ସିନିୟର ଖେଳାଳି ଆହତ ଥିବାରୁ ଦଳରେ ଜୁନିୟରଙ୍କୁ ସୁଯୋଗ ଦିଆଯାଇଛି। ଏସ୍. ଭି. ସୁନୀଲ, ଆକାଶଦୀପ ସିଂ, ରମଣଦୀପ ସିଂ, ଲଳିତ ଉପାଧ୍ୟାୟ (ଫରୱାର୍ଡ), ରୁପିନ୍ଦର ପାଲ ସିଂ, ହରମନପ୍ରୀତ ସିଂ(ଡିଫେଣ୍ଡର), ଚିଙ୍ଗଲେନ୍‌ସାନା (ମିଡ୍‌ଫିଲ୍ଡର) ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ଏଥିଯୋଗୁ ଦୁଇ ଯୁବ ଖେଳାଳି ଯଥା ବିଶାଲ ଆଣ୍ଟିଲ ଓ ପ୍ରଦୀପ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଦଳର ଗୋଲକିପର ଦାୟିତ୍ୱ ନେବେ ଅଭିଜ୍ଞ ପି.ଆର. ଶ୍ରୀଜେଶ। ଅତିରିକ୍ତ ଗୋଲକିପର ଭାବେ କ୍ରିଶନ ବି. ପାଠକଙ୍କୁ ମଧ୍ୟ ସ୍ଥାନ ମିଳିଛି। ଡିଫେନ୍ସ ଭାଗରେ ଉପଅଧିନାୟକ ସୁରେନ୍ଦରଙ୍କ ସହ ଗୁରିନ୍ଦର ସିଂ, ବୀରେନ୍ଦ୍ର ଲାକ୍ରା, କୋଥାଜିତ ସିଂ ଖାଡଙ୍ଗବାମ, ବରୁଣ କୁମାର ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ଅଧିନାୟକ ମନପ୍ରୀତ, ଯୁବ ଖେଳାଳି ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ସୁମିତ ଓ ନୀଳକାନ୍ତ ଶର୍ମା ମିଡ୍‌ଫିଲ୍ଡ ଭାଗ ସମ୍ଭାଳିବେ। ସେହିଭଳି ଫରୱାର୍ଡ ଭାଗରେ ମନଦୀପ ସିଂ, ସିମରନଜିତ ସିଂ, ଗୁରଜାନ୍ତ ସିଂ, ଶିଳାନନ୍ଦ ଲାକ୍ରା ଓ ସୁମିତ କୁମାର ରହିଛନ୍ତି। ଆହତ ସମସ୍ୟା ଯୋଗୁ ଆମର କିଛି ମୁଖ୍ୟ ଖେଳାଳି ସୁଲତାନ ଆଜଲାନ ଶାହ କପ୍ ଟୁର୍ନାମେଣ୍ଟରେ ଖେଳିପାରିବେ ନାହିଁ। ଏହା ଦୁର୍ଭାଗ୍ୟର ବିଷୟ। ସେମାନଙ୍କୁ ଶତପ୍ରତିଶତ ଫିଟ୍ ହୋଇ ଫେରିବାକୁ ପଡ଼ିବ। ଆଗକୁ ଏଫ୍‌ଆଇଏଚ୍ ସିରିଜ ଫାଇନାଲ ରହିଛି। ଏହା ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ଟୁର୍ନାମେଣ୍ଟ। ତେଣୁ ଆମେ ବର୍ତ୍ତମାନ ଯୁବ ଦଳକୁ ନେଇ ଖେଳିବୁ ବୋଲି ହକି ଇଣ୍ଡିଆର ହାଇ ପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ କହିଛନ୍ତି। ଉଲ୍ଲେଖଥାଉ କି, ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରୁ ବିଦାୟ ନେବାପରେ ହରେନ୍ଦ୍ର ସିଂଙ୍କୁ ମୁଖ୍ୟ କୋଚ୍ ପଦରୁ ବିଦା କରାଯାଇଛି। ଏହା ପରଠାରୁ ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦ ଖାଲି ପଡ଼ିଛି। ଚଳିତମାସ ୧୮ ତାରିଖରେ ଭାରତୀୟ ଦଳ ବେଙ୍ଗାଲୁରୁରୁ ମାଲେସିଆ ଯାତ୍ରା କରିବ।



ଭାରତୀୟ ଦଳର ଖେଳାଳିମାନେ।

**ସୁଲତାନ ଆଜଲାନ୍ ଶାହ କପ୍ ହକି**

**ଭାରତୀୟ ଦଳ**

**ଗୋଲକିପର:** ପି.ଆର. ଶ୍ରୀଜେଶ ଓ କ୍ରିଶନ ବି. ପାଠକ।

**ଡିଫେଣ୍ଡର:** ସୁରେନ୍ଦର କୁମାର (ଉପଅଧିନାୟକ), ଗୁରିନ୍ଦର ସିଂ, ବୀରେନ୍ଦ୍ର ଲାକ୍ରା, କୋଥାଜିତ ସିଂ ଖାଡଙ୍ଗବାମ, ବରୁଣ କୁମାର ଓ ଅମିତ ରୋହିଦାସ।

**ମିଡ୍‌ଫିଲ୍ଡ ବିଭାଗ:** ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ସୁମିତ ଓ ନୀଳକାନ୍ତ ଶର୍ମା।

**ଫରୱାର୍ଡ:** ମନଦୀପ ସିଂ, ସିମରନଜିତ ସିଂ, ଗୁରଜାନ୍ତ ସିଂ, ଶିଳାନନ୍ଦ ଲାକ୍ରା ଓ ସୁମିତ କୁମାର।

## ପ୍ରଥମ ଟି୨୦ ଜିତିଲା ଇଂଲଣ୍ଡ

ସେଣ୍ଟ ଲୁସିଆ,୬।୩(ଏଏଫ୍‌ପି)

ସ୍ଥାନୀୟ ଡାରେନ ସାମି ଷ୍ଟାଡିୟମଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୪ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଇଂଲଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ବିଜୟୀ ଦଳ ପାଇଁ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଓପନର ଜନି ବେଆରଷ୍ଟୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପାଇଁ ନିକୋଲାସ ପୁରାନ ସର୍ବାଧିକ ୫୮ ଓ ଡାରେନ ବ୍ରାଭୋ ୨୮ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ବୋଲିଂରେ ଟମ କୁରାନ ୪ ଓ କ୍ରିସ ଜୋର୍ଡାନ ୨ଟି ଉଇକେଟ ହାତେଇଥିଲେ। ଜବାବରେ ବେଆରଷ୍ଟୋଙ୍କ ବିସ୍ଫୋରକ ୬୮ ରନ୍‌ର ଇନିଂସ ଯୋଗୁ ଇଂଲଣ୍ଡ ୧୮.୫ ଓଭରରେ ୬ ଉଇକେଟ ହରାଇ ୧୬୧ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଓପନର ବେଆରଷ୍ଟୋ ୪୦ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ଦୁଇ ଛକା ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋ ଡେନ୍‌ଲି ୩୦ ଓ ସାମ ବିଲିଙ୍ଗ୍ସ ୧୮ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କଟ୍ରେଲ ୩ଟି ସଫଳତା ପାଇଥିଲେ। ଆସନ୍ତା ଶୁକ୍ରବାର ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

## ରାହୁଲ- ପାଣ୍ଡ୍ୟା ମାମଲାର ତଦନ୍ତ କରିବେ ନୂଆ ବିସିସିଆଇ ଲୋକପାଳ

ନୂଆଦିଲ୍ଲୀ, ୬।୩(ପି.ଟି.)

ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ମାମଲାର ତଦନ୍ତ ଭାର ନବନିଯୁକ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲୋକପାଳଙ୍କୁ ଦିଆଯିବ ବୋଲି କ୍ରିକେଟ ପ୍ରଶାସକ କମିଟି (ସିଓଏ) ତରଫରୁ କୁହାଯାଇଛି। ଭାରତୀୟ କ୍ରିକେଟର ସଂଚାଳନ କରୁଥିବା ସିଓଏ ଗୁରୁବାର ହେବାକୁ ଥିବା ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ। ସୂଚନାଯୋଗ୍ୟ ଯେ, ରାହୁଲ ଓ ପାଣ୍ଡ୍ୟା ଏକ ଜଣାଶୁଣା ଟିଭି ଶୋ’ରେ ନାରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବେଶ୍ ସମାଲୋଚିତ ହୋଇଥିଲେ ଓ ସାମୟିକ ଭାବେ ବାସନ୍ଦ ମଧ୍ୟ ହୋଇଥିଲେ। ଏ ନେଇ ତଦନ୍ତ ଚାଲୁ ରହିଥିଲେ ମଧ୍ୟ ଏହି ଦୁଇ କ୍ରିକେଟରଙ୍କ ଉପରୁ ବାସନ୍ଦାଦେଶ ଉଠାଇ ଦିଆଯାଇଥିଲା।

ସୁପ୍ରିମକୋର୍ଟଙ୍କ ଦ୍ୱାରା ନବନିଯୁକ୍ତ ଲୋକପାଳ ଡି.କେ. ଜୈନ ଏବେ ଏହି ମାମଲାର ତଦନ୍ତ କରିବେ। ଲୋକପାଳ ନିଯୁକ୍ତି ପରେ ସିଓଏର ଏହା ହେବ ପ୍ରଥମ ସମ୍ପୂର୍ଣ୍ଣ ବୈଠକ। ଜୈନ ମଧ୍ୟ ଜଣେ ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି। ‘କଫି ୱିଥ୍ କରନ’ ଟିଭି ଶୋ’ରେ ରାହୁଲ ଓ ପାଣ୍ଡ୍ୟା ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ପରେ ଏହି ଦୁଇ କ୍ରିକେଟରଙ୍କୁ ଅଷ୍ଟ୍ରେଲିଆ ଗସ୍ତ ଅଧାରୁ ଦେଶକୁ ପଠାଇ ଦିଆଯାଇଥିଲା। ଏହି ବୈଠକରେ ସିଓଏର ନୂଆ ସଦସ୍ୟ ରବି ଥୋଡଗେ ମଧ୍ୟ ଅଂଶଗ୍ରହଣ କରିବେ। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶଗୁଡ଼ିକ ସହ ସମ୍ପର୍କ ଛିନ୍ନ କରିବା ପାଇଁ ବିସିସିଆଇ ଦେଇଥିବା ପ୍ରସ୍ତାବକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଅଗ୍ରାହ୍ୟ କରିଥିଲା। ଏ ନେଇ ଏହି ବୈଠକରେ ଆଲୋଚନା ହେବ। ପୁଣି ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ନେଇ ମଧ୍ୟ ଆଲୋଚନ ହେବ। ଆଇପିଏଲର ପ୍ରଥମ ଦୁଇ ସପ୍ତାହର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା ହେବ ବୋଲି ଆଶା କରାଯାଉଛି। ଆଇପିଏଲର ଆର୍ଥିକ ମାମଲା ଓ ସମ୍ଭାବ୍ୟ କାର୍ଯ୍ୟସୂଚୀ ନେଇ ଏହି ବୈଠକରେ ସବିଶେଷ ଆଲୋଚନା କରାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ୫ ପଦକ ସହ ଫେରିଲେ ପାର୍ବତୀ

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ମହିଳା ଆଥଲେଟ୍ ପାର୍ବତୀ ସେଠୀଙ୍କ ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ସେ କ୍ରମାଗତ ୩ଟି ଟୁର୍ନାମେଣ୍ଟରୁ ୫ ପଦକ ହାସଲ କରି ବିରଳ ସଫଳତା ଲାଭ କରିଛନ୍ତି। ଡେରାଡୁନଠାରେ ଅନୁଷ୍ଠିତ ମାଷ୍ଟର ଗେମ୍ସରେ ପାର୍ବତୀ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଥିଲେ। ମାର୍ଚ୍ଚ ୨ରେ ସଙ୍ଗୃରଠାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ସେ ଡିସ୍‌କସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବୁଧବାର ପଞ୍ଚକୁଲାରେ ଆୟୋଜିତ ଇଣ୍ଡିଆନ ଗ୍ରାଁ ପ୍ରି-୪ର ଡିସ୍‌କସ୍ ଥ୍ରୋରେ ସେ ରୌପ୍ୟ ପଦକ ଲାଭ କରିଛନ୍ତି। ଏଥିସହ ପାର୍ବତୀ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ନିଜର ଅଭିଯାନ ଶେଷ କରିଛନ୍ତି। ସରକାରୀ ସାହାଯ୍ୟ ସହଯୋଗ ମିଳିଲେ ଆଗାମୀ ଦିନରେ ରାଜ୍ୟ ପାଇଁ ଆହୁରି ଅଧିକ ସଫଳତା ଲାଭ କରିପାରିବି ବୋଲି ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ପାର୍ବତୀ ସେଠୀ।

## ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନରୁ ସିନ୍ଧୁ ଆଉଟ୍

ବର୍ମିଂହାମ, ୬।୩(ପି.ଟି.)

ବିଶ୍ୱର ସର୍ବପୁରାତନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିବସରେ ଭାରତକୁ ଝଟ୍‌କା ଲାଗିଛି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରୁ ହାରି ଏହି ସମ୍ମାନଜନକ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣୀଥ୍ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି।

ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପଞ୍ଚମ ସିଡ୍ ମାନ୍ୟତା ସିନ୍ଧୁ କୋରିଆର ସୁଙ୍ଗ୍ ଜି ହ୍ୟୁନଙ୍କ ନିକଟରୁ ୧୬-୨୧, ୨୨-୨୦, ୧୮-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଏହି ମ୍ୟାଚଟି ଏକ ଘଣ୍ଟା ୨୧ ମିନିଟ୍ ଧରି ଚାଲିଥିଲା। ପୂର୍ବରୁ ଉଭୟ ସଟ୍‌ଲରଙ୍କ ମଧ୍ୟରେ ଅନୁଷ୍ଠିତ ଶେଷ ୩ଟି ମୁକାବିଲାରୁ ସିନ୍ଧୁ ୨ଥର ପରାସ୍ତ ହୋଇଥିଲେ। ସୁଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କର ଏହା ମୋଟ୍ ୧୫ତମ ମୁକାବିଲା ଥିବାବେଳେ ସେଥିରୁ ୮ ବିଜୟ ଓ ୭ଟି ପରାଜୟବରଣ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସୁଙ୍ଗ୍ ହଂକଂର ଚେଉଙ୍ଗ୍ ନଗନ ୟିଙ୍କୁ ଭେଟିବେ।

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଅଲ୍‌ଇଣ୍ଡିଆ ମୁକାବିଲା ଦେଖିବାକୁ ମିଳିଥିଲା। ୨୦୧୭ ସିଙ୍ଗାପୁର ଓପନ୍ ଚାମ୍ପିୟନ ବି. ସାଇ ପ୍ରଣୀଥ୍ ୨୧-୧୯, ୨୧-୧୯ ସିଧାସଳଖ ଗେମ୍‌ରେ ନିଜ ଦେଶର ଏଚ୍.ଏସ୍. ପ୍ରଣୟଙ୍କୁ ହରାଇ ଦେଇଛନ୍ତି। ମହିଳା ଡବଲ୍ସରେ ମେଘନା ଜକ୍କାମପୁଡି ଓ ପୁରଭିଶ ଏସ୍. ରାମ ଯୋଡ଼ି ୨୧-୧୮, ୧୨-୨୧, ୧୨-୨୧ରେ ରୁଷିଆ ଯୋଡ଼ି ଏକତ୍ରିନା ବୋଲୋତୋଭା ଓ ଏଲିନା ଡାଭେଲତୋଭାଙ୍କ ନିକଟରୁ ହାରିଯାଇଛନ୍ତି।



ବି. ସାଇ ପ୍ରଣୀଥ୍

## ଲାଞ୍ଚ ଦେଇ ଜେଲ ଗଲେ ଆଡିଡାସ୍ କାର୍ଯ୍ୟନିର୍ବାହୀ

ନ୍ୟୁୟର୍କ,୬।୩ (ପି.ଟି.)

ଆମେରିକାରେ ଜଣେ ଯୁବ ବାସ୍କେଟବଲ ଖେଳାଳିଙ୍କୁ ଲାଞ୍ଚ ଦେଇ ଜଣାଶୁଣା କ୍ରୀଡ଼ା ପୋଷାକ ଉତ୍ପାଦନକାରୀ କମ୍ପାନୀ ଆଡିଡାସର ଜଣେ ପୂର୍ବତନ କାର୍ଯ୍ୟନିର୍ବାହୀ ଜେଲ ଦଣ୍ଡ ଭୋଗିଛନ୍ତି। ଆଡିଡାସର ମାର୍କେଟିଂ ଡାଇରେକ୍ଟର ଜିମ୍ ଗାଟ୍ଟୋ ଜଣେ ତାରକା ହାଇସ୍କୁଲ ବାସ୍କେଟବଲ୍ ଖେଳାଳିଙ୍କୁ କ୍ୟାରିୟରର ଭବିଷ୍ୟତରେ କମ୍ପାନୀ ସହିତ ଜଡିତ କରାଇବା ପାଇଁ ଓ ଆଡିଡାସ ପ୍ରାୟୋଜିତ ବିଶ୍ୱବିଦ୍ୟାଳୟରେ ତାଙ୍କୁ ସାମିଲ କରାଇବା ନେଇ ପ୍ରଲୋଭିତ କରିବା ସହ ଲାଞ୍ଚ ଦେଇଥିଲେ। ଏନ୍‌ବିଏ ଟିମ୍ ନ୍ୟୁୟର୍କ ନିକ୍ସରେ ପଏଣ୍ଟ ଗାର୍ଡ ଥିବା ଡେନିସ୍ ସ୍ମିଥ୍ ଜୁନିୟରଙ୍କୁ ୪୦, ୦୦୦ ଡଲାର ଲାଞ୍ଚ ଦିଆଯାଇଥିବାର ପ୍ରମାଣ ମିଳିଛି। ଏହି ପ୍ରକ୍ରିୟାରେ ଗାଟ୍ଟୋଙ୍କୁ କ୍ରିଷ୍ଟିଆନ୍ ଡକିନ୍ସ ନାମକ ଜଣେ ଏଜେଣ୍ଟ ସହାୟତା ପ୍ରଦାନ କରିଥିଲେ। ଗାଟ୍ଟୋଙ୍କୁ ୯ ମାସ ଓ ଡକିନ୍ସଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ହୋଇଛି।

## ଭାରତରେ କ୍ଲବ କିଣିବେ ମାଞ୍ଚେଷ୍ଟର ସିଟି ମାଲିକ

ଲଣ୍ଡନ,୬।୩

ପ୍ରିମିୟର ଲିଗ୍ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ମାଲିକ ଭାରତୀୟ ଫୁଟ୍‌ବଲ କ୍ଲବରେ ନିବେଶ କରିବା ନେଇ ଯୋଜନା କରୁଛନ୍ତି। ଏ ନେଇ ମୁଖ୍ୟ କାର୍ଯ୍ୟକାରୀ ଫେରାନ ସୋରିଆନୋ କହିଛନ୍ତି। ସିଟି ଫୁଟ୍‌ବଲ ଗ୍ରୁପ (ସିଏଫ୍‌ଜି) ଏପର୍ଯ୍ୟନ୍ତ ୭ଟି କ୍ଲବର ମାଲିକ। ମେଜର ସକର ଲିଗର ନ୍ୟୁୟର୍କ ସିଟି ଏଫ୍‌ସି, ସ୍ପାନିଶ ଦଳ ଗିରୋନା, ଜାପାନିଜ କ୍ଲବ ୟୋକୋହାମା ଏଫ୍ ମାରିନୋସ ଓ ଅଷ୍ଟ୍ରେଲିଆର ମେଲବୋର୍ନ ସିଟି ମାଲିକ ସିଏଫ୍‌ଜି ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ଏକ କ୍ଲବ ସହ ଚୁକ୍ତି କରିପାରେ। ଆମେ ଭାରତୀୟ କ୍ଲବ ସହ ଚୁକ୍ତି କରିବା ପାଇଁ ପ୍ରାୟ ଦୁଇ ବର୍ଷ ହେଲାଣି ଯୋଜନା କରୁଛୁ। ଚଳିତ ବର୍ଷ ଶେଷ ସୁଦ୍ଧା ଆମେ ଭାରତୀୟ କ୍ଲବରେ ନିବେଶ କରିବୁ। ପ୍ରାଥମିକ ଭାବେ ମୁମ୍ବାଇ ଓ ଅନ୍ୟ କେତେକ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ସହ ଆଲୋଚନା କରାଯାଇଛି ବୋଲି ସାରିଆନୋ ଭାରତ ଗସ୍ତରେ ଆସି କହିଛନ୍ତି। ତାଙ୍କ ଟାଟା ଷ୍ଟିଲ ପକ୍ଷରୁ ଜାମଶେଦପୁର ଏଫ୍‌ସି ଓ ମୁମ୍ବାଇ ସିଟି କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଦେଖିବା ଲାଗି ନିମନ୍ତ୍ରଣ କରାଯାଇଥିଲା।

## କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ କଟକର ନିମପୁର ସ୍ପୋର୍ଟ୍ସକୁ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ସ୍ପୋର୍ଟିଂ ୩୪.୪ ଓଭରରେ ୧୦୮ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଶ୍ରେୟାଂଶୁ ପଣ୍ଡା ସର୍ବାଧିକ ୩୮ ରନ କରିଥିଲେ। ଗ୍ରୀନ୍ସର ତାରିଣୀ ନାୟକ ଓ ସୂର୍ଯ୍ୟକାନ୍ତ ଭୂତିଆ ୩ଟି ଏବଂ ସୁମିତ ମିଶ୍ର ଓ ଆୟୁଷ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଗ୍ରୀନ୍ସ ଏକାଡେମୀ ୧୭.୨ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୧୦ ରନ କରି ବିଜୟୀ ହୋଇଥିଲା। ଏସ.ହିମାଂଶୁ ୪୩ ବଲ୍‌ରୁ ୫୦ ଓ ଅନୁରାଗ ପଟ୍ଟନାୟକ ୨୫ ରନ ସ୍କୋର କରିଥିଲେ। ପରାଜିତ ଦଳର ପୋନକାଲା ଶଶାଙ୍କ, ସ୍ୱାଧୀନ ପାତ୍ର ଓ ସୋମାଶିଷ ବାରିକ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଓଡ଼ିଶା ରଣଜୀ ତାରକା ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଗ୍ରୀନ୍ସର ଏସ.ହିମାଂଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନିମପୁର ସ୍ପୋର୍ଟ୍ସର ଏସ.ବାରିକ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।

**ଅରବିନ୍ଦ ସ୍ମାରକୀ କ୍ରିକେଟ**




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଏସ.ହିମାଂଶୁ।

## ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂରେ ଭାଗନେବ ଉତ୍କଳ

ଭୁବନେଶ୍ୱର, ୬।୩(କ୍ରୀଡ଼ା ପ୍ରତିନିଧି)

ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶାଖାପାଟଣାଠାରେ ଚଳିତମାସ ୮ରୁ ୧୧ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ୮ ଜଣିଆ ଦଳ ଅଂଶଗ୍ରହଣ କରିବ। ୪ ମହିଳା ଓ ୪ ପୁରୁଷଙ୍କୁ ନେଇ ଗଠିତ ଏହି ଦଳ ତାତ୍‌ମି ପଏଣ୍ଟ ଫାଇଟ୍ ବିଭାଗରେ ଭାଗନେବ। ପ୍ରଥମଥର ପାଇଁ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ଏକ ପ୍ରସ୍ତୁତି ଶିବିର ଅନୁଗୋଳଠାରେ ଅନୁଷ୍ଠିତ ହୋଇ ଖେଳାଳି ଚୟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ମହିଳା ଖେଳାଳିମାନେ ହେଲେ ମଧୁମିତା ସାହୁ(୫୦ କେଜି), ନମ୍ରତା ନନ୍ଦା(୫୫), ସୁଜାତା ସାହୁ(୬୦) ଓ କୀର୍ତ୍ତିରାଣୀ ସାହୁ। ସେହିପରି ପୁରୁଷ ବିଭାଗରେ ସନ୍ତୋଷ କୁମାର ରାଉତ(୫୭), ଜଗନ୍ନାଥ ଦାସ(୬୯), ଆଦିତ୍ୟ ନାରାୟଣ ଲେଙ୍କା(୭୪) ଓ ଅବିନାଶ ଦାସ(୮୪ କେଜି)। ପ୍ରବୀର କୁମାର ମହାନ୍ତି ମ୍ୟାନେଜର ଓ ମିହିର କୁମାର ସାହୁ କୋଚ୍‌ଭାବେ ଦଳସହ ଯାତ୍ରା କରିବେ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ କବୀର ମୋହନ ସେଠୀ ପ୍ରକାଶ କରିଛନ୍ତି।



ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର କର୍ମକର୍ତ୍ତାଙ୍କ ଗହଣରେ କ୍ରୀଡାବିତ୍।

ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଗୁରୁବାର, ମାର୍ଚ୍ଚ ୭/୨୦୧୯ | Berhampur, Thursday, March 7/ 2019

# ଧାରଣା ଦେଲେ ଜନ ପ୍ରତିନିଧି: ୪ ଘଣ୍ଟା ପରେ ପ୍ରତ୍ୟାହୃତ

## ସମିତି ବୈଠକକୁ ନେଇ ହଟଗୋଳ

ଦାରିଙ୍ଗବାଡ଼ି,୬ ।୩(ଡି.ଏନ.ଏ.)

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ବସିଥିଲା । ଅସନ୍ତୁଷ୍ଟ ଜନ ପ୍ରତିନିଧିମାନେ ଫାଟକରେ ତାଲା ପକାଇ ସମିତି କାର୍ଯ୍ୟାଳୟ ପ୍ରାୟ ୪ଘଣ୍ଟା ଧରି ବନ୍ଦ କରିଥିଲେ । ବିଡିଓ ତ୍ରିଲୋଚନ ପାତ୍ରଙ୍କ ମନମୁଖି କାର୍ଯ୍ୟ ଚାଲିବ ନାହିଁ ବୋଲି କହିବା ସହ ସମିତି ଅଧୀନରେ ୨୫ ପଞ୍ଚାୟତ ରହିଛି । ସରକାରଙ୍କ ବିଭିନ୍ନ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀତା ପାଇଁ ଅନୁଦାନ ଦିଆଯାଉ ଅଭିଯୋଗ କରିଥିଲେ। ଏଥିପାଇଁ ଯେଉଁସବୁ ପଞ୍ଚାୟତକୁ ଅନୁଦାନ ଦିଆ ଯାଉନାହିଁ ସେଗୁଡ଼ିକ ଅବହେଳିତ ହୋଇ ରହିବା ଜନପ୍ରତିନିଧି ଅଭିଯୋଗ କରିଥିଲେ।

ପ୍ରକଳ୍ପର ଅନୁଦାନ ଅର୍ଥ ବ୍ୟାଙ୍କରେ ରହୁଥିବା ବେଳେ ତାର ସୁଧ ଅର୍ଥକୁ ବିଭିନ୍ନ ପଞ୍ଚାୟତକୁ ବିଡିଓ ପ୍ରଦାନ କରିଥିଲେ ସୁଦ୍ଧା ଆଉ କେତେକ ପଞ୍ଚାୟତକୁ ଅଣଦେଖା କରାଯାଇଥିବା ଅଭିଯୋଗ କରିଥିଲେ। ସେହିପରି ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ଆଦି ପାଇଁ କେତେକ ପଞ୍ଚାୟତକୁ ଅନୁଦାନ ଆସିଥିଲେ ମଧ ସେଗୁଡ଼ିକୁ ଦିଆଯାଉଛି କି ନାହିଁ ସେ ବିଷୟରେ କୌଣସି ସୂଚନା ଦିଆଯାଉ ନହିଁ । ୨୫ ପଞ୍ଚାୟତର ୫୦ ଜନପ୍ରତିନିଧିଙ୍କ ମଧ୍ୟରୁ କେତେକ ଅନୁପସ୍ଥିତ ଥିବା ବେଳେ ୧୭ ଜନପ୍ରତିନିଧି ଉପସ୍ଥିତ ଥିବାରୁ ବୈଠକ କରାଯିବାକୁ ବିଡିଓ ପାତ୍ର ନିଷ୍ପତ୍ତି ନେଇ ଥିଲେ । ଗୋଟିଏ ପଟେ ଆନ୍ଦୋଳନ ଚାଲିଥିବା ବେଳେ ଅନ୍ୟପଟେ ବୈଠକ କରାଯାଇଥିଲା। ଖବର ପାଇ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆଙ୍କ ତତ୍ତ୍ୱାବଧାନରେ ଅନ୍ୟ ପୋଲିସ ପହଞ୍ଚି ଆନ୍ଦୋଳନରତ ଜନପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ସେମାନଙ୍କ ଦାବି ଥିଲା ଜିଲାପାଳ ଆସି ପ୍ରତିଶ୍ରୁତି ଦିଅନ୍ତୁ, କିମ୍ବା ବିଡିଓ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ଓହରିବୁ ବୋଲି କହିଥିଲେ । ପରେ ବିଡିଓ ପାତ୍ର ପଞ୍ଚାୟତ ପ୍ରକଳ୍ପଗୁଡ଼ିକର ତାଲିକା ପ୍ରଦାନ କରିବାକୁ କହିବା ସହ ଅନୁଦାନ ପାଇଁ ଜିଲାପାଳଙ୍କ ନିକଟକୁ ପଠାଯିବ ବୋଲି କହିଥିଲେ । ଏଥିରେ ଲୋକ ପ୍ରତିନିଧିମାନେ କହିଥିଲେ, ଏବେ ସାଧାରଣ ନିର୍ବାଚନ ଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ଆଚରଣ ବିଧି ଲାଗୁ ହୋଇଯିବ । ତାଙ୍କ ପଞ୍ଚାୟତର ବିକାଶ ଅଟକି ରହିବ । କିନ୍ତୁ ନିର୍ବାଚନ ପରେ ଦିଆଯାଇଥିବା ପ୍ରକଳ୍ପ ଗଡିକୁ ଅନୁମୋଦନ କରାଯିବାକୁ ନିବେଦନ କରିଥିଲେ । ବିକ୍ଷୋଭ ବେଳେ ଭ୍ରମରବାଡ଼ି ସରପଞ୍ଚ ଆକାଶ ପ୍ରଧାନଙ୍କ ସମେତ ଗଦାପୁର ସରପଞ୍ଚ ଆରତୀ ମଲ୍ଲିକ, ସିଆଙ୍ଗବାଲି ସରପଞ୍ଚ ଅନିମା ପ୍ରଧାନ, କିରିକୁଟି ସରପଞ୍ଚ ନିର୍ମାତା ପ୍ରଧାନ, ରାଧାକାନ୍ତ ପ୍ରଧାନ, ନୀଳାମ୍ବର ପ୍ରଧାନ, କରମ ସିଂ ନାୟକ, ସିମନବାଡ଼ିର ଗୁନି ମୁଖୀ, ଆଇବ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦୀପିକା ମାଝି ପ୍ରମୁଖ ସାମିଲ ହୋଇଥିଲେ ।

ସେହିପରି ସମିତି ବୈଠକରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଦୀପକ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ଗାନିକ, ଏପିଇ କେଦାର ଚନ୍ଦ୍ର ପଣ୍ଡା, ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର, କ୍ଷେତ୍ରୀବର ଜାନୀ, ଜ୍ୟୋତିରଞ୍ଜନ ଦାସ, ଜୀବନ ପଟ୍ଟନାୟକ, ମଙ୍ଗୁଳି ଚରଣ ପ୍ରଧାନ, ପବିତ୍ର ମୋହନ ସାହୁ ଓ ଚିନ୍ମୟ ସାହୁ ପ୍ରମୁଖ ଯୋଗଦେଇଥିଲେ ।



ବିକ୍ଷୋଭକାରୀ ଜନପ୍ରତିନିଧିଙ୍କୁ ପୋଲିସ ଏବଂ ବିଡିଓ ବୁଝାଶୁଝା କରୁଛନ୍ତି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଫିରଙ୍ଗିଆ, ୬ା୩ : ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ବୁଡିଗୁଡା ଛକରେ ମଙ୍ଗଳବାର ରାତିରେ ମଇଁଷି ସହ ଧକ୍କା ହୋଇ ୨ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ କାମତେନା ଗାଁର ଚନ୍ଦ୍ରଶେଖର କହଁର । ଅନ୍ୟ ଜଣେ ଆହତ ଲଦଡା ଦିଗାଲଙ୍କ ଚିକିତ୍ସା ଚାଲିଛି। ପ୍ରକାଶ ଯେ, ଏଚନ୍ଦ୍ରଶେଖର ଓ ଲଦଡ଼ା କୌଣସି କାର୍ଯ୍ୟରେ ଯାଇ ମଙ୍ଗଳବାର ରାତିରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ମଇଁଷି ସହ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚନ୍ଦ୍ରଶେଖରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ସହରାଞ୍ଚଳ ଚାଷୀଙ୍କ ପାଇଁ 'କାଳିଆ' ଅନୁରୂପ ଯୋଜନା ହେଉ

### ଦାବି ପୂରଣ ନ ହେଲେ ଭୋଟ ବର୍ଜନ

କାଶୀନଗର, ୬ା୩(ଡି.ଏନ.ଏ.)

'କାଳିଆ' ଅନୁରୂପ ଏକ ଯୋଜନାରେ ସହରାଞ୍ଚଳ ଚାଷୀଙ୍କୁ ସାମିଲ କରାଯିବା ପାଇଁ ଦାବି କରିଛି କାଶୀନଗର ରଇତ ସଂଘ। ନଚେତ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛି। ଏନେଇ ବୁଧବାର ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଚାଷୀ ଉପକୃତ ହେଉଥିଲେ ମଧ ସହରାଞ୍ଚଳ ଚାଷୀ କିଛି ଫାଇଦା ପାଉନାହାନ୍ତି। ସହରାଞ୍ଚଳରେ ରହୁଥିବା ଅନେକ ଚାଷୀଙ୍କର ଗ୍ରାମାଞ୍ଚଳରେ ଚାଷଜମି ରହିଛି। ମାତ୍ର ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ତେଣୁ ସହରାଞ୍ଚଳ ଚାଷୀଙ୍କ ନିମନ୍ତେ କାଳିଆ ଅନୁରୂପ ଆଉ ଏକ ଯୋଜନା ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରାଯାଉ। ସେହିପରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଟି ଯାକ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ରାତିରେ କେହି ହସ୍‌ପିଟାଲରେ ଡ୍ୟୁଟିରେ ରହୁନାହାନ୍ତି। ଫଳରେ ରୋଗୀମାନେ ସେବା ପାଇପାରୁନାହାନ୍ତି। ଖାଲିପଡ଼ିଥିବା ସମସ୍ତ ପଦବୀ ନିର୍ବାଚନ ପୂର୍ବରୁ ପୂରଣ କରାଯିବା ସହ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ମଧ ଉପଯୁକ୍ତ ସେବା ଯୋଗାଇବାକୁ ଦାବି ହୋଇଛି। ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଚାଷୀଙ୍କୁ ଧାନ ବିହନ ଓ ସାର ଯୋଗାଇଦେବା ପାଇଁ କାଶୀନଗର ସମବାୟ ସମିତି ସମ୍ପାଦକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲାପରିଷଦ ସଭାପତି ଅନିତାରାଣୀ ବେହେରାଙ୍କୁ ଦାବିପତ୍ରର ନକଲ ଦିଆଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରାଯିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି।

# ପଞ୍ଚ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୬ା୩(ଡି.ଏନ.ଏ.)

ବୁଗୁଡ଼ାରେ ଏପ୍ରିଲ ୨୩ ତାରିଖରୁ ମେ ୭ ତାରିଖ ଯାଏ ହେବାକୁ ଥିବା ମା' ପଞ୍ଚ ଠାକୁରାଣୀ ଯାତ୍ରା ଉପଲକ୍ଷେ ସୋମବାର ମହାଶିବରାତ୍ରି ଅବସରରେ ସ୍ଥାନୀୟ ବଡ଼ଦାଣ୍ଡରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଶୁଭଖୁଣ୍ଟିକୁ ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁ ସ୍ଥାପନ କରିଥିଲେ। ବ୍ରାହ୍ମଣ ମନୋଜ କୁମାର ଦାଶ, ନାରାୟଣ ଦାଶ, ବିଭୁତି ଭୂଷଣ ତ୍ରିପାଠୀଙ୍କ ପୂଜା ମନ୍ତ୍ରପାଠ ପରେ ଶୁଭଖୁଣ୍ଟିକୁ ସ୍ଥାପନ କରାଯାଇଥିଲା । ଘଣ୍ଟତାଳ, ଶଙ୍ଖଧ୍ୱନି, ନାମ ସଂକୀର୍ତ୍ତନ ଓ ଢ଼ୋଲ ବାଦ୍ୟ ସହ ବିଧାୟକ ଶୁଭଖୁଣ୍ଟିକୁ ଧାରଣ କରି ପ୍ରଥମେ ବିରଞ୍ଚି ନାରାୟଣ ମନ୍ଦିର ଓ ବଳଦେବ ମନ୍ଦିରରେ ଠାକୁର ଦର୍ଶନ କରି ସମ୍ମାନର ସହ ସହରରେ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ଦାଶ, ସାଧାରଣ ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ସମ୍ପାଦକ ସତ୍ୟ ନାରାୟଣ ଦାଶଙ୍କ ସମେତ ସହରବାସୀ ଯୋଗ ଦେଇଥିଲେ ।

## ■ଜନଜାତିଙ୍କ ସଂସ୍କୃତି, ପରମ୍ପରା ସମ୍ବନ୍ଧୀୟ ଆଲୋଚନାଚକ୍ର

# ସୁରକ୍ଷା ପାଇଁ ଗଠନ ହେଲା କମିଟି

ଦାରିଙ୍ଗବାଡ଼ି,୬ ।୩(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ସଭାଗୃହଠାରେ ବୁଧବାର ଜନଜାତିଙ୍କ ଭାଷା, ସଂସ୍କୃତି, ପରମ୍ପରା ଓ ଏହାର ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର ପୂର୍ଣ୍ଣଚନ୍ଦ୍ର ପଡ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାଗୃତିର ପ୍ରତିଷ୍ଠାତା ସ୍ୱର୍ଗତ ଆଲବର୍ଟ ଯୋଶେଫଙ୍କ ୬୮ତମ ଜନ୍ମବାର୍ଷିକୀ ଅବସରରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ଏଥିରେ ଜନଜାତିଙ୍କ ଭାଷାକୁ ବଞ୍ଚାଇବା ନିମନ୍ତେ ସମସ୍ତ ଗ୍ରାମରେ ନିଜ ଭାଷା (କୁଇ)ରେ କଥାବାର୍ତ୍ତା କରିବାକୁ କୁହାଯାଇଥିଲା। ସେହିପରି ଜନଜାତି ନିଜ ଢ଼ାଞ୍ଚାରେ ଚାଷ କରିବା ସହ ଖାଦ୍ୟ, ଚାଲିଚଳନି, ନାଚଗୀତ ଆଦିର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଆଲୋଚନା କରାଯାଇଥିଲା। ଏହାର ବହୁଳ ପ୍ରଚାରପ୍ରସାର ସହ ଏଥିରେ ଯୁବପିଢ଼ିଙ୍କୁ ସାମିଲ କରାଯିବାକୁ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭାଷା, ସଂସ୍କୃତି ସୁରକ୍ଷା କମିଟି ଗଠନ କରାଯାଇଥିଲା। ଯେଉଁଥିରେ ପୂର୍ଣ୍ଣଚନ୍ଦ୍ରଙ୍କୁ ସଭାପତି ଓ ଆବାହକ ଭାବେ ଶରତ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସଦସ୍ୟ ଭାବେ ଜ୍ୟୋତିରାଜ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗମା ପ୍ରଧାନ, ଫିଲିପ ପ୍ରଧାନ, ବିପ୍ର ଦିଗାଳ, ନମୋଜିନୀ ମଲ୍ଲିକ, ପ୍ରମିଳା ପ୍ରଧାନଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାସଚନ୍ଦ୍ର ଦଣ୍ଡପାଟ, ହିମଗିରି କଳା ପରିଷଦର ସଭାପତି ପତିତପାବନ ରାଉତ, ପି. ଅନନ୍ତ କୁମାର ବିଶୋୟୀ, ଅନ୍ତରଙ୍ଗ ଯୁବ ମହାସଂଘର ସଂଯୋଜକ ଧନେଶ୍ୱର ସାହୁ, ମନୋଜ ନାୟକଙ୍କ ସମେତ ଅଞ୍ଚଳର ବୟସ୍କ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ବୁଦ୍ଧିଜୀବୀ ଓ ଜନଜାତି ସଂପ୍ରଦାୟର ଲୋକେ।

## ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାର ଶୁଭାରମ୍ଭ

ବାଲିଗୁଡ଼ା, ୬ା୩(ଡି.ଏନ୍.ଏ)

ବାଲିଗୁଡ଼ା ପିତବୁଡ଼ି ଛକ ସ୍ଥିତ ମା' ବରାଳ ଦେବୀ ମନ୍ଦିର ପଡ଼ିଆରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାର ଆୟୋଜନ କରାଯାଇଥିଲା । ରିକ୍ସା ଚାଳକ, ଉଠାଦୋକାନୀ, ମଧ୍ୟାହ୍ନଭୋଜନ ଶ୍ରମିକ, ଇଟାଭାଟିରେ କାମ କରୁଥିବା ଶ୍ରମିକ, ମୋଚି, ଅଖା ସିଲାଇ କରୁଥିବା ଶ୍ରମିକ, ଘରେ କାମ କରୁଥିବା ଲୋକ, ବିଡ଼ି ଶ୍ରମିକ, ତନ୍ତ ଚଳାଉଥିବା ଶ୍ରମିକ, ଧୋବା, କୁଟୀର ଶିଳ୍ପ କାର୍ଯ୍ୟ କରୁଥିବା ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଅଣ ସଙ୍ଗଠିତ କ୍ଷେତ୍ରରେ ଶ୍ରମିକ ମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ । ସେମାନଙ୍କ ବୟସ ୧୮ରୁ ୪୦ ବର୍ଷ ବୟସ ମଧ୍ୟରେ ହେବାସହ ଆୟ ୧୫ ହଜାର ଟଙ୍କାରୁ କମ୍ ହୋଇଥିବ। ୬୦ ବର୍ଷ ହେଲେ ୩୦୦୦ ଟଙ୍କା ପେନ୍‌ସନ୍ ପାଇବେ, ଯଦି ସଦସ୍ୟଙ୍କ ମୃତ୍ୟୁ ହୋଇଯାଏ, ତେବେ ତାଙ୍କର ପରିବାରକୁ ୫୦ ଭାଗ ପେନ୍‌ସନ୍ ମିଳିବ, ଏହି ଯୋଜନାରେ ଦେଶର ପ୍ରାୟ ୪୨କୋଟି ଏବଂ ଓଡ଼ିଶାର ପ୍ରାୟ ୭୦ରୁ ୮୦ ଲକ୍ଷ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ । ଏ ନେଇ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ବୁଝାଇବା ସହ କିପରି ପ୍ରତି ଗାଁରେ ପହଞ୍ଚି ପଞ୍ଜୀକୃତ କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନ୍‌ସେଠ୍, ଜିଲା ସମ୍ପାଦକ ଜଗନ୍ନାଥ ସାହୁ, ଜିଲା ଯୁବମୋର୍ଚ୍ଚା ସଭାପିତ ରଞ୍ଜିତ କୁମାର ସାହୁଙ୍କ ସମେତ ଭାଜପା ନେତାମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କଠାରୁ ରୁପା ଅଳଙ୍କାର ଲୁଟ୍

ଛତ୍ରପୁର,୬ା୩(ଡି.ଏନ.ଏ)

ଛତ୍ରପୁର ଏନଏସି ରାମନଗର ପ୍ରଥମ ଲେନ୍‌ରେ ବୁଧବାର ଜଣେ ବ୍ୟବସାୟୀଙ୍କଠାରୁ ରୁପା ଅଳଙ୍କାର ଲୁଟ୍ ହୋଇଛି । ଲୁଟ୍‌ର ଶିକାର ହୋଇଛନ୍ତି ଗଞ୍ଜାମ ଥାନା ଦାମୋଦରପୁରର କଣ୍ଢରୁ ନାୟକ । ୪ କି.ଗ୍ରା.ର ରୁପା ଅଳଙ୍କାର ଥିବା ବ୍ୟାଗକୁ ଦୁର୍ବୃତ୍ତ ନେଇଯାଇଛନ୍ତି ବୋଲି କଣ୍ଢରୁ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୪୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କଣ୍ଡରୁ ତାଙ୍କ ଟିଭିଏସ ଏକ୍ସଲ (ଓଡି୦୭ଏଚ୍ ୭୪୦୯)ରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଛତ୍ରପୁର ଏନଏସି ରାମନଗର ପ୍ରଥମ ଲେନ୍‌କୁ ଆସିଥିଲେ । ଗାଡିରେ ରୁପା ଅଳଙ୍କାର ଥିବା ବ୍ୟାଗଟି ଝୁଲାଇ ଜଣଙ୍କ ଘରକୁ ବାକି ଟଙ୍କା ଆଣିବାକୁ ଯାଇଥିଲେ । ଏହି ସମୟରେ ୨ ଦୁର୍ବୃତ୍ତ ଏକ କଳା ପଲସରରେ ଆସିଥିଲେ । ଏହାଦେଖି କଣ୍ଢରୁ ନିଜ ଗାଡି ପାଖକୁ ଆସିଥିଲେ ମଧ ଜଣେ ଦୁର୍ବୃତ୍ତ ଜୋରଜବରଦସ୍ତ ରୁପା ଅଳଙ୍କାର ଥିବା ବ୍ୟାଗ୍‌କୁ ଛଡାଇ ନେଇ ସହଯୋଗୀଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ । ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଦୁର୍ବୃତ୍ତଙ୍କ ଟେର ପାଇନି।

# ଆହାର କେନ୍ଦ୍ର ନିର୍ମାଣସ୍ଥଳ ଅନୁଧ୍ୟାନ




ଆହାର କେନ୍ଦ୍ର ନିର୍ମାଣ ସ୍ଥଳ ବୁଲି ଦେଖୁଛନ୍ତି ।

ଗଞ୍ଜାମ,୬ା୩(ଡି.ଏନ.ଏ.)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକଠାରେ ସ୍ଥାୟୀ ଆହାର କେନ୍ଦ୍ର ନିର୍ମାଣ ପାଇଁ ପୂର୍ବରୁ ସ୍ଥାନ ଚିହ୍ନଟ ହୋଇଛି । ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ । ବୁଧବାର ପଞ୍ଚାୟତିରାଜ ବିଭାଗ ନିର୍ବାହୀ ଯନ୍ତ୍ରୀ କେ.ସି. ପଣ୍ଡା ଏହି ସ୍ଥାନ ବୁଲି ଅନୁଧ୍ୟାନ କରିଥିଲେ। ତାଙ୍କ ଉପସ୍ଥିତିରେ ଠିକାଦାରଙ୍କ ଦ୍ୱାରା ମାପଚୁପ ହୋଇଥିଲା। ଏହି ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ଟି. ଲୋକେଶ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଜାନୁୟାରୀ ୨୬ରୁ ଅସ୍ଥାୟୀ କେନ୍ଦ୍ରରେ ଆହାର ବିତରଣ କରାଯାଉଛି । ଦୈନିକ ୩୦୦ ଲୋକଙ୍କ ପାଇଁ ଏଠାକୁ ରନ୍ଧାଖାଦ୍ୟ ଆସୁଛି । ୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ ଆହାର କେନ୍ଦ୍ର ନିର୍ମାଣ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି।

# କୃଷକଙ୍କୁ ସଚେତନ କରିବେ ଶିକ୍ଷିତ ଯୁବକ

ଭଞ୍ଜନଗର,୬ ।୩(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ କୈଶଳ ଦକ୍ଷତା ବିକାଶ ଯୋଜନା ମାଧ୍ୟମରେ ଶିକ୍ଷିତ ଯୁବତୀ ଯୁବକଙ୍କୁ ଚାଷ ସମ୍ପର୍କିତ ତାଲିମ ଦିଆଯାଉଛି । ସ୍ଥାନୀୟ କେବିକେ ପରିସରରେ ସୋମବାରଠାରୁ ତାଲିମ ଶିବିର ଆରମ୍ଭ ହୋଇଛି । ବୁଧବାର ଶିବିରରେ ବୈଜ୍ଞାନିକ ଡ.ସନ୍ତୋଷ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରି ସରକାରଙ୍କ ଯୋଜନା ସମ୍ପର୍କରେ କହିଥିଲେ । ଚାଷ ପ୍ରତି ଲୋକଙ୍କ ଆଗ୍ରହ କମିଯାଉଛି । ଶିକ୍ଷିତ ଯୁବତୀ ଯୁବକମାନେ ଉନ୍ନତ ଜ୍ଞାନ କୈଶଳ ଜାଣିଲେ ଗ୍ରାମାଞ୍ଚଳରେ କୃଷକମାନଙ୍କୁ ସଚେତନ କରିପାରିବେ। ତେଣୁ ଏହି ଶିବିର ଆୟୋଜନ ହୋଇଛି। ବୈଜ୍ଞାନିକ ଡ଼.ସିଦ୍ଧାର୍ଥ ରଣବିଜୁଳି ଗୋପାଳନ ଏବଂ ବୈଜ୍ଞାନିକ ସାଇନିଶ୍ରୀ ଦାସ ବନୀକରଣ ଉପରେ କହିଥିଲେ। କାର୍ଯ୍ୟକ୍ରମ ସହାୟକ ଶିତୀକଣ୍ଠ ମିଶ୍ର, ପ୍ରକାଶ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ■ଘୁମୁସର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

# ଫୁଲବାଣୀକୁ ହରାଇ ପୁରୁଣା କଟକ ଫାଇନାଲରେ



ଖେଳାଳିଙ୍କ ଗହଣରେ ଅତିଥିମାନେ ।

ଭଞ୍ଜନଗର,୬ ।୩(ଡି.ଏନ.ଏ.)

ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ଘୁମୁସର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଗ୍ରୁପ୍ 'ବି'ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ବୁଧବାର ପୁରୁଣା କଟକ (ବୌଦ୍ଧ) ଓ ଫୁଲବାଣୀ ମଧ୍ୟରେ ହୋଇଥିଲା । ଏଥିରେ ପୁରୁଣା କଟକ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଗୁରୁବାର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଥିବାବେଳେ ଶୁକ୍ରବାର ଭଞ୍ଜନଗର ଏ. ଗୁରୁବା ଏକାଦଶ ଓ ପୁରୁଣା କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ। ପୁରୁଣା କଟକର ଦୀପକ ଦିଗାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅତିଥି ଭାବେ ସାଇଗୁରୁକୁଳ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ୍ ଅଜିତ ଶତପଥୀ, ବ୍ୟବସାୟୀ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ପୂର୍ବତନ ଫୁଟବଲ ଖେଳାଳି ରମେଶ ବେହେରା ଯୋଗ ଦେଇଥିଲେ । ଶିବ ଶଙ୍କର ପଣ୍ଡା, ସୁଦିପ୍ ଦାସ, ସରୋଜ ମହାରଣା, ପ୍ରେମଚାନ୍ଦ୍ ସିଂ, ପି.ରମେଶ ରାଓ, ମୋଚିରାମ ରଣସିଂ, ପି.ଆନନ୍ଦ ରାଓ ଖେଳ ପରିଚାଳନା କରିଥିଲେ ।

## ■ ତିତ୍‌ଲି କ୍ଷତିପୂରଣ ପ୍ରଦାନ ଦାବି

# ତହସିଲଦାରଙ୍କୁ ଘେରିଲେ ଲୋକେ

ରାୟଗଡ (ଗଜପତି), ୬ା୩(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ବ୍ଲକର ଏଙ୍ଗାରସିଂ ଗ୍ରାମବାସୀ ତିତ୍‌ଲି କ୍ଷତିପୂରଣ ପ୍ରଦାନ ଦାବିରେ ବୁଧବାର ତହସିଲଦାରଙ୍କୁ ଘେରାଉ କରିଥିଲେ। ବାତ୍ୟାର ୫ମାସ ପରେ ବି ସେମାନେ ପ୍ରଶାସନ ପକ୍ଷରୁ ଉଚିତ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ ଆଣିଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ହଟିବେ ନାହିଁ ବୋଲି ଗ୍ରାମବସୀ ଜିଦ୍ ଧରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ତଦନ୍ତ କରାଯିବା ନେଇ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଯାଇଥିଲେ।

ପ୍ରକାଶ ଯେ, ଏଙ୍ଗାରସିଂ ଗ୍ରାମରେ ୧୭୦ ଆଦିବାସୀ ପରିବାରର ପ୍ରାୟ ୧ହଜାର ଲୋକ ବାସ କରୁଛନ୍ତି। ତିତ୍‌ଲି ବାତ୍ୟାରେ ଗ୍ରାମର ୬୦ପ୍ରତିଶତ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ପ୍ରାୟ ୧୭୦ଟି ପରିବାର ଆଂଶିକ କ୍ଷତିପୂରଣ ବାବଦ ୩୨ଶହ ଟଙ୍କା ପାଇଥିବାବେଳେ ୧୫ଟି ପରିବାର ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇଛନ୍ତି। ତେବେ ପ୍ରାୟ ୫୦ଟି ପରିବାର ଏହି କ୍ଷତିପୂରଣ ପାଇନଥିବା ସରପଞ୍ଚ ପୀତାମ୍ବର ନାୟକ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ତହସିଲଦାର ତନ୍ମୟ ପାତ୍ରଙ୍କୁ ଘେରାଉ କରିଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ପାତ୍ରଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି ଯେ, ତତ୍କାଳୀନ ଅତିରିକ୍ତ ତହସିଲଦାର ଜନତା ଭୂୟାଁଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାର ଦୁଇଜଣ ଆର୍‌ଆଇ ଉକ୍ତ ଗ୍ରାମକୁ ସର୍ଭେ ପାଇଁ ଯାଇଥିଲେ। ସେହି ସର୍ଭେ ତଥ୍ୟ ଅନୁଯାୟୀ ସେଠାରେ ୧୬୧ ପରିବାର ମଧ୍ୟରୁ ୩୦ ପରିବାର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଓ ୧୩୧ ପରିବାର ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯାଇଛି।



ଲୋକେ ତହସିଲଦାରଙ୍କୁ ଘେରାଉ କରିଛନ୍ତି ।

# ୮ରୁ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ ଅଫିସ, ୬ା୩

ବିଭିନ୍ନ ଦାବି ନେଇ ସାରା ରାଜ୍ୟର ବିଭିନ୍ନ ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ ଆସନ୍ତା ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ କରିବେ। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି ସମୟ ମଧ୍ୟରେ ଯଦି ଜନସାଧାରଣଙ୍କ କୌଣସି କ୍ଷତି ଘଟେ, ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବୁଧବାର ବକ୍ସିବଜାରସ୍ଥିତ ଅଗ୍ନିଶମ କେନ୍ଦ୍ର ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି। ଅଗ୍ନିଶମ କର୍ମଚାରୀମାନେ ଅଭିଯୋଗ କରିଛନ୍ତି, ସେମାନଙ୍କୁ ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ ସଂକ୍ରାନ୍ତରେ ଫିଟ୍‌ମେଣ୍ଟ କମିଟି ନିକଟରେ ୨୦୧୬ ନଭେମ୍ବର ମାସରୁ ଦାବି କରାଯାଇଆସୁଛି। ଏଥିସହ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଅର୍ଥ ଓ ଗୃହ ବିଭାଗ ସଚିବଙ୍କ ନିକଟରେ ବହୁବାର ଦାବି ଉପସ୍ଥାପନ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ଏହା ପୂର୍ବରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଜନସାଧାରଣଙ୍କ ଅପୂରଣୀୟ କ୍ଷତି ଘଟିବାରୁ ଅଗ୍ନିଶମ ଡିଜିଙ୍କ ସହ ଏକ କର୍ମଚାରୀ ଦଳ ଯାଇ ସରକାରଙ୍କ ସହ ଆଲୋଚନା କରିଥିଲା। ତୁରନ୍ତ ସମସ୍ୟାର ସମାଧାନ କରିବା ଉପରେ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୪ମାସ ବିତିଯାଇଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଫଳରେ ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ